# ମାନବିକତା

ପ୍ରଣେତା

**ଶ୍ରୀ ଗୋକୁଳାନନ୍ଦ ନାୟକ**

ଦେଢ଼ ଟଙ୍କା

ପ୍ରକାଶକ
ଶ୍ରୀ ଗୋକୁଳାନନ୍ଦ ଦାସଙ୍କ
ଚନ୍ଦ୍ରପୁର,
ସମ୍ବଲପୁର

ପ୍ରଥମ ସଂସ୍କରଣ
୧୯୫୪

ମୁଦ୍ରାକର
ଶ୍ରୀ ବାଳକୃଷ୍ଣ କର, ବି. ଏ.
ସାରସ୍ୱତ ପ୍ରେସ
କଟକ

# ମୁଖବନ୍ଧ

ଛାତ୍ର-ଜୀବନରେ ଜଣେ ଶିକ୍ଷକଙ୍କର ସହୃଦୟତା ଯୋଗୁଁ ଭଗବଦ୍‌ଭକ୍ତି ବିଶେଷତଃ ଗୀତା ଆଡ଼କୁ ମନ ଆକୃଷ୍ଟ ହେଲା । ତତ୍ପୂର୍ବରୁ ସାଧୁମାନଙ୍କ ସଂସ୍ପର୍ଶରେ ଆସି ସଂସାର-ତ୍ୟାଗ ଆଡ଼କୁ ମନର ଝୁଙ୍କ ଥିଲା । ଗୀତାର ଅର୍ଥ କିଛିକିଛି ଅବଗତ ହେବାମାତ୍ରେ ମନର ଗତି ସେ ଦିଗରୁ ଫେରିଲା ଓ ସମାଜ-ତ୍ୟାଗ ପ୍ରତି ବିତୃଷ୍ଣା ଜନ୍ମିଲା । ସଙ୍ଗେ ସଙ୍ଗେ ସାଧୁମାନଙ୍କ ବେଶ ଅନୁଯାୟୀ ଗୁଣ ନ ଥିବା ପ୍ରତ୍ୟକ୍ଷୀଭୂତ ହେବାରୁ ସେମାନଙ୍କ ପ୍ରତି ଘୃଣାଭାବ ଜାତ ହେଲା । ଦଶମବର୍ଷୀୟ ବାଳକ ଥିବାବେଳେ ଜଣେ ଜ୍ଞାତିଙ୍କଠାରୁ ମହାଭାରତ ଓ ରାମାୟଣର ବିସ୍ମୟାଭିଭୂତ ପୌରାଣିକ ଅପୂର୍ବ କାହାଣୀ ଶୁଣିବାରେ ଧର୍ମଭାବ ଜାଗ୍ରତ ହୋଇ ସେ ଦେବ-ଦ୍ୱିଜଭକ୍ତିପଣାର ବୀଜ ହୃଦୟରେ ବୁଣା ଯାଉଥିଲା, ଛାତ୍ର-ଜୀବନ ସଙ୍ଗେ ସଙ୍ଗେ ପୁରାଣ ପାଠଦ୍ୱାରା ତାହା ଅଙ୍କୁରିତ ହେଲା । ସଙ୍ଗେ ସଙ୍ଗେ ଗୁଣାନୁବାଦ, ଶିବାଜୀ ଚରିତ ପାଠ କରି ଓ ସମସାମୟିକରେ ବାଳଗଙ୍ଗାଧର ତିଳକ, ଗୋପାଳକୃଷ୍ଣ ଗୋଖେଲ୍ ଓ ଅନ୍ୟ ଦେଶଭକ୍ତ ଚରିତ ସବୁ ପାଠକରିବାରେ ଅଙ୍କୁର ଉପରେ ଜଳସେକ ହୋଇ ତାକୁ ଶ୍ୟାମଳ ପତ୍ରାନ୍ୱିତ କଲା । ଉପରୋକ୍ତ ପାଠଦ୍ୱାରା ପରିଣତ-ଦଶାରେ ମନ ସ୍ୱଦେଶୀ ଗ୍ରନ୍ଥକର୍ତ୍ତାଙ୍କ ଆଡ଼କୁ ଆକୃଷ୍ଟ ହେଲା । ସେତେବେଳେ ମନରେ ସ୍ଥିର କରିଥିଲି, ଗ୍ରନ୍ଥକର୍ତ୍ତା, କବିର ଗ୍ରନ୍ଥସୃଷ୍ଟି ଓ କବିତ୍ୱ ବିଶ୍ୱସଂସାରର ସାର । ପୂର୍ବେ ସଂସାର-ତ୍ୟାଗ ମନକୁ ଯେପରି ଟାଣିଥିଲା, ତାର ସ୍ଥାନ ପୂର୍ତ୍ତିକଲା ଗ୍ରନ୍ଥ-ସୃଷ୍ଟି ଓ କବିତ୍ୱ । ସେହି ଦିଗରେ ଯେ ଚେଷ୍ଟା କରିନାହିଁ, ତାହା ନୁହେଁ । ବିଧିଦତ୍ତ ପ୍ରତିଭା ନ ଥିଲେ ଚେଷ୍ଟା କଲେ ହେଁ 'କବି' ହୋଇ ନ ପାରେ । ବହୁ କଷ୍ଟରେ ଏ ଅଭିଜ୍ଞତା ହାସଲ କଲି । ଏହି ସମୟରେ ଛାତ୍ର-ଜୀବନ ଶେଷ ହେଲା ୧୯୨୦ରେ । ସେତେ

ସଙ୍ଗେ ସ୍ୱାଧ୍ୟାୟନରେ ଅବଶ୍ୟ ହେଲେ ବିଷୟସଂସାରର ଦୁଃଖ ଗହ୍ୱରରେ ପ୍ରବେଶ ହୋଇ ଦେଖିଲି ଧାର୍ମିକ ସାଧୁସଜ୍ଜନ ସଂସାର ତ୍ୟାଗ କରନ୍ତି । ବସ୍ତୁତଃ ସେ ପଥ ସବୁବିଧିନିର୍ଦ୍ଦିଷ୍ଟ ନଥିବାରୁ ହୃଦୟଙ୍ଗମ ହେଲେହେଁ ଛାଡ଼ି ହେବ ନୋହିବାର କଥା । ଏହି ସମୟରେ ଶିଶୁ ସୁଖକନ୍ୟାଙ୍କର ସମ୍ଭୋଗ ପଢ଼ିବାକୁ ଯୋଗି ହୁଣ୍ଡିଲି । ଭୁଲିବାକୁ ଦୀର୍ଘ ଦଶବର୍ଷ କାଳ ଗୀତାର ଆଲୋଚନା ଓ ଦେଶଭକ୍ତମାନଙ୍କର ତ୍ୟାଗ ଓ ଦୁର୍ଦ୍ଦଶା ବର୍ଣ୍ଣନାର ଅନୁଧ୍ୟାନ କଲି । ଗୃହ-ଜୀବନ ପରେ ପରେ ୧୯୨୧ ମସିହାରେ ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନରେ ଯୋଗଦେବାର ମଧ୍ୟ ଇଚ୍ଛା କରିପାରି ନଥିଲି । ସେଥିରୁ ଏତିକି ମାତ୍ର ଭଲ ଲାଗୁଥିଲା ସେ ଜୀବନକୁ ଅତି ସରଳ ଓ ଗୌରବମୟ ଜୀବନ ବୋଲି ସ୍ଥିର କରିଥିଲି । ଏହାର ବହୁପୂର୍ବରୁ ଅର୍ଥାତ୍ ୧୯୧୮ରୁ ପତ୍ରପତ୍ରିକା ପଢ଼ିବା ଆରମ୍ଭ କରିଥିଲି । ସେହି-ବେଳରୁ ଦେଶର ହାଲ୍ଚାଲ୍ ଖବର ଜାଣିବାରେ ଲାଗିଥିଲି । ଗାନ୍ଧିଜୀଙ୍କ ନେତୃତ୍ୱରେ ଦେଶ ସ୍ୱାଧୀନତା ପାଇବ ବୋଲି ହୃଦୟରେ ଏ ଧାରଣା ବଦ୍ଧମୂଳ ହୋଇଥିଲା । ୧୯୩୦ରେ “ଗୀତାର ସାମ୍ରାଜ୍ୟ” ଲେଖି ମୁଁ ମୁଦ୍ରକମାନଙ୍କୁ ଛାଡ଼ିଲି । ସଙ୍ଗେ ସଙ୍ଗେ ସୁହୃଦ୍ଙ୍କ ବାଞ୍ଛାରେ “ଏକ ମନପ୍ରାଣ ହରଣ ଶାଶୁର ଅମର ସୁଖକନ୍ୟା” ଲେଖି କଲି । ଏହି ଅମର ସୁଖକନ୍ୟାଙ୍କର ଜଗତି ସଦାଚାର ଜୀବନ ସାର୍ଥକ ଚରମ ପୁରୁଷାର୍ଥ ବୋଲି ଧରିନେଲି । ଏତେଦିନ ପରେ କହିଁର ପ୍ରଥମ ବାର୍ତ୍ତା-ସ୍ୱରୂପ ଏହି “ମାନବଭଜା”କୁ ସେହିମାନଙ୍କ ହାତରେହିଁ ଅର୍ପଣ କଲି ।

ପଦ୍ମପୁର,
ସମ୍ବଲପୁର ।

ଗୋକୁଳାନନ୍ଦ ନାୟକ

# ମାନବିକତା

## ପ୍ରଥମ ପରିଚ୍ଛେଦ

### କୁସଂସ୍କାର

ବାଲ୍ୟକାଳରେ ଜୀବନର ଉଦ୍ଦେଶ୍ୟ କ'ଣ, ଭାବିବାର ଅବକାଶ ନଥାଏ । ବାଲ୍ୟକାଳ ଜୀବନର ଅତି ସୁଖର ସମୟ । ଚଞ୍ଚଳତା ଓ କ୍ରୀଡ଼ାନୁରକ୍ତତା ବାଲ୍ୟାବସ୍ଥାର ସ୍ୱାଭାବିକ ପ୍ରବୃତ୍ତି । ବାଲ୍ୟ ଜୀବନରେ ଶିକ୍ଷାର ସୁବିଧା ଯଦି ମିଳେ, ତେବେ ପ୍ରାପ୍ତ-ଯୌବନରେ ଜୀବନର ଉଦ୍ଦେଶ୍ୟ କ'ଣ, ଏ ଭାବନା ମନକୁ ବାରମ୍ବାର ଆନ୍ଦୋଳିତ କରେ । ବସ୍ତୁତଃ ମନ ସ୍ୱଭାବତଃ ସାଂସାରିକ ସୁଖ ସୁବିଧା ବଢ଼ାଇବାକୁ ଧନ, ଯଶ ଓ ଲୋକପ୍ରିୟତା ଆଡ଼କୁ ଧାବିତ ହୁଏ । ତଥାପି ବିବେକ ବାରମ୍ବାର ସଙ୍କେତ ଦିଏ ଯେ, ଜୀବନର ଉଦ୍ଦେଶ୍ୟ କେବଳ ତାହା ନୁହେଁ । ଅବଶ୍ୟ ତାହା କ'ଣ ଏ ସମସ୍ୟା ପୂରଣ କରିବାକୁ ସେତେବେଳେ ତାଙ୍କୁ ସାରା ଜୀବନଟା ବିତାଇବାକୁ ହୁଏ । ଜୀବନର ଉଦ୍ଦେଶ୍ୟ ସଠିକ୍ ନିରୂପଣ କରିବାକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ନୈତିକ ପରିମାଣରେ ସାଂସାରିକ ସ୍ୱଚ୍ଛଳତା ଆବଶ୍ୟକ ହୁଏ । ଯାର ସେଥିଁ ସବାନ୍ତର ଜନ, ସେହି ସମାଜର ପ୍ରଥାରୁ ଶିକ୍ଷା ସଂସ୍କାର ଅନୁଗାମୀତରେ ତାହାର ଜୀବନରେ ପ୍ରଭାବ ବିସ୍ତାର କରନ୍ତି । ସାମାଜିକ ପ୍ରଥା ଭଲ ଥିଲେ, ଜୀବନରେ ତାର ପ୍ରତିକ୍ରିୟା ଭଲ ହୁଏ, ମନ୍ଦ ଥିଲେ ମନ୍ଦ ହୁଏ । ବ୍ୟକ୍ତିଗତ ଜୀବନ ଭଲ ବା ମନ୍ଦ ହେବା ସକାଶେ ସାମାଜିକ ପ୍ରଥାମାନ ଅନେକାଂଶରେ ଦାୟୀ ଅଟନ୍ତି ।

ବାଲ୍ୟକାଳରେ ଯଜମାନୀ, କନିଷ୍ଠ କାର୍ଯ୍ୟାଦିରେ ଦେଖିବାକୁ ମିଳେ, ବ୍ରାହ୍ମଣର ଓ ପୁରୋହିତଙ୍କର ଦ୍ରବ୍ୟପତ୍ର । ସେମାନଙ୍କର ବଂଶଗତ ବୃତ୍ତି ଯାହା ଥାଏ, ସେମାନେ ଏହାଦ୍ୱାରା ସାମାଜିକ କାର୍ଯ୍ୟର ଖର୍ଚ୍ଚ ବହୁଥିଲେ ଚଳେ । ଶୈଶବରୁ ଯାହା ଭଲ ବା ମନ୍ଦ ଯେଉଁ ଧାରଣା ହୁଏ, ଶିଶୁଟିର ସ୍ୱଭାବ ସେ ଅଡ଼କୁ ପ୍ରଧାବିତ ହୁଏ । ପୁରୋହିତର ଦ୍ରବ୍ୟପତ୍ର ସଂଗ୍ରହରେ ଶିଶୁ, ମନେକରେ, ସେହିଁ ସମାଜର ମୂର୍ଦ୍ଧାଙ୍କ । ତେଣୁଟି ବର୍ଣ୍ଣିଲ ଯିଏ ବ୍ରାହ୍ମଣ ଅଯୋଗ୍ୟ ହେଉ ବା ଯୋଗ୍ୟ ହେଉ, ସମସ୍ତଙ୍କର ନମସ୍ୟ, ଏହା ଗୁରୁଜନମାନଙ୍କଠାରୁ ତଥା ପିତାମାତାଙ୍କଠାରୁ ବାରମ୍ବାର ଶୁଣିବାକୁ ମିଳେ । ବ୍ରାହ୍ମଣମାନେ ଯେ ସମାଜ-ଦେହର ବର୍ତ୍ତମାନର ନିଷ୍କର୍ମା ଅଙ୍ଗ ଏହା ଅନୁଭବ କରିବାକୁ ଧୈର୍ଯ୍ୟ, ସମୟ ଏବଂ ଅଭିଜ୍ଞତାର ଆବଶ୍ୟକ । ଏହାଦ୍ୱାରା ବ୍ରାହ୍ମଣ ଜାତି ବା ବ୍ରାହ୍ମଣ ଧର୍ମର ନିନ୍ଦା କରାଯାଉ ନାହିଁ । କାରଣ ଜାତି ବା ଧର୍ମ ସେଥିପାଇଁ ଦାୟୀ ନୁହନ୍ତି । ବର୍ତ୍ତମାନର ବେଶଧାରୀ ତଥା-କଥିତ ବ୍ରାହ୍ମଣ ବଂଶଜଙ୍କୁ ଏହା ଲକ୍ଷ୍ୟ କରାଯାଉଛି । ଯେଉଁମାନେ ଏହି ଜାତି-ଦେହରେ ଏହି ନାମ ଧାରଣ କରି ଯଥା ବାଳରେ ଅଛି ନିଷ୍କ୍ରିୟ, କଦାଚିତ୍ ଏବଂ ପରଶ୍ରମ-ଭୁକ୍ତ ସେହି ବ୍ରାହ୍ମଣମାନେ ସମାଜର ବଦାନ୍ୟତା ଲାଭ କରିବା ପାଇଁ ଅଦୌ ଯୋଗ୍ୟ ନୁହନ୍ତି । ଅବଶ୍ୟ ଅଳ୍ପକାଳ ସ୍ୱାବଲମ୍ବୀ ହେବାପାଇଁ କେହି କେହି ଚେଷ୍ଟା କରୁଅଛନ୍ତି । କିନ୍ତୁ ଅନେକ ଉପାୟ ନ ଥାଇ ମଧ୍ୟ ଅନ୍ୟର ବଦାନ୍ୟତା ଉପରେ ନିର୍ଭର କରୁଅଛନ୍ତି । "ମହାଜନୋ ଯେନ ଗତଃ ସ ପନ୍ଥା"—ଶୈଶବରେ ଏମାନଙ୍କୁ ମହାଜନ ମନେକରି ଏମାନଙ୍କ ପ୍ରଦର୍ଶିତ ପଥରେ ଚାଲିବାକୁ ହୁଏ । ସମାଜର ଆଳସ୍ୟ-ପରାୟଣତା ଓ କର୍ମବିମୁଖତା ପାଇଁ ଏମାନେହିଁ ଅନେକାଂଶରେ

ଦାୟୀ ଅଟନ୍ତି ଓ ଏମାନଙ୍କୁ ମୁଖବନ୍ଦ କରିବା ଆବଶ୍ୟକତା ଏଡ଼ାଇବାର ନୁହେଁ । ସାଧୁ ନାମଧାରୀ ଜଟା-ବଲ୍କଳ-ପରିଶୋଭିତ ବ୍ୟକ୍ତିମାନଙ୍କର ଆଗମନରେ ଲୋକସମାଜ ପୁଲକିତ ହୁଅନ୍ତି । ସେମାନଙ୍କର ସମ୍ବର୍ଦ୍ଧନାରେ ବହୁପରିସ୍କୃତ ପୁଷ୍ଟିକର ଖାଦ୍ୟ-ପାନର ବ୍ୟବସ୍ଥା ସବୁଦି ଦେଖିବାକୁ ମିଳେ । ସେମାନଙ୍କର "ଗଞ୍ଜା" (ମାଦକଦ୍ରବ୍ୟ) ସେବନରେ ଲୋକସାଧାରଣର କଷ୍ଟ-ଲବ୍ଧ ଧନ ବହୁପରିମାଣରେ ଅପବ୍ୟୟ କରାଯାଏ । ଶିଶୁର ମନରେ ସ୍ୱଭାବତଃ ଏ ଭାବ ଜନ୍ମାଇ ଦିଆଯାଏ, "ଏ ଜଣେ ମହାପୁରୁଷ ।" ଅନ୍ତତଃ ତାର ମନରେ ଏ ଆକାଂକ୍ଷା ହୁଏ ଯେ, ସେ ଯେବେ ଏମନ୍ତ ବେଶଧାରୀ ହୁଅନ୍ତା ତେବେ ଲୋକ-ସାଧାରଣଙ୍କ ଠାରୁ ଭୟ ଓ ଭକ୍ତି ଆଦାୟ କରନ୍ତା । ଗଞ୍ଜାର ଧୂଆଁର ଆକର୍ଷଣରେ ଅନୁକରଣପଟୁ ଶିଶୁ ଖଣ୍ଡ ପିଇବା ଆରମ୍ଭ କରିଦିଏ । ଦ୍ୱାଦଶ-ବର୍ଷ-ବୟସ୍କ ବାଳକ ମଧ୍ୟ ଖଣ୍ଡି ଧରି କଳଙ୍କିତ ଓଷ୍ଠ-ତାଳୁ ନେଇ ଅତି ଦୁର୍ଗନ୍ଧ ଶ୍ୱାସ ପ୍ରଚୁର ବାହାର କରିବାର ଦୃଷ୍ଟାନ୍ତ ଆଜିକାଲି ବିରଳ ନୁହେଁ ।

ପୁଣି ମଧ୍ୟେ ମଧ୍ୟେ ମହାଯଜ୍ଞମାନଙ୍କର ଅନୁଷ୍ଠାନ ଦେଖାଯାଏ । ଏ ଯଜ୍ଞମାନଙ୍କର ଆବଶ୍ୟକ ଖର୍ଚ୍ଚ ସ୍ଥାନୀୟ ଲୋକ-ମାନଙ୍କୁ ବହନ କରିବାକୁ ପଡ଼େ । ବହୁ ଅର୍ଥ ବ୍ୟୟକରି, ବହୁ ଖାଦ୍ୟ ସାମଗ୍ରୀମାନ ଏ ଜାଳେଣି କାଠର ଅନାଠନ ସ୍ତୂପରେ ବହୁମୂଲ୍ୟ-ଖାଦ୍ୟବସ୍ତୁ ହୋମକୁଣ୍ଡରେ ନିକ୍ଷେପ କରାଯାଏ । ଦୁଧ, ଘିଅ, ଅରୁଆ ଚାଉଳ, ମହଣ ମହଣ ଅଗ୍ନିରେ ନିକ୍ଷେପ କରାଯାଏ । ସାଧୁ ସନ୍ଥ ଏଥିର କର୍ତ୍ତା । ଏଣେ ତେଣେ ଗଞ୍ଜାର ଧୂଆଁ ତଥା ସାଧୁବର୍ଗଙ୍କର "ପ୍ରସାଦ" ସେବନର ଧୂଆଁ, ହୋମମାନଙ୍କର ଧୂଆଁ ସହିତ ମିଶି ପରିସର ବାୟୁମଣ୍ଡଳ କୋଶ ଦେଶାନ୍ତର

ପ୍ରସାର କରେ । ଏଥିର ଉପାଦେୟତା ସମ୍ବନ୍ଧେ ଆଜି ପର୍ଯ୍ୟନ୍ତ ଜନତା ଅଜ୍ଞ । ତଥାପି କଣ୍ଠରୋଗ, ଶ୍ୱାସ- ପ୍ରଶ୍ୱାସ ଦୋଷରୁ କେତେ ସାଧୁ ବା ସାଧାରଣ ବ୍ୟକ୍ତିବିଶେଷ ହୋମକୁଣ୍ଡରେ ଅଗ୍ନିଧୂମ ସେବନ ଅନୁଯାୟୀ ହୋଇଥାନ୍ତି । ମୁସଲମାନ, ଖ୍ରୀଷ୍ଟିୟାନ ଆଦି ସନାତନ-ଧର୍ମେତର-ସମାଜରେ ଏହା ନ ଥିବାରୁ କୌଣସି ଅନିଷ୍ଟ ଘଟିବାର ସମ୍ବାଦ ଏପର୍ଯ୍ୟନ୍ତ ମିଳନାହିଁ । ଭାରତର ଅତି ବର୍ଷାର ସ୍ଥାନ ଆସାମର ଗାହାଡ଼ିଆ ଅଞ୍ଚଳର ଲୋକେ ଯଜ୍ଞ ବିନା ଏତେ ବର୍ଷା ପାଆନ୍ତି କିପରି ? ସେ ସାହାଡ଼ିଆ ଯଜ୍ଞାଦି ନାମଯୋଗୁ ଏହି ଯଜ୍ଞମାନଙ୍କରେ ଏତେ ଲୋକ ସମାଗମ ହୁଏ ଯେ, ସ୍ଥାନ ଖାଲି ମଳମୂତ୍ରରେ ପୁରିଯାଏ । ତତ୍କାଳୀନ ସୂଚନ ବ୍ୟାପକ-ଭାବେ କଲେରା ରୋଗ ସୃଷ୍ଟି କରି ବହୁଦିନ ପର୍ଯ୍ୟନ୍ତ ଧ୍ୱଂସର ତାଣ୍ଡବଲୀଳାରେ ଲୋକ ସମାଜକୁ ବ୍ୟତିବ୍ୟସ୍ତ କରେ । ଅଧୁନା ଏହି ଭୀଷଣ ବ୍ୟାଧି ଅଳ୍ପକାଳ ହେଲା ଦେଖାଯାଉଛି । ୨୫ । ୩୦ ବର୍ଷ ପୂର୍ବେ ଏହା ଏତେ ସଂକ୍ରମିତ ହୋଇ ନ ଥିଲା । ବର୍ତ୍ତମାନ ଗ୍ରାମେ ଗ୍ରାମେ ଏହାର ପ୍ରତିଯୋଗିତା ଚାଲିଛି । 'ନାମଯଜ୍ଞ' ଏହି ମହାବ୍ୟାଧିର ନାମ । କାହିଁ ଅଷ୍ଟ ପ୍ରହର ଯାଏଁ, କାହିଁ ଦିନଦିନ, କାହିଁ ସାତଦିନ କାହିଁବା ଏଗାର କିମ୍ବା ପଦର ଦିନ ପର୍ଯ୍ୟନ୍ତ ଅବିରାମ ଗୀତ, କୁଦଣ୍ଡ-ନାଟ୍ୟ ଏବଂ ବାଦ୍ୟଦ୍ୱାରା ଏହା ସମ୍ପାଦିତ ହୁଏ । ଏହାକୁ ବ୍ୟାଧି ବୋଲିବାଦ୍ୱାରା 'ନାମ'ର ମାହାତ୍ମ୍ୟ ଖଣ୍ଡନ କରାଯାଇ ନାହିଁ । ମାତ୍ର ଯୌବନାବସ୍ଥାରେ ବନିତା-ବିଳାସରେ ମୁଗ୍ଧ ହୃଦୟରେ ଦୁର୍ଦ୍ଧର୍ଷ ପ୍ରତାପ ବିସ୍ତାର କରୁଥିବା ଦେବତେଜ ଭଗବାନଙ୍କ ଅନ୍ତର ମୂଳ ଏକାଗ୍ରତାକୁ, ଗୀତ ବାଦ୍ୟ ଓ ନାଟ୍ୟ ମଧ୍ୟରେ ଖୋଜିବା ବାତୁଳତା ବ୍ୟତୀତ ଆଉ କଅଣ ହୋଇପାରେ ?

ଏହାଦ୍ୱାରା ବିବାହିତ ଜୀବନର ପବିତ୍ରତାକୁ ଦେଖନ୍ତୁ ଅନ୍ତର

କରି ଦେଶରେ ବ୍ୟକ୍ତିର ଅର୍ଥ ପ୍ରବଳ ଗତିରେ ବଢ଼ାଇ ଦେଇଯାଉଛନ୍ତି ଏବଂ ଅଯଥା କିଶୋର ମନକୁ ଅକାଳରେ ଅଧରସା-ସ୍ୱାଦନ ଦିଗକୁ ଆକର୍ଷଣ କରୁଅଛନ୍ତି ।

ମଧ୍ୟେ ମଧ୍ୟେ ପଦବୀଧାରୀ ଉଚ୍ଚକର୍ମଚାରୀମାନେ ଜନପଦ-ମାନଙ୍କରେ ଗସ୍ତ କଲାବେଳେ ସେଥିଁ ଆଡ଼ମ୍ବର ଏବଂ ଅସ୍ୱାଗତ କରନ୍ତି, ସେଗୁଡ଼ିକ ଦୁନ୍ଦୁଭିନ କରି ପାଉଥିଲେହେଁ ସମସ୍ତେ ନିଜସ୍ୱ ଭଳି ନାହାନ୍ତି । ଏହି କର୍ମଚାରୀମାନେ ଜନସେବା ବୋଲି ଦେଖାଇ ସେହି ଲୋକଙ୍କଠାରୁ 'ଜନସେବା' ଯେ ମୂଲ୍ୟ ଆଦାୟ କରନ୍ତି ଏବଂ ସେମାନଙ୍କ ପାଇଁ ଖାଦ୍ୟ ପାଣିଆର ଯେ ବ୍ୟବସ୍ଥା ହୁଏ ତାହା ଦେଖି ଶିଶୁର ମନ ସ୍ୱଭାବତଃ ସେ ଆଡ଼କୁ ପ୍ରଧାବିତ ହୁଏ । ଅଳ୍ପ କର୍ମଚାରୀ 'ବାବୁ' ଶବ୍ଦ ଲକ୍ଷ ମିଳିବ ପ୍ରଶଂସା ପାଆନ୍ତି, ତାହା ଦେଖିଲେ ଶିଶୁର ମନ କ୍ଷମତା ଦିଗକୁ ଆକର୍ଷିତ ହୁଏ । ତାହାର ପ୍ରତିକ୍ରିୟା ଅନେକ ସମୟରେ ମହାଅନିଷ୍ଟ ସାଧନ କରେ । ଯୋଗ୍ୟତା ଅର୍ଜନ ନ କରି ମଧ୍ୟ ମନୁଷ୍ୟ ମନ କ୍ଷମତା ହାସଲ କରିବା ଦିଗରେ ତତ୍ପର ହୁଏ ।

ବର୍ତ୍ତମାନ ସହରେ ସହରେ ବ୍ୟାପିଯାଇଥିବା ସିନେମାଗୁଡ଼ିକର ବିକୃତ ଚିତ୍ରମାନ ସବୁ ଯଥା:—ପ୍ରେମକ୍ରୀଡ଼ା, ନଗ୍ନଚିତ୍ର, ନାଚକୋଳ ଆଦି ଶିଶୁର ହାତରେ ଦେଇ ଯାଉଥିବାରୁ ଶିଶୁର ମନ ଅକାଳରେ ଅଧରସାସ୍ୱାଦନ ନିମନ୍ତେ ଅଗ୍ରହାନ୍ୱିତ ହୋଇପଡ଼େ । ଫଳରେ ବାଳକ ବାଳିକାମାନଙ୍କ ହୃଦୟ ସେହି ଦିଗରେ ପ୍ରଧାବିତ ହେବାଦ୍ୱାରା ସମାଜର ଯେ କି ଅନିଷ୍ଟ ସାଧିତ ହେଉଛି, ତାହା ସମସ୍ତେ ଦେଖି ମଧ୍ୟ ଦେଖୁ ନାହାନ୍ତି ।

ମନୁଷ୍ୟ ଜୀବନର ବିକାଶ ପ୍ରକୃତ ମନୁଷ୍ୟତ୍ୱ ବା ମାନବିକତାରେ । ଏହି ମାନବିକତା କଅଣ ତାହା ବିଶ୍ଳେଷଣ କରିବାକୁ ଚାହୁଁଛୁଁ ।

# ଦ୍ୱିତୀୟ ପରିଚ୍ଛେଦ

## ତ୍ରିଗୁଣର ସାମଞ୍ଜସ୍ୟ

ଶ୍ରୀମଦ୍ଭଗବଦ୍-ଗୀତାରେ କର୍ମଜ୍ଞାନ ଓ ଭକ୍ତିଯୋଗର ବିଶ୍ଳେଷଣ ଓ ଆଲୋଚନା କରାଯାଇଅଛି । ଲୋକ ଜୀବନରେ 'ଗୀତା'ର ପ୍ରକ୍ରିୟା ବର୍ଣ୍ଣନା କରିବା ଏଠାରେ ସମ୍ଭବପର ନୁହେଁ । ବେଦାନ୍ତବାଦୀମାନେ ଯେଉଁ ଭାବେ ତାର ଆଲୋଚନା କରି ଯାଇଛନ୍ତି ତାର ପୁନରାଲୋଚନାର ଉଦ୍ଦେଶ୍ୟ ଅତ୍ରକା । ଥିବ ନିଜ । ଯାହାହେଉ ମନୁଷ୍ୟ ଜୀବନରେ ଏହି ଯୋଗମାନଙ୍କ ସାମଞ୍ଜସ୍ୟହିଁ ଆଦର୍ଶ ଅଟେ । କୌଣସି ଏକ ଯୋଗର ଅଧିକାଂଶ ସମାଜର ଆଦର୍ଶ ହୋଇ ନ ପାରନ୍ତି । ଜ୍ଞାନଯୋଗୀ ଶଙ୍କରାଚାର୍ଯ୍ୟ, କର୍ମଯୋଗୀ ରାମଚନ୍ଦ୍ର,ଭକ୍ତିଯୋଗୀ ଶ୍ରୀଚୈତନ୍ୟ ଏମାନେ ପ୍ରତ୍ୟେକେ ଏକାଧାରରେ ଲୋକସମାଜର ଆଦର୍ଶ ନୁହନ୍ତି । ଏମାନଙ୍କର ସମଷ୍ଟି ଆଦର୍ଶ ହୋଇଲ୍ ହୋଇପାରେ । କିନ୍ତୁ ଜନକ କର୍ମଯୋଗରେ ରାମଚନ୍ଦ୍ରଙ୍କ-ଠାରୁ, ଜ୍ଞାନଯୋଗରେ ଶଙ୍କରାଚାର୍ଯ୍ୟଙ୍କଠାରୁ ଓ ଭକ୍ତିଯୋଗରେ ଶ୍ରୀଚୈତନ୍ୟଙ୍କଠାରୁ ନ୍ୟୂନ ଥିଲେହେଁ ତିନି ଯୋଗ ଏକାଧାରରେ ତାଙ୍କଠାରେ ସମାବେଶ ହୋଇ ଥିବାରୁ ସେ ବରଂ ଲୋକ ସମାଜର ଆଦର୍ଶ ଅଟନ୍ତି । ଆମ୍ଭର ସର୍ବଶ୍ରେଷ୍ଠ ଆଦର୍ଶ ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣଙ୍କର ମନୁଷ୍ୟ ଚରିତ୍ର । ତାଙ୍କର ଦେବ ଚରିତ୍ରର ବର୍ଣ୍ଣନାର ପୁରାଣ ଲେଖକଗଣ ତାଙ୍କର ଯେଉଁ ଅତିମାନୁଷୀ କାର୍ଯ୍ୟାବଳୀର ବିଚିତ୍ର ବର୍ଣ୍ଣନା କରିଲେ, ସେ ସବୁର ଅନୁକରଣ ମନୁଷ୍ୟ ପକ୍ଷେ ଅସମ୍ଭବ ଓ ସେ ସବୁ ଲୋକ ସମାଜର ଆଦର୍ଶ ନୁହେଁ । କାରଣ ଏ ଯୁଗରେ ଅତିମାନୁଷୀ କଳ୍ପନାକୁ ( Freak of nature ) ପ୍ରକୃତିର ଖିଆଳିତା ସିଦ୍ଧ ବୋଲି ଧରି ନିଆଯାଏ ଓ ତାକୁ ହସି

ଜନ୍ମାଇ ଦେଇଥାଏ । ଅଥଚ ଏହି ଅଭ୍ୟାସବଶୀ ଧାର୍ମିକମାନେ ଗୀତାର୍ଥ ଧରି ନ ପାରି ଶ୍ରୀକୃଷ୍ଣଙ୍କୁ କୁଟିଳ ଓ ଚାତୁର ପ୍ରକୃତିର ବୋଲି ଧରି ନେଲେ ଆଜି ହିନ୍ଦୁ ସମାଜ ଦଶାବତାରମଧ୍ୟେ ନାନ୍ଦୀ । ଶ୍ରୀକୃଷ୍ଣ ଆଦର୍ଶ ପୁରୁଷ, କାରଣ କର୍ମଯୋଗୀ ଓ ଭକ୍ତିଯୋଗୀ । ତାଙ୍କର ଜୀବନ ଯେପରି କର୍ମମୟ, ସେହିପରି ଜ୍ଞାନମୟ ଓ ଭଗବଦ୍ ଭକ୍ତିମୟ । ତିନି ଯୋଗର ଏକାଧାରରେ ସମାବେଶ ନ ହେଲେ ଏକ ଯୋଗର ଅର୍ଥାତ୍ ଅନ୍ୟ ଯୋଗମାନଙ୍କୁ ନିକୃଷ୍ଟ କରି ଦେଖାଏ । ଶଙ୍କରାଚାର୍ଯ୍ୟ ଦେଶ ଭଡୋଳ ଧର୍ମରକ୍ଷୀ, ଚୈତନ୍ୟ ଅତି ଅନାସକ୍ତ ଭକ୍ତବତ୍ସ । କିନ୍ତୁ ଏମାନେ ମନୁଷ୍ୟର ଆଦର୍ଶ ନୁହନ୍ତି । ଏମାନେ ଓ ସେମାନଙ୍କ ଭଳି ଅନ୍ୟ ଅନେକେ ଏକ ଏକ ଯୋଗର ଅଧିକାରୀ ହୋଇ ସେହି ଏକ ଏକ ଯୋଗର ଶେଷ ସୀମାରେ ଉପନୀତ ହୋଇ ଏକଦେଶଦର୍ଶୀ ଭାବେ ସେ ଧର୍ମ ପ୍ରଚାର କରିଗଲେ, ଫଳରେ ଅସଂଖ୍ୟ ବାଦର ସୃଷ୍ଟି ହେଲା ଓ ବାଦୀଗଣ ବାଦବାଦୀମାନେ ପରସ୍ପରକୁ ଘୃଣା କରି ଶିଖିଲେ । ସେମାନଙ୍କର ଧର୍ମପ୍ରଚାର ଦ୍ୱାରା ଭାରତ ତାହାର ମହାଲକ୍ଷ୍ମୀ ହରାଇ ଭାରତବାସୀଙ୍କୁ କର୍ମବିମୁଖ କରି ଭାରତକୁ ବ୍ରାହ୍ମଣର ଦୁର୍ଦ୍ଦାନ୍ତ ଶାସନାଧୀନ କଲା ଏବଂ ପରେ ଭାରତ ଅର୍ଦ୍ଧ ବିଦେଶୀଙ୍କର ଦାସ ହେଲା । ଫଳତଃ ଭାରତୀୟମାନେ ସମ୍ପୂର୍ଣ୍ଣ ଦୂର ହୋଇ ହଜାର ହଜାର ବର୍ଷର ପରାଧୀନତା-ପଙ୍କରେ ନିମଗ୍ନ ହେଲେ । ଏହି ଦୁଃଖ କଥା ପାଇଁ ପାଠକ ଯଦି ମନେ କରନ୍ତି ଯେ, ଏହି ମହାପୁରୁଷମାନଙ୍କର ନିନ୍ଦା ରଚନା ପାଇଁ ଲେଖକ ନିରସ୍ତ ହେବା ଉଚିତ, ତେବେ ଲେଖକ ସଗର୍ବେ ଅମ୍ଳାନ ବଦନରେ କହିବ "ସତ୍ୟ ନାସ୍ତି ପରମ" ପରାଧୀନତା ଅପେକ୍ଷା ଦୁଃଖଣୀୟ ଅଛି । ଧର୍ମତତ୍ତ୍ୱ ଅନୁଧାବନ କଲେ ବୁଝାଯିବ ଯେ, ସତ୍ତ୍ୱ, ରଜ ଓ ତମ ତିନିଗୁଣର ସାମଞ୍ଜସ୍ୟ ମନୁଷ୍ୟକୁ ଦାନବର

ମୂଳ ଉପାଦାନ । କୌଣସି ଏକ ଗୁଣର ଅଭାବ ଜୀବନ-ବିକାଶର ଉପଯୋଗୀ ନୁହେଁ । ସାମଞ୍ଜସ୍ୟ କହିଲେ ପ୍ରତ୍ୟେକକୁ ପାଞ୍ଚଅଣା ଗୁଡ଼ାକ ନେଇ ସାମଞ୍ଜସ୍ୟ ଆଣି ଏକ ଟଙ୍କା କରିବାକୁ ହେବ ତାହା ନୁହେଁ । ତମକୁ ଦ୍ୱେଷ ନ କରୁ ଗୁଣ ବୋଲି କହିବାରେ ବହୁତ ସାର୍ଥ୍ୟ ରହିଛି । କିନ୍ତୁ ଲୋକ-ଜୀବନରେ 'ତମ'ର ଆବଶ୍ୟକତା ଯେତିକି 'ରଜ'ର ଆବଶ୍ୟକତା ତାଠାରୁ ବେଶୀ ଓ ସତ୍ତ୍ୱର ଆବଶ୍ୟକତା ମଧ୍ୟ ତାଠାରୁ ବେଶୀ । 'ତମ'କୁ ଦୁଇଅଣା ରଜକୁ ଚାରିଅଣା ଓ ସତ୍ତ୍ୱକୁ ଦଶଅଣା ନେଇ ମନୁଷ୍ୟ ଜୀବନର ଷୋଳଅଣା ବିକାଶ କରିଯାଇ ପାରେ ବା କରିବା ଉଚିତ । ଭଗବାନ ଯାହା ଯାହା ସୃଷ୍ଟି କରିଅଛନ୍ତି ସେ ସମସ୍ତଙ୍କର ଆବଶ୍ୟକତା ରହିଛି । କେବଳ କାହାର ଆବଶ୍ୟକତା ବେଶୀ କାହାର କମ୍ । କାମ, କ୍ରୋଧ, ଲୋଭ, ମୋହାଦିର ଲୋକ-ଜୀବନରେ ଆବଶ୍ୟକତା ଯେ ରହିଛି ଏହା ସର୍ବବାଦୀସମ୍ମତ । ନାଗସାପର ଗରଳ ସର୍ବଦୈବ ଜୀବନ-ନାଶକର । କିନ୍ତୁ ରୋଗାନ୍ତରେ ଜୀବନର ରକ୍ଷା ସକାଶେ ତାହାର କାଳୋପଯୋଗୀ ପ୍ରମାଣିତ କରୁଛି । ଦର୍ଶକର ଦୃଷ୍ଟିଶକ୍ତି ଅଭାବରେ ଏକଯୋଗର ଅଧିକ୍ୟ ଅନ୍ୟ ଯୋଗକୁ ନିକୃଷ୍ଟ କରି ଦେଖାଏ ଏବଂ ଫଳତଃ ଘୃଣାର ସୃଷ୍ଟି କରେ । ଦେଖ, ହୃଦୟର ବନ୍ଧୁତ୍ୱ ଲୁଣ୍ଠନ ଭାବ ଅନ୍ୟକୁ କାହିଁକି ଭଗତଙ୍କୁ ବିଦାୟ ନେଲାନ୍ତି । 'ନୂତନ' ଏକ ହିନ୍ଦୁ ମୁସଲମାନ ଓ ଖ୍ରୀଷ୍ଟିୟାନ୍ ଘୃଣା ଦୃଷ୍ଟିରେ ଦେଖୁଛନ୍ତି ଓ ହିନ୍ଦୁ ମଧ୍ୟ ଅନ୍ୟମାନଙ୍କୁ ସେପରି ଦେଖୁଛି । ଏଥିର ଭ୍ରାନ୍ତି ଦୃଷ୍ଟାନ୍ତର ଅଭାବ ନାହିଁ । (ଭାରତୀୟ ହିନ୍ଦୁ ମହାସଭା ଏହି ଭାବର ଏକ ଉଦାହରଣ ମାତ୍ର ।)

ଯୀଶୁଖ୍ରୀଷ୍ଟ ଖ୍ରୀଷ୍ଟଧର୍ମ, ମହମ୍ମଦ ଇସ୍‌ଲାମ ଧର୍ମ, ବୁଦ୍ଧ ବୌଦ୍ଧଧର୍ମ ଶଙ୍କରାଚାର୍ଯ୍ୟ ବ୍ରାହ୍ମଣ୍ୟ ଧର୍ମ, ଶ୍ରୀଚୈତନ୍ୟ, ରାମାନନ୍ଦ ଓ ରାମାନୁଜ ଆଦି ବୈଷ୍ଣବ ଧର୍ମ, ନାନକ ଶିଖଧର୍ମ, ମହାବୀର ଜିନ ଜୈନଧର୍ମ ପ୍ରଚାର କରି ସେମାନଙ୍କୁ ନିଜ ନିଜ ସ୍ଥାପକ କହାଇ ଅଛନ୍ତି । କିନ୍ତୁ ଏ ସନାତନ-ହିନ୍ଦୁଧର୍ମ-ପ୍ରବର୍ତ୍ତକ କିଏ ତାହାର ଇତିହାସ ନାହିଁ । କେବଳ ଗୀତାରେ ଦେଖିବାକୁ ପାଇଁ "ଯଦା ଯଦାହି ଧର୍ମସ୍ୟ" ଇତ୍ୟାଦି । ତେବେ ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଏ ଧର୍ମ କେହି ପ୍ରଚାର କରି ନାହାନ୍ତି । ଏହା 'ସ୍ୱୟଂଭୂତ' । ମାନବ ପ୍ରକୃତିର "ସତ୍‌ବୃତ୍ତି" ସମୂହ ଅନୁଶୀଳନରୁ ଏ ଧର୍ମର ଉଦ୍‌ଭବ ଓ ଭଗବାନ ଶ୍ରୀକୃଷ୍ଣଙ୍କର ଅନୁମୋଦନରେ ଏହା ମନୁଷ୍ୟର ରକ୍ତେ ରକ୍ତେ, ହାଡ଼େ ହାଡ଼େ ଶିରେ ଶିରେ ବିଜଡ଼ିତ । ଏହି ଧର୍ମ ଯେତେବେଳେ ମ୍ଳାନ ଅବସ୍ଥାରେ ସେତେବେଳେ 'ଯଦା ଯଦାହି' ବାକ୍ୟାନୁସାରେ ଉପଦେଷ୍ଟା ଯୀଶୁଖ୍ରୀଷ୍ଟ, ମହମ୍ମଦ, ବୁଦ୍ଧ, ଶଙ୍କର ଚୈତନ୍ୟ ଓ ନାନକାଦି ମହାପୁରୁଷମାନେ ଅବତୀର୍ଣ୍ଣ ହୋଇ ପୁଣ୍ୟ ଧର୍ମ ପ୍ରଚାର ଏବଂ ଧର୍ମର ଅଙ୍ଗହାନିର ପରିପୂରଣ କରି ଅଛନ୍ତି । ଏହାଛଡ଼ା ଅନ୍ୟ ସିଦ୍ଧାନ୍ତ ଧାର୍ମିକ ପକ୍ଷେ ଅସମ୍ଭବ ବୋଲି ମନେ ହୁଏ । ତେଣୁ ଏ ଧର୍ମ କଦର୍ଥନାର ଶେଷ ସୀମାରେ ଉପନୀତ ହେଲେହେଁ ମରି ମଧ୍ୟ ମରି ନାହିଁ ଓ ଚିରଦିନ ମରିବ ନାହିଁ ମଧ୍ୟ । ଅନ୍ୟ ସବୁ ଧର୍ମରେ ଏକଦେଶଦର୍ଶିତା ଦୋଷ ପରିଲକ୍ଷିତ । ଏ ଧର୍ମ କେବଳ ଉଦାରପୂର୍ଣ୍ଣ । ତାହା ସିଦ୍ଧ ହୁଏ ଏ ଧର୍ମ ଯେ ପୃଥିବୀର ଏକମାତ୍ର ଧର୍ମ ନାମବାଚ୍ୟ ଧର୍ମ, ଏଥିରେ ମତଦ୍ୱୈଧର ସମ୍ଭାବନା ନାହିଁ । କାରଣ ସବୁ ଧର୍ମ ଏକ । କେବଳ ନାମରେ ପାର୍ଥକ୍ୟ ଲକ୍ଷିତ ହୁଏ । ମାତ୍ର କେତେବେଳେ ଏହି ମହାଭାବ ପକ୍ଷରେ ରହି ମାନବିକତାର ବିକାଶ ପାଇଁ ପ୍ରଚେଷ୍ଟା ସବୁଠି ସର୍ବଦା ବାଞ୍ଛନୀୟ ।

ପୃଥିବୀ ବିଜ୍ଞାନାଲୋକରେ ଆଲୋକିତ ଓ ସଭ୍ୟତାର ଚର-ସୀମାରେ ଉପନୀତ । କେତେକ ଦେଶ ସମ୍ପଦରେ କେତେକ ଦେଶ କ୍ଷମତାରେ ମହାନ୍‌; କିନ୍ତୁ ଏ ସବୁ ସତ୍ତ୍ୱେ ଆଜି ଜଗତବାସୀ ବୋବାଳି ଛାଡ଼ୁଛନ୍ତି "ଶାନ୍ତି କାହିଁ ? ସୁଖ କାହିଁ ? ମୃତ୍ୟୁ-ତାପ ଦୁଃଖ ଯେ ସୃଷ୍ଟିକୁ ଘାରିଦେଉଛି ।" ଆଜି ପୃଥିବୀର ସମସ୍ତ ଦେଶ ଓ ଜାତି ଅନ୍ୟାନ୍ୟ ଦେଶ ଓ ଜାତିର ବିନାଶ କାମିଛି ଗୋଟିଏ ଗୋଟିଏ ସ୍ତୂପ ଶିବିର ମାତ୍ର । ଭାରତ ମଧ୍ୟ ସେଥିରୁ ଭିନ୍ନ ନୁହେଁ । କେବଳ ଆତ୍ମରକ୍ଷା ନିମନ୍ତେ ସମସ୍ତେ ଛକ ଖୋଜି ବୁଲୁଛନ୍ତି, କେତେବେଳେ କିଏ ଜାଣି ଅନ୍ୟକୁ ଧ୍ୱଂସ କରିବେ । ଏମାନଙ୍କୁ ଦୁଇ ଶ୍ରେଣୀରେ ନିଆଯାଇପାରେ । ଏକଶ୍ରେଣୀ ପ୍ରାଚ୍ୟ ଓ ଅନ୍ୟ ଶ୍ରେଣୀ ପାଶ୍ଚାତ୍ୟ । ପାଶ୍ଚାତ୍ୟଙ୍କର ଅନେକଙ୍କୁ ଅନୁଗତ କରିବାକୁ ପ୍ରାଚ୍ୟର ଏ ଦୁଃଖ । ପ୍ରାଚ୍ୟ ଉପରେ ନିଜର ପ୍ରାଧାନ୍ୟ ପାଇଁ ପାଶ୍ଚାତ୍ୟର ଏ ଦୁରଭିସନ୍ଧି ଓ କାମନା । ଅଥଚ ଭାରତ ଆଜି ସ୍ୱାଧୀନତା ପାଇ ମଧ୍ୟ ନିଶ୍ଚିନ୍ତ ନୁହେଁ । କେତେକ ଏହା ସ୍ଥିର କରେ, ଧନ, କ୍ଷମତା, ସଭ୍ୟତା ଓ ସ୍ୱାଧୀନତା ମଧ୍ୟ ସମାଜର ସୁଖ ପାଇଁ ନୁହନ୍ତି । ଅବଶ୍ୟ ସେମାନଙ୍କର ପ୍ରୟୋଜନୀୟତା ଯେ ଅତ୍ୟଧିକ, ଏହା ଅସ୍ୱୀକାର କରିବାର ଉପାୟ ନାହିଁ । ଏ ସବୁ ସତ୍ତ୍ୱେ ଆଜି ଭାରତ ହା ଅନ୍ନ, ହା ବସ୍ତ୍ର, ହା ଶିକ୍ଷା, ହା ସୁଯୋଗ କରି ବୁଲୁଛି । ସମାଜରେ ସମସ୍ତେ ଏହି ମହାଜୀବନ-ସଂଗ୍ରାମରେ ବ୍ୟତିବ୍ୟସ୍ତ । ତେବେ ଜୀବନର ଉଦ୍ଦେଶ୍ୟ କଅଣ ଏହି ଜୀବନ ସଂଗ୍ରାମ ଓ ଦୁଃଖହିଁ ମନୁଷ୍ୟ ଜୀବନର ପ୍ରାପ୍ୟ ଏବଂ ଏହା କଅଣ ଭଗବାନଙ୍କ ନିର୍ଦ୍ଦେଶ ? କଦାପି ତାହା ନୁହେଁ । ଭଗବାନ ଯେ ଦୟାମୟ । ଶୈଶବରେ ବିଦ୍ୟାଳୟ, ବ୍ରହ୍ମଚର୍ଯ୍ୟ, ମହାଦୁଃଖେ ଦୁଃଖୀ । ଯୌବନରେ, ଧନ, ଜନ, ଯଶପାଇଁ ଏପରି ଅଧ୍ୟାୟ ନାହିଁ ଯାହା ସ୍ୱୀକାର୍ଯ୍ୟ ନୁହେଁ,

ଏପରି ପାପ ନାହିଁ, ଯାହା ମୁଣ୍ଡାଇବାକୁ ମନ ଇଚ୍ଛା ହୁଏ । ଶୈଶବ ଓ ଯୌବନରେ ଏତେ ଭଲ ବାର୍ଦ୍ଧକ୍ୟରେ ଶାରୀରିକ ଶକ୍ତିହୀନତା, ସ୍ନାୟୁତନ୍ତ୍ରର ଦୌର୍ବଲ୍ୟ, ଲୋକ ସମାଜର ଧିକ୍କାର ମାତ୍ର ସାର ହୁଏ । ବାଲ୍ୟ, ଯୌବନ ଓ ବାର୍ଦ୍ଧକ୍ୟର ଦଶା ଏ ପରିଣାମ, ଏଥିରୁ ପ୍ରମାଣିତ ହେଉଅଛି ଜୀବନର ଉଦ୍ଦେଶ୍ୟ ଧନ, ଜନ, ଯଶ, ସଭ୍ୟତା, ସମତା ଓ ରାଜନୈତିକ ସ୍ୱାଧୀନତା ପ୍ରାପ୍ତି ମଧ୍ୟ ନୁହେଁ । ଉଦ୍ଦେଶ୍ୟ ଅନ୍ୟ ଖୋଜିବାକୁ ହେବ ।

# ତୃତୀୟ ପରିଚ୍ଛେଦ

## ଶିକ୍ଷା

ପୂର୍ବେ କୁହାଯାଇଅଛି ଯେ ବାଲ୍ୟ ଜୀବନରେ ଯଦି ଶିକ୍ଷା ଲାଭର ସୁବିଧା ମିଳେ, ତେବେ ଜୀବନର ଉଦ୍ଦେଶ୍ୟ କଣ ତାହା ବୁଝିବାକୁ ପଡ଼େ । ଭାଷାଜ୍ଞାନ ସଙ୍ଗେ ସଙ୍ଗେ ନାନା ପୁସ୍ତକ ଓ ଗ୍ରନ୍ଥ ଘାଣ୍ଟିବ ପଡ଼େ । ଗ୍ରନ୍ଥ ମନକୁ ଅଗ୍ରଗତି ଆଡ଼କୁ ଓ ପୁସ୍ତକ ଜ୍ଞାନକୁ ଟାଣେ ଓ ଜଟିଳ ଜଟିଳ ମତ ଓ ଭାବ ଅଭ୍ୟାସରେ ଅଭ୍ୟସ୍ତ ହେବାକୁ ପଡ଼େ । ତେବେ ସତ୍ୟ, ଦାନ, ତ୍ୟାଗ, ପ୍ରେମ ଓ କ୍ଷମା ଆଦି ସଦ୍‌ଗୁଣସମୂହର ମନ ଭିତରେ ପ୍ରବର୍ତ୍ତନ ନାହିଁ । ସଦ୍‌ଗ୍ରନ୍ଥ ସବୁରେ ମନୁଷ୍ୟ ଜୀବନରେ ଏହି ଗୁଣସମୂହର ବିକାଶ ସମୟେ ସମୟେ ମନକୁ ଏପରି ମୁଗ୍ଧ କରେ ଯେ, ମନେହୁଏ ଜୀବନର ଉଦ୍ଦେଶ୍ୟ ତାହାହିଁ ଅଟେ । ବାସ୍ତବିକ୍ ବାଲ୍ମୀକିଙ୍କର ରାମାୟଣ, ବ୍ୟାସଦେବଙ୍କ ମହାଭାରତ ଓ ଗୀତା, ବେଦ ବେଦାଙ୍ଗ ଉପନିଷଦରେ ଯେଉଁ ମହାରତ୍ନସମୂହ ରହିଛି, ତାହା ଚିନ୍ତା ପାଇଲେ ଯେଉଁ ମନୁଷ୍ୟ ତାହା ଅନୁକରଣ କରିବାକୁ ପ୍ରବୃତ୍ତ ନ ହେବ ଓ ସେଥି ସଙ୍ଗେ ଗ୍ରନ୍ଥକର୍ତ୍ତାଙ୍କଠାରେ ସଦ୍‌ଭାବ କୃତଜ୍ଞତା ସ୍ଥାପନ ନ କରିବ ? ଯେଉଁ ମନୋଭାବକୁ ଓ ଯେଉଁ ମୂର୍ତ୍ତିକୁ ପ୍ରକୃତିର ପ୍ରତିଫଳନରେ ଏହି ଗ୍ରନ୍ଥକର୍ତ୍ତାର ସୃଷ୍ଟି, ସେହି ମନୋଭାବ ଓ ପ୍ରକୃତିର ଧାରା ଭିତରେ ଅନୁପ୍ରବେଶ ପ୍ରଚେଷ୍ଟା ମନୁଷ୍ୟ ମାତ୍ରେକର ପ୍ରଧାନ କର୍ତ୍ତବ୍ୟ । ବାଲ୍ୟ କାଳରେ ପ୍ରକୃତ ସାଧୁମାନଙ୍କର ତ୍ୟାଗ, ଦଧୀଚିଙ୍କ ଅସ୍ଥି ଦାନ, ଚୈତନ୍ୟାଦି ମହାପୁରୁଷମାନଙ୍କର ପ୍ରେମ ଓ ଭକ୍ତିଗାଥା, ବଶିଷ୍ଠ, ବିଶ୍ୱାମିତ୍ର ଆଦି ଋଷିମାନଙ୍କର ତପସ୍ୟା ଓ ଅପୂର୍ବ ତ୍ୟାଗ, ଆସନ, ପ୍ରାଣାୟାମ ଅଭ୍ୟାସ ଲବ୍ଧ

ଓ ଜଡ଼ ସ୍ୱାର୍ଥର ଉପରେ ପ୍ରବୃତ୍ତି ସ୍ଥାପନ ତଥା ଈଶ୍ୱରଙ୍କ ଉପାଦାନ ସବୁ ଉପରେ ଅଧିକାର ସ୍ଥାପନର ଚେଷ୍ଟା ମନକୁ ଚଞ୍ଚଳ ଓ ପୁଲକିତ କରେ । ଯେତେବେଳେ ମନୁଷ୍ୟ ବୁଝେ ଯେ, ଏ ଭୋଗ-ଆସ୍ୱାଦ ସବୁ କେବଳ ନିର୍ବାଣ ପାଇଁ, ସେତେବେଳେ ଜୀବନର-ଉଦ୍ଦେଶ୍ୟ ଯେ ନିର୍ବାଣ ବା ଈଶ୍ୱରପ୍ରାପ୍ତି ଏହି ଧାରଣା ତାର-ହୃଦୟରେ ବଦ୍ଧମୂଳ ହୁଏ । ବସ୍ତୁତଃ ତାହାହିଁ ସତ୍ୟ ଅଟେ । ନ ହେଲେ ଯେଉଁ ଜୀବନଟାକୁ ଘୃଣା ଓ ଦୁଃଖର ଜୀବନ ଅନ୍ତ-ନାହିଁ ସେହି ଉତ୍ସାପଣୀୟ, ସର୍ବତ୍ୟାଗୀ ପୂର୍ବତନ ବ୍ରାହ୍ମଣ ଋଷିଙ୍କ ଭଳି ନିଜ ଜନନୀ ବା ମନ୍ତ୍ର ପ୍ରାର୍ଥନା ସ୍ତବ ଭଗବାନଙ୍କୁ ପ୍ରାର୍ଥନା କରେ, "ସ୍ୱସ୍ତି ପ୍ରଜାଭ୍ୟଃ ପରିପାଳୟନ୍ତାଂ ନ୍ୟାଯ୍ୟେନ ମାର୍ଗେଣମହୀଂ ମହୀଶାଃ, ଗୋ ବ୍ରାହ୍ମଣେଭ୍ୟଃ ଶୁଭମସ୍ତୁ ନିତ୍ୟଂ ଲୋକାଃ ସମସ୍ତାଃ ସୁଖିନୋଭବନ୍ତୁ । କାଳେ ବର୍ଷନ୍ତୁ ପର୍ଜନ୍ୟଃ ପୃଥିବୀ ଶସ୍ୟ ଶାଳିନୀ । ଦେଶୋୟଂ କ୍ଷୋଭରହିତୋ ବ୍ରାହ୍ମଣାଃ ସନ୍ତୁନିର୍ଭୟାଃ"—ବ୍ରହ୍ମ୍ ଜାନାତି ବ୍ରାହ୍ମଣଃ ଅର୍ଥରେ ବୁଦ୍ଧିଜୀବୀ ହେବ । ଏହି ମହା ପ୍ରାର୍ଥନା ବାକ୍ୟର ଉଦ୍ଦିଷ୍ଟ ବିଶ୍ୱବନ୍ଧୁ ଯେ ଜୀବନର ଉଦ୍ଦେଶ୍ୟ, ବହୁ ଅଭିଜ୍ଞତା ପରେ ମଧ୍ୟ ତାହା ଭ୍ରାନ୍ତ-ମନ ଗ୍ରହଣ କରି ପାରେନାହିଁ ଏହାହିଁ ବିଚିତ୍ର । ତା'ପରେ ଦେଶ ପ୍ରତିରକ୍ଷାର କଥା ବିବେଚନା କରାଯାଉ । ଦେଶ ପାଇଁ ଗତ-ଶତ । ୪୦ ବର୍ଷ ମଧ୍ୟରେ ଯେ କେତେ ଲୋକ ସଂଖ୍ୟା ନାହିଁ । ଲୁଚି ମହାପାତକ ନୃଶଂସ ଫାଶି କାଠରେ ପ୍ରାଣ ଦେଇଛନ୍ତି ବା ଦେଶଦ୍ରୋହୀ ଅଭିଯୋଗରେ ସାରା ଜୀବନ କଳାପାଣିରେ ବା ବର୍ଷ ବର୍ଷ ଧରି ନରକର ରୂପାନ୍ତର ତମୋମୟ ବନ୍ଦୀଶାଳର ସ୍ୱାସରୋଧକାରୀ ପରିବେଶରେ ଅବଦ୍ଧ ହୋଇ ରହିଲେ, କେତେ-କେତେ ବା ଦେହପାତ ଓ ହାତକଡ଼ା ପରିଣାମ କରି ଜୀବନ-

କଠାରି ମଧ୍ୟ ଅନୁତପ୍ତ ହୋଇ ନାହାନ୍ତି । ଏ ସବୁ ଦେଖିଲେ ବା ଅନୁଧ୍ୟାନ କଲେ ମନେହୁଏ "ଦେଶଟା କାହାର ?" କି ଲାଭ ପାଇବ ଲୋକ ଏ ଦୁର୍ଦ୍ଦଶା ବରଣ କରି ଓ ଦୁର୍ଦ୍ଦଶାଗ୍ରସ୍ତ ହୋଇ ମଧ୍ୟ ସହାସ୍ୟ ବଦନରେ ଜୀବନ ଦାନ କରେ ? ତାହା ଏକ ଅସ୍ପୂର୍ଣ୍ଣ ଭାବନା । ବସ୍ତୁତଃ ଦେଶବାସୀ ଯେ ଦେଶର ସକାଶେ ଯେଉଁ ଦୁର୍ଦ୍ଧର୍ଷ କର୍ତ୍ତବ୍ୟନିଷ୍ଠ ନିଷ୍ଠୁର ଶାସକର ବିରୋଧାଚରଣ କରି ଅବୈଧ କାର୍ଯ୍ୟ କରିବାକୁ ପଛେ ଓ ଆବଶ୍ୟକ ହେଲେ ସେହି ଶାସକକୁ ହତ୍ୟା କରିବାକୁ ପଛେ ଓ ଫଳତଃ ମୃତ୍ୟୁଦଣ୍ଡ ଲଭିବାକୁ ହୁଏ, ସେହି ଶାସକ ପ୍ରତି ବା ତାର କାର୍ଯ୍ୟ ପ୍ରତି ବ୍ୟକ୍ତିଗତ ଈର୍ଷା ଦୃଷ୍ଟିର କୌଣସି ଅବକାଶ ନ ଥାଏ । ମହାତ୍ମାଗାନ୍ଧୀ ତାଙ୍କର ଅହମଦାବାଦ ବିଚାର ବେଳେ କହିଥିଲେ "ବ୍ରିଟିଶ ଜାତି ମୋର ଅନ୍ତରଙ୍ଗ ବନ୍ଧୁ ।" ଗାନ୍ଧିଜୀଙ୍କର ଏ ଆନ୍ତରିକତାରେ ବ୍ରିଟିଶ ଜାତି ମଧ୍ୟ ସନ୍ଦିହାନ ହୋଇ ନ ଥିଲେ । କେବଳ କର୍ତ୍ତବ୍ୟ ଅନୁରୋଧରେ ହତବ୍ୟକ୍ତି ସ୍ୱକର୍ତ୍ତବ୍ୟ କରୁଁ କରୁଁ ଯାହା କରି ଯାଇଥାଏ, ଦଣ୍ଡିତ ଦେଶ ପକ୍ଷେ ତାହା ପ୍ରତିକାରକ ବୋଲି ଦଣ୍ଡିତ ବିଶ୍ୱାସ କରିଥାଏ ଏବଂ ସେଥି ସକାଶେ ହତବ୍ୟକ୍ତି ଦଣ୍ଡିତର ଶ୍ରଦ୍ଧାଭାଜନ ହୋଇଥାଏ ମାତ୍ର ।

ଦେଶବତ୍ସଳତା ଦିଗରେ ବାଳଗଙ୍ଗାଧର ତିଳକ, ମହାତ୍ମାଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଯତୀନ୍ଦ୍ର ମୋହନ ସେନଗୁପ୍ତ, ଚିତ୍ତରଞ୍ଜନ ଦାସ, ମୋତିଲାଲ ନେହେରୁ, ଗୋପବନ୍ଧୁ ଦାସ, ଆଦିଙ୍କର କାର୍ଯ୍ୟକଳାପ ଆଲୋଚନା କଲେ ସ୍ତମ୍ଭୀଭୂତ ହୋଇ ରହିବାକୁ ପଡ଼େ, କି ଭାରତବର୍ଷରେ ଏମାନେ ଏପରି ନରରତ୍ନ ଜନ୍ମଗ୍ରହଣ କରିଥିଲେ ଏବଂ ସେପରି ନରରତ୍ନ ଜନ୍ମଗ୍ରହଣ କରି ମଧ୍ୟ ସେଥିପାଇଁ କେବେ ଅନୁତପ୍ତ ହୁଅନ୍ତି ଓ ହୋଇ

ନାହାନ୍ତି ? ତାହା ନିକଟରେ ହାତଅଣ୍ଟ ଦେଇ ବସିବ ଏକଲ ଉଚ୍ଚ-ଶିକ୍ଷିତ ଜ୍ଞାନୀ ପଣ୍ଡିତଙ୍କ ଓ ସ୍ୱଦେଶାଭିମାନେ ଧର୍ମର ଅନୁରୋଧ ରକ୍ଷା ଏ ସବୁ ଭାଷି ଭଳିଥିଲେ ।

ମୁଁ ପରିଚ୍ଛେଦରେ ସ୍ୱାଧୀନତାକୁ ମଧ୍ୟ ଧନ, ମାନ, ଯଶ ଓ ସ୍ୱାସ୍ଥ୍ୟ ପରି ଶାନ୍ତି ସୁଖର ଆଧାର ବୋଲି କୁହା-ଯାଇଛି । ସ୍ୱାଧୀନତାକୁ ବର୍ତ୍ତମାନ ଲୋକେ ଯେଉଁ ଅର୍ଥରେ ନିଅନ୍ତି ସେହି ଅର୍ଥରେ ଏଠାରେ ମଧ୍ୟ ବୁଝିବାକୁ ହେବ । ଅର୍ଥାତ୍ ଏହା ବିଦେଶୀ ଶାସନ କବଳରୁ ମୁକ୍ତି ମାତ୍ର । ଏହା ଅତି ତୁଚ୍ଛ ଅଟେ । ତାହା କେବଳ ସୁଖ ଶାନ୍ତିର ଆଧାରଭୂତ ହୁଏନି ବା ହୋଇ ନ ପାରେ । ବହୁ ଆୟାସ ପରେ ଭାରତୀୟ ଆଜି ଏ ଅଧିକାର ଲାଭ କରିଛନ୍ତି । ଖାଲି ଏ ସ୍ୱାଧୀନତା ଉପରେ ନିର୍ଭର ଜନତାମାନଙ୍କର ଉନ୍ନତି ନୁହେଁ । ମହାତ୍ମାଗାନ୍ଧିଜୀଙ୍କର ଜୀବନ ଧାରା ଏଥିର ଜ୍ୱଳନ୍ତ ପ୍ରମାଣ ।

ଠିକ୍ ମୃତ୍ୟୁ ପୂର୍ବରୁ ଗାନ୍ଧିଜୀ, ସର୍ଦ୍ଦାର ପଟେଲଙ୍କୁ କହିଥିଲେ "ଭଣ ଏହି ଅନାଚାରରେ ମୋତେ ବୁଡ଼ାଇବାକୁ ମୋର ପ୍ରିୟପ୍ରାଣ ସେବକଙ୍କୁ ମୋତେ ନ ବର୍ଣ୍ଣାଇଥିଲ ?" ଏ ସ୍ୱାଧୀନତା ସ୍ୱାଧୀନତାର ଅ ଆ ହେଲେ ମଧ୍ୟ ଏହା ସ୍ୱାଧୀନତାର ଆଭାସ ମାତ୍ର, ତଥା ସ୍ୱେଚ୍ଛାଚାର ଧନରେ ଦେଶୀ ଶାସକର ସ୍ୱାଧୀନତା ମାତ୍ର । ଏ ପ୍ରକାର ଭାରତୀୟର ଲୁପ୍ତାଦର୍ଶନର ଫଳରୁ ଓ ଦେଶରୁ ଆଜି ଭାରତରେ ଦୁଃଖ ଦୁର୍ଦ୍ଦଶା ଓ ଅଶାନ୍ତି ବଢ଼ିଛି । ଏହା ଅସ୍ୱୀକାର କରିବାର ଉପାୟ ନାହିଁ । ଏହାର କାରଣ ସବୁ ଖୋଜି ବାହାର କରି ସେ ସବୁର ନିରାକରଣ କରିବାକୁ ହେବ । ଏ ଅବସ୍ଥାରେ ଏହା ଭାରତୀୟମାନଙ୍କ ପକ୍ଷେ ଜୀବନ ମରଣର ସମସ୍ୟା ହୋଇ ପଡ଼ିଛି ।

ଭାରତୀୟ ଦୁଃଖ ଦୁର୍ଦ୍ଦଶା ବର୍ତ୍ତମାନ ଭାରତର ଦୁଃଖ ଦୁର୍ଦ୍ଦଶା ଓ ଅଶାନ୍ତିର ବହୁ ଅଂଶରେ ପ୍ରତିକ୍ରିୟା ଏହା ସ୍ୱୀକାର କରିବାକୁ ହେବ । ତେବେ ସେହି ଅଭିମାନର ନେହେରୁଙ୍କ ଯୋଗେ କେତେକ ପରିମାଣରେ ଏହି ସବୁର କାହିଁ ଚେଳୁଛ ହୋଇଛି ମାତ୍ର । ଏଥିପାଇଁ ସେ ଜାତିର ଧନ୍ୟବାଦାର୍ହ । ତାହା ଛଡ଼ା ବହୁ ଅସ୍ୱାଭାବିକ ଘଟଣା ଜନିତ୍ୟ ଏ ସବୁର ମୂଳରେ ରହିଛନ୍ତି । ଦେଶ ବିଭାଗ ପରେ ଅନୈତିହାସିକ ସଂଖ୍ୟାରେ ବାସ୍ତୁହରା, ପାକ ଦେଶରେ ରହିଥିବା ଭାରତୀୟଙ୍କୁ ରକ୍ଷାପ୍ରତିଶ୍ରୁତି ଦେଇଛନ୍ତି । ଉପରେ ଅତିବୃଷ୍ଟି, ଅନାବୃଷ୍ଟି, ଅସମ ଭୂମିକମ୍ପ, ଭାରତ ବାର୍ଷିକ ସର୍ବ-ପୃଥିବୀରେ ଖାଦ୍ୟାଭାବ ଓ ସଙ୍ଗେ ସଙ୍ଗେ ଲୋକ ସଂଖ୍ୟାବୃଦ୍ଧି, ଆକ୍ରମଣକାରୀ ଚୀନର ଅଭିଯାନ, ଅଭିଯାନ ପାଇଁ ଭାରତର ନିକଟର ପ୍ରାର୍ଥନା, ବନ୍ଧୁରାଜ୍ୟ ସ୍ୱଦେଶ ପକ୍ଷପାତିତା ଓ ଉଦାର-ଦର୍ଶିତା, ଅସ୍ପୃଶ୍ୟତା ଯୋଗୁଁ ସାମ୍ପ୍ରଦାୟିକତା ପକ୍ଷପାତ ଇତ୍ୟାଦି ଏ ଦୁଃଖ ଦୁର୍ଦ୍ଦଶା ଓ ଅଶାନ୍ତିର ମାତ୍ରା ବୃଦ୍ଧି କରି ଚାଲିଛନ୍ତି । ଏ ଜାତୀୟତାର ସଂସ୍କୃତ ନିପୁଣତା ସାମାନ୍ୟ କାର୍ଯ୍ୟକାରୀ ହେଲେହେଁ ଏ ଜାତିର ନିଶ୍ଚିତ ହୋଇ ନ ପାରେ । ଏକତା ସଂହତି ଓ ସଙ୍ଗଠନ, ସେଥିରେ ସଂହତି ଓ ସଂଗଠନ ଚାହିଁଲା ପୃଥିବୀର ଇତିହାସରେ, କେବଳ ପୃଥିବୀ ଆଗରେ ଦେଖାଇ ଚାଲିଛନ୍ତି । ଏହି ସହିତ ଓ ସଂଗଠନ ପାଇଁ ଭାରତରେ କଂଗ୍ରେସ ଛଡ଼ା ଅନ୍ୟ ଅନୁଷ୍ଠାନ ନାହିଁ । କିନ୍ତୁ ସେହି କଂଗ୍ରେସ ଆଜି ସୁବିଧାବାଦୀର ଉତ୍ପାଦନକାରୀ ପୀଠସ୍ଥଳୀ । ଆଜି କଂଗ୍ରେସ ଯେ ପରିମାଣରେ ଦୁର୍ନୀତିଗ୍ରସ୍ତ, ନୈତିକତାର ଓ ଅମତାର ହୋଇ ପଡ଼ିଛି, ତାହାର ଅନ୍ୟ ଦୃଷ୍ଟାନ୍ତ ପୃଥିବୀ ଇତିହାସରେ ଅନ୍ୟତ୍ର ଖୋଜିଲେ ମିଳିବ ନାହିଁ । ବାପୁଜୀଙ୍କ ନାମରେ ବାପୁଜୀଙ୍କର ଆଶୀର୍ବାଦ ପ୍ରାପ୍ତ କଂଗ୍ରେସ

ହିଂସ୍ରାଶ୍ରିତ ଶୋଷଣାଧ ନାନା କୁଟିଳ କରି କୋଟି କୋଟି ଟଙ୍କା ଜାତିର ପ୍ରକାର ଭାରତରୁ ଜଣାପଡ଼େ ଯେ ଦୁର୍ନୀତିପରାୟଣ ହୋଇଅଛନ୍ତି ତଦ୍ଦ୍ୱାରା ଦେଶରେ ଦୁଃଖ ଦୁର୍ଦ୍ଦଶା ଓ ଅଶାନ୍ତି ଲାଗିଛି ହେବାର କାରଣ । ସେ ଅନ୍ୟାନ୍ୟ ଅନୁଷ୍ଠାନ ସଂସଦ ବା ପ୍ରତି-ଷ୍ଠାନର ଅଧିକାରୁ ନେହେରୁଜୀ କଂଗ୍ରେସକୁ ଜାବୁଡ଼ି ଧରିଛନ୍ତି । କାରଣ ବର୍ତ୍ତମାନ ପାଇଁ ତାଙ୍କର ଅନୁଗତି ନାହିଁ । କିନ୍ତୁ କଂଗ୍ରେସର ସଂଶୋଧନ ଦିଗରେ ତାଙ୍କର ଅନୁବର୍ତ୍ତୀମାନେ ତାଙ୍କର ପ୍ରତିକୂଳତା କରୁଛନ୍ତି । ଏପରି ଅବସ୍ଥାରେ ସେ ଅଧିକ ଅଭି-ମାନବ ଅଟନ୍ତି ହେଲେ ବା ଏଥିରେ କୃତକାର୍ଯ୍ୟ ହୋଇ ପାରିବେ କି ନା ତାହା କହି ହେଉ ନାହିଁ । ଭଗବାନ ଶ୍ରୀକୃଷ୍ଣ ଦ୍ୱାରକାରେ ଯାଦବକୁଳ ଧ୍ୱଂସକରି (ତାଙ୍କ ନିଜବଂଶ) ପୃଥିବୀରେ ଶାନ୍ତି ସ୍ଥାପନ କରିଥିଲେ ପରି ଏହି ଦୁର୍ନୀତିଗ୍ରସ୍ତ କଂଗ୍ରେସକୁ ସତ୍ୟାଗ୍ରହରେ ଲୋପ କରିବାକୁ ଗାନ୍ଧିଜୀ ସୂଚନା ଦେଇଥିଲେ । ନେହେରୁଜୀ ଏ ସୂଚନାର ବିରୁଦ୍ଧରେ କଂଗ୍ରେସର ପୁନର୍ଗଠନର ତେଣୁ ପ୍ରଚେଷ୍ଟା ଚଳାଉଛନ୍ତି, ସେ ଦିଗରେ କେତେଦୂର କଅଣ ହେବ ତାହା ଦେଖିବାକୁ ଲୋକ ଉଦ୍‌ଗ୍ରୀବ ରହିଛି । କିନ୍ତୁ ସଂସାର ଗତି ଦେଖା ପୁଣି ଛୁଟ ଅସମ୍ଭବ ଏହା ମଧ୍ୟ ପାରେଶୀରହିବାର କୁହେଁ । ଆଉ ଅଧମ ସ୍ୱାର୍ଥାନ୍ୱେଷୀ ଦେଶନେତୃଙ୍କର କାର୍ଯ୍ୟରେ ସମ୍ଭବ ନୁହେଁ । ସେ ସଂଗଠନ ଦିଗରେ ବୁଦ୍ଧିରୁ ବା ସହାୟ ଦିଗରେ ବୃଦ୍ଧିରୁ ତାଙ୍କର ଅନୁଗାମୀ ହେଉଁ; ନ ହେଲେ ଏହି ମୃତ୍ୟୁଶାପ ହାରୁ ଆମର ମନୁଷ୍ୟପଣିଆ ହରାଇବା ସିନା ।

# ଚତୁର୍ଥ ପରିଚ୍ଛେଦ

## ପରୋପକାର

ପୂର୍ବ ପରିଚ୍ଛେଦରେ ତିନୋଟି ଜୀବନର ଆକୂର୍ତ୍ତି ସମ୍ବନ୍ଧେ କିଞ୍ଚିତ୍ ଆଲୋଚନା କରାଯାଇଛି । ୧—ଭବବନ୍ଧ ଓ ପାର୍ଥିବ ଦୁଃଖର ନିବାରଣ ପାଇଁ ଉଦ୍ୟମ, ୨—ଭୋଗୀ ଓ ମୁନିବୃତ୍ତି, ୩—ଦେଶ ପୁତ୍ରୈଷଣା । ଏ ତିନି ମଧ୍ୟରେ ଆକୂର୍ତ୍ତି କେଉଁଥିରେ ତାହା ନିରୂପଣ କରିବାକୁ ଆଦିକାଳରୁ ପ୍ରୟାସ ଚାଲିଛି ଓ ତାହା ମଧ୍ୟ ସେତେ ସହଜ ନୁହେଁ । ମନୁଷ୍ୟର ସ୍ୱଭାବ ଅନୁରୂପେ ଏବଂ ଅନ୍ୟାପେକ୍ଷା ନିକୃଷ୍ଟ ଥିବାର ଅନୁମିତ ହୁଏ । ଦର୍ଶନ-ଗ୍ରନ୍ଥକାର ବେଦ-ବେଦାନ୍ତ ବିଶ୍ଳେଷଣର ଶେଷ ସୀମାରେ ପହଞ୍ଚି କେବଳ ଅଳସି କେଉଁ ଜଗତରେ ବୁଡ଼ି ଯାଇ ସବୁକୁ ଏକ ନିରୂପଣ ପଣ୍ଡିତର ଲେଖ ସମ୍ମୁଖରେ ଧରିଛନ୍ତି । ଆମେ କୂପମଣ୍ଡୂକ ଅଜ୍ଞଗଣ ତାହାର ଉଦ୍ଧର୍ତ୍ତନ ବିପରୀତାର୍ଥନ କରି ନିଜର ଅଧୋଗତି ଘଟାଉଛୁ । ଅତି ସହଜ ସେହି କହିବ ଶାସ୍ତ୍ରକାରଙ୍କର ରସକ୍ରୀଡ଼ା, କାମକ୍ରୀଡ଼ା ନୁହେଁ, ଶାସ୍ତ୍ରଙ୍କର ବହୁ ସ୍ପର୍ଦ୍ଧା ନ ଥିଲେ ଓ ସେ ପରମ୍ପରା-ନିରତ ହୁଅନ୍ତି, ପୌରାଣିକର ବର୍ଣ୍ଣନାସବୁ ଇତିହାସମୂଳକ ନୁହେଁ, ବେଦ-ବେଦାଙ୍ଗ ଅଧିକ ନିକୃଷ୍ଟ ତତ୍ତ୍ୱ ଆମେ ବୁଝିବାକୁ ଅକ୍ଷମ, ତେବେ ଲୋକସାଧାରଣ କହନ୍ତି ଆମେ ଦ୍ୱନ୍ଦ୍ୱଦ୍ୱେଷୀ ସଜ୍ଜନ । ଇଂରାଜୀ ପଢ଼ି ଆମର ମୁଣ୍ଡ ଖରାପ ହେଲାଣି । ଆମର ମୁହଁ ଦେଖିବାର ନୁହେଁ, ଆମେ କୁଳକଳଙ୍କ । ଶୁଣି ବାପୁଜୀ ଯେ ଅସ୍ପୃଶ୍ୟତା ନିବାରଣ ପାଇଁ ସାରା ଜୀବନ କଠୋର ତପଶ୍ଚରଣ କଲେ, କେତେକ ଲୋକ ତାଙ୍କୁ ଶାସ୍ତ୍ରବିରୁଦ୍ଧ ବୋଲି ବହୁତ ବହୁତ ଶ୍ଳୋକ ଦେଖାଇ ଶାସ୍ତ୍ରରୁ ପ୍ରମାଣ ଦେବେ । କିନ୍ତୁ ଚଣ୍ଡାଳ କନ୍ୟା

ଅଲ୍ପଜଣା ଧ୍ୟାନଶେଷ୍ଟ ବର୍ଣ୍ଣିତବର ସହଧର୍ମିଣୀ ଏହା ଶାସ୍ତ୍ର ଭଣିବେ ନାହିଁ । ଏକ କଥାରେ କହିଲେ ବୁଝାଯିବ ଯାହା ଅସ୍ପୃଶ୍ୟ ଅଦୃଶ୍ୟ ଓ ଭ୍ରାନ୍ତ ଅନୁଭୂତି, ପୁରାଣଶାସ୍ତ୍ରର ବୈଦିକ ସତ୍ୟ ଓ ଦେଶୀୟ ଗ୍ରହଣୀୟ; ତାହା ସବୁ ଅଳୀକ, ବର୍ଜନୀୟ । ଏହି ବଳିଷ୍ଠ ମତବାଦର ଦେଶ ପର୍ଯ୍ୟନ୍ତ ଆମ ଭିତରେ ବହିଛି ସେ ପର୍ଯ୍ୟନ୍ତ ଆମର ଅନ୍ତର୍ଦୃଷ୍ଟି ଖୋଲିବ । କାରଣ ତା ଛଡ଼ା ଅନ୍ୟ ଗତି ଏ ସଂସ୍କାରର ଅସମ୍ଭବ । "ବସୁଧୈବ କୁଟୁମ୍ବକଂ" ହିନ୍ଦୁ ପୁରାଣ ଶାସ୍ତ୍ରର ଏ ମହାବାଣୀ ସବୁ ବେଦାନ୍ତମାନ । ମଧ୍ୟରେ ଭିନ୍ନ ଭିନ୍ନ ଜାତି ଓ ଧର୍ମାବଳମ୍ବୀ ଅବସ୍ଥାନ ଅସମ୍ଭବ । ଏହା ବିଶ୍ୱାସ କରିବାକୁ ଆଉ କେତେ ସମୟ ଲାଗିବ ସେହି ଭବିଷ୍ୟତ୍‌ହିଁ ଜାଣିବେ । ଏକ ଦେଶ ଏକ ଜାତି ପାଇଁ ବାପୁଜୀଙ୍କ ଅଖଣ୍ଡନୀୟ ଶିକ୍ଷା ମହା ନିଜାଦର୍ଶ ଦେଇ ଜାତିର କାନ ଡାଳି ନାହିଁ, ସେ ଜାତିର ଭାଗ୍ୟରେ ସେ କଅଣ ଅଛି ସେହି ଭବିଷ୍ୟତ୍‌ହିଁ କେବଳ ଜାଣନ୍ତି । ତାପରେ ଯୋଗୀ ବା ମୁନିଋଷିଙ୍କ କଥାକୁ ଆଲୋଚନା କରିଯାଉ । ସଂଯମ ଏ ଭାରତର ମୂଳମନ୍ତ୍ର । ସଂଯମକୁ କେତେ କଠୋର ସୃଷ୍ଟି ଦେଖାଇ ଦିଅନ୍ତି । ତାହା ସନ୍ନ୍ୟାସୀମାନଙ୍କ ଜୀବନଦର୍ଶନକୁ ଅନୁଭବରେ ଅନୁଭବୀ କରିଥିବାର ଦେଖାଯାଏ । ବୈଦିକ ସନ୍ନ୍ୟାସୀମାନେ ପର୍ଯ୍ୟନ୍ତରେ ଏହି ଇନ୍ଦ୍ରିୟର ଉଦ୍ଧାର ପରିତ୍ୟାଗ କରି ସ୍ୱମନ ସମସ୍ତ ବ୍ୟକ୍ତିତ୍ୱକୁ ଏଠାରେ ଛାଡ଼ି ଦିଅନ୍ତି ଯାହା ସୂଚାଇଦିଏ ପ୍ରଥମରେ ଏକାନ୍ତ ଶୂନ୍ୟ । ସ୍ୱାର୍ଥକୁ ଚେତନାରୁ ବାହାର ଭାଗିଲା ଭାବେ ଗ୍ରହଣ କରି ଏମାନଙ୍କର ଏ ଅବସ୍ଥା । ଆଜିକାଲିର ଯୋଗୀ ଋଷିମାନେ ଅଧିକାଂଶ ସଂସାରତ୍ୟାଗୀ ଘରପୋଡ଼ି । ସଂସାର-ବାସନା ଭୁଲିବାକୁ ଅଧିକାଂଶ ଜୀବନ ଅନ୍ତ ହେଲେ ଅନେକ ସମୟ ଅସମ୍ଭବ ହୋଇ ରହନ୍ତି । ଏହି ଅସମ୍ଭବ ହେତୁ

ସେମାନେ ଭଗବାନଙ୍କଠାରେ ଲୀନହୋଇବାର କଳ୍ପନା କରନ୍ତି । ନାଶାକାନ୍ତି ଅନ୍ତର୍ଦୃଷ୍ଟି ସମସ୍ତେ ଯଦି ବ୍ରହ୍ମ-ଲୀନ ସମ୍ଭବ, ତେବେ ଭଗବାନଙ୍କୁ ଅନାୟାସଲବ୍ଧ ବୋଲି ମାନିବାକୁ ହେବ । ମାତ୍ର ତାହା ଅତି ଅସମ୍ଭବ । "ଜନ୍ମ ନେବେ ପୁଣି ପାଶେ ଅଥବା ଜନ୍ମର ସମ୍ଭାବନା"; "ବାସିଷ୍ଠ୍ୟ ମୁକ୍ତିବୃତ୍ତି" ଭୁଆଳା ଯେ ପରେ ବାନନ୍ଦ ବାଂଚୁଥା ରହିଛି । ଏ ବାଂଚୁଥିବା ବ୍ୟକ୍ତିତ୍ୱ ଭଗବାନ୍ଙ୍କ ସୃଷ୍ଟି ନାଶକ ଭଳି ବା ମାତ୍ର ପ୍ରାପ୍ତ ତାହା ବେଦବେଦାନ୍ତର ସଙ୍ଗତ ବୁଦ୍ଧ ଲେଖକ ପଢିଲେ ତାହା ଅନନ୍ତବୃତ୍ତିଯୁକ୍ତ । କର୍ମ ଯୋଗର ଜ୍ଞାନ ଓ ବେଦାନ୍ତର ଭକ୍ତି ବୋଲି ବିଜ୍ଞମାନେ କହନ୍ତି । ମାତ୍ର ତିନି ଯୋଗର ସମନ୍ୱୟାତ୍ମକ ଉଦ୍ଦେଶ୍ୟ ମନୁଷ୍ୟ ଜୀବନର ଲକ୍ଷ୍ୟ ହେବା ଉଚିତ ବୋଲି ବିଶ୍ୱାସ କରେ । ସେ ସାହାଯ୍ୟରେ ନିର୍ବାଣ ପ୍ରାପ୍ତି ଏ ବୃତ୍ତିର ଲକ୍ଷ୍ୟ ଏହା ସର୍ବବାଦୀସମ୍ମତ । ଜନ୍ମ ମୃତ୍ୟୁ ଏଡ଼ାଇବାକୁ ନିର୍ବାଣ ଏକା ସମର୍ଥ । ନିର୍ବାଣ ଅର୍ଥ ଭଗବାନଙ୍କ ଦେହରେ ଲୀନ ହେବା ।

ସୃଷ୍ଟି ଦେଶକାଳାତୀତ ଦେହର ଧ୍ୱଂସ ଭଳି ମାତ୍ର ଏ ଦେହକୁ ଦେଶାନ୍ତର ନିର୍ଦ୍ଦେଶ କରି ଦେହର ମାଟିରେ ମିଶାଇବାକୁ ଦେଶାନ୍ତରାବରୋଧରେ ଅବସ୍ଥିତ । ଦେଶ କାଳ ପାଇଁ ଏତେବ ଦୁଃଖ ନାହିଁ, ଯାହା ମୁକ୍ତାଇବାକୁ ସେ ଭୂତ ହେବ ।

ଏହି ଭଳି ଜୀବନର ଲକ୍ଷ୍ୟ ଉଦ୍ଦେଶ୍ୟ ଦେଖାଯାଏ । ଏହା ବୁଝି-ବାକୁ ପରିବାର ମଧ୍ୟରେ ପିତାର ଭାର୍ଯ୍ୟା କଲ୍ଲି ଦେଖା ଭଲ୍ଲି । ପୁତ୍ର-କନ୍ୟାଙ୍କ ପ୍ରତି ପିତାର ଯେ ଆକର୍ଷଣ ତାହା ଦେଖି ଅବାକ୍ ହେବାକୁ ପଡ଼େ । ବସ୍ତୁତଃ ଦାମ୍ପତ୍ୟଜୀବନ ପୁଣି କନ୍ୟାଙ୍କର ଭଲ ଓ ମଙ୍ଗଳ ଲୋଡ଼ାରେ ପିତାର ବିଶ୍ୱାସ ବଡ଼ ଅପ୍ରାପ୍ୟ ଓ ଅଦ୍ଭୁତ ।

ଧାର୍ମିକରେ ସେମାନଙ୍କ ଉପରେ କିଛି ପ୍ରଭାବ ପକାଇବା ପାଇଁ ଶୀଣ ଦେଖନ୍ତି ଏ ଦୁଃଖ ମଧ୍ୟରେ ପ୍ରବଳ ଓ ଅଦମ୍ୟ ଚେଷ୍ଟା । ସୁଖ କଲ୍ୟାଣ ଉନ୍ନତି ପାଇଁ ଅନ୍ୟ କୌଣ ପଥ କିଛି ଜଣାଏ ଦେଶରେ ସେଥି ନିଜର ଦେହକୁ କିଛି ଉନ୍ନତ କରିଥିଲେ ତାହା ଉପରେ ନରହତ୍ୟା ପ୍ରବୃତ୍ତି ରହିଥାଏ। ସେଥିପାଇଁ ଅନେକ ସ୍ଥାନରେ ଅଧିକ ପରିବର୍ତ୍ତନ ଲାଭ କରେ । ଏହି ମହାପୁରୁଷଙ୍କ ଧନ-ଶିକ୍ଷାଙ୍କର ଧାର୍ମିକତାର ପରିଣାମ ଭଳିକି ସେଥିପାଇଁ ଭଗବାନ ସହ ମନୁଷ୍ୟଜାତିର ଶିକ୍ଷା ଶାନ୍ତି ସ୍ୱାଧୀନତା ଓ ସ୍ୱାଧୀନତାର ସେହି ମାନବ ଜାତିର ଉନ୍ନତି ଧର୍ମର ନୀତି ମାନବ ସମାଜ ଉନ୍ନତର ଦେଖି ମାନବ ସଦସ୍ୟମାନଙ୍କର ସେହିଭଳି ସମ୍ମାନ ଓ ଆଶୀର୍ବାଦସ୍ୱରୂପ । ଗ୍ରନ୍ଥକାର କହିଛ ସୃଷ୍ଟିର ଭଗବାନ ନାମଟିକୁ ଗ୍ରନ୍ଥ ଲେଖି ଯାଇଛନ୍ତି । ସେପରିପ୍ରାୟ ଜଗତ ଜନାର୍ଦ୍ଦନ ଦେଖାଇବା ଜନସାଧାରଣ ନିର୍ବାଣ ପ୍ରାପ୍ତ ହୁଅନ୍ତି । ଏଣେ ଦେଶବିଦେଶର ମହାପୁରୁଷମାନେ ଜଗତର ମହାନ ଉଦ୍ଦେଶ୍ୟ ନିଜର ଦିବ୍ୟ ଜୀବନକୁ ଅର୍ପଣ କରିଛନ୍ତି। ଏ ଦେଶକୁ ଜନତା ଦେଶପ୍ରେମ ଉଦ୍ଧାର ଦେଇଥିବା ଶିକ୍ଷା ଦେଇଛନ୍ତି । ଏ ଦେଶ ଦେଶ ଛଡ଼ା ଆଉ କିଛି ନୁହେଁ । ସାମାନ୍ୟ ଉଦାହରଣ ଦେଉଅଛି । ଏହି ଈଶ୍ୱର-ପୁରୁଷ, ଜନତା ଜନାର୍ଦ୍ଦନ ଓ ଦେଶ ଏକ ଓ ଅଭିନ୍ନ, ଅଜର, ଅମର, ସତ୍ୟ, ଶିବ, ସୁନ୍ଦର; ସେହି ଭଗବାନଙ୍କର ନାମାନ୍ତର ମାତ୍ର । 'ବସୁଧୈବ କୁଟୁମ୍ବକଂ' ଏହି ପୃଥିବୀ, ଜଗତ, ସମାଜ ଆମ୍ଭ ସବୁ ସେହି ଜନାର୍ଦ୍ଦନଙ୍କର ଏକ କୁଟୁମ୍ବ, ଏକ ପରିବାର । ଏହି ପରିବାରର କର୍ତ୍ତା ଜନାର୍ଦ୍ଦନ । ଈଶ୍ୱର ପୁରୁଷ, ଦେଶ ବା ଦଶ ବା ଜନତା ସ୍ୱୟଂ ଜନାର୍ଦ୍ଦନ ଅଟନ୍ତି । କାରଣ ପାଇଁ ପ୍ରାଣପାତ କରିବାର ଧର୍ମହିଁ ଭକ୍ତି, ସେବା ଓ ଦେଶାତ୍ମବୋଧ। ଏ ସବୁ ଏକ,

ପ୍ରଭେଦ ନାହିଁ ଉତ୍କର୍ଷ ବା ଅପକର୍ଷର କାରଣ ହୋଇ ନ ପାରେ । କର୍ମୀର କର୍ମ, ଯୋଗୀର ଯୋଗ ଓ ଦେଶହିତୈଷୀର ଦେଶାତ୍ମ-ବୋଧ କେବଳ ଉପାସନାର ନାମାନ୍ତର ମାତ୍ର । ଏହି ଉପାସନା ସବୁ ଧର୍ମର "ମୂଳମନ୍ତ୍ର ।" ଏହା ପୁଣି ମନୁଷ୍ୟ ଜୀବନବ୍ୟାପୀ ଅଟେ । ସ୍ଥାନ, କାଳ ଓ ପାତ୍ର ଭେଦରେ ଏହି ଉପାସନାର ପ୍ରକାର ଭେଦ ରହିଛି । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍, ବୌଦ୍ଧ ଓ ଜୈନ ଆଦି ଭିନ୍ନ ଭିନ୍ନ ନାମ ଧାରଣକରି ନାମଭେଦରେ ଉପାସନାର ନାନାପ୍ରକାର ଭେଦ କରିଥିଲେହେଁ, ଉପାସନା ସବୁ ଧର୍ମର ମୂଳମନ୍ତ୍ର । ମନୁଷ୍ୟରେ ଏକାଧି ନଥିଲେ ଏହା ସ୍ୱୀକାର କରିବାକୁ ବାଧ୍ୟ । ଉପାସନାରେ ମନୁଷ୍ୟର ପରିଣତି । ଉପାସନା ମନୁଷ୍ୟ ଜୀବନର ଉଦ୍ଦେଶ୍ୟ । ଉପାସନାହିଁ ମାନବଜାତି, ଉପାସନାହିଁ କର୍ତ୍ତବ୍ୟ ବା ଧର୍ମ । ତେବେ ସବୁଧର୍ମ ଏକ । ନାମରେ କିଛି ଯାଏ ଆସେ ନାହିଁ । କେବଳ ଭାରତ ଖାଲିକି ସାରା ପୃଥିବୀର ଏକ ଧର୍ମ । ଯେମାନ ଏ ଜାତି ଦାର ନାମ 'ଭୂତ', ଭୂଃ+ବତ୍, କାରଣୀଭୂତାନ +ନିହିତ ଅର୍ଥାତ୍ ପୃଥିବୀର ଅଜ୍ଞାନାନ୍ଧକାର ଦୂର କରିବାରେ ବ୍ୟସ୍ତ । ସେ ଏକ ଧର୍ମର ଗୌଣ ଅଂଶ ମାତ୍ର । ଏ ଉପାସନା ଧର୍ମରେ ଗୌଣ ଅଂଶମାନଙ୍କ ମଧ୍ୟରେ ବିବାଦ ହାସ୍ୟାସ୍ପଦ । କାରଣ ସେମାନେ ଏ ଜାତି ଚିରକାଳ ଉପାସନାର ଅନୁଗାମୀ ଏବଂ ଏବେ ମଧ୍ୟ ପୀଠସ୍ଥଳୀ ହୋଇଛି । (Work is worship) କର୍ତ୍ତବ୍ୟହିଁ ଉପାସନା ଓ କର୍ତ୍ତବ୍ୟହିଁ ଧର୍ମ ଓ ଧର୍ମ୍ୟ । ବହୁକାଳ ପୂର୍ବେ ଭାରତୀୟ ଭଗବାନ୍ କୃଷ୍ଣ ଗୀତା ଆକାରରେ ଏ ଉପାସନା ମନ୍ତ୍ର ପ୍ରଚାର କରିଅଛନ୍ତି । ପୁଣି 'ସଦା ସତ୍ୟ' ବ୍ୟାଖ୍ୟାନୁସାରେ ଗାନ୍ଧିଜୀ ଏ ମହାମନ୍ତ୍ର ଭାରତର ଜୀବନରେ ଫୁଙ୍କି ଦେଇ ଯାଇଛନ୍ତି । ଗୀତା ଓ ଗାନ୍ଧିଜୀଙ୍କର ଏ ମନ୍ତ୍ରର ଅନ୍ୟ ନାମ "ସତ୍ୟାଗ୍ରହ ।"

# ପଞ୍ଚମ ପରିଚ୍ଛେଦ

## ସତ୍ୟ ଓ ଅହିଂସା

ଉପାସନା ଧର୍ମରେ ପରମେଶ୍ୱରଙ୍କୁ ହେତୁ ଅସଳ ଧର୍ମରେ ବୋଲି କେତେ ଲୋକ ମନ କ୍ଷୁଣ୍ଣ କରି ପାରନ୍ତି । ଭାରତୀୟ ପକ୍ଷେ ଏହା ନୂତନ ନୁହେଁ । କାରଣ "ଯଦା ଯଦାହି" ବାକ୍ୟ ପରମସତ୍ୟ ଶିକ୍ଷିତ ଭାରତୀୟ ମାନେ ଅବଗତ ଓ ଶିକ୍ଷିତ ମାନେ ତାହା ଗ୍ରହଣ କରନ୍ତି । ଭଗବାନ ଯଦି ନିର୍ବିକାର ହେବେ ଧର୍ମ ସଂସ୍ଥାପନା ପାଇଁ ତାଙ୍କର ଅବତାରଣାର ଆବଶ୍ୟକତା କଅଣ ? ଇଚ୍ଛାମୟ ଇଚ୍ଛା କଲେ ମାତ୍ରେ ଧର୍ମ ସ୍ଥାପିତ ହୁଅନ୍ତା । ଯଦି ସେଥିପାଇଁ ମନୁଷ୍ୟ ରୂପେ ଅବତାର ହେବାକୁ ପଡ଼ିଲା ତେବେ ଅବତାର ଦେହରେ ଅତି-ମାନୁଷୀ କର୍ମ ପ୍ରଦର୍ଶନର ଆବଶ୍ୟକତା କଅଣ ? ଇତିହାସ ପୃଷ୍ଠା ଉଦ୍ଘାଟନ କଲେ ଦେଖାଯିବ ଯେ ଯୀଶୁ, ମହମ୍ମଦ, ବୁଦ୍ଧ, ଶ୍ରୀକୃଷ୍ଣ, ରାମଚନ୍ଦ୍ର ଓ ଗାନ୍ଧିଜୀ ସମସ୍ତେ ଆମପରି ମନୁଷ୍ୟ । ଆମପରି ମନୁଷ୍ୟ ଥାଇ ମାନବିକତାର ହେତୁ ଲୋକାତୀତ ସେମାନଙ୍କର ଜୀବନ ମଧ୍ୟରେ ଘଟିଥିଲା । ସେମାନେ ତେଣୁ ଲୋକୋପଯୋଗୀ ଯୁଗଧର୍ମ ସ୍ଥାପନ କରି ଯାଇଛନ୍ତି । ସେମାନଙ୍କର ଗୁଣ-ମୁଗ୍ଧ ସମାଜ ସେମାନଙ୍କର ପ୍ରକୃତ ଚେଷ୍ଟା ଗ୍ରହଣ କରୁଁ କରୁଁ କାଳକ୍ରମେ ଲୋକ ମନୋରଞ୍ଜନ ଓ ଲୋକ ମନ-ଆକର୍ଷଣ କରିବାକୁ କଳ୍ପନା ଅଭିଭୂତ ହୋଇ ସେମାନଙ୍କୁ ଅତି ମନୁଷ୍ୟ କରିଛନ୍ତି । ଏ ଧାରଣା ଅଧ୍ୟାତ୍ମବାଦୀ ଭାରତ ଏତେ ଦୂର ଅଗ୍ରସର ଯେ ଆଜି ଭାରତୀୟ ଅବତାରମାନଙ୍କର ମନୁଷ୍ୟ କର୍ମ ଓ ଅତିମାନୁଷୀ କର୍ମର ପାର୍ଥକ୍ୟ କରି ପାରିବା ଭାରତୀୟର ସାଧାରଣ ଶକ୍ତି-ସାମର୍ଥ୍ୟ ବାହାରେ । ଭାରତୀୟ ସେଥିରୁ ଅତିମାନୁଷୀ ଚରିତ୍ର

ସାରସମ୍ମି ନ କୁହି ଅଦର୍ଶକୁ କଳଙ୍କିତ କରି ଜଗତର ଚେତନାର ଏକାନ୍ତ ସ୍ଥାନ ହୋଇ ପଡ଼ିବାକୁ ଓ ଫଳତଃ ଆଧ୍ୟାତ୍ମିକ ଭାବରେ ଜୀବନ୍ତ ରକ୍ତ ଐକ୍ୟର ଅସୁବିଧା ଓ ଅନାଚାରର ସେଇ ସୀମାରେ ପହଞ୍ଚିବାକୁ ତାର ଆଖି ଓ ମନ ଫେରାଇବାକୁ ପୁଣି 'ଏକା ପଦାର୍ଥର ଆବଶ୍ୟକତା ଓ ବାଳକମାନଙ୍କର ଅବସ୍ଥାରେ ଓ ବୈଷୟିକ ଉଦ୍ଦେଶ୍ୟ ଲୋକ ମନ ଆକର୍ଷଣ, ଧର୍ମ ସ୍ୱାଧୀନତାର ପୁନଃ ପ୍ରତିଷ୍ଠା । ସ୍ୱାଧୀନତା ପ୍ରତିଷ୍ଠା ପରେ ବସୁଧୈବ କୁଟୁମ୍ବକଂ ମହା-ଭାବର ପୁନଃ ପ୍ରତିଷ୍ଠା ପାଇଁ ଏକାନ୍ତ ଏକ ଧର୍ମ ଏକ ପରିବାରର ପୁନର୍ଗଠନ କରୁଁ କରୁଁ ସ୍ୱାଧୀନତା ଅହିଂସାର ଉପରେ ଗୁଳିରେ ପ୍ରାଣଦାନ । ଗାନ୍ଧୀଙ୍କୁ ତାଙ୍କ ସମ୍ବାଦ ପଚାରିବାରେ ତାଙ୍କେ କହିଥିଲେ "ମୋର ଜୀବନହିଁ ମୋର ସମ୍ବାଦ" । ତାଙ୍କର ଜୀବନରେ ତାଙ୍କର ପ୍ରାର୍ଥନା-ମଣ୍ଡପରେ ଗୀତା, କୋରାନ ଓ ବାଇବେଲ୍ ସମସ୍ଥାନ ଅଧିକାର କରିଥିଲା । ଅହିଂସା ଓ ସତ୍ୟ ଭଗବାନ ଭାରତୀୟ ହୃଦୟରେ ଦେଦୀପ୍ୟମାନ ଥିଲେ ଯେ ହୃଦୟର କେଉଁ ଏକ ନିଭୃତ କୋଣରେ ଲୁକ୍କାୟିତ ହୋଇ ରହିଥିବାରୁ ଗାନ୍ଧୀ ତାର ପୁନଃପ୍ରତିଷ୍ଠା କରିଥିଲେ । ଏହି ଅହିଂସା ଓ ସତ୍ୟର ଅନ୍ୟ ନାମ "ପରୋପକାର" । ଅହିଂସା ଓ ସତ୍ୟ କାହା ପାଇଁ ? ପରପାଇଁ ? ପରକିଏ ? ଜଗତ । ନିଜେ ତହିଁର ଏକ ସାମାନ୍ୟ ଅଂଶ ମାତ୍ର । ଜଗତର ମଙ୍ଗଳେଚ୍ଛାରେ ବ୍ୟକ୍ତିଗତ ସତ୍ତା ନିଜକୁ ଲୀନ ହେବାର ନାମ ପରୋପକାର । ପରୋପକାର ଦ୍ୱାରା କେବଳ ମନୁଷ୍ୟ ସତ୍ୟ ଓ ଅହିଂସାର ପ୍ରତିଷ୍ଠା କରି ପାରିବ ।

ଏହି ପରୋପକାର ଧର୍ମ ବୁଝିବାକୁ ହେଲେ ପ୍ରଥମେ ଦୁଃଖ କଣ ବୁଝିବାକୁ ପଡ଼ିବ । ଦୁଃଖର ଅସ୍ତିତ୍ୱ ମାନସିକ ଅବସ୍ଥାରେ । ତାହାର ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ । କାରଣ ଯାହା ଏକ ପକ୍ଷରେ ଦୁଃଖ

ଅନ୍ୟ ପକ୍ଷରେ ତାହା ସୁଖ ନ ଦେଉଥିଲେହେଁ ଦୁଃଖ ଦେବେ କାହିଁକି ? ଏଣୁ ଦୁନିଆରେ ଦୁଃଖର ମାତ୍ରା ଏତେ ଅଧିକ ହେଲେ, ସାଧାରଣ ମନୁଷ୍ୟ ପକ୍ଷେ ଦୁଃଖର ଅସ୍ତିତ୍ୱ ସ୍ୱୀକାର ଅନିବାର୍ଯ୍ୟ । ଅସ୍ତିତ୍ୱ କାହିଁକି ମାନବ ସମାଜ ଏହାର ଦୂର୍ତ୍ତ୍ୱ ପ୍ରତୀକାରରେ ବ୍ୟସ୍ତ ଅଛି । ଆଉ "ଦୟା" ନାମକ ହୃଦୟର ଶ୍ରେଷ୍ଠ ବୃତ୍ତି ହେଲ ଦୁଃଖ ନିବାରଣର ପ୍ରତିକ୍ରିୟା ଏହା ଚିରନ୍ତନ ସତ୍ୟ । ତେଣୁ ଭଗବାନ ଦୟାମୟ । ଦୟାମୟ ସନ୍ଥଦେବେ ଜୀବଦୁଃଖ ଅପନୋଦନ-ପରାୟଣ । ଭାରତ ଙ୍କ ହୃଦୟ ଦୁଃଖ-ଅନୁଭୂତିରେ ଜର୍ଜର; ତେଣୁ ସେ ଦୁଃଖ ନିବାରଣ-ତତ୍ପର । ସୃଷ୍ଟି ରୂପେ ଶିବଦୁଃଖ ହୃଦୟରେ ଧାରଣ କରି ଶିବଙ୍କ ଗୃହଦାନ ସ୍ୱୀକାର ଓ ଉତ୍ସ, ଶିବଙ୍କ ତାଙ୍କର ଭାଗବଣ୍ଟନ ଯଥା ସମୟରେ ଚଳାଚଳଣି କରି ଯଥା ସମୟରେ ଉଦ୍ଧାରଣ ସାଧନ; ବାସୁଦେବରେ ଦୁଃଖ ଦୁର୍ଦ୍ଦଶା ଦୁର୍ଭିକ୍ଷ କ୍ଳେଶ ସ୍ୱରସ୍ୱତୀ ପରମ୍ପରା ହେବା, ସୂର୍ଯ୍ୟ ବାତବଣରେ ସର୍ବଦା, ଅଗ୍ନି, ଜଳଦବଳ, ବାୟୁ ଓ ଶିବଦୁଃଖୀ । ଅଗ୍ନିରୂପେ ସର୍ବଦାହ, ସର୍ବଭକ୍ଷ୍ୟ ଓ ଶିବଦୁଃଖୀ । ସର୍ବ ପ୍ରକୃତିରୂପେ ମୃତ୍ତିର ଅବନତି ଦୁଃଖରେ ଦୁଃଖୀ ହୋଇ ଶିବଦୂରନ୍, ଶିବସିଦ୍ଧ, ଶିବପତ୍ନୀତା ଅନସୂୟା ଅଗ୍ରାହ୍ୟ-ଜନ୍ମର ଓ ଶିବଦୁଃଖୀ । ଶ୍ରୀକୃଷ୍ଣରୂପେ ଗୋପୀର ଗୋପାଳଙ୍କ ସମା ଶାନ୍ତି ଓ ଜୀବ ଦୁଃଖ ନିବାରଣାର୍ଥେ ଅନ୍ତର୍ଯ୍ୟାମୀ, କୃଷ୍ଣନ୍ଦ । ମହମ୍ମଦ ରୂପେ ଲୋକଙ୍କ ମନରୁ ପାପତାପ ଓ ଭ୍ରାନ୍ତି ନିବାରଣ ପାଇଁ ଉପଦେଶ ଧାରଣ ଓ କଳାଙ୍କର ସେମାନଙ୍କୁ ସନ୍ମାର୍ଗଗାମୀ କରିବାକୁ ଦୁଃଖ-ଦୁର୍ଦ୍ଦଶା-ମୁକ୍ତି-ପ୍ରଦ କରଣ । ବୁଦ୍ଧ-ରୂପରେ ଜନ୍ମ, ଜରା, ମୃତ୍ୟୁ, ଦୁଃଖ ଏଡ଼ାଇବାକୁ କଠୋର ତପସ୍ୟା-

ନିଷ୍ଠା ଓ କଠୋର ତପସ୍ୟା ପୂର୍ବକ ଜ୍ଞାନ ଓ ନିର୍ବାଣ ଲାଭ । ଗାନ୍ଧୀ ରୂପରେ ସତ୍ୟ ଅହିଂସା ଧର୍ମ ସଂସ୍ଥାପନ ପାଇଁ ଆଜୀବନ ଦୁଃଖ ବରଣ ଓ ଶେଷରେ ଆତତାୟୀର ହାତରେ ପ୍ରାଣାର୍ପଣ । ଆଉ ଅନନ୍ତ ଅପରିଜ୍ଞାତ ବଧାଞ୍ଚ ହୃଦୟ ମଧ୍ୟ ଏ ଦୁଃଖ ଧାରଣ କରି ଅହରହ ସୃଷ୍ଟିର ଦୁଃଖ ନିବାରଣେ ବ୍ୟତିବ୍ୟସ୍ତ । ଏହି ଦୁଃଖ ନିବାରଣର ଏକମାତ୍ର ଉପାୟ ସମସ୍ତେ ଓ ସମସ୍ତଙ୍କର ଦୁଃଖ ନିବାରଣ ତତ୍ପର ହୁଅନ୍ତୁ । ଏହି ଅନ୍ୟର ଦୁଃଖ ନିବାରଣ ତତ୍ପରତାକୁହିଁ "ପର ଉପକାର" ଏହାଛଡ଼ା ଧର୍ମ ନାହିଁ । ପରୋପକାର ସର୍ବଧର୍ମ ସାର । ପରୋପକାର ସୃଷ୍ଟି, ସ୍ଥିତି, ଲୟର ସାର । ପରୋପକାର ପାଇଁ ଏ ଜୀବନ । ଜୀବନର ଅନ୍ୟ ଉଦ୍ଦେଶ୍ୟ ନାହିଁ । ଏହାହିଁ ମାନବିକତା । ଏହି ମାନବିକତା କି ପ୍ରକାରରେ ସମସ୍ତଙ୍କଠାରେ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ବିକଶିତ, ତାହା ହୃଦୟଙ୍ଗମ କରି ନପାରି ମନୁଷ୍ୟ ଦୁଃଖରେ ଅଭିଭୂତ ହୁଏ। ସମାଜରେ ଦେଖିବେ ତିନିଶ୍ରେଣୀର ମନୁଷ୍ୟ ଅଛନ୍ତି—ନିମ୍ନ, ମଧ୍ୟ ଓ ଉଚ୍ଚ । ନିମ୍ନସ୍ତରର ଲୋକଙ୍କୁ ଅଧମ ଶରୀରୀ ସର୍ବହରା ଶ୍ରେଣୀରେ ଗଣ୍ୟ କରନ୍ତି । କାରଣ ସେମାନେ ଖଟି ଖାଆନ୍ତି । କିନ୍ତୁ ଖଟି ଖାଇବା ମନୁଷ୍ୟର ଧର୍ମ । ନ ଖଟି ଖାଇବା ପାପ ଓ ଦୁଃଖର ଆଧାର । କେତେକ ଖଟି ଖାଆନ୍ତି ବୋଲି ଖଟି ନ ପାରିଲେ ଭୋକ ଓ ରୋଗରେ ମରନ୍ତି । ଏମାନଙ୍କର ଶିକ୍ଷା ଦୀକ୍ଷା ନାହିଁ । ସବୁବେଳେ ଖାଇବାକୁ ବଞ୍ଚନ୍ତି ବୋଲି ଏମାନଙ୍କୁ ନିମ୍ନଶ୍ରେଣୀଭୁକ୍ତ କରାଯାଏ । ଏମାନଙ୍କର ସଂଖ୍ୟା ପୃଥିବୀରେ ବହୁତ ବେଶୀ । ଏମାନଙ୍କ ଯୋଗୁଁ ପୃଥିବୀରେ ରକ୍ତାକ୍ତ ବିପ୍ଳବ ବାରମ୍ବାର ସଂଘଟିତ ହୁଏ ଓ ସେଥିଁ ଲୋମହର୍ଷଣକାରୀ ଘଟଣାନିଚୟ ଘଟେ ତାହା ବର୍ଣ୍ଣନା କରି ହେବ ନାହିଁ । କିନ୍ତୁ ଏମାନେହିଁ ସମାଜର ମେରୁଦଣ୍ଡ । ଏମାନଙ୍କର

ପରିଶ୍ରମରେ ସମାଜ ରକ୍ଷିତ । ଏହି ଯେ ସୁନାଅରେ ଦୋହଲ, ନହଲ, ଭାରିଶି ଗରେ ଓ ଧାରାଶ ଭାଣ୍ଡାରେ ମନୁଷ୍ୟର ଆବଶ୍ୟକ ସୁଖ ଶାନ୍ତିର ଯୋଗାଡ଼—ଏମାନଙ୍କର ପରିଶ୍ରମର ଫଳ । ଏହି ଯେ ଧରଣୀ, ବରଣୀ, ମାତା, ଶସ୍ୟଶ୍ୟାମଳା, ଫଳ-ପୁଷ୍ପ-ପତ୍ର-ସମ୍ଭାର-ବନିତା ସମାଜର ଦୁଃଖ ନିବାରଣ କରେ—ଏମାନଙ୍କ ପରିଶ୍ରମ ଯୋଗୁଁ । ଏହି ଯେ ପ୍ରକୃତିର ଦେବତା ଅଗ୍ନି, ବାୟୁ, ବରୁଣାଦି ମନୁଷ୍ୟର ଅଜ୍ଞାବହ ଦାସ ଓ ଶକ୍ତିବହ ହୋଇ ମାନବଙ୍କ ଦୁଃଖ-ଦୁର୍ଦ୍ଦଶା-ନିବାରଣ-ତତ୍ପର ହୋଇ କାର୍ଯ୍ୟ ସାଧନ କରନ୍ତି; ତାହା ଏମାନଙ୍କ ପରିଶ୍ରମରେ । ଏହି ଯେ ଦେଶ ସୁଶୃଙ୍ଖଳ, ସୁରକ୍ଷିତ, ବ୍ୟବସ୍ଥାବାଧ୍ୟ ଏମାନଙ୍କ ପାଇଁ । ଅଥ ଏହି ଯେ ବନ୍ଦୀଶାଳ, ଲୌହର ଶାକୁଳୀ ମଧ୍ୟ ଏମାନଙ୍କ ପାଇଁ ।

କି ସବୁକୁ କରିବାକୁ ପାରିବାଠ ବା ମାରିବାକୁ ନାନା ମାରଣାସ୍ତ୍ର, କମାଣ, ଗୋଳା, ବାରୁଦ, ଏମାନଙ୍କର ପରିଶ୍ରମ ଫଳ । ତାହାହେଲେ କାଏ କହିବ ଏମାନଙ୍କ ସହିତ ପରିଶ୍ରମକାରୀ ଅନ୍ୟ ଅଛନ୍ତି ? ଏମାନେ ଜଗତ୍‌ର ପଟରେ ଏମାନେହିଁ ଦେଶ ଓ ଜାତିର ମେରୁଦଣ୍ଡ । ସଦ୍‌ଦେଶ୍ୟ ପରିଶ୍ରମକାରୀ (Work is Worship) କର୍ମହିଁ ଉପାସନା । ଏମାନଙ୍କର ଜୀବନ ଦର୍ଶନର ମୂଳମନ୍ତ୍ର । ପ୍ରକୃତ ଭଗବାନଙ୍କ ଭକ୍ତ ଏମାନଙ୍କପାଖରେ ଶ୍ରଦ୍ଧାମାନ । ଏ କଥା ଭଗବାନଙ୍କର ଶ୍ରେଷ୍ଠ ପୁଅ । ଶ୍ରେଷ୍ଠ ପୁଅ କୋଳିକାପର ଅତି ପ୍ରିୟ । ଯଦି ପରମ ପିତାଙ୍କର ପ୍ରୀତିଭାଜନ ହେବାକୁ ଚାହଁ, ତେବେ ଏ ଶ୍ରେଷ୍ଠ ପୁତ୍ରର ସେବା ପ୍ରଥମ କର୍ତ୍ତବ୍ୟ ।

ତା ପରେ ମଧ୍ୟଶ୍ରେଣୀର ଲୋକ । ଲକ୍ଷ୍ୟ ଚୋଷା-ଚଷା, ବଣିକ ଓ ଶିଳ୍ପୀ ଏ ଶ୍ରେଣୀଭୁକ୍ତ । ମନୁଷ୍ୟର ଆବଶ୍ୟକ ଅଭାବ ଓ ଦୁଃଖ ଦୂର କରିବାକୁ ମଧ୍ୟବିତ୍ତର ଉଦ୍ୟମ । ମଧ୍ୟ ଶ୍ରେଣୀ

ଉପରେ ଦେଶର ଅନ୍ନବସ୍ତ୍ର ସମ୍ଭାଳର ଭାର । ପୁଣି ଦେଶର ଶାନ୍ତି ଓ ଅବନତି ଏମାନଙ୍କ ହାତରେ । "ସ୍ୱାର୍ଥପର" ଦୋଷ-ଦୁଷ୍ଟ ନ ହେଲେ ଏ ଶ୍ରେଣୀ ମଧ୍ୟ ପରସ୍ପରଙ୍କର ଈର୍ଷାବଲମ୍ବୀ । ତଥାପି ଉପରୁ ଓ ତଳୁ ଏହା ଉପରେ ଚିରକାଳ ଅଭିଯାନ । ଶେଷରେ ଉଚ୍ଚଶ୍ରେଣୀ ହାତରେ ପୃଥିବୀର ସବୁ ଧନ ସମ୍ପତ୍ତି ଓ କ୍ଷମତା ଏକାଠି ହୋଇଥିବାର ସବୁଠି ଦେଖିବାକୁ ମିଳେ ଓ ଏମାନଙ୍କ ଉପରେ ଦେଶର ଦୁଃଖ ଦୁର୍ଦ୍ଦଶା ଦୂରକରି ଦେଶରେ ସୁଖ ଶାନ୍ତି ପ୍ରତିଷ୍ଠା, ଅର୍ଥାତ ପରସ୍ପରଙ୍କର ଧର୍ମ ଶାସନ କରେ ।

ଭଗବାନଙ୍କ ସୃଷ୍ଟିରେ ଏହି ଶାସ୍ତ୍ର, ମଧ୍ୟ ଓ ଉଚ୍ଚଶ୍ରେଣୀର ସୃଷ୍ଟି ହୋଇ ନାହିଁ । ତାହା କୃତ୍ରିମ ନା ଐଶ୍ୱରିକ ? ଏ ମୀମାଂସା କେହି କରେନା । ଏକ ମା ପେଟରୁ ଦୁଇପୁଅ ଜାତ ହୋଇ ଜଣେ ଧାର୍ମିକ ହେଉ ଓ ଅନ୍ୟ ଜଣେ ଦେଶଦ୍ରୋହୀ ହୁଅନ୍ତି ? ବୋଧହୁଏ ପିତାମାତାଙ୍କର ପକ୍ଷପାତିତା ତାର କାରଣ ନୁହେଁ । ଏହା ଐଶ୍ୱରିକ, ଜାଣି ଭାବବାଦ । କୃତ୍ରିମ ହେଉ ବା ଐଶ୍ୱରିକ ହେଉ ଏହି ପାର୍ଥକ୍ୟ ଦୂରକରି ପୃଥିବୀରେ ଧନ ସମ୍ପଦ ଓ କ୍ଷମତା ସମସ୍ତଙ୍କ ମଧ୍ୟରେ ବାଣ୍ଟିବାକୁ ଓ ପୃଥିବୀର ସୁଖ ସ୍ୱାଚ୍ଛନ୍ଦ୍ୟ ଓ କ୍ଷମତାରେ ସମସ୍ତେ ଅଂଶୀଦାର ହେବାକୁ ଓ ଲୋକ ଲୋକ ମଧ୍ୟରେ ସାମଞ୍ଜସ୍ୟ ଆଣିବାକୁ ପୃଥିବୀବାସୀ ମନୁଷ୍ୟ ଅନନ୍ତ କାଳରୁ ଏ ଜୀବନ-ସଂଗ୍ରାମରତ ଓ ଅନନ୍ତକାଳ ସଂଗ୍ରାମରତ ରହିବ ବୋଲି ଅନୁମାନ । ନା' ବୋଧହୁଏ ଏହା ସ୍ୱତଃସିଦ୍ଧ । ତାହାର ପ୍ରମାଣ ସିଦ୍ଧି ଲାଭର ଯାଗାପାଇଁ ଦେବତେ ଦାନବ ହସ୍ତରେ ଦାନବଙ୍କର ଅବସାନ, ବୋଧହୁଏ ଭଗବାନ୍ଙ୍କ ନିର୍ଦ୍ଦିଷ୍ଟ । ହାୟ ! ବାଧାଟାଙ୍କ ହିଁ ଜାତିର ! ହିନ୍ଦୁ ମୁସଲମାନ ମଧ୍ୟରେ ଐକ୍ୟର ସୁଖ-ସ୍ୱାଚ୍ଛନ୍ଦ୍ୟ ଓ କ୍ଷମତା ନିରପେକ୍ଷ ଭାବେ ବଣ୍ଟନ କରିବାକୁ ଯାଇ

ଗାନ୍ଧିଜୀ ଅତ୍ୟାଚାରୀ ଶାସକରେ ଦୃଷ୍ଟି ଦେଉଛନ୍ତି। ତାହାହିଁ ଗାନ୍ଧୀ-ଙ୍କର ସମ୍ବାଦ। ଏକ ଦେଶ ଅନ୍ୟ ଦେଶ ଉପରେ ରାଜୁତି କରି ନ ପାରେ; ତେଣୁ ଭାରତ ଛାଡ (Quit India) ଗାନ୍ଧୀଙ୍କର ସମ୍ବାଦ। ପଶୁବଳ ଗାନ୍ଧିଜୀଙ୍କ ଶତ୍ରୁ। ଆତ୍ମବଳ ନିର୍ଭରଶୀଳ ପାଇଁ ପଶୁବଳର ଆବଶ୍ୟକତା ନାହିଁ। ଆବଶ୍ୟକ ସତ୍ୟ ଓ ଅହିଂସା; ଆବଶ୍ୟକ ନିର୍ଭୀକତା; ଅହିଂସା ଓ ସତ୍ୟ ଉପରେ ଆସ୍ଥା; ଆବଶ୍ୟକ ପରୋପକାର ଇଚ୍ଛା। ତେଣୁ ସାମ୍ରାଜ୍ୟବାଦୀମାନଙ୍କର ପଶୁବଳ ଦୂର କରିବାକୁ ଗାନ୍ଧିଜୀ ଡାକରା ଦେଲେ Quit India, ଭାରତ ଛାଡ଼। ଭାରତ ଛାଡ଼ ଅର୍ଥ ବ୍ରିଟିଶ ଭାରତ-ଛାଡ଼ ନୁହେଁ। ବ୍ରିଟିଶ ଭାରତର ପରମ ବନ୍ଧୁ ବୋଲି ବାପୁଜୀ ବାରମ୍ବାର କହି ଯାଇଛନ୍ତି।

ଭାରତ ଛାଡ଼ିବାକୁ ଡାକ ଦେଲେ—ପରସ୍ୱାପହାର, ଅର୍ଥଶୋଷଣ କରିବାକୁ। ଏହାହିଁ ଗାନ୍ଧିଜୀଙ୍କର ସମ୍ବାଦ। ଭାରତ ଏ ସମ୍ବାଦ ଗ୍ରହଣ କରି ପାରିଛି କି? ଭାରତକୁ ଦ୍ୱେଷବୁଦ୍ଧି, ଜାତି ସ୍ୱାର୍ଥ ଓ ଅନୁଦାରତା ଯାଇଛି କି?

# ଷଷ୍ଠ ପରିଚ୍ଛେଦ

## ଅବସାଦ

ସ୍ୱାଧୀନତା-ସଂଗ୍ରାମ ବେଳେ ସାଧାରଣ ଲୋକର ମନୋଭାବ ଥିଲା ସ୍ୱାଧୀନତା ଲାଭ ପରେ ଆମର ଦୁଃଖ ଦୁର୍ଦ୍ଦଶା ରହିବ ନାହିଁ । ସ୍ୱାଧୀନତାର ପ୍ରକୃତ ସ୍ୱରୂପ ସମ୍ବନ୍ଧର ଲୋକମାନଙ୍କ ଶାନ୍ତି ଅନ୍ନ ଅର୍ଥ ଅଭାବରେ ନାଚୁଥିଲା । ଜାତିପିତାଙ୍କର କଳ୍ପିତ ରାମରାଜ୍ୟ ସତ୍ୟ ଓ ଅହିଂସା ଉପରେ ପ୍ରତିଷ୍ଠିତ ହେବ ଏବଂ ସମସ୍ତେ ସମସ୍ତଙ୍କର ଦୁଃଖାପନୋଦନ-ତତ୍ପର ହେବେ ବୋଲି ଆମର ନେତୃବୃନ୍ଦ ସ୍ଥିରବାକ୍ୟ ଦେଉଥିଲେ । କିନ୍ତୁ ସ୍ୱାଧୀନତା ଲାଭ ପରେ ଆମେ ଦେଖୁଛୁ ଏହା ସ୍ୱାଧୀନତା ନାମ-ମାତ୍ର ନୁହେଁ । ଏ ମହାର୍ଘ-ଦର୍ଶନ ନିମନ୍ତେ ଜାତିପିତା ପ୍ରାଣ ଦେଇ ନ ଥିଲେ । ଏ ସୁନା ନୁହେଁ ପିତଳ ମଧ୍ୟ ନୁହେଁ; ଉପରେ ସ୍ୱର୍ଣ୍ଣାଭ-ଆସ୍ତରପତ୍ର ଭଙ୍ଗା ପିତଳ, ଯାହା କୌଣସି କାମରେ ଲାଗିବ ନାହିଁ । ଚକ୍‌ଚକ୍‌କଣିଆ ପାତ୍ରରେ ଲୋକଙ୍କୁ ଠକା ଯାଉଛି ମାତ୍ର । ପ୍ରକୃତ ଅବସ୍ଥା ଅନୁଧାବନ କଲେ ଆମେ ଦେଖିବା, ଆମର ୧୨ ବର୍ଷର ଉପଯ୍ୟା ଶିଶୁଆ ଚପାଡ଼ାରେ ଯାଉଛି । ଶିଶୁଆ ମଧ୍ୟ ଦଂତଗ୍ରସିଆ ହୁଅ ବାରିଷ୍ଠ ଖାଉଛି । ଏସବୁ କାହିଁକି ହେଲା ? ବାଘ ମନୁଷ୍ୟକୁ ଭକ୍ଷ କରେ । କିନ୍ତୁ ଦୈବାତ୍‌ ଯେବେ ଘଟଣାରୁ ଯଦି ମନୁଷ୍ୟ ଧରେ ସେଇଟି ସେଥିରେ ମନୁଷ୍ୟକୁ ପର୍ଯ୍ୟନ୍ତ ଭକ୍ଷ ତାର ନାଳ କାଙ୍ଗାଳି ଏବଂ ମନୁଷ୍ୟ ରକ୍ତର ସ୍ୱାଦ ପାଏ ସେତେବେ ମନୁଷ୍ୟଖିଆ ଅନାୟତ୍ତ ତାକୁ ବିସ୍ୱାଦ ଲାଗେ । ବ୍ରାହ୍ମଣୀ-ସୁତରେ ବ୍ରାହ୍ମଣର ତ୍ୟାଗ ପଥ କଂଗ୍ରେସର ତ୍ୟାଗ ଇତିହାସ ଗଢ଼ିଲା । ଗାନ୍ଧିଜୀଙ୍କ ନେତୃତ୍ୱ ଓ ପ୍ରେରଣାରେ କଂଗ୍ରେସ ଦେଶର ସ୍ୱାଧୀନତା ଆଣିଲା—

ଏହା ସ୍ୱୀକାର୍ଯ୍ୟ । କିନ୍ତୁ ସର୍ବେ ସର୍ବେ ବାପୁଜୀଙ୍କର ଉତ୍ତରସାଧକ ଯୋଗୁଁ ହେଉ ବା ବାପୁଜୀଙ୍କର ମହାପ୍ରୟାଣ ପରେ ତାହାଙ୍କୁ କେତେକ ସହକର୍ମୀ ଓ ଅନୁକର୍ମୀଙ୍କର ଅସ୍ପୃହତା ଯୋଗୁଁ ହେଉ, ଏ ସ୍ୱାଧୀନତା ଯଥେଚ୍ଛାଚାରିତାରେ ପରିଣତ ହୋଇଅଛି । ବାପୁଜୀଙ୍କର ସୁଯୋଗ୍ୟ ଦାୟାଦ ଏ ଯଥେଚ୍ଛାଚାରିତା ନିବାରଣ କରିଲେ ଅତିମାନୁଷୀ ପରିଶ୍ରମ କରି ମଧ୍ୟ ଦେଶରେ ଖାଦ୍ୟାଭାବ, ବାସ୍ତୁହରା ସୃଷ୍ଟି ଓ କାଶ୍ମୀର ଅଭିଯାନ ପ୍ରଭୃତି ଦୈବଦୁର୍ଘଟଣାମାନଙ୍କ ଦ୍ୱାରା ତାଙ୍କର ଏ ଶୁଭ ପ୍ରଚେଷ୍ଟାରେ ବ୍ୟତିକ୍ରମ ଘଟିଥିବା କେବଳ ହଠାତ୍ ଲୌହମାନବ ସର୍ଦ୍ଦାର ପଟେଲଙ୍କ ତିରୋଧାନ । ତେଣୁ ନେହେରୁଙ୍କୁ ବାଧ୍ୟ ହୋଇ ଶାସନର ଅଯୋଗ୍ୟ କତିପୟ ସୁବିଧାବାଦୀ ଅନୁଗତଙ୍କ ଉପରେ ନିର୍ଭର କଲେ । ଏମାନେହିଁ ନେହେରୁଙ୍କୁ ତାଙ୍କର ବନ୍ଧୁ ଅସାମ୍ପ୍ରଦାୟିକ ଉପଯୁକ୍ତ ପ୍ରତିଷ୍ଠା ତ୍ୟାଗ କରିବାରେ ନିଘଡ଼ସ୍ମ କୁଚକ୍ରୀ ସେବେଠାରୁ ନେହେରୁଙ୍କ ଚିତ୍ତ ସିଂହାସନରେ ଏମାନଙ୍କୁ ଦୂର କରୁଛନ୍ତି । କିନ୍ତୁ ଏମାନେ ସମାନ ଅଯୋଗ୍ୟ ଜାଣି ମଧ୍ୟ ଏମାନଙ୍କୁ ନିର୍ମୂଳ କରାଇ ଛାଡ଼ିଦେବା ହେତୁ ଏମାନେ ଦୁର୍ନୀତି-ଦୁର୍ବୃତ୍ତି-ଚକ୍ରାନ୍ତର ହୋଇ ଦେଶର ସର୍ବନାଶ କରୁଛନ୍ତି । "କ୍ଷମା ଶତ୍ରୌ ଚ ମିତ୍ରେ ଚ ଯତୀନାଂ ସେବ ଭୂଷଣମ୍ । ଅପରାଧିଷୁ ସତ୍ତ୍ୱେଷୁ ନୃପାଣାଂ ସୈବ ଦୂଷଣମ୍ ।" ନେହେରୁଜୀଙ୍କୁ ମନେ ରଖିବାକୁ ହେବ, ଏମାନେ ନିରଙ୍କୁଶ ଦଣ୍ଡ; ଯାହା ଶାଇବେ ନାହିଁ । ଆଜି ଅନେକ ସର୍ବସାଧାରଣ ଏହା ନେହେରୁଜୀଙ୍କର ଏ ସୁଦୁର୍ଦ୍ଦଶା ହାଆରୁ ହୋଇଥାନ୍ତୁ, ତାହାହେଲେ ଆମର ଏ ଦୁରବସ୍ଥା ଆସି ନଥାନ୍ତା । ସେହିଁ ଗାନ୍ଧୀ ମହାତ୍ମାଙ୍କର ଗାନ୍ଧୀଜୀ ଆମଠାରେ ସୃଷ୍ଟି କରିଥିଲେ, ସ୍ୱାଧୀନତା ଲାଭ ପରେ ସବୁଙ୍କ ଦେଶର ମହାତ୍ମାଙ୍କ ଆମେ ରଖି ପାରିଲୁ ନାହିଁ । ତାହାର କାରଣ

ଶତ ଶତ ବର୍ଷ-ବ୍ୟାପୀ ଅନେକ ଦାସ ମନୋଭାବ ଆମର ଏପରି ଅନ୍ତର୍ମଜ୍ଜାଗତ ହୋଇ ପଡ଼ିଛି ଯେ ଦୀର୍ଘକାଳ ପିଞ୍ଜରାବଦ୍ଧ ପକ୍ଷୀ ହଠାତ୍ ପିଞ୍ଜର ମୁକ୍ତ ହେଲେ ଭାବନା ଓ ଦାଂଭର୍ଯ୍ୟାଦିରେ ହୋଇ ସେପରି ପିଞ୍ଜର ବାହାରର ମୁକ୍ତ ବାୟୁ ଓ ମୁକ୍ତ ଆଲୋକ ତା ପାଇଁ ଅସହ୍ୟ ହୁଏ ଓ କର୍ତ୍ତବ୍ୟ-ଶୂନ୍ୟ ହୋଇ ନ ପାରି ଓ ଭୟଭୀତବେଳେ ଦେଖି ମଧ୍ୟ କର୍ତ୍ତବ୍ୟ ପଥର ପଥିକ ନ ହୋଇ ପିଞ୍ଜର ମଧ୍ୟକୁ ଦୂଷିତ ବାୟୁ ଓ ଆଲୋକ ପୁନର୍ବରଣ କରେ, ସେହିପରି ପୁନଃ ପରାଧୀନତା-ପଙ୍କ ନିମଗ୍ନ ହେବାକୁ ଆମେ ଧାବମାନ ହେଉଁ ଓ ଫଳରେ ପରାଧୀନ ଥିବାବେଳେ ମଧ୍ୟ ଆମର ଯେଉଁ କିଛି ସୁବିଧା ସୁଯୋଗ ଥିଲା ତାହା ହରାଇ ଅତି କଷ୍ଟ ଓ ଦୁର୍ଦ୍ଦଶାଗ୍ରସ୍ତ ହେଉଁ । ଏଥିପାଇଁ ଦୋଷୀ ଆମେ ଓ ଆମର ଧର୍ମଧ୍ୱଜୀ ଧନ-ସମ୍ପଦ-ଶିକ୍ଷା-ଦୃଷ୍ଟ କତିପୟ ଅଯୋଗ୍ୟ ନେତୃ ଓ ତଥାକଥିତ ନେତୃବୃନ୍ଦ । ଏ ସବୁର ମୂଳରେ ରହିଛି 'ଅବସାଦ' । ଏହି ଅବସାଦ ଆମଣଙ୍କୁ ଗ୍ରାସ କରିଛି । ଅସୁସ୍ଥ ମାନବବାଦ, ଗଣତନ୍ତ୍ର ନ ହେବାର କାରଣ ଏହି ଅବସାଦ । ବର୍ତ୍ତମାନ ଜନସାଧାରଣଙ୍କ ମୁହଁରେ ଏକ କଥା । ଗଣତନ୍ତ୍ର ଆତଙ୍କରେ କହି କହୁଛନ୍ତି "ଗଣତନ୍ତ୍ର ଏପରି ଦୁର୍ନୀତି-ପରିପୂର୍ଣ୍ଣ ମୁଁ ଏକାକୀ କଅଣ କରିବି ? ମୋ ଦ୍ୱାରା କଅଣ ହେବ ? ଲୁଚ କାଟାଳ ମଧ୍ୟରେ ଗୋଟିଏ କପଡ଼ା ଭିଜିଲେ କପଡ଼ା ଭିଜାରେ ସେ ଗଣତନ୍ତ୍ରଙ୍କ ଉଦ୍ଦେଶ୍ୟ ହୁଏ ସିନା । ଏପରି ଅବସ୍ଥାରେ ମୁଁ ଯଦି କପଡ଼ା ଫିଙ୍ଗି ନ ଦେବି ମୋର ରକ୍ଷା ନାହିଁ" ଇତ୍ୟାଦି । ଏ ଅବସାଦ ଆମକୁ କ୍ଷୀଣପ୍ରାଣ କରୁଛି । ଗଣତନ୍ତ୍ର ଯଦି ଠିକ ବିପରୀତ କହନ୍ତେ— "ଗଣତନ୍ତ୍ର ଦୁର୍ବଳ ହେଉ, ମୁଁ ମୋ କାମ କରିଯିବି, ମୁଁ ମନୁଷ୍ୟ, ମୋ ଦ୍ୱାରା କଅଣ ସମ୍ଭବ ହୋଇ ନପାରେ, ମୋତେ ଭଗବାନ ସହାୟ ହୁଅନ୍ତୁ"— ତେବେ ଆମର ଭାଗ୍ୟ ଖୋଲେ ଖୋଲେ ହେଉନ୍ତା ।

ଗାନ୍ଧିଜୀଙ୍କର ରାମରାଜ୍ୟର ମୂଳସୂତ୍ର ଓ ମୂଳମନ୍ତ୍ର ଏହିଠାରେ। ଗାନ୍ଧିଜୀ-ଙ୍କର କଳ୍ପିତ ଭାରତରେ ପ୍ରତ୍ୟେକଙ୍କୁ ଏ ମୂଳମନ୍ତ୍ର ଶିଖିବାକୁ ହେବ। ମାତୃଭୂମି ବୋଲି ଭାରତକୁ ଭକ୍ତିଭାବ ମାତ୍ର ଦାବୀକର ପାରିବେ ଓ ତା'ଙ୍କର ନିଜ ବିଶ୍ୱାସରେ ନିଜ ବିଶ୍ୱାସ ଅନୁରୂପେ ଦେଶ ଓ ଜାତିର କଲ୍ୟାଣ କରିପାରିବେ। ଏଣୁ ଅବସାଦ ଯେଉଁ ଅମର ଧ୍ରୁବ ପଦରେ ଭୁଲ କରିବାର ଆଶଙ୍କା ରହିଅଛି। ଦୁନିଆଁରେ କିଛି ଭୁଲ କେହି ନାହାନ୍ତି। ସମସ୍ତେ ଏଠି ଭୁଲ କରୁଛନ୍ତି ତେବେ ଭୁଲ ମନୁଷ୍ୟ ପକ୍ଷେ ସ୍ୱାଭାବିକ। ଭୁଲ କରିବାର ସମସ୍ତଙ୍କର ଅଧିକାର ଅଛି। କିନ୍ତୁ ଭୁଲକରିଥିବାର ଅନୁଭବ ହେବା ମାତ୍ରେ ମୁକ୍ତ-କଣ୍ଠରେ ଭୁଲ ସ୍ୱୀକାର କରିବା ମନୁଷ୍ୟର ଶ୍ରେଷ୍ଠତ୍ୱ ଓ ଗବେଷଣାର ଧର୍ମ-ସମ୍ମତ ଗୁଣ। ତଦ୍‌ବ୍ୟତୀତ ମନୁଷ୍ୟଜାତିଅଁ ଦୁର୍ବଳ। ଏ ଜଗତର ସତ୍ୟବାଦିତା ସମାନ ଦୁନିଆଁରେ ଅନ୍ୟ ଜାଗାରେ କିଛି ନାହିଁ। ତାହା ଗାନ୍ଧିଜୀଙ୍କର ସତ୍ୟ ଓ ଅହିଂସା ବିରୋଧୀ। ତେବେ ଏ ଭୁଲ ଭାଙ୍ଗିବାରେ ମୁଁ ଅନାବନା ହେବି ନାହିଁ। ସରଳ ହୃଦୟରେ କର୍ତ୍ତବ୍ୟ ଜ୍ଞାନରେ କର୍ମ କରିଯିବି। ଭଗବାନ ଯେମିତି ସହାୟ ହେବେ, ମୋର ଭୁଲ ହେବ ନାହିଁ—ଏହି ବିଶ୍ୱାସ ପ୍ରତିଜ୍ଞାରେ ଅବଶ୍ୟ ହେବାକୁ ପଡ଼ିବ। ଏହାର ଅନ୍ୟଥା ଯେଉଁ ଅଜ୍ଞ କାଳାବଜାର ଦେଶକୁ କିମ୍ବା ବା ଅଜ୍ଞାତର କରାଉ, କିଏ ମିଛ ଦେଶରେ ଜନ୍ମ ଘଣାଘଣି କରୁଛି, ଦୁର୍ନୀତି ମନୁଷ୍ୟ ହୃଦୟରୁ ମାନବିକତାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କଲେଣି। କୌଣସି ସତ୍କାର୍ଯ୍ୟ କରିବାକୁ ସତ୍ ସାହାସ କୁଳାଉ ନାହିଁ। ଦୁର୍ନୀତି ସବୁ ବିଭାଗକୁ ଏପରି ଗ୍ରାସ କଲାଣି ଯେ, ସେଥିନ ଦେଶବନ୍ଧୁ ନେତାଙ୍କୁ ନୈରାଶ୍ୟାଭିଭୂତ ହୋଇ ଅବ-ସରପ୍ରାପ୍ତି ହୋଇ ପଡ଼ିଲେ। ବିଦେଶୀ ଶାସନର ପୋଲିସ ରାଜତ୍ୱ ଦେଖାଦେଖି ବିଦ୍ୟମାନ। ପୋଲିସ କର୍ମଚାରୀ ଏବେ ବି ସ୍ୱାଧୀନ ଦେଶ

ସାଧାରଣର ସେବକ ହୁଏନି, ସାଧାରଣର ମାଲିକ । ଏଣୁ ମତ୍ୟ ସ୍ୱତ୍ର ଟୋଲିସ ଟେଲିଫୋନ୍‌ଟିଗ୍ରୀ ପଞ୍ଚତନ୍ତ୍ର । ଅବଶ୍ୟ କର୍ମସ୍ୱରୂପ ଶିକ୍ଷାର୍ଥୀଙ୍କର ମତାମତକୁ ଦ୍ୱାରା ପରିସ୍ଥିତି ପ୍ରେରଣା ଶକ୍ତିକୁ ସ୍ଥିର ରଖିବାକୁ ଯେଉଁ ଦୁର୍ଦ୍ଦିନର ସୃଷ୍ଟି ହୋଇଛି । ତାହା ସମସ୍ତ ଦେଖି, ଦେଶ ନାହାନ୍ତି । ମାତୃଭାଷା ମାଧ୍ୟମ ଓ ଅଧିକ କରୁଥିବା ପାଠ୍ୟ ଶିକ୍ଷା ପ୍ରଣାଳୀର ମଧ୍ୟ ଶିକ୍ଷକ ଧାରଣା ବଦଳାଇ ଶିକ୍ଷକ ତାହା ଉଦାରୀକରଣ କରିବାକୁ ପ୍ରସ୍ତୁତ-ପଦ ନୁହଁ । ଏଣୁ ସ୍କୁଲ୍ କଲେଜମାନ ଶିକ୍ଷା ବ୍ୟବସାୟ ବଜାର ମାତ୍ର । ଅଧିକ କାରଣ କହିବା ଜାଣିଲି, ପୁଞ୍ଜି ଓ ଟେକ୍‌ନୋଲୋଜି ଆସିବାର କର୍ମସ୍ଥଳମାନଙ୍କର ଧାରଣା ସେମାନଙ୍କର ପଦବୃଦ୍ଧି ବୋଲି ପରିବର୍ତ୍ତିତ ହୋଇଥିବାର ଦୃଶ୍ୟ ବିରଳ ନୁହେଁ । ବିଶ୍ୱବିଦ୍ୟାଳୟରେ ବିଭାଗର କାର୍ଯ୍ୟ ଦୈନନ୍ଦିନ ପରୀକ୍ଷା ଓ ବିଶ୍ୱବିଦ୍ୟାଳୟ ଅର୍ଥ ପ୍ରାର୍ଥୀର କାରଖାନା ମାତ୍ର ।

ଅମୃତଭଳି ଶାନ୍ତି ନ ହେଲେ ମୁଁ ତାକୁ ଛାଡ଼ିବ ? ତତ୍ତ୍ୱ-ଧାମ ଦେଇ କଳାକୃତିକୁ ତାହା ସଞ୍ଚୟ କରି ମୁଁ ବାହାରେ କହିବି କଳାବିତ୍‌ର ସ୍ୱୀକୃତି ଦିଅନାହିଁ । ନିଜକୁ ଜୀବନରେ ପ୍ରତିଷ୍ଠିତ କରିବାକୁ ନିଜେ ଲକ୍ଷ ଚିନ୍ତାର ମୁକ୍ତି କର ଅନ୍ୟକୁ କହିବ "ଲକ୍ଷ ଦିଅନାହିଁ । ସ୍ୱାଧୀନତାର ସ୍ୱତ ଅଧିକାର ।" ଅନ୍ତିମ ସତ୍ୟ କହିବାକୁ ଶାସ୍ତ୍ରରେ ମଧ୍ୟ ମନା । ଏହି କାରଣରୁ ଆଜି ଆମର ଏ ଅବସ୍ଥା ।

ବର୍ତ୍ତମାନ ଦେଶରେ ଓ ସମଗ୍ରର ସମାଜରେ ଏହିସବୁଙ୍କୁ ପ୍ରତ୍ୟାଶିତ ବାଂଗ୍ମିତାର ମୂର୍ତ୍ତି । ଏହିସବୁଙ୍କୁ ଅନେକ ଜଣ ଜାଣନ୍ତି ନିଜର ଆଦିକୁ ଠିକ ଚିହ୍ନି ନାହାନ୍ତି । "ମାତୃସ୍ନେହ ସତ୍ୟମେବ ଜୟତେ" ଏହାକୁ ଯେଉଁ ମାନବିକତା ବଶବର୍ତ୍ତୀରେ ପରଖିବାକୁ ହେବ । ସତେ-ଭଳି ଶିକ୍ଷା ନୀତି କର୍ମସ୍ୱରୂପ ଲକ୍ଷ ନେଲେ ଓ କିଛି ଜୁଲମ

କଲେ । ଲକ୍ଷ ଲୋକଙ୍କର ଭାର ତାଙ୍କ ଉପରେ । ତାଙ୍କର ଏ କୁକର୍ମ ଲୋକଙ୍କୁ ନିରୁତ୍ସାହ କଲା । ମୁଁ ଯଦି ଏ ଦୁଃଖମାନ ଦେଖିଛି, ଜାଣିଛି, ତଥାପି ଉପଦେଷ୍ଟା ରହିବାଙ୍କ ପାଇଁ ମୁଁ ଗାନ୍ଧୀ ଯାତ୍ରାରେ ପଳାଇଲି ନାହିଁ ତେବେ ମୁଁ ଖାଲି ମୋତେଇ ଦେଖିଲି ଓ ଦେଖିଲି ସେହି କର୍ମକ୍ଷେତ୍ରକୁ ଓ ଦେଖିଲି ତାଙ୍କ ସଙ୍ଗେ ମୋର ବନ୍ଧୁତାକୁ । ତେଣୁ ମୁଁ ଅସ୍ୱସ୍ଥ ହୋଇ ସର୍ବନାଶ କଲି ଲକ୍ଷ ଲୋକଙ୍କର । ତାହା କରିବାର ମୋର କି ଅଧିକାର ଅଛି ? ତାହାକି ମୋର ମନୁଷ୍ୟପଣିଆ ବା ମାନବିକତା ? ହଁ ଏହା ହୋଇପାରେ — ଏ କଥା ଯଦି ମୁଁ କହୁଛି ତେବେ ପ୍ରମାଣ କରିପାରିବି ନାହିଁ । କାହିଁକି ନା ସମସ୍ତ କ୍ଷତିକର୍ମୀମାନଙ୍କର ପକ୍ଷ ନେବେ । ଫଳରେ ଅଯଥା ଶକ୍ତି ଦଣ୍ଡରେ ଦଣ୍ଡିତ ହେବ । କିନ୍ତୁ ଏହିଠାରେ ହିଁ ମୋର ମାନବିକତା, ଏହାହିଁ ମୋର ସ୍ୱାଧୀନତା । ଏହାର ବିପରୀତ କରିବା ଅତେଜା ନିରସ୍ତ୍ରଗମନ ଚେଷ୍ଟାସ୍ୱର । ପୂର୍ବେ ରାଜା ଜରାସନ୍ଧ ମହାଦେବଙ୍କ ଠାରେ ବଳିଦେବାକୁ ଏକଲକ୍ଷ ରାଜା ବନ୍ଦୀ କରିଥିଲେ । ଶ୍ରୀକୃଷ୍ଣ, ଭୀମ, ଅର୍ଜୁନ ତାଙ୍କୁ ମାରିବାକୁ ଯାଆନ୍ତେ ଜରାସନ୍ଧ ପ୍ରଶ୍ନ କଲେ, "ମୁଁ ତୁମର କିଛି ଅନିଷ୍ଟ କରିନାହିଁ । ମୁଁ ଲକ୍ଷରାଜାଙ୍କୁ ବଳି କରିବାରେ ତୁମର କି ଅଛି ଯେ ମୋତେ ଯୁଦ୍ଧ ମାଗୁଛ ?" ଏହାର ଉତ୍ତରରେ ଶ୍ରୀକୃଷ୍ଣ ଯାହା କହିଥିଲେ ତାହା ଆଜି ପ୍ରତ୍ୟେକଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ମନେ ରଖିବାକୁ ହେବ । ସେ କହିଲେ "ଶକ୍ତି ଥାଇ ଅନ୍ୟର ପାପପାଦ୍ୟମ ଦୂର ନ କଲେ ପାପଭାଗୀ ହେବାକୁ ହୁଏ ।" ଏହାର ଏ ଅର୍ଥ—ହେଉଁ ଶାସନ । ତୁମେ ଯଦି ବଳରେ ବଳୀୟାନ ହୋଇ ଲକ୍ଷ ରାଜାଙ୍କୁ ଉଦ୍ଧାର ଅନେକ ମନୁଷ୍ୟତ୍ୱ ସ୍ରୋତ ବୁହାଇଛ । ତତ୍ପର ସେମାନଙ୍କୁ ବନ୍ଦୀ କରି ଅତ୍ୟନ୍ତ କଷ୍ଟ ଦେଉଛ ଏବଂ ଶେଷରେ ସେମାନଙ୍କୁ ବଳି ଦେବାର ଉଦ୍ଦେଶ୍ୟରେ ଅତ୍ୟନ୍ତ ପାପ ମୁଣ୍ଡାଉଛ ।

ସେଥିରୁ ବିରତ ହେବାକୁ ତୁମକୁ କହିଲେ ମଧ୍ୟ ତୁମେ ମାନିବ ନାହିଁ ବରଂ ମରିବ । ତୁମକୁ ସେଥିରୁ ବିରତ ନ କଲେ ସେ ପାପ ଆମ ମୁଣ୍ଡରେ ପଡ଼ିବ । ସେହେତୁ ତୁମକୁ ସେଥିରୁ ବାରଣ କରିବାକୁ ବା ତୁମକୁ ମାରିବାକୁ ଆମର ଶକ୍ତି ରହିଛି । ଯଦି ବା ସେ ଶକ୍ତି ନ ଥାଏ ଓ ତୁମେ ଆମକୁ ମଧ୍ୟ ଜିଣି ପକାଇବ, ସେହି ଅବ-ଧ୍ୟାନରେ ଆମ୍ଭର ମଧ୍ୟ ମହାପୁଣ୍ୟ ଅଛି । ତୁମ୍ଭେ ଏ ଭଳି ମହାପୁଣ୍ୟ ସଞ୍ଚୟରୁ ଆମେ କାହିଁକି ବଞ୍ଚିତ ହୋଇ ଯିବୁ ?" ଏହି "ଶକ୍ତି ରହିଛି" ବାକ୍ୟକୁ ଉପରେ ଲେଖି ସମସ୍ତଙ୍କ ଲୁଗାରେ ଫୁଲିଲ ଧୁଆ-ଯାଆନ୍ତୁ କି ? "ଶକ୍ତି ରହିଛି" ଏହି କଥାରେ ଯୋର ଦେବାକୁ ହେବ । ଯେ ପର୍ଯ୍ୟନ୍ତ ପ୍ରାଣ ରହିଛି ସେ ପର୍ଯ୍ୟନ୍ତ ଶକ୍ତି ରହିଛି । ଗୃହସ୍ଥ ଘରେ, ବ୍ୟବସାୟୀ ବ୍ୟବସାୟରେ, ରାଜନୀତିଜ୍ଞ ରାଜନୀତିରେ, ଶିକ୍ଷକ ବିଦ୍ୟାଳୟରେ, ଯଦି ରହିଲେ ଯେ ସହି ରହିଥାନ୍ତି, ସେ ସେଠାରେ ହିଁ ଏ ନୀତି ପ୍ରଯୁକ୍ତ କଲେ ସେମାନଙ୍କ ସ୍ୱରାଜ୍ୟ ସ୍ଥାପିତ ହେବ ଓ ଦେଶରେ ଶାନ୍ତି ଶୃଙ୍ଖଳା ସ୍ଥାପିତ ହୋଇ ଦେବ ଓ ଜାତି ସମୃଦ୍ଧିମନ୍ତ ହେବ । ଭଗବାନ କରନ୍ତୁ "ଦେଶୋନ୍ନତିଂ ସାଧ୍ୟ-ରହିତା" ହେଉ ।

# ସପ୍ତମ ପରିଚ୍ଛେଦ

## ଆଡ଼ମ୍ବର

ଆମର ପୁରାଣରେ ଅଛି ଶ୍ରୀକୃଷ୍ଣ ଯେତେବେଳେ ଅଳ୍ପ ବର୍ଷୀୟ ବାଳକ, ସେତେବେଳେ ନନ୍ଦରାଜା ଇନ୍ଦ୍ରଙ୍କ ପାଇଁ ଯାଗହୋମ ଆୟୋଜନ କଲେ । ସେଥିରେ ପୂଜାଦ୍ରବ୍ୟର ଆୟୋଜନ ହେଲା ତାହା କହି ହେବ ନାହିଁ । ଶ୍ରୀକୃଷ୍ଣ ପଚାରିଲେ "ଏତେସବୁ ଜିନିଷ କାହିଁକି ହେବ ?" ବାପା କହିଲେ "ବାବୁ, ଏ ସବୁ ଇନ୍ଦ୍ରଙ୍କ ପାଇବା ସକାଶେ ଅଗ୍ନିରେ ହୋମ ହେବ ଅର୍ଥାତ୍ ପୋଡ଼ାଯାଇ ଦିଆଯିବ ।" ଶ୍ରୀକୃଷ୍ଣ କହିଲେ "ନା ଏ ସବୁ ଦରିଦ୍ରଙ୍କୁ ଦେଇ, ଆଉ ଗୋରୁ ଆମର ଅନାହାରୀ ସ୍ୱଦେଶ ଆଉ ଦେଶୀ ଗୋଷ୍ଠୀ-ବାସୀ ସନ୍ତୁଷ୍ଟ କରି ଦେବସେବା-ପରିପୂର୍ଣ୍ଣ ହେଉ ।" ପୁଣି ଗୋପାଳେ ନନ୍ଦ ସେଥିରେ ସମ୍ମତ ହୋଇ ସେହିପରି କଲେ । ଆମର ହିନ୍ଦୁ ଦେବତାମାନେ ବଡ଼ ବଦରାଗୀ । ଇନ୍ଦ୍ର ମନ୍ତ୍ରି-ସଭାରେ ଇନ୍ଦ୍ରଦେବତା ରାଗି ଗଲେ ଓ ଅସୁରକ୍ । କହି କହିଲେ "ଗୋପପୁର ଭସାଇ ଦେବି, ଦେଖିବା କିଏ ସେଠାକୁ ରକ୍ଷାକରିବ ।" ସେତିକିବେଳେ ମୂଷଳ ଧାରାରେ ଅବିରାମ ବୃଷ୍ଟି ହେଲା । ଇନ୍ଦ୍ରଦେବ ବର୍ଷା, ଶିଳାପଡ଼ିବାର ମୂଷଳଧାରା ସଙ୍ଗେ ବାତ୍ୟାର ବଜ୍ର ପ୍ରହାର କରି ଗୋପପୁର ଅସ୍ଥିର କଲେ । ସମସ୍ତେ କହିଲେ "ଏ ଗୋପାଳ ଟୋକା କଥାରେ ପଡ଼ି ସର୍ବନାଶ ହେଲା ।" ଶ୍ରୀକୃଷ୍ଣ ହସିକା କହିଲେ "ଡରିବାର ନାହିଁ । ଏହାର ଉପାୟ କରୁଛି ।" ସେଠୁଁ ଯାଇ ଗୋବର୍ଦ୍ଧନ ଗିରି ଉପାଡ଼ି ଆଣି ଛତାପରି ତାକୁ ଧରିଲେ ଓ ସମସ୍ତଙ୍କୁ ଡାକିଲେ ଆସ ଏ ଛତା ତଳକୁ । ସମସ୍ତେ ଦୌଡ଼ି ଗଲେ ଆଶ୍ରୟ ନେଲେ; ଦେଖିଲେ ବାଳକ ଗୋପାଳର ମହାଶକ୍ତି ରହିଛି । ଜାଣିଲେ ଏହା ସଙ୍ଗେ ସମ୍ପୃକ୍ତ । ତେଣୁ ସମସ୍ତେ (ଗୋବର୍ଦ୍ଧନଙ୍କରେ

ଅଛି କାରଣ ଥିବ; ବାଡ଼ିମାନ ଖଞ୍ଜା ଦ୍ୱାରା ଚିହ୍ନିତ ହୋଇ-
ଥିଲେ । ଇନ୍ଦ୍ରଦେବ ସାତଦିନ ପର୍ଯ୍ୟନ୍ତ ବର୍ଷା ବଜ୍ର କରୁଥିଲେ ।
ଏହି ତାହା ଟଳାଇବାକୁ ତାଙ୍କ ଦେହରୁ ଅବଶ ନର୍ମିଙ୍କ । ଶେଷରେ ବା-
ହାରିଲେ ଯୁଦ୍ଧଦେବ ସମ୍ପାଦିଲେ । ମୁନିଙ୍କର ନାମ ହେଲା ପିଣ୍ଡଧାରୀ ।
ଆମର ଏ କଳିଯୁଗର ଟିଳକଙ୍କ, ମହାତ୍ମାଗାନ୍ଧୀ, ଜବାହାର,
ବଲ୍ଲଭଭାଇ, ରାଜଗୋପାଳ, ଅବୁଲ କାଲାମ ଆଦି ସହକର୍ମୀମାନଙ୍କ
ସହଯୋଗିତ ସ୍ୱାଧୀନତା-ଚିହ୍ନ ଧାରଣ କରି ଆମକୁ ସ୍ୱାଧୀନତା
ସଂଗ୍ରାମରେ ଉପଯୁକ୍ତ କଲେ । * ଉପଯୁକ୍ତ କରି ଆମର ଦୀକ୍ଷା
ସମ୍ପତ୍ତି ପାଇଁ ପ୍ରାଣ ଦେଇଦେଲେ । ନେପୋଲିୟନ, ଅଲେକଜାଣ୍ଡର
ଓ ଭୀମ ସମକକ୍ଷ ବୀର ବଲ୍ଲଭଭାଇଙ୍କର ଦୃଢ଼ତା ନିଷ୍ଠା ମହାନଙ୍ଗ
ନାନାଦିଗରେ ଭାରତ ରାଜ୍ୟକୁ ସମ୍ମିଳିତ କରିଲେ । ତାଙ୍କ ଏକ
ମହା ସମ୍ମିଳନରେ ବାଣିଜ୍ୟର ଏକତା ଲାଭ ନ କରୁଣ
ହେଉ । ତାଙ୍କର ତିରୋଧାନ ହେଲା ।

ବ୍ରାହ୍ମଣ ସମକକ୍ଷ ରାଜନୀତିଜ୍ଞ ସ୍ୱଦେଶପ୍ରାଣ ରାଜନୀତି ଓ
ଧର୍ମନୀତି ଏକ ହେବାକୁ ପ୍ରମାଣ କରିବାକୁ ଅଛି ମଧ୍ୟ ଅଶୀତି ବର୍ଷ
ବୟଃକ୍ରମକାଳରେ ଅମିତ ତେଜରେ ହେଉଛନ୍ତି । ସର୍ବୋପରି
ଭାରତରତ୍ନ ଜବାହାର ଦେଶବାଳାଙ୍କ ଦେଶରତ୍ନ ଓ
ନେତାଙ୍କୁ ସୈନିକରେ ବାପୁଜୀ ଓ ସର୍ଦ୍ଦାରଜୀଙ୍କ ଅପୂର୍ଣ୍ଣ ଶାସ୍ତ୍ର
ସମ୍ପୂର୍ଣ୍ଣ କରିବାକୁ ତନ ମନ ଧନ ଆମପାଇଁ ଉତ୍ସର୍ଗ କରୁଛନ୍ତି ।
ଗୋବର୍ଦ୍ଧନଗିରି ଧାରଣରେ ଗୋପ ପୋକାମାନେ ଯେଉଁ ସହାୟ

---

* ଭୂମି ସେବକ ଗାନ୍ଧିଙ୍କ ଶତ ନାନାଦିରେ ଯାତ୍ରା ସେହି
ମହାପୁରୁଷ ପଞ୍ଚେଶ୍ୱର ହେବେ ପାଣିଗ୍ରହଣ ସତ୍ୟ ଓ ଅହିଂସା
ଶତ ନାନାଦିରେ ଭାରତ ସହ୍ୟ ଲଭିବ ।

ଶାସନରେ ଲକ୍ଷଣମାନ ଦେଖା ଦେଉଥିଲେ ଏବଂ ସେଥିରୁ ହିଁ ଶାବା-
ପଣ ହୋଇ ଏପରି ଧାରା ଅନେକ ସ୍ତୁତ୍ର କାମ୍ଭ ଶାଳିକ ସମ୍ଭବପରିତା
ଦେଖି ପାରିଥାନ୍ତି, ତେବେ ବାମୁନଙ୍କର ଓ ଶର୍ମାଙ୍କଣୀଙ୍କର
ଅତିରିକ୍ତ ଧାନ ପରେ ମଧ୍ୟ ଦେଶ ମେଲିଲା ତେବେ ଶାନ୍ତି ସମ୍ଭବ
କରିଥାନ୍ତା । କିନ୍ତୁ ଧାର୍ମ୍ମ; ଅଦୂରଦର୍ଶିତା ଓ ଅସ୍ପୃଶ୍ୟତା ଯୋଗୁଁ
ଏପରି ସୁଦର୍ଶନ-ଚକ୍ର-ସ୍ଥ ହୋଇ ନଷ୍ଟ ଯୌଗି ଦେଇ ବିକଳେଣ
ଆଉ ମଧ୍ୟ ନେତୃତ୍ବଙ୍କ ହସ୍ତରେ ଗିବ ଲୁଣ୍ଠଦେଇ ସମ୍ପ୍ରଦାୟୀ
ଲକ୍ଷ୍ୟର ତଥା ସାଧାରଣଙ୍କ ପରିବେଶରୁ କାଢ଼ି ଦୂର ସ୍ଥାନରେ
ଜାଣି ବସିଲେ । କିନ୍ତୁ ଆସ୍ ଏପରି ସ୍ତ୍ରୀ ସ୍ତ୍ରୀ କରିଲେ ବୁଝନ୍ତି ।
ଏପରି ଜଣ, ଦେଶ ଯାଉନାହିଁ । କିନ୍ତୁ ଆସ୍ କିଛି ଆଶା କରିବ
ନା ଶିକ୍ଷିତ ଅନୁମାନିକ ଅପସାରଣ କରିବ । ତଥ ଅତିଷ୍ଠ ପୁଣି,
ଇତ୍ୟ ଅପସ୍ଥ ହେଲେ ମଧ୍ୟ ପ୍ରାୟତର ଓ ସଙ୍ଗ ସମ୍ପ୍ରତ ତଥା
ଇତ୍ୟ ପ୍ରତିଯୋଗୀଙ୍କର ବିଷ ପ୍ରସାର ହେଲିଛି । ପରିଚାଳୀ ଗୁରୁ
ଭୂ-ଖଣ୍ଡରେ ଏ ଇତ୍ର ଅଭ୍ୟନ୍ତର-ସହିତ ସମ୍ଭବପର ଇତ୍ରଙ୍କର
ପୁନରୁଦ୍ଧାରଣ ପାଇଁ ନ ହେଲେ ଅନ୍ତତଃ ବିଶ୍ବଶାନ୍ତି ପାଇଁ 'ଜେହାଦ୍'
ସେ ସମ୍ପର୍କରେ ସନ୍ଦେହ ନାହିଁ । ସଂସ୍କୃତରେ ଯେଉଁ ଅମୂଲ୍ୟ
ରତ୍ନ ରହିଛି, ସେଥି ଲୁପ୍ତ ରତ୍ନୋଦ୍ଧାର ଦେଶହିତୈଷୀ ପ୍ରତ୍ୟେକ
ଭାରତୀୟର ପବିତ୍ର କର୍ତ୍ତବ୍ୟ । ବିବାହ, ଶ୍ରାଦ୍ଧ, ଅନ୍ତ୍ୟେଷ୍ଟି କ୍ରିୟା ଛଡ଼ା
ପର୍ବ ପର୍ବାଣୀ, ବ୍ରତ ଓଷା ଆଦି ଏତେ ଅନାବଶ୍ୟକ ଆଡମ୍ବର
ସୃଷ୍ଟି ହୋଇଛି, ବର୍ଷର ୩୬୫ ଦିନରେ ଅନ୍ତତଃ ୩୦୦ ପର୍ବ ପର୍ବାଣୀ
କରିବାକୁ ପଡ଼ୁଛି । ଏହି ପର୍ବ ପର୍ବାଣୀର ବହୁଳତା ଯୋଗୁଁ ସେ
ସବୁରେ ବିଶ୍ୱାସହୀନତା, ଅଜ୍ଞାନତା, ହୃଦୟହୀନତା ଏପରି
ଭରିଗଲାଣି ଯେ ପର୍ବ ପର୍ବାଣୀ ପାଳନର ଉଦ୍ଦେଶ୍ୟ ବ୍ୟର୍ଥ
ହୋଇଛି, ରହିଛି କେବଳ ଶୁଷ୍କ କାଷ୍ଠ ପାଷାଣ ନାମ ମାତ୍ର ।
ଏହି ଶୁଷ୍କ କାର୍ଯ୍ୟ ସକାଶେ ଦୃଢ଼ ନା ବୈଷୟିକ ନା ଆଧ୍ୟାତ୍ମିକ
ଉନ୍ନତି ହୋଇ ପାରୁଛି । ଆଷାଢ଼ ମାସରେ ଗୁଣ୍ଡିଚା ବା
ରଥଯାତ୍ରା ତଥା ଚନ୍ଦନଯାତ୍ରା । ପୁରୀ ଜଗନ୍ନାଥ କ୍ଷେତ୍ର ଓ ମାହେଶୀ
ଆଦି କେତେ ସ୍ଥାନ ଲୁଚିଦେଲେ ଅନ୍ୟ ଦେଖିବାକୁ ପାଇଁ,
ଏ ଯାତ୍ରୀଙ୍କୁ ଓ ବୈଦ୍ୟୁତିକ ଜଳ ସ୍ଥଳ ଓ ଆକାଶଯାନ ଯୁଗରେ
ଆଧୁନିକ ବହୁ ଅଧ୍ୟବସାୟରେ ଏକ ଜାମ୍ବୁତ କାଠାଗାର କାଷ୍ଠ
ରଥର ନିର୍ମାଣ । ଆଧୁନିକ ସ୍ୱାଦ ଯୋଗୀ ନଥିବା ଜଗନ୍ନାଥ
ଆଦି ମୂର୍ତ୍ତି ତହିଁରେ ସ୍ଥାପନ ପୂର୍ବକ ତାହା ଟାଣିବାରେ ଅସଂଖ୍ୟ
ଲୋକଙ୍କର ଏକଧାରାରେ ଆଗ୍ରହ । ଆଜି ଏହି ମହାର୍ଘ ଦର୍ଶନ ସକାଶେ
ଆବଶ୍ୟକତା ଥାଉ ବା ନ ଥାଉ, ଅସଂଖ୍ୟ ନର ନାରୀ ଉପସ୍ଥିତ ।
ପଚିଶ ବର୍ଷ ମଧ୍ୟରେ ଯେଉଁ ସବୁ ଜନତା ବନ୍ଦୀ ନ ହୋଇ

ଯାଉ ଉଠୁଥିଲ, ଏପରି ଘିଅ, ତେଲ, ଗୁଡ଼, ଫଳ ସବୁ ଚୋରାଇ ଗୁଡ଼ିଲ, ଲହୁଣୀ, ଦହି, ମୁଢ଼ିରେ ନାନା ଜିନିଷ ମିଶାଇ ବଳ ଦେଉଛ- ଅଛି। ଫଳରେ ସ୍କୁଲ ବାଳକବାଳିକାଙ୍କ ସ୍ୱାସ୍ଥ୍ୟନାଶ। ସରକାରଙ୍କ ଦୋଷ ନାହିଁ, ଇଥିପାଇଁ ଲୋକଙ୍କୁ ଜେଲଖାନାର ଅବସ୍ଥା ତାହାର ଦେଖେ ମହାପ୍ରାଣୀ ମଣି, ପରିବାର ଓ ସମାଜ ଉଦ୍ଧାର ହେଉଛନ୍ତି। ତେଣୁ ସେତେବେଳେ ଅଣର ଓ ଅନ୍ୟ ଦେଶର ଲୋକର ଅପବାଦ୍ୟ କଥା କୁ ଲେଖିଲେ ଚଳିବ। ଭାଗବତରେ ଭଗବାନ କହୁଛନ୍ତି :—

ଶ୍ରଦ୍ଧା ନ ଥାଇ ଅନ୍ତର୍ଗତ,
ମୁଁ ତାହା ଲୁଚିବି ତେମନ୍ତେ।

ରାମନବମୀ ଓ କୃଷ୍ଣାଷ୍ଟମୀ ଆଦି ଦେବଦେବ ଶାସ୍ତ୍ର ଧର୍ମ ଯଥାଶାସ୍ତ୍ର ପାଳନରେ ଭକ୍ତର ହେଲେ ଅପରି ଉପବାସ ନାହିଁ। ଏ ସବୁର ଉଦ୍ଦେଶ୍ୟ ସ୍ୱାସ୍ଥ୍ୟରକ୍ଷା। ଯେଉଁ ଦେଶ ସ୍ୱାସ୍ଥ୍ୟରକ୍ଷା ଶିଖି ନାହିଁ, ସେ ଦେଶର ଉନ୍ନତି ନାହିଁ। ଆଜି ଉପବାସ ତ ସବୁ ଧର୍ମରେ ରହିଛି। ଉପବାସ ଧର୍ମସମ୍ମତ ମାନସିକ ଏକତା, ମାନସିକ ଓ ଶାରୀରିକ ବିଶ୍ରାମ ଦେଇଥାଏ। ଉପବାସ ସ୍ୱାସ୍ଥ୍ୟସମ୍ମତ। 'ଶରୀର ମାଦ୍ୟଂ, ଖଳୁ ଧର୍ମ ସାଧନମ୍।'

ଶରୀର ଉପରେ ଅତିମ ଯେଉ ଲୋକଙ୍କର ଅତ୍ୟାଗ୍ରହ କରୁ- ଥାନ୍ତି ଅର୍ଥାତ୍ ଅଖାଦ୍ୟଭୋଜନ ଅତିଭୋଜନ ଅନାବଶ୍ୟକ। ସେମାନଙ୍କୁ ଦେହକୁ ରକ୍ଷା କରିବାକୁ ଓ ବିଶ୍ରାମ ଦେବାକୁ ଓ ସ୍ୱାସ୍ଥ୍ୟ ସମ୍ବର୍ଦ୍ଧନ ପାଇଁ ଉପବାସ ନିତାନ୍ତ ଆବଶ୍ୟକ। କିନ୍ତୁ ଉପବାସ କଷ୍ଟକର ହେଲେ ମଧ୍ୟ କର୍ତ୍ତବ୍ୟ। ଯଦି ତାହା ପାରିବେ ନାହିଁ, ସାମାନ୍ୟ ଫଳମାଣି ପଥ୍ୟ ଗ୍ରହଣ କରାଯାଇପାରେ। ସେ ସାହା- ଯ୍ୟରେ, ମାସକୁ ଥରେ ବା ଦୁଇଥର ବାଧ୍ୟତାମୂଳକ ଭୋଜ- ନ୍ତୁ ଓ ନିୟମ ଦ୍ୱାରା ସୁରକ୍ଷିତ ପାଳନୀୟ। ବାଧ୍ୟତାମୂଳକ

ତଦତିରିକ୍ତ ଦୃଢ ନିୟମ ସମାଜର ପରିଚାଳକ । ଖ୍ରୀଷ୍ଟିଆନ୍ ରବିବାର ଦିନ, ମୁସଲମାନ ଶୁକ୍ରବାର ଦିନ ଉପାସନା କରନ୍ତି । ହିନ୍ଦୁ ପାଇଁ ଉପାସନାର ନିର୍ଦ୍ଦିଷ୍ଟ ସମୟ ନାହିଁ କାରଣ ହିନ୍ଦୁର ଉପାସନା ପ୍ରତି କାର୍ଯ୍ୟରେ ପ୍ରତି ମୁହୂର୍ତ୍ତରେ । ହିନ୍ଦୁର ଉପାସନା ପ୍ରଣାଳୀ ପରି ସୁନ୍ଦର ଉଦ୍ଭାବନ ଆଉ ନାହିଁ । ହିନ୍ଦୁ ପ୍ରତି ମୁହୂର୍ତ୍ତରେ ପ୍ରତି କାର୍ଯ୍ୟରେ ଭଗବାନଙ୍କୁ ସମୀକ୍ଷଣ କରେ । ହିନ୍ଦୁର ପୂଜାବିଧି ମଧ୍ୟ ଅତି ସରଳ । ସୂର୍ଯ୍ୟାର୍ଘ୍ୟ ପ୍ରଦାନ କଥା ଧର ନିଅଯାଉ । ସ୍ନାନ ଦ୍ୱାରା ପୂତ ଶାନ୍ତ କଳେବରେ ହିନ୍ଦୁ ସୂର୍ଯ୍ୟଙ୍କୁ ତିନି ଅଞ୍ଜୁଳା ଜଳ ପ୍ରଦାନ କରେ । ବାହାରୁ ଦେଖିବା ଲୋକ ମନେ କରେ, ମୂର୍ଖ ପାଣି ଫୋପାଡୁଛି । ବସ୍ତୁତଃ ଯେଉଁ ହିନ୍ଦୁ ତାହାର ଅର୍ଥ ନ ବୁଝେ, ସେ ଫୋପାଡୁଛି ବୋଲି ମନେକରି ତାହା କରେ । ତାହାର ଅର୍ଥ ଯେ ବୁଝେ, ସେ କିନ୍ତୁ ଏହି ସାମାନ୍ୟ କାର୍ଯ୍ୟରେ ମଧ୍ୟ ଆତ୍ମପ୍ରସନ୍ନତା ଓ କୃତଜ୍ଞତା-ଉପଲବ୍ଧ ହୁଏ ।

ଅର୍ଥ ଏହି—"ହେ ଭଗବାନ ସୂର୍ଯ୍ୟ, ତୁମର ଏକ ରୂପ । ସୂର୍ଯ୍ୟ ରୂପେ ତୁମେ ଜଳକ୍ରୀଡ଼ା କର ଦୁନିଆଁ ବଞ୍ଚାଉଛ । ଜଳକୁ ଶୋଷାଇ ମେଘରୂପରେ ଆକାଶକୁ ନେଉଛ, ପୁଣି ସମୟରେ ବର୍ଷା କରି ପୃଥିବୀକୁ ଶସ୍ୟଶ୍ୟାମଳା କରୁଛ । ତୁମର ଅନୁଗ୍ରହରୁ ଆଜି ଏହି ସ୍ଥାନରେ ଏ ଜଳ ପାଇ ଏଥି ସେ ସ୍ନାନ କଲି ତାଦ୍ୱାରା ମୋର ଶରୀର ପବିତ୍ର, ମନ ପ୍ରଫୁଲ୍ଲ ଓ ଶାନ୍ତ ହେଲା । ମୁଁ ଯେ ସ୍ନାନ ଦ୍ୱାରା ଏ ଅବସ୍ଥା ପାଇଲି ତା ପାଇଁ କୃତଜ୍ଞଭାବରେ ମୋର ଛାତି ଫୁଲି ଉଠୁଛି । ମୁଁ ଅକିଞ୍ଚନ, କେଉଁଥି ପ୍ରତିଦାନ ଦେବା ସାଧ୍ୟର ବାହାରେ । ଅତଏବ ତୋର ସୃଷ୍ଟ ଏ ଜଳରେ ମୋର କୃତଜ୍ଞତା ଜ୍ଞାପନ କରୁଛି । ଅକିଞ୍ଚନର ଏ ଜଳ ଗ୍ରହଣ କର ।" ସଂସ୍କୃତ ଶ୍ଲୋକ ଯାହା ଅଛି, ଏହାହିଁ ସୂର୍ଯ୍ୟାର୍ଘ୍ୟ ପ୍ରଦାନର ଅର୍ଥ ଓ ଏହା ଅତି

ମହତ୍ତ୍ୱ । ଖାଲି ସେ ବ୍ରାହ୍ମଣ ଏହା କହିବ ତାହା ନୁହେଁ, ପ୍ରତ୍ୟେକ ହିନ୍ଦୁର ଏହା କର୍ତ୍ତବ୍ୟ । ହିନ୍ଦୁର ଏହି ଯେଉଁ ଉପାସନା ପ୍ରଣାଳୀ ତାହା ଅତି ମହତ୍, ଏହାର କ୍ରମବିକାଶ ଦେଖିଲେ ହିନ୍ଦୁ ଏହାର ମର୍ମ ବୁଝିଲେ । ମର୍ମ ବୁଝିବା ସଙ୍ଗେ ସଙ୍ଗେ ବାହ୍ୟାଡମ୍ବର ଏଥିରେ ପ୍ରବେଶ କଲା । ପୁଣି ବାହ୍ୟାଡମ୍ବର ବିକାଶ ସଙ୍ଗେ ସଙ୍ଗେ ପଣ୍ଡା ପୂଜାରୀଙ୍କ ସଂଖ୍ୟା ବଢ଼ିଲା । ସଂଖ୍ୟା ବଢ଼ିବାର ସଙ୍ଗେ ସଙ୍ଗେ ଉପାସନାର ଗୁରୁତ୍ୱ କମିଲା । ଶେଷରେ ପ୍ରତ୍ୟେକଙ୍କର ରହିଲା ହୃଦୟ-ହୀନତା, ଶେଷରେ ଆସ୍ଥାଶୂନ୍ୟତା ଓ ଉଚ୍ଛୃଙ୍ଖଳତା ଆଜି ଉପାସନାର ସ୍ଥାନ ଗ୍ରହଣ କରିଛି । ଆଜି ହିନ୍ଦୁ କାଳ ଶୃଙ୍ଖଳା ଦେଇ ଗତାନୁଗତିକ ଭାବେ ବୃଥା ବିବାହ ଅନ୍ତ୍ୟେଷ୍ଟିକ୍ରିୟା କରୁଛି, ଲକ୍ଷ କଥା ଘରେ ଥାଇ ଉପାସ ବହୁତ ହେଉଛି । ପରାଧୀନ ଥିବାବେଳେ ଅସହାୟ ହୋଇ ପଡ଼ିଥିଲା । ସ୍ୱାଧୀନତା ଲାଭ କରି ଆଜି ଏ ସବୁରେ ଯଦି ସୁଧାର ନ ଆସେ ତେବେ ତାର ସ୍ୱାଧୀନତା ସଂଗ୍ରାମ ବିଫଳ ହୋଇଛି ବୋଲି ମନେ କରିବାକୁ ହେବ ।

ସେଥିଁ ପାଇଁ ସବୁରେ ସାବଧାନ ଅଣ୍ଟା ବାନ୍ଧି ହିନ୍ଦୁ ଭାଷା ଖୋଜିବାକୁ ହେବ ନଷ୍ଟ ଆସ୍ଥା ସ୍ଥାପନ କରିବାକୁ ହେବ । ବ୍ରତଉପାସନାମୂଳ କର୍ମସବୁ ଜାନା ପୁରୋହିତଙ୍କର ଭିକ୍ଷ୍ୟ ଓ ଉପଯୁକ୍ତ ସମୟରେ ବ୍ରାହ୍ମଣ ଆଣି କି ସମ୍ପନ୍ନ କରିବାକୁ ହେବ । ବିବାହାଦିରେ ଖର୍ଚ୍ଚକୁ 'ଶୂନ୍ୟ' କରିବାକୁ ହେବ । ଅନ୍ତ୍ୟେଷ୍ଟିକ୍ରିୟାରେ ଶୁଦ୍ଧି ଓ ଶ୍ରାଦ୍ଧ ଛାଡ଼ି ବାକି ସବୁ ବାହ୍ୟାଡମ୍ବର ଓ ଅନାର୍ଥିକ ଖର୍ଚ୍ଚ ଲୋପ କରିବାକୁ ହେବ । ମୂର୍ତ୍ତିପୂଜା ଓ ଭଗବାନ୍ ତତ୍ତ୍ୱ ପ୍ରକାଶେ ଦେଉଳକୁ ଦରକାର ସେଥିରେ ପଣ୍ଡା ପୂଜାରୀଙ୍କ ବାଜେ ସବୁ ଲୋପ କରିବାକୁ ହେବ । ଧର୍ମସ୍ଥାନ ଓ ସ୍ୱାସ୍ଥ୍ୟସମ୍ମତ ଉପବାସ ନିୟମିତ ପାଳନ କରିବାକୁ ହେବ । ଅସବର୍ଣ୍ଣ ତଥା ପ୍ରେମ ବିବାହ ଚଳାଇ-

ବାକୁ ହେବ । ବିବାହ ଧର୍ମରକ୍ଷା ସକାଶେ, ପ୍ରେମ ସ୍ୱର୍ଗୀୟ, କାମ ନାରକୀୟ, ଏ ମହାଭାବ ହୃଦୟରେ ନ ପଶିବା ପର୍ଯ୍ୟନ୍ତ ବିବାହ ନିଷେଧ କରାଯିବ । ବିବାହ ବିଚ୍ଛେଦ ମହାପାପକୁ ଦେଶରୁ ଦୂର କରିବାକୁ ହେବ । କଳୌ ପାରାଶରସ୍ମୃ—ନଷ୍ଟେ ମୃତେ ପ୍ରବ୍ରଜିତେ-କ୍ଲୀବେଚ ପତିତେ ପତୌ—ସେକ୍ଷେତ୍ରରେ ପୁନର୍ବିବାହ ପ୍ରଚଳନ କରାଯିବ । କାମପରାୟଣଙ୍କୁ କଠୋର ଦଣ୍ଡ ଦେବାକୁ ହେବ । ବାଲ୍ୟବିବାହ ବା ବୃଦ୍ଧ ବିବାହ ଅଚିରେ ବନ୍ଦ କରିବାକୁ ହେବ । ଦେଶରେ ଭାରତୀୟ ବିବାହ ପଦ୍ଧତି ଓ କୌଳିକଣୀକୁ ପ୍ରଥା ବର୍ଜନ କରିବାକୁ ପଡ଼ିବ । ମାନବିକତା ଈଶ୍ୱର ସୃଷ୍ଟିର ସାର ଓ ଶ୍ରେଷ୍ଠ ଉଦ୍ଭାବନ, ସହଜସାଧ୍ୟ ବା ସହଜଲଭ୍ୟ ନୁହେଁ । ଏହା କଠିନ ସୃଷ୍ଟି ଅତି ଶ୍ଳାଘନୀୟ । ତେଣୁ କବି ଗାଇଛନ୍ତି:—

"ମାନବ ଜୀବନ ନୁହେଁ ନିଶାର ସ୍ୱପନ,
ସେ ତ ଏକ ଅତି ଦୀର୍ଘ କର୍ତ୍ତବ୍ୟ ପାଳନ ।"

# ମାନବିକଥା

## ଦ୍ୱିତୀୟ ଭାଗ

# ଦ୍ୱିତୀୟ ଖଣ୍ଡ ପାଇଁ ପଦେ ଅଧେ

ସ୍ୱାଧୀନତା ଲାଭ ପରେ ଏ ଲେଖା ସ୍ୱାଧୀନ ମନୋଭାବର ପରିପ୍ରେକ୍ଷୀ ପାଇଁ । ପ୍ରଥମ ଖଣ୍ଡର ଉପକ୍ରମ ଲେଖିବା ବେଳେ, ତାର ସଂକଳନରେ ଏତେ ବାଧା ବିଘ୍ନ ପଡ଼ିବ ବୋଲି ଜାଣି ନଥିଲି । ମାତ୍ର ବିଳମ୍ବ ହେତୁ ଉପକୃତ ହୋଇଛି, କାହିଁକି, ଲେଖିବାର ମୋହରେ ଓ ଉର୍ଦ୍ଧ୍ୱବେଗର ଅନୁପ୍ରେରଣାରେ, ପ୍ରକୃତ ତ୍ରୁଟି ସହଜେ ହୋଇଥିବ ବା ମୋର ଭ୍ରମ ବିଶ୍ୱାସ ହୋଇଥିବ, ସଂଶୋଧନ ଆଶାରେ ଓ ସରଳ ବିଶ୍ୱାସରେ କେତେକ ଅନୁଷ୍ଠାନ ଓ ବ୍ୟକ୍ତି ବିଷୟରେ ଭବିଷ୍ୟ ଖଣ୍ଡରେ କେତେ କଥା, କେତେ ଅପ୍ରିୟ ସତ୍ୟ ଲେଖି ପକାଇଛି । ସେଥିପାଇଁ ଏ ସୁବିଧା ନେଇ ସେମାନଙ୍କ ଠାରୁ କ୍ଷମାଭିକ୍ଷା କରୁଛି । ଆଉ ଗୋଟିଏ ଅସୁବିଧାର କାରଣ କରୁଛି—ଲେଖାର ଭାଷା ଓ ଭାବ ଠିକ୍ ଅଛି କି ନାହିଁ, ସେ ବିଷୟରେ କାହାର ମତାମତ ଅପେକ୍ଷା କରିନାହିଁ । ତାହା ଠିକ୍ ହୋଇଛି କି ଠିକ୍ ହୋଇ ନାହିଁ ମୁଁ ନିଜେ କହି ପାରୁନାହିଁ । ମାଦୃଶ ଅନ୍ୟଥାଃ ପକ୍ଷେ ଏହା ନିଶ୍ଚୟ ଅସୁବିଧାର କାରଣ, ସେଥିପାଇଁ ସମସ୍ତଙ୍କଠାରେ ନତ ହେଉଛି ଏବଂ ଅନୁନୟ କରୁଛି, ଯେଉଁଠାରେ ପାଠକ ମୋ ସହିତ ଏକମତ ହୁଅନ୍ତି, ସେଠାରେ ସେ ମୋର ମତ ଭୁଲ ଥିବାର ଧରି ନେବ, ଭୁଲ ହେଉ ବା ଭୁଲ ହେଉ, ସେ ଭଲ ବା ଭୁଲ କହିବାର ଅଧିକାର ମୋତେ

ଦେବେ । ଶେଷରେ ଏ କାର୍ଯ୍ୟର ଗୌରବ ମୋର ନୁହେଁ ଖ୍ରୀ-
ଷ୍ଟମ ସ୍କୁଲ ଉଚ୍ଚବିଦ୍ୟାଳୟର ବର୍ତ୍ତମାନ ଅଧିନାୟକ
ଡା: ଶ୍ରୀ ପଶୁରାମ ମିଶ୍ରଙ୍କର ହାତରେ, ବୃଦ୍ଧ କନ୍ୟା-ଉତ୍ତମ ବିଦ୍ୟା-
ଳୟର ଛାତ୍ରୀମାନଙ୍କ ଉପଦେଶରେ ଏ ଅବାନ୍ତର ଲେଖା
ସନ୍ତାନବତ୍ସଳତାର ଚିହ୍ନ ସ୍ୱରୂପ ଅର୍ପଣ କଲି । ଗ୍ରହଣ ବା
ପ୍ରତ୍ୟାଖ୍ୟାନ ସେମାନଙ୍କର ମରଜି । ଲେଖିବା ଯାହିଁ ଜାଣ ବା
ମୂଳର ଅପେକ୍ଷା ବା ଉପେକ୍ଷା ମୋର ନାହିଁ ।ଇତି।

ଗୋକୁଳାନନ୍ଦ ନାୟକ

# ପ୍ରଥମ ପରିଚ୍ଛେଦ

## ( Civic Right )

## ମାନବର ଅଧିକାର ବା ନାଗରିକତା

ମନୁଷ୍ୟ ସାମାଜିକ ଜୀବ । ଜୀବ କହିଲେ ଯାହାର ଜୀବନ ଅଛି ବୁଝାଏ । ପଶୁ ପକ୍ଷୀ କୀଟ ପତଙ୍ଗାଦି, ଉଦ୍ଭିଦ ଏବଂ ଚେତନଙ୍କ ଏଥିରେ ପ୍ରତ୍ୟକ୍ଷ ଅନେକ ଜାତୀୟ ବସ୍ତୁର ଜୀବନ ଅଛି । ମାତ୍ର ଜୀବନ ଅଛି—ଏ ବୋଧ ସମସ୍ତଙ୍କର ନାହିଁ । ମନୁଷ୍ୟର ତାହା ଅଛି । ଅବସ୍ଥା ବିଶେଷରେ ମନୁଷ୍ୟର ମଧ୍ୟ ଏ ବୋଧ ନ ଥାଏ ଯେପରି ଜନ୍ମରୁ ସାଧାରଣତଃ ଏକ ଦୁଇ ବର୍ଷ ପର୍ଯ୍ୟନ୍ତ, ପାଗଳର, ଅତ୍ୟଧିକ ମାଦକସେବୀର, କ୍ରୋଧପରବଶର । ଚେତନା ବିଲୋପ ହେଲେ ବୃଦ୍ଧଶୀର, କାମୁକର, ନିଦ୍ରିତର, ଅଜ୍ଞମାନଙ୍କ ଛଡ଼ା ମୃତ୍ୟୁବେଳେ ଅନ୍ୟର, ସେତେବେଳେ ମନୁଷ୍ୟ ମଧ୍ୟ କୀଟ ପତଙ୍ଗାଦି ସଙ୍ଗେ ସମାନ ହୁଏ । ଏ ବୋଧପାଇଁ ମନୁଷ୍ୟ ମନୁଷ୍ୟ । ତଥାପି ଏ ବୋଧମାତ୍ରକୁ ନାଗରିକତା ବୋଲି କହି ହେବ ନାହିଁ । ଏ ବୋଧର ଉତ୍କର୍ଷତା ନାଗରିକ ଅଧିକାର ଅଟେ । ପାଣି, ପବନ, ଆଲୋକ, ଆକାଶ ଓ ମାଟି, ଜୀବମାନଙ୍କର ଅବସ୍ଥାନର ଆଧାର । ସୃଷ୍ଟିକର୍ତ୍ତା ସର୍ବେଶ, ସ୍ୱୟଂ ବିଧାତାଙ୍କର ଏହା ଅପୂର୍ବ ଦାନ । ଏ ଦାନରେ ଜୀବ ମାତ୍ରର ଅକ୍ଷୁଣ୍ଣ ଅଧିକାର ରହିଛି । ଏ ଅଧିକାର ସୃଷ୍ଟି ରକ୍ଷାର ପର, ସଂଯୋଜନ ଓ ପ୍ରସାରଣହେତୁ, ଜୀବର

ଅଧିକାର ଜ୍ଞାନ ଓ ତାହା ହାସଲ କରି ଜାଣିବା ଅନୁପାତରେ । 'ରାଜତନ୍ତ୍ର'ରେ ଏହା ସମ୍ରାଟଙ୍କଠାରେ କେନ୍ଦ୍ରୀଭୂତ, ପ୍ରଜାତନ୍ତ୍ର ବା ଗଣତନ୍ତ୍ରରେ ଏହାର ବିକେନ୍ଦ୍ରୀକରଣ । ରାଜତନ୍ତ୍ର ହେଉ ବା ଗଣତନ୍ତ୍ର ହେଉ, ଲୋକ ସମାଜର ମଙ୍ଗଳ ଅବଶ୍ୟ ତାହାର ଉଦ୍ଦିଷ୍ଟ ବସ୍ତୁ ।

ରାଜତନ୍ତ୍ର ହେଉ ବା ଗଣତନ୍ତ୍ର ହେଉ ଏ ନିର୍ବାଚନ, ନିର୍ବାଚକର ଯୋଗ୍ୟତାସାପେକ୍ଷ, ତାର ମତାମତ ଓ ଅବସ୍ଥା ଅନୁସାରେ । ଭାରତର ପୂର୍ବତନ ରାଜତନ୍ତ୍ରକୁ ଅନେକ ସ୍ଥଳରେ ନିନ୍ଦା କରିବାର ଶୁଣେ । ଅଥଚ ପାଞ୍ଚଣୀ ଜମ୍ବାବାସୀଙ୍କ ଅଭିଜ୍ଞତା ଏହାର ଜ୍ୱଳନ୍ତ ନିଦର୍ଶନ । ନିକଟ ଭୂତକାଳରେ ଦେଖାଯାଇଛି କେତେ ରାଜା ମହାରାଜାଙ୍କର ଶାସନ, ଅଧିକାଂଶ କ୍ଷୁଦ୍ରରାଜ୍ୟଙ୍କ ବ୍ରିଟିଶ ଶାସନାପେକ୍ଷା ଲୋକକଲ୍ୟାଣ ଦିଗରେ ଉତ୍କୃଷ୍ଟ ଥିଲା । ଏହାମଧ୍ୟ କୁହା ଯାଇପାରେ ଆଜିର ଭାରତର ପ୍ରଚଳିତ ଗଣତନ୍ତ୍ର ଶାସନ ଯେ କୌଣସି ରାଜତନ୍ତ୍ର ଅପେକ୍ଷା ନିକୃଷ୍ଟ ଅଟେ, ଏହାର ମୂଳରେ ରହିଛି ଶାସକମାନଙ୍କ ଶାସିତର ନାଗରିକ ଅଧିକାର ଅସ୍ୱୀକରଣର ପ୍ରବୃତ୍ତି ଓ ଅସମର୍ଥତା ଏବଂ ରାଷ୍ଟ୍ରୀୟ ଭାବରେ 'ଅଧିକାର' ଏବେ ମଧ୍ୟ ଉପଲବ୍ଧ ନାଗରିକ ହୋଇନାହାଁନ୍ତି । ନାଗରିକ ଅଧିକାର ସହିତରେ "Fellow Feeling" ଭ୍ରାତୃ ସୌହାର୍ଦ୍ଦ୍ୟ ଭାବ ଅନୁକମ୍ପା ନୁହେଁ ଓ 'ପରୋପକାର' ଧର୍ମର ମୂଳ ଭିତ୍ତି । ଏକ ପରିବାରର ନିବାସକୁ ଘର କହୁ । କତିପୟ ପରିବାରର ନିବାସ ଗ୍ରାମ ଓ ବହୁବାସ୍ଥଳୀ ନଗର ଅଟେ । ଏ ମୂଳ ଭିତ୍ତି ବ୍ୟତିରେକେ ଗ୍ରାମ ବା ନଗରର ଅବସ୍ଥାନ ଅସମ୍ଭବ । ଇତିହାସ ତାହାର ସାକ୍ଷୀ । ତେବେ ଯଦ୍ୱାରା ଅନ୍ୟର ମନଭଙ୍ଗ ହେବ ତାହାରି ଏକାନ୍ତ ପରିହାର ଏ ମୂଳ ଭିତ୍ତିର ଉଦ୍ଦେଶ୍ୟ 'ଛଡ଼' ।

ଅଦ୍ଭୁତ ଚିହ୍ନ ଏ ଘଟଣାରୁ ଦେଖିଲେ ଦେଖିବା ଲୋକମାନଙ୍କ, ଗ୍ରାମ ବା ନଗର ବାସିଙ୍କ ? ପରସ୍ପର ସାହାଯ୍ୟକୃତ ସଭ୍ୟ ଲୋକମାନଙ୍କର ଅଗ୍ରବର୍ତ୍ତୀ ହେବା ବଳନ । ଅନ୍ୟର ମନଃକଷ୍ଟ ଏହାର ଉପସ୍ଥିତ । ଏହାକୁ କିଛି ସ୍ପଷ୍ଟ କରୁଁ । ୧୦।୧୫ ଜଣ ଲୋକ ଗୋଟିଏ ସ୍ଥାନରେ ବସି ଖାଉଥାନ୍ତି । ଜଣେ ବିଡ଼ି ଖାଇବାକୁ ଆରମ୍ଭ କଲେ । ଏ ଦଶ ଜଣ ମଧ୍ୟରେ ଜଣେ ମଧ୍ୟ ଯଦି ବିଡ଼ି ନ ଖାଉଥିବା ଲୋକ ଥାଆନ୍ତି, ଧୂଆଁ ପାଇଁ କାଶି ବା ଦୁର୍ଗନ୍ଧ ନିଶ୍ୱାସ ହେଉ ତାଙ୍କର ମନଃକଷ୍ଟ ହେଲା । ଯଦ୍ୟପି ସାଧାରଣରେ ସେ ତାହା ପ୍ରକାଶ ନକଲେ ମଧ୍ୟ ତାଙ୍କର ନାଗରିକ ଅଧିକାର କ୍ଷୁଣ୍ଣ ହେଲା । ସେ ଅଧିକାର ଅନ୍ୟର ନାହିଁ । ଟ୍ରେନରେ ବିଡ଼ି ଖାଇବା ଲୋକଙ୍କର ବିଡ଼ି ଖାଇବାର ଅଧିକାର ଥିଲେହେଁ ସ୍ଥାନରେ ବସିଥିବା ଲୋକେ ମଧ୍ୟ । ସେ ସବୁ ଅନ୍ୟଙ୍କର ଏକାନ୍ତ ବିରୋଧୀ, ( ତାହା ମନୁଷ୍ୟପ୍ରଣୀତ ନୁହେଁ ) ଅନ୍ୟର ନାଗରିକ ଅଧିକାର କ୍ଷୁଣ୍ଣ କରିବାକୁ ସେ ସ୍ଥାନରେ ବସିଥିବାମାନଙ୍କ ଅନ୍ତତଃ ବିଡ଼ି ଟାଣିବା ତାଙ୍କର ଉଚିତ ନୁହେଁ । ସେ ବିଡ଼ି ଖାଇବାର ସ୍ଥାନ ଓ ସମୟ ଅନ୍ୟତ୍ର ବାଛି ନେବେ । ଏହାହିଁ ହେଲା ପ୍ରକୃତ ନାଗରିକତା । ଯେଉଁ ଥୁକିବା, ଖଙ୍କାରିବା, ପ୍ରସ୍ରାବ କରିବା ଓ ହୁଡ଼ିବା ଅନ୍ୟର ଦେଖିବା ସ୍ଥାନ ଓ ସମୟରେ କରାଗଲେ ମନୁଷ୍ୟ ମାତ୍ରର ବିରକ୍ତି ଉଦ୍ରେକ ହୁଏ । ଯନ୍ତ୍ର, କଷ୍ଟର ରୂପାନ୍ତର, ଘୃଣାଜନକ କ୍ରୋଧ ଏହାର ଫଳଫଳ । ସୁସ୍ଥ ଓ ନିରୋଗ ମନୁଷ୍ୟର ଥୁକ, ଖଙ୍କାର, ମଳ ଓ ମୂତ୍ର ଯେତେ ଏତେ ବିରକ୍ତିକର, ଘୃଣାକର ଯାହା ସେ ମଣିଷଙ୍କ ଉପରେ ସହେ ନାହିଁ । ଅନ୍ୟ ଗଣ୍ଡା, ହଇଜା, ଯକ୍ଷ୍ମାକାଶ, ବସନ୍ତ ଓ କୁଷ୍ଠ ଆଦି ରୋଗରେ ଆଜି ସେ ଭାରତରେ ଶହ ଶହ ମରୁଛନ୍ତି, ଅନେକ ଅସାବଧାନତାରେ ଥୁକିବା, ଖଙ୍କାରିବା ଓ ମଳ ମୂତ୍ର ତ୍ୟାଗ କରିବା

ଏ ପର୍ଯ୍ୟନ୍ତ ଶିଖିଲେ ନାହିଁ ବୋଲି । ଆମ ଏଠାରେ ରେଳବେ-
ଜଳାଶୟରେ ବା ଗାଡ଼ି ଭିତରେ ମଳ ମୂତ୍ର ତ୍ୟାଗ କାହିଁକି
ପାଣିରେ ଥୁକିବା, ଖଙ୍କାରିବା ଓ କଣ୍ଠ । ଲୋକ ଶୌଚାସନ କରିବା
ତଥା ଅନ୍ୟ ସ୍ତ୍ରୀ ବା ପୁରୁଷର ସ୍ନାନ ବେଳେ ପାଣିରେ ଶୌଚ
କରିବାର ଦେଖିଲେ ମର୍ମାହତ ହେବାକୁ ହୁଏ ଓ ଦେଶର ଜନସମାଜ
ସମ୍ମୁଖରେ ଅପମାନିତ ହେବାକୁ ପଡ଼େ । ଏହା ମଧ୍ୟ ଦେଖିବାକୁ
ମିଳେ ଯେ ଦଶ ଜଣ ମଣ୍ଡଳୀ ମଧ୍ୟରେ ଘରେ ଖାଉଥିବା
ସ୍ଥାନରେ ଅନ୍ୟର ଦୃଷ୍ଟିପଥ ସାମ୍ନା ଜଣେ ଲୁଚି ଲୁଚି ଛୁଆ ହୋଇ-
ଯାଆନ୍ତି ଓ ବାଳକମାନେ ଶୌଚକାର୍ଯ୍ୟ କରି ଯାଆନ୍ତି । ପାଇଖାନା
ସ୍ଥାନ ଅପରିଷ୍କାର କରାଯାଏ, ପୁରୁଷମାନେ ଉହୁଁ ଅଧିକ । ନିଜ
ସ୍ୱଭାବ ଦୁର୍ବଳତାକୁ ଦେଖି ଶାରୀରିକ ସ୍ୱଭାବରେ ଏହା କରୁଥିବାର
ଦୃଷ୍ଟାନ୍ତ ସର୍ବଦା ଦେଖାଯାଏ । ବିରାଡ଼ି ଓ କୁକୁର ମଧ୍ୟ ଏ ବିଷୟରେ
ଏମାନଙ୍କଠାରୁ ଶ୍ରେଷ୍ଠ ଅଟନ୍ତି । ଏ ଜିଲ୍ଲାର ସ୍ତ୍ରୀମାନେ ସଭ୍ୟତାର
ଶିକ୍ଷା ନ ପାଇଲେହେଁ ସେମାନେ ଉଦ୍ୟମୀ, ଘର କରଣାରେ
ଧୁରନ୍ଧର, ରନ୍ଧନପ୍ରବୀଣା, ସଦା ପ୍ରଫୁଲ୍ଲ ଓ ପତିବ୍ରତା ଅଟନ୍ତି ।
ମାତ୍ର ଗୋଟିଏ ବିଷୟରେ ସେମାନେ ସଭ୍ୟତାର ଅନ୍ୟାୟ ଅନୁ-
କରଣ କରନ୍ତି । ବସ୍ତ୍ର, ଲଜ୍ଜା ନିବାରଣ ପାଇଁ ଲଜ୍ଜା ରମଣୀର
ଭୂଷଣ । ସମ୍ବଲପୁରୀ ଶାଢ଼ୀ ଅଳ୍ପ ଦେଶ ବିଦେଶରେ ଦୃଢ଼ । କିନ୍ତୁ
ସେମାନଙ୍କର ପରିଧାନ ପ୍ରଣାଳୀ ଖାଲି—ତାହା ଦେଖିଲେ ମନେ
ହୁଏ ଏମାନେ ଲଜ୍ଜାହୀନ ପ୍ରକାଶ୍ୟ ଅଙ୍ଗ ଗୋପନ କରି ଅନ୍ତର୍ବାସ୍ୟ
ଅଙ୍ଗ ପ୍ରକାଶ କରନ୍ତି ମାତ୍ର । (ମାଫ୍ କରିବେ ଲେଖକ ଧୃଷ୍ଟ
ବୃଦ୍ଧ । ବୟସ ପଞ୍ଚାଶତ ବର୍ଷ ଅତିକ୍ରମ—ଲେଖିବାକୁ ତାର ଲଜ୍ଜା
ନାହିଁ) । ସେମାନେ ଏ ପରିଧାନ ପ୍ରଣାଳୀ ପରିବର୍ତ୍ତନ ନ କରିବା-
ରେ କାରଣ ଜଣାଯାଏ ନାହିଁ । ଅନ୍ୟ ଜିଲ୍ଲାର ସ୍ତ୍ରୀମାନେ ଏ

ଜିଲ୍ଲାର ସ୍ତ୍ରୀମାନଙ୍କ ଅବସ୍ଥା ବେଶୀ ସମ୍ମାନଜନକ୍ । ଏ ଦେଶରେ ଆମ ସ୍ତ୍ରୀମାନଙ୍କର ଗୁଣ ଆଦରଣୀୟ ଓ ଅନୁକରଣୀୟ କିନ୍ତୁ ନାରୀଶିକ୍ଷା ପ୍ରଣାଳୀ ଯୋଗେ ଏମାନେ ଘୃଣାର ଅନୁକରଣ କରନ୍ତି । ପୂର୍ବେ କୁହା ଯାଇଛି ଯାହା ଅନ୍ୟର ଅନୁକରଣମୂଳକ ତାହା ନାଗରିକ ଗୁଣ ନୁହେଁ । ତେଣୁ ଏଠା ନାରୀଶିକ୍ଷା ପ୍ରଣାଳୀର ପରିବର୍ତ୍ତନ ଆଶୁ କରଣୀୟ । ଅବଶ୍ୟ ଶିକ୍ଷିତ ମହଲରେ ଏହା ପ୍ରାୟ ଲୋପ ପାଉଛି କିନ୍ତୁ ତାହାର ପରିମାଣ ଅତି ଅଳ୍ପ, ଶତକଡ଼ା ପନ୍ଦର ହେଲେ ବେଶୀ ହେବ । ନାଗରିକତାର ଏକ ପ୍ରଧାନ ଓ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ବଡ଼କୁ ବଡ଼ର ସମ୍ମାନ ପ୍ରଦାନ । କିନ୍ତୁ ଆଜି ଦେଖିବା ଶିକ୍ଷିତମାନେ ମଧ୍ୟ ବଡ଼ଠାରେ ନିଜ ଯୋଗ୍ୟତାରୁ କମ୍ ଯୋଗ୍ୟତା ଥିବାର ଧାରଣାରେ ବଡ଼କୁ ବଡ଼ର ସମ୍ମାନ ନ ଦେଇ ହତାଦର କରନ୍ତି । ଉଚ୍ଚପଦସ୍ଥ ବ୍ୟକ୍ତି କେତେ ନିଜ ଅଶିକ୍ଷିତ ପିତାଙ୍କୁ ପୂଜ୍ୟ ବୋଲି ପରିଚୟ ଦେବାକୁ ଲଜ୍ଜା ପାଏ । ଏହା ନାଗରିକତା ନୁହେଁ, ତଦ୍ବିପରୀତ । [illegible] ନ୍ୟାସନାଲ ସ୍କୁଲରେ ଶପଥ ଗ୍ରହଣ ପରେ ଲୋକେ ଯେପରି ମିଛ ଅମ୍ଳାନବଦନରେ ଉଚ୍ଚାରଣ କରନ୍ତି, ଅନ୍ୟ ଦେଶମାନଙ୍କରେ ବୋଧହୁଏ ସେପରି ନଥିବ । ପଢ଼ିବାକୁ ମିଳେ, ଆମେରିକାରେ ଲୋକେ ଡାକରେ ପଠାଇବାକୁ ପାର୍ଶେଲ୍ ଓ ପଇସା ରଖି ଦେଇ ଚାଲି ଯାଆନ୍ତି । ତାହା ଯଥାସ୍ଥାନରେ ଓ ସମୟରେ ଉଦ୍ଦିଷ୍ଟ ବ୍ୟକ୍ତି ପାଇ ଯାଆନ୍ତି । କିନ୍ତୁ ଏଠାରେ ତ ପଇସା, ଯେକୌଣସି ଜିନିଷ ଏଠା ଏଠାରେ ମୁହୂର୍ତ୍ତକ ପାଇଁ ଆଡ଼ର ଅନ୍ତର ହେଲେ ଦେଖିବେ “ଚିଲ ମୁହଁ ବାହୁଡ଼ା ନାହିଁ” ଏ ନୀତିହୀନତାର ଦୃଷ୍ଟାନ୍ତର ନାସ୍ତି । ଏ ଦେଶରେ ଇଂଲଣ୍ଡ ଓ ଆମେରିକାର ଲୋକଙ୍କର ନାଗରିକ ଜ୍ଞାନ ଆମର ଅନୁକରଣୀୟ । ‘ସରଳତା’ ଓ ଉଚ୍ଚଗୁଣ ‘ତା’ ବୋଲି

ଭଦ୍ରତା’ ବୋଲି ଅନ୍ୟ କୋଟିଏ ଗୁଣ ଅଛି । ମୂର୍ଖର ସରଳତା ଓ ଶିକ୍ଷିତର ଅଭଦ୍ରତା ଅତି ଅସ୍ପୃହଣୀୟ । ପକ୍ଷାନ୍ତରେ ଶିକ୍ଷିତର ସରଳତା ଓ ମୂର୍ଖର ଭଦ୍ରତା ଅତି ଆଦରର ଜିନିଷ ଓ ତାହା ନାଗରିକତାର ପରିଚାୟକ । ଅଧିକାଂଶ ଭାରତୀୟ ଏ ପର୍ଯ୍ୟନ୍ତ ଭଦ୍ରତା ଶିଖି ମଧ୍ୟ ସରଳତା ଦେଖାଇ ନାହାନ୍ତି । ପାଶ୍ଚାତ୍ୟର ଭଦ୍ରତା ଆମର ଅନୁକରଣୀୟ, କାରଣ ଇଂଲଣ୍ଡ ଆଦି ଦେଶ ବହୁ କାଳରୁ ସ୍ୱାଧୀନ । ନାଗରିକତାରେ ସେମାନେ ଆମଠାରୁ ବହୁ ଉଚ୍ଚରେ । ହଂସ ଯେପରି କ୍ଷୀରକୁ ଖାଇ ପାଣିକୁ ଛାଡ଼ିଦିଏ, ଦେଶୀ ହେଉ ବିଦେଶୀ ହେଉ ଯାହାର ନାଗରିକ ଗୁଣ ଦେଖନ୍ତି ତାହା ଆହରଣ କରି ତଦ୍‌ବିପରୀତକୁ ପ୍ରତ୍ୟାଖ୍ୟାନ କରିବାର ବୁଦ୍ଧିମାନର କାର୍ଯ୍ୟ । ଆମର ଭାରତବର୍ଷ ନାଗରିକତାର ଯେଉଁ ଆଦର୍ଶ ଅଛି ତାହାର ସାର-ବତ୍ତା ଗ୍ରହଣ ନ କରି ଆମେ ଦୟାର ପାତ୍ର ହେଉଛୁଁ । ସମସ୍ତେ ଅବଧୂତ ହେବାକୁ କେହି କହୁନାହିଁ । ଭାଗବତରେ ଅବଧୂତ ବର୍ଣ୍ଣିତ ୨୪ ଗୁରୁଙ୍କଠାରୁ କିଛି ଗୁଣ ସବୁ ଗ୍ରହଣ କରି ପାରିଲେ ଆମେ ନାଗରିକତା ଜଗତରେ ମଧ୍ୟ ଅନ୍ତତଃ ନେତୃସ୍ଥାନ ଅଧିକାର କରିପାରିବା । ପୃଥିବୀ ପରି ସର୍ବଂସହ ହେବାକୁ ପଡ଼ିବ । ବୃକ୍ଷ ପରି ଆତପ ବର୍ଷା ଶୀତ ସହ୍ୟକରି ପରୋପକାରରେ ଜୀବନ ଧାରଣ କରିବାକୁ ହେବ । ବାୟୁ ପରି ସର୍ବଦା ଚଳନ୍ତା ପାବନପରାୟଣ ଓ ସ୍ନିଗ୍ଧ ହେବାକୁ ହେବ । ଆକାଶ ପରି ବ୍ୟାପକ ଅଥଚ ନିର୍ଲିପ୍ତ ହେବାକୁ ହେବ । ଜଳ ପରି ନିର୍ମଳ ରହି ଅନ୍ୟର ଦୁର୍ଦ୍ଦିନ କଷ୍ଟାଦି ଓ ଅବସ୍ଥା ପରିହାର କରିବାକୁ ହେବ ଓ ସର୍ବଦା ଅନ୍ୟର ସୁଖ ଶାନ୍ତି ବିଧାନରେ ଚେଷ୍ଟିତ ହେବାକୁ ପଡ଼ିବ । ଅଗ୍ନି ପରି ତେଜସ୍ୱୀ ରହିବାକୁ ହେବ କିନ୍ତୁ କୌଣସି ଦୁଷ୍ଟ ବୃତ୍ତି ଯେପରି ଆଶ୍ରୟ କରି ନପାରିବେ ତତ୍ପ୍ରତି ସାବଧାନ ରହିବାକୁ ହେବ । ଚନ୍ଦ୍ର ସମ

ବୃଦ୍ଧି, ପୂର୍ଣ୍ଣାଙ୍ଗ ଶେଷରେ ଅମାବାସ୍ୟାରେ ଅଦୃଶ୍ୟ ହେବାର ଦେଖି ଶିଖିବାକୁ ହେବ ମୃତ୍ୟୁ କିଛି ନୁହେଁ, ତାକୁ ଭୟ କରିବା ହାସ୍ୟାସ୍ପଦ। ରବି ଗ୍ରହଣ କିମ୍ବା ସୂର୍ଯ୍ୟ ତେଜର ଯଥା ସମୟେ ଜୀବ-ଲୋକର ରକ୍ଷା ସକାଶେ ତାହା ବିତରଣ କରନ୍ତି, ଶିଖିବାକୁ ହେବ ଉପାର୍ଜ୍ଜନ କେବଳ ପରୋପକାରାର୍ଥେ ବ୍ୟୟ ପାଇଁ। ଖାଦ୍ୟ ଲୋଭରେ କପୋତ ଶାବକ ଜାଲନିବଦ୍ଧ ହେବାର ଦେଖି ଦୁଃଖରେ ପ୍ରଥମେ କପୋତୀ ଓ ପରେ କପୋତ ଜାଲନିବଦ୍ଧ ହୋଇ ପ୍ରାଣ ଦେଇଥିବାରୁ ଶିଖିବାକୁ ହେବ ଲୋଭର ପରିଣାମ ମୃତ୍ୟୁ ଅଟେ। ଅଜଗରଠାରୁ ଶିଖିବାକୁ ହେବ ଖାଦ୍ୟାନ୍ୱେଷେ ନିଷ୍ପ୍ରୟାସ; ବରଂ ଧୈର୍ଯ୍ୟ ଓ ତେଜଃ କିନ୍ତୁ ରସନା ତୃପ୍ତି ସକାଶେ ଯତ୍ନ ଅକରଣୀୟ। ସମୁଦ୍ର ପରି ଗମ୍ଭୀର, ପ୍ରଶାନ୍ତ ଓ ଅନନ୍ତପାର ହେବାକୁ ହେବ। ଗ୍ରୀଷ୍ମ ବର୍ଷାରେ ଅଚଳ ରହିବା ପରି ସୁଖ ଦୁଃଖରେ ସମଚିତ୍ତ-ସ୍ଥିର ଓ ଅନୁଦ୍ୱିଗ୍ନମନା ରହିବାକୁ ହେବ। ପତଙ୍ଗ ଅଗ୍ନିର ଲୋଭରେ ଅଗ୍ନିରେ ପଡ଼ି ମରିବା ଦେଖି ଶିଖିବାକୁ ହେବ, ଅଗ୍ନିର ତେଜରେ ଯେପରି ବିପଦ ବରଣ ନ କରୁଁ। ଭ୍ରମର ଲୋଭରେ ପଡ଼ି ସୂର୍ଯ୍ୟାସ୍ତ ପରେ ମଧ୍ୟ ମକରନ୍ଦ ପାନନିରତ ରହି ପଦ୍ମ ବୁଜି ହୋଇଲେ ମରେ, ସାବଧାନ ହେବାକୁ ହେବ ଲୋଭରେ ପଡ଼ି ଯେପରି ମୃତ୍ୟୁ ବରଣ କରି ନପାଏ। ମହୁମାଛି ଦାନ ଭୋଗ ମଧ୍ୟ ସଞ୍ଚୟ କରି କୃପଣ ସ୍ୱଭାବ ମଧ୍ୟ ଯେପରି କରେ କିନ୍ତୁ ତା' ମୁହଁରେ ନିଆଁ ଦେଇ ଅନ୍ୟ ତାହା ହରଣ ଓ ଉପଭୋଗ କରେ। ଏଥିରୁ ଶିଖିବାକୁ ହେବ ଅତି ସଞ୍ଚୟ ଭଲ ନୁହେଁ ତଦ୍ୱାରା ଚୋର ଖଣ୍ଡର ନିମନ୍ତ୍ରଣ କରାଯାଏ ମାତ୍ର। ପରୋପକାରାର୍ଥେ ବ୍ୟୟ ପ୍ରକୃତ ସଞ୍ଚୟ ଅଟେ। କୁଟ୍ଟଣୀ-ହାତୀ ଦ୍ୱାରା ବନ୍ୟହାତୀ ବନ୍ଧନରେ ପଡ଼େ। ଦସ୍ୟୁ ଲଳନା କୁଟ୍ଟଣୀହାତୀ ପରି ମନୁଷ୍ୟଙ୍କୁ ବନ୍ଧନରେ ପକାଏ। ଜଣା ପଣା ଓ

ବେଶ୍ୟା ଅନୁରକ୍ତ କୁଟ୍ଟିଣୀଙ୍କୋ ଅନ୍ତ୍ୟ । ବ୍ୟାଧର ଗୀତରେ ଅନୁରକ୍ତ ହୋଇ ମୃଗ ମାରି ପଡ଼େ । ଶ୍ରବଣମନୋହର ବେଣୁ ଗୀତରେ ସର୍ପ ଅନୁରକ୍ତ ହୋଇ ଗାରଡ଼ୀ ଗମନ କରେ । ଏଥାନ୍ତରେ ଶ୍ରବଣ-ମନୋହର ଭଗବାନ୍ଙ୍କ ସ୍ତୋତ୍ରାଦି ଶ୍ରବଣ ଦ୍ୱାରା ମନୁଷ୍ୟ ପରମ ଗତି ଲାଭ କରେ । କେଉଁଠା ଶେଷଃ ଭୁଗିବାକୁ ହେବ । ବଡ଼ଶିକଣ୍ଟା-ଗ୍ରନ୍ଥି ଆହାର ଖାଇବାକୁ ଯାଇ ମାଛ ଧରାପଡ଼େ । ଯାହା, ଉପରେ ଏତେ ଲୋଭନୀୟ ଭିତରେ କଣ୍ଟା ଅଛି ନଜାଣି ଗିଳିଲେହିଁ ସର୍ବନାଶ ହେବ । ବାଳକ ପରି ସରଳ ଅଥଚ ନିଜ ପରବିଶ୍ୱାସ ହେବାକୁ ପଡ଼ିବ । ଧାନ କୁଟିବାବେଳେ କୁମାରୀ ହାତରେ କଙ୍କଣ ଥିଲେ ଶବ୍ଦ କରେ ତେଣୁ ବେଶିବେଳେ କଙ୍କଣ ସମାଗମ ଅନର୍ଥ ଘଟାଏ । ସାଧୁ ଜନେଙ୍କ ନିର୍ଜନ ଲୋକସମାଗମ ବର୍ଜ୍ଜନୀୟ ଅଟେ । ଅନେକ ଲୋକ ଏକତ୍ର ମିଳି, ଅନେକ ବୃଥାଗଳ୍ପ କଲେ । ଶୁଦ୍ଧଭକ୍ତ ବସି ସେପରି ସ୍ୱୟଂସିଦ୍ଧ ଭଳି ନଯାଏ ଦେଖିବାକୁ ହେବ ।

ଏତେବେଳକୁ ପାଠକ ଅବଶ୍ୟ ବୋଧ ଅନ୍ତର୍ଦୃଷ୍ଟି ହେଲେଣି । କିନ୍ତୁ ବୁଝିବାକୁ ହେବ ନାରୀଜାତି ମାନବଜାତିର ପ୍ରଧାନ ସୋପାନ । ନାରୀଜାତି ପ୍ରଭୃତି ସୁନ୍ଦର ନ ହେଲେ ଜଗତରେ ଆମର ସ୍ଥାନ ନାହିଁ । ଯଦି ଭଲ ନାରୀଜାତି ନ ହୁଅନ୍ତି ପରଲୋକ ଗଙ୍ଗାଳରେ ବୁଡ଼ିବା କଥା । ମନୁଷ୍ୟ ଜୀବନ ଶୈଳ ତୁଲେହିଁ, ଏହା ଏକ ଦୁର୍ଲ୍ଲଭ ଭର୍ତ୍ତିବାର ପଥ ମାତ୍ର, ତଦୁପରି ଜୀବନ ସଂଗ୍ରାମ ମନୁଷ୍ୟର ଜୀବନବ୍ୟାପୀ ଅଟେ ।

# ଦ୍ୱିତୀୟ ପରିଚ୍ଛେଦ

## ସ୍ତ୍ରୀ ଶିକ୍ଷା ଓ ସ୍ତ୍ରୀ ଅଧିକାର

ସ୍ତ୍ରୀ-ଶିକ୍ଷା ସମ୍ବନ୍ଧେ ଆଲୋଚନା କରିବା ପୂର୍ବେ
ଆମମାନଙ୍କର ତାର କି ଅଧିକାର ରହିଛି ଅନୁସନ୍ଧାନ
ଏବଂ ସେଥେ ସମାଜରେ ନାରୀ ସ୍ଥାନ ପ୍ରଥମେ
ନିରୂପଣ କରିବା ଉଚିତ । ଇଂରାଜମାନେ ତାଙ୍କୁ (better half)
ଉତ୍ତମାର୍ଦ୍ଧ କହୁଥାନ୍ତି । ଏଠାରେ ସେ ଅର୍ଦ୍ଧାଙ୍ଗିନୀ ମାତ୍ର । ହିନ୍ଦୁ-
ମାନେ ତାଙ୍କୁ ସହଧର୍ମିଣୀ ଆଖ୍ୟା ଦେଇ ସ୍ତ୍ରୀ ଜାତିର ଉଚ୍ଚପୋଷ୍ଠ
ଦେଖାଇଛନ୍ତି । ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର ପ୍ରଭୃତି
ଯୁଗ୍ମଶବ୍ଦ ବୋଲିବା ଦ୍ୱାରା ସ୍ତ୍ରୀକୁ ପ୍ରଥମ ସ୍ଥାନ ଦିଆ ଦେଇଛନ୍ତି, ତାହା
ତାର ସ୍ତ୍ରୀପକ୍ଷପାତିତା ନା ନ୍ୟାୟବିଚାରରେ ତାର ପ୍ରାପ୍ୟ,
ନିଶ୍ଚୟଙ୍କୁ । ଏ ସମ୍ବନ୍ଧେ ପ୍ରକୃତ ପ୍ରତି ଅନୁଧ୍ୟାନ କଲେ କଅଣ
ପାଇଁ ଦେଖାଯାଉ । କେଶରୀ ପକ୍ଷୀରାଜ କେଶର ପକାଇଲେ,
ସିଂହୀର ତାହା ନାହିଁ । କୁକ୍କୁଟର ଚୂଳ କୁକ୍କୁଟୀର ନ ଥାଏ ।
ହସ୍ତୀର ଦନ୍ତ ହସ୍ତିନୀର ନ ଥାଏ କେତେ ସ୍ଥାନରେ ବାଂଘନୁମ
ସର୍ବାଙ୍ଗ ମଧ୍ୟରେ ପୁରୁଷ । ଦେହ ବଳରେ ପୁଂ ଜାତି ସ୍ତ୍ରୀ ଜାତି
ଅପେକ୍ଷା ଶକ୍ତିମାନ୍ । ଏହା ସର୍ବବାଦୀ । ଯାହାର ସୌନ୍ଦର୍ଯ୍ୟ
ନାହିଁ ସେ ସୌନ୍ଦର୍ଯ୍ୟ ପାଇଁ ଅଳଙ୍କୃତ ହୁଏ, ଉଦାହରଣକୁ କାହିଁକି
ଲୋଡ଼ିବାକୁ । ସ୍ତ୍ରୀର ଅଳଙ୍କାରପ୍ରିୟତା ପୃଥିବୀବ୍ୟାପୀ । କିନ୍ତୁ
ପୁରୁଷ ପ୍ରକୃତିର ସୌନ୍ଦର୍ଯ୍ୟରେ ପରିତୃପ୍ତ । ଏ ସବୁ କିନ୍ତୁ
ସ୍ତ୍ରୀଙ୍କର ଶ୍ରେଷ୍ଠତା ପ୍ରତିପାଦନ କରୁନାହିଁ । କାରଣ ପୁରୁଷଠାରେ

ଏହାର ମୂଲ୍ୟ ଅଛି ଏବଂ ସ୍ତ୍ରୀ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ପୁରୁଷ ଶତମୁଖ ଓ ସହସ୍ରମୁଖ । ବିଜ୍ଞାନ ଦ୍ୱାରା ଶେଷ ସୀମାରେ ପହଞ୍ଚି ମଧ୍ୟ ପୁରୁଷକୁ ପେଟରେ ସନ୍ତାନ ଧାରଣର କ୍ଷମତା ଦେଇ ପାରିନାହିଁ ଓ ଦେବେବୋଲି ହେଲେ ଦେଇ ପାରିବ ନାହିଁ । ତେଣୁ ପୁରୁଷ ପୁରୁଷ ହୋଇ ଓ ସ୍ତ୍ରୀ ସ୍ତ୍ରୀ ହୋଇ ସଦା ରହିବେ ଓ ରହିବେ । ଉଭୟଙ୍କର ବିଶେଷତ୍ୱ ଚିରକାଳ ରହିଛି ଓ ରହିଥିବ । ଏହି ବିଶେଷତ୍ୱ ପାଇଁ ଯାହା ଆବଶ୍ୟକ, ବିଧାତା ତାହା ପ୍ରତ୍ୟେକଙ୍କୁ ଅଲଗା ଶକ୍ତି ଦେଇଛନ୍ତି ଓ ଏହି ବିଶେଷତ୍ୱ ଅନୁଯାୟୀ ଉଭୟେ ଯେପରି ଭିନ୍ନ ଭିନ୍ନ ଧାତୁରେ ଗଢ଼ା ହୋଇଛନ୍ତି । ତେଣୁ ମନୁଷ୍ୟ ତ, ଉଭୟଙ୍କ ମଧ୍ୟରେ ସମାନ ଉପାଦାନ ମଧ୍ୟ ଅନେକ ରହିଛି । ଏହି ସମାନ ଉପାଦାନ ଯେଉଁଥିରେ ଉଭୟେ ସମାନ ଭୂମି ଉପରେ ସାମାଜିକ ମଙ୍ଗଳ ନିମନ୍ତେ ଚେଷ୍ଟା କରିବା ଉଚିତ ଏବଂ ପ୍ରତ୍ୟେକ ବିଶେଷତ୍ୱ ନିମନ୍ତେ ପୁରୁଷ, ପୁରୁଷ ପାଇଁ ଓ ସ୍ତ୍ରୀ, ସ୍ତ୍ରୀ ପାଇଁ ସ୍ୱତନ୍ତ୍ର ଉଦ୍ୟୋଗ କରିବା ଉଚିତ । ଯଦି ସେଇ ସୀମା ଅତିକ୍ରମ କରିବା ଭଳି ଅହମାନୁଗୀ କେହି ଥାଏ ତେବେ ପୁରୁଷର ବିଶେଷତ୍ୱ ପାଇଁ ପୁରୁଷକୁ ଓ ସ୍ତ୍ରୀର ବିଶେଷତ୍ୱ ପାଇଁ ସ୍ତ୍ରୀକୁ ଯଥାକ୍ରମେ ସ୍ତ୍ରୀ ଓ ପୁରୁଷ ସହାୟ ହେଲେ ହୋଇ ପାରନ୍ତି ଓ ସେ କ୍ଷେତ୍ରରେ କେବଳ ସହଧର୍ମ ବା ସହଧର୍ମିଣୀ ପଦ ସାଫଲ୍ୟମଣ୍ଡିତ ହୁଏ । ସହଧର୍ମ ଓ ସହଧର୍ମିଣୀ ଭାବ କଠୋର ଓ ଜୀବନ-ବ୍ୟାପୀ ସାଧନାସାପେକ୍ଷ । ହିନ୍ଦୁର ବିବାହ ଧର୍ମ ପାଳନ କେବଳ କର୍ତ୍ତବ୍ୟର ଅନୁରୋଧରେ । ମୁସଲମାନ ବିବାହ ପରସ୍ପର ସୁଖ ସମ୍ଭୋଗ ପାଇଁ । ଖ୍ରୀଷ୍ଟିଆନର ବିବାହ ଜୀବନ ସମ୍ଭୋଗ ଓ ସାଂସାରିକ ସୁଖ ସୁବିଧା ନିମନ୍ତେ । ହିନ୍ଦୁ ସ୍ତ୍ରୀର ପତି ଦେବତା, ସ୍ତ୍ରୀ ସ୍ତ୍ରୀ ମାତ୍ର । ମୁସଲମାନ ପକ୍ଷେ ସ୍ତ୍ରୀ ସମ୍ପତ୍ତିର ଭୋଗ୍ୟ ।

ଖ୍ରୀଷ୍ଟିଆନ ଦେଶେ ସ୍ତ୍ରୀ ପୁରୁଷ ସମାନ ହେଲେ ସ୍ତ୍ରୀ ଅବଳା ବୋଲି ପ୍ରତ୍ୟେକ କ୍ଷେତ୍ରରେ ପୁରୁଷର ସହାୟତା ଆବଶ୍ୟକ କରେ ଓ ସ୍ତ୍ରୀ ବଦଳରେ ସେବା ଓ ଭକ୍ତି ପୁରୁଷକୁ ସାହାଯ୍ୟ କରେ । ମୁସଲମାନ ଓ ଖ୍ରୀଷ୍ଟିଆନ୍‌ମାନେ ସ୍ତ୍ରୀ ବିଷୟରେ ଉଦାରଭାବ ପୋଷଣ କରନ୍ତୁ ମାତ୍ର ହିନ୍ଦୁର ସହଧର୍ମ ଓ ସହଧର୍ମିଣୀ ଭାବ ଏହାର ବହୁ ଉଚ୍ଚରେ । ଆଜିକାଲି ସ୍ତ୍ରୀ-ଶିକ୍ଷା ଓ ସ୍ତ୍ରୀ-ଅଧିକାର ସମ୍ବନ୍ଧେ ଆମ ଦେଶରେ ଯେ ଆନ୍ଦୋଳନ ଚାଲିଛି ତାହାର ମୂଳରେ ରହିଛି ମୁସଲମାନ ଓ ଖ୍ରୀଷ୍ଟିଆନ ପ୍ରଭାବ । ଏ ପ୍ରଭାବ ଏତେ ଦୂରକୁ ଗଡ଼ିଲାଣି ଯେ, ଲୋକେ ବର୍ତ୍ତମାନ ବିବାହ ବିଚ୍ଛେଦକୁ ପସନ୍ଦ କଲେଣି । ହିନ୍ଦୁବିବାହ ଜନ୍ମ ଜନ୍ମର ଏକ ଅଟୁଟ ପ୍ରତିଶ୍ରୁତି ମାତ୍ର । ଏହାକୁ ପସନ୍ଦ କରୁଥିବା ଲୋକ ବୋଧହୁଏ 'ପ୍ରେମ' ଭାଷା ଜାଣେ ନାହିଁ । ଏକ କଥାରେ ପ୍ରେମ ସ୍ତ୍ରୀ ପୁରୁଷ ମଧ୍ୟରେ ପରସ୍ପର ଆତ୍ମସମର୍ପଣ ଛଡ଼ା ଆଉ କିଛି ନୁହେଁ । ପ୍ରେମ କେବଳ ସ୍ତ୍ରୀ ପୁରୁଷଙ୍କୁ ଏକତ୍ର ବାନ୍ଧେ ; 'ଦ୍ୱି' ଭାବର ସମ୍ଭାବନା ମାତ୍ର ନ ଥାଏ । ପ୍ରେମ ଅବିଚ୍ଛେଦ୍ୟ ଓ ଅପରିବର୍ତ୍ତନଶୀଳ, 'ଦ୍ୱି'ଭାବର ଅବକାଶ ରହେ ନାହିଁ । ରୋଗ, ମନାନ୍ତର, କଳହ ଏବଂ ମୃତ୍ୟୁ ମଧ୍ୟ ପ୍ରେମ ସ୍ରୋତରେ ପାଣି ଫୋଟକା ମାତ୍ର । ହିନ୍ଦୁର ଏହି ପରମ ଅବର୍ତ୍ତମାନତାରେ ଅବର୍ତ୍ତମାନତା ପ୍ରତି ଯେ ପ୍ରେମ ଓ ଅର୍ପଣ ଜନମ ଜନ୍ମର ବନ୍ଧନରେ ତାହା ପରିଣତ ହୁଏ । ଏଥିପାଇଁ ରାମଚନ୍ଦ୍ରଙ୍କର ଅଶ୍ୱମେଧ ଯଜ୍ଞ ପାଇଁ ସୀତାଙ୍କର ସ୍ୱର୍ଣ୍ଣପ୍ରତିମାର ସୃଷ୍ଟି । ହିନ୍ଦୁର ଏ ଆଦର୍ଶ ଅନାଦି କାଳରେ ନାହିଁ ଓ ଏଠାରେ ହିନ୍ଦୁ ଅନାଦି ବହୁ ଉଚ୍ଚରେ । ଏହି ଅମୂଲ୍ୟ ସମ୍ପଦକୁ ବଜାୟ ନ ରଖି ବୃଥାରେ ଆଜି ଆମେ ସ୍ତ୍ରୀ-ଶିକ୍ଷା ସ୍ତ୍ରୀ-ଅଧିକାର ପାଇଁ ହୋହାଲ୍ଲା ଲଗାଇଛୁ । ପୂର୍ବେ ବ୍ରାହ୍ମଣଙ୍କ ସ୍ତ୍ରୀର ପରିବେଶକୁ

ପୁରୁଷତ୍ୱଠାରେ ଓ ପୁରୁଷର କର୍ତ୍ତବ୍ୟରୁ ସ୍ତ୍ରୀଠାରେ ସମ୍ପୂର୍ଣ୍ଣ । କଦାଚିତ କୌଣସି ପୁରୁଷ ବା ସ୍ତ୍ରୀ କିଛି ପରିମାଣରେ ଅନ୍ୟର ଅଧିକାରରେ ହସ୍ତକ୍ଷେପ କରି ସମାଜରେ ହାସ୍ୟାସ୍ପଦ ହୁଅନ୍ତି ମାତ୍ର । ତେଣୁ ପୁରୁଷର କର୍ତ୍ତବ୍ୟ ଅନୁସାରେ ପୁରୁଷର ଶିକ୍ଷା ଓ ଅଧିକାର ପଦ୍ଧତି ଓ ସ୍ତ୍ରୀର କର୍ତ୍ତବ୍ୟ ଅନୁସାରେ ସ୍ତ୍ରୀର ଶିକ୍ଷା ଓ ଅଧିକାର ପଦ୍ଧତି ଗଠନ କରିନେବାକୁ ହେବ, ତେବେ ଯାଇଁ ସମାଜର ସର୍ବାଙ୍ଗୀନ ଉନ୍ନତି କରିପାରିବା । ନତୁବା ସ୍ତ୍ରୀମାନଙ୍କ ପାଇଁ କେବଳ ସ୍କୁଲ୍ କଲେଜ ସ୍ଥାପନ କରି ସହଶିକ୍ଷାର ବ୍ୟବସ୍ଥା କରି, ସ୍ତ୍ରୀର ଶିକ୍ଷା ଓ ଅଧିକାର ଦାବିରେ ତାହା କିଛି ଲଭିବ ନାହିଁ । ହଁ, ଆମେରିକା ବା ଇଂଲଣ୍ଡକୁ ଆଣି ଭାରତରେ ଥୋଇ ପାରିବା କିନ୍ତୁ ତଦ୍ଦ୍ୱାରା ଆମର ନୈତିକ ଅଧୋଗତି ଅନିବାର୍ଯ୍ୟ । ପାଶ୍ଚାତ୍ୟର ସ୍ତ୍ରୀ-ଶିକ୍ଷା ସ୍ତ୍ରୀ-ଅଧିକାର କୃତ୍ରିମ । କାରଣ ପ୍ରକୃତି ପୁରୁଷକୁ ପୁରୁଷ ଓ ସ୍ତ୍ରୀକୁ ସ୍ତ୍ରୀ କରି ଗଠନ କରିଛନ୍ତି । ସ୍ତ୍ରୀ ପ୍ରକୃତି ଓ ପୁରୁଷ ପ୍ରକୃତି ଭିନ୍ନ ଭିନ୍ନ ରହିଥିବା ହେତୁ ଉଭୟଙ୍କ ପାଇଁ ଏକ ଶିକ୍ଷା ଓ ଏକ ଅଧିକାର ଫଳୋପଧାୟକ ହେବନାହିଁ । ସୀତା, ସାବିତ୍ରୀ, ଦମୟନ୍ତୀ ଆଦି ମହାମନୀଷିଣୀ ସ୍ତ୍ରୀଗଣ କୌଣସି ସ୍କୁଲ୍ କଲେଜରେ ପଢ଼ିଥିଲେ ବା ବାଲ୍ୟତନ୍ତ୍ରୁ ଟେଫଇଥିଲେ । ସେମାନେ କୌଣସି ଆଶ୍ରମରେ ମଧ୍ୟ ଶିକ୍ଷାଲାଭ କରିଥିବାର ସୂଚନା ମିଳେ ନାହିଁ । ନପାଉଡେନ ସିଦ୍ଧ ଓ ଅଲ୍‌ଫେଶ୍ୟଙ୍କ 'ଡେଭ୍ ଉତ୍ତମାନା', ପାଶ୍ଚାତ୍ୟରେ ସ୍ତ୍ରୀତ୍ୱର ପରିକାଷ୍ଠା ଦେଖାଇଛନ୍ତି, ପାଶ୍ଚାତ୍ୟର ଆଧୁନିକ ସ୍ତ୍ରୀ ଶିକ୍ଷା ଓ ଅଧିକାର ପନ୍ଥା ଏ ଦେଶରେ କେତେଜଣ ସୀତା ସାବିତ୍ରୀ ବାହାର କରିପାରିଛି ? ଅନ୍ୟ ଦେଶରେ କର୍ତ୍ତୃତ୍ୱ ବଳରେ ପ୍ରଗଳ୍ଭିତା ସ୍ୱଦେଶୀ ଲଳନାକୁ ଆଜି କାହିଁ ନେଇ ଥୋଇଲେଣି ତାହା ଦେଖିବା ଲୋକ ଦେଖି ପାରୁଛନ୍ତି । ହଁ, ସ୍ତ୍ରୀ ପୁରୁଷର ସମାନ

ଉପାଦାନ ଦିଗରେ ସ୍ୱତନ୍ତ୍ର ପ୍ରକୃତି ହୋଇଥିବାର ଦେଖିବାକୁ ମିଳିବ କିନ୍ତୁ ତାହା ମଧ୍ୟ ଅମୂଲ୍ୟ ନୈତିକତାର ଭିତ୍ତିଭୂମିରେ। ବେଶୀ ଲେଖିଲେ ତର୍କ ହେବ। ତେବେ ସ୍ତ୍ରୀର ସ୍ୱଭାବସୁଲଭ ଗୁଣଗୁଡ଼ିକର ଅନୁଧାବନ କରନ୍ତୁ। ଦୟା, କ୍ଷମା ବାତ୍ସଲ୍ୟ, ସହନଶୀଳତା ଓ ନମ୍ରତା ଆଦି ଦିଗରେ ପୁରୁଷ ଯେତେ ଚେଷ୍ଟା-କଲେ ସ୍ତ୍ରୀକୁ ଟପି ପାରିବ ନାହିଁ। ସାହସ (ବାହୁବଳ ଓ ମନବଳ ସାପେକ୍ଷ) ଓ କଠୋରତା ଆଦି ପୁରୁଷର ସ୍ୱଭାବ। ଉପରୋକ୍ତ ଗୁଣଗୁଡ଼ିକ ସ୍ତ୍ରୀଠାରେ ନିହିତ, କାରଣ 'ମା'ଟି ସ୍ତ୍ରୀ ଠାରେ। 'ମା'ଟି ସକାଶେ ଭଗବାନ ସ୍ତ୍ରୀକୁ ସେହି ଉପାଦାନରେ ଗଢ଼ିଛନ୍ତି ଓ ଏହି ସେ ଉପାଦାନ ବ୍ୟତିରେକେ 'ମା'ଟି ଅସମ୍ଭବ। ଏହି 'ମା'ଟି ରକ୍ଷା ସକାଶେ ପୁରୁଷ ସାହସ ଓ କଠୋରତା ଅବଲମ୍ବନ ନ କଲେ ସଂସାର ଚଳିବ କିପରି ? କୋମଳତା ଓ କଠୋରତା ପରସ୍ପରାର୍ଥବୋଧକ ସମ୍ପୂରକ। ତାକୁ ଏକ କରିବା ଚେଷ୍ଟା ପାଗଳାମି ମାତ୍ର। ତେଣୁ ସ୍ତ୍ରୀ ପାଇଁ ସ୍ୱତନ୍ତ୍ର ଶିକ୍ଷା ଓ ଅଧିକାର ଦେବାର ଦରକାର। ପୁରୁଷର ଶିକ୍ଷା ଦେଇ ସ୍ତ୍ରୀ ପକ୍ଷରେ ସମ୍ପୂର୍ଣ୍ଣ ଫଳୋପଧାୟକ ହେବ ନାହିଁ। ସେ ଦିଗରେ ଯେତେ ଚେଷ୍ଟା କଲେ ତାହା ଅପ୍ରାସ ମାର୍ଗରେ ପର୍ଯ୍ୟବସିତ ହେବ। ଏହାଦ୍ୱାରା ବୁଝାଯାଉ ନାହିଁ ଯେ ଲେଖାପଢ଼ା ସ୍ତ୍ରୀ ପକ୍ଷେ ପ୍ରୟୋଜନ ନାହିଁ। ପ୍ରକୃତ ସ୍ତ୍ରୀମାନଙ୍କୁ ବୁଦ୍ଧିମତୀ କରନ୍ତୁ। ମାର୍ଜିତ-ବୁଦ୍ଧି ମନୁଷ୍ୟ ବହୁ ଅଭିଜ୍ଞତା ପରେ ଯେଉଁ ଜ୍ଞାନ ସବୁ ଆଦାୟ କରନ୍ତି ତାହା ଲିପିବଦ୍ଧ କରି ରଖିଛନ୍ତି। ଅଭିଜ୍ଞତା ଦ୍ୱାରା ସେ ଜ୍ଞାନ ଅର୍ଜନ କରିବା ଅପେକ୍ଷା ଲିପି ପାଠକରି ସେ ସବୁ ଆଦାୟ କରିବା କିମ୍ବା ଜନଶ୍ରୁତିକୁ ସ୍ଥିରତାର ପରିପୂରକ ନ ହେଲେ ମଧ୍ୟ ଜ୍ଞାନ-ଲାଭର ସହଜ ପନ୍ଥା। ଲିପି ପାଠଲବ୍ଧ ଜ୍ଞାନ ମଧ୍ୟ କେତେ ପାର୍ଥ-

ଶେଷରେ ସ୍ଥିରତା ପାଇପାରେ । ତେଣୁ ଲିପିପାଠ କର ଜ୍ଞାନଲାଭ କରିବା ଉପେକ୍ଷଣୀୟ ନୁହେଁ ବରଂ ଆଦରଣୀୟ । ବୁଦ୍ଧିମତୀ ସ୍ତ୍ରୀ ଜାତିର ବୁଦ୍ଧିକୁ ସୂକ୍ଷ୍ମ ତଥା ତୀକ୍ଷ୍ଣ କରିବାକୁ ପୁସ୍ତକ ପାଠ ଅପରିହାର୍ଯ୍ୟ ହୋଇଛି । ଅଧିକନ୍ତୁ ସ୍ତ୍ରୀ ମଧ୍ୟ ଲବ୍ଧଜ୍ଞାନକୁ ସନ୍ମାର୍ଗରେ କରି ସ୍ତ୍ରୀତ୍ୱର ବିକାଶନ ପଥରେ ଲାଗିବେ ନଚେତ୍ କେବଳ ପୁରୁଷୋପାର୍ଜିତ ଜ୍ଞାନ ଦ୍ୱାରା ସ୍ତ୍ରୀତ୍ୱର ପୂର୍ଣ୍ଣ ବିକାଶନ ହେବ ନାହିଁ ଏବଂ ତଦ୍ଦ୍ୱାରା ସମାଜ ଯେଉଁ ଶକ୍ତି ଆହରଣ କରନ୍ତା ସେ ଶକ୍ତି ଅଧୁରା ରହିବ । ତେଣୁ ଲେଖା ପଢ଼ା ସ୍ତ୍ରୀ ପକ୍ଷରେ ମଧ୍ୟ ଏକାନ୍ତ ଆବଶ୍ୟକ । ଏହା ମଧ୍ୟ ଦେଖା ଯାଉଛି, ପୁରୁଷ ଯେଉଁ ଜ୍ଞାନ ଅନେକ ଦିନରେ ହାସଲ କରେ, ସ୍ତ୍ରୀ ସ୍ୱଭାବତଃ ସ୍ଥିରବୁଦ୍ଧି ଥିବାରୁ ଅଳ୍ପକାଳ ମଧ୍ୟରେ ତାହା ହାସଲ କରେ । ବର୍ତ୍ତମାନ ପ୍ରାଥମିକ ସ୍କୁଲରେ ଯେ ପିଲାମାନଙ୍କୁ ଭର୍ତ୍ତି କରାଯାଉଛି ସେମାନେ ଅଳ୍ପ ମଧ୍ୟରେ ପ୍ରାଥମିକ ଶିକ୍ଷା ସମାପ୍ତ ପାଇଁ ଚାରିବର୍ଷ ଲାଗି ଯାଉଛି । ଏହା ମଧ୍ୟ ଦେଖା ଯାଉଛି, ଏହି ଚାରି ବର୍ଷର ଶିକ୍ଷା ଅଳ୍ପ ବୟସରେ ଏକ ବର୍ଷ ମଧ୍ୟରେ ହାସଲ କରାଯାଇ ପାରେ । ଅନ୍ତତଃ ବାଳିକା ପକ୍ଷରେ ତାହା ବହୁତ ସମ୍ଭବପର । ଆଜି ମନେ ରଖିବାକୁ ହେବ ଭାରତରେ ସ୍ତ୍ରୀ ଶିକ୍ଷା ପଞ୍ଚମ ବର୍ଷରୁ ତ୍ରୟୋଦଶ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ଏହାର ସୀମା ଆଠବର୍ଷ ମାତ୍ର । ଏଥିରୁ ମଧ୍ୟ ପାଠଦଶା ଅନ୍ତର ଏକ ବର୍ଷ ବାଦ୍ କଲେ ଦ୍ୱାଦଶ ବର୍ଷରୁ ବିବାହ ପର୍ଯ୍ୟନ୍ତ ତାଙ୍କୁ ଘରକରଣା ଶାସ୍ତ୍ରୀୟ ଓ ରନ୍ଧନ ପ୍ରଣାଳୀ ଶିକ୍ଷା ଦେବାକୁ ମାତା ବା ଗୃହିଣୀ ହାତରେ ଛାଡ଼ି ଦେବାକୁ ହେବ । ଏହି ସାତବର୍ଷ ମଧ୍ୟରେ ଗବେଷଣାମୂଳକ ଲେଖାପଢ଼ା ମଧ୍ୟ ଦ୍ୱାରା ବାଳିକା ଅସ୍ୱା-ଭାବିକ ପାଣ୍ଡିତ୍ୟ ଅର୍ଜନ କରିବ ଯାହା ପୁରୁଷ ପକ୍ଷରେ ତହିଁର ଦ୍ୱିଗୁଣ ସମୟରେ ମଧ୍ୟ କଠିନ ହେବ । ସ୍କୁଲ କଲେଜର ଶିକ୍ଷା

କେବଳ ପୁରୁଷ ମନେ ଉପଯୁକ୍ତ କରାଯାଇଛି । ଏ ଶିକ୍ଷା ପଦ୍ଧତି ପୁରୁଷ ପକ୍ଷେ ମଧ୍ୟ ଉପଯୁକ୍ତ ନୁହେଁ, ତାହାର ପ୍ରମାଣ ମହାତ୍ମା ଗାନ୍ଧୀ ୧୯୨୧ରେ ଅସହଯୋଗ ଆନ୍ଦୋଳନରେ ଦେଇ ସାରିଛନ୍ତି । ଦେଶଙ୍କୁ ମଧ୍ୟ ଶିକ୍ଷାର ଧାରା ବଦଳାଇବାକୁ ବାପୁଜୀ ଶିକ୍ଷଣ ବ୍ୟବସ୍ଥା କରି ଯାଇଛନ୍ତି । ଏଣୁ ଅବଶ୍ୟ କାଳରେ ବାପୁଜୀଙ୍କ ଲିଖିତ ଶିକ୍ଷା ପଦ୍ଧତି ସ୍ତ୍ରୀ ଲୋକ ପକ୍ଷରେ କେତେଦୂର ଉପଯୁକ୍ତ, ତାହା ଏଠିକି ନିରୂପଣ କରାଯାଇ ପାରିନାହିଁ । ବର୍ତ୍ତମାନର ଶିକ୍ଷା ପଦ୍ଧତି ପାଶ୍ଚାତ୍ୟର ଅନୁକରଣରେ ସ୍ତ୍ରୀ ପୁରୁଷ ଦୁହିଁଙ୍କ ପାଇଁ ସମାନ କରାଗଲା ଭଳି ! ସ୍ତ୍ରୀମାନଙ୍କ ପାଇଁ ଯେଉଁ ସାମାନ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି ତାହାର ଉପାଦେୟତା ମଧ୍ୟ ନାହିଁ । ସେପରି ସିଲେଇ କାମ ଓ ଲୁଗା ସୂତାରେ କେତୋଟି ଜିନିଷ ତିଆରି । ପାଶ୍ଚାତ୍ୟର ଅନୁକରଣରେ ଏବେ ପ୍ରାୟ ସମସ୍ତେ ଅଙ୍ଗରଖା ସ୍ୱେଟର ବାହାର ସିଲେଇକୃତ ବସ୍ତ୍ର ବ୍ୟବହାର କରନ୍ତି ଯଦ୍ୱାରା ବସ୍ତ୍ର ବାବଦରେ ଦେଶ ବେଦରକାରୀ ଅପବ୍ୟୟ ହୋଇ ଯାଉଛି । ସେପରି ପୁଣି ବର୍ତ୍ତମାନ ଅନେକେ ପାଉଡର ବା କ୍ରିମ୍, ସ୍ନୋ ପ୍ରଭୃତି ଗରମରେ ମଧ୍ୟ ଅନ୍ତତଃ ଦୁଇଖଣ୍ଡ ବସ୍ତ୍ର ଅବଶ୍ୟ ନହେଲେ ଚଳି ପାରୁନାହାନ୍ତି ନାହିଁ । ଶୀତ କାଳରେ କେବଳ ଦେହରକ୍ଷା ପାଇଁ ଦୁଇ ତିନି ଖଣ୍ଡ ବସ୍ତ୍ର ଅବଶ୍ୟକ ହୋଇପାରେ କିନ୍ତୁ ଆମର ଗ୍ରୀଷ୍ମପ୍ରଧାନ ଦେଶରେ ଅଧୁନା ଯେ ପରିମାଣ ବସ୍ତ୍ର ବ୍ୟବହୃତ ହେଉଛି ତଦ୍ୱାରା ଦେଶ କେବେ ହେଲେ ସ୍ୱାବଲମ୍ବୀ ହେବା ଦୂରରେ ଥାଉ ଅନ୍ୟର ଗଲଗ୍ରହ ହେଉଛି ଓ ଅର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେଉଛି । ସିଲେଇ କାମ ଶିକ୍ଷାଦେବା ମାନେ ଦେଶରେ ଏ ଅବସ୍ଥା ଆଡ଼ମ୍ବରକୁ ପ୍ରଶ୍ରୟ ଦେବା ତଥା ଅଳସୁଆ ସୃଷ୍ଟି କରିବା । ତା ଛଡ଼ା ଉଷ୍ଣ ବସ୍ତ୍ର ଶୀତ ଛଡ଼ା ଅନ୍ୟ ସମୟରେ ବ୍ୟବହାର୍ଯ୍ୟ ନୁହେଁ । ଏଣୁ

ଶିକ୍ଷା ଦେବା ଦ୍ୱାରା ସ୍ତ୍ରୀମାନେ ସନ୍ତାନ ସନ୍ତତିମାନଙ୍କୁ ଉନ୍ନତ ଭର୍ତ୍ତାର ଦର୍ଶନମନୋହର ସହଧର୍ମିଣୀ ଗୃହଦେବୀ. ଗୁଣରେ ଭୂଷିତ କରିବା ଦ୍ୱାରା ସନ୍ତାନ ସନ୍ତତି ପକ୍ଷକୁ କାମ୍ୟଲକ୍ଷଣଯୁକ୍ତ ହୋଇଛନ୍ତି । ଜଣେ ଦେଶର ପୁଅଙ୍କୁ ପ୍ରଥମରୁ ଏପରି ସୈନିକ ଗଠନ ଅଭ୍ୟାସ ଦେଲେ ସେ ବଡ଼ ହେଲେ ମାତୃଭୂମି ଶତ୍ରୁ ବାହାର କରିବାକୁ ମରିବ ନା ? ଶୁଣିବାକୁ ପାଇଁ ଜର୍ମାନୀର ହିଟ୍‌ଲର୍ ଅତି ଅଳ୍ପକାଳ ମଧ୍ୟରେ ଏକ କୋଟିବର୍ଷ ଲୋକ ଜର୍ମାନ୍ ଜାତିକୁ ପ୍ରାୟ ଅଜେୟ କରି ତିଆ କରିଥିଲେ । ତାର କାରଣ ବାଳକ ଶୈଶବକାଳରୁ ପ୍ରତ୍ୟେକ ମାତା ସେମାନଙ୍କୁ ଅସ୍ତ୍ର ବାଣ୍ଟ ତାଙ୍କୁ ଉଚ୍ଚାରଣ କରିବାକୁ ହୁଏ ସେପରି "ମୁଁ ଅଜେୟ, ମୋର ଏ ଦେହ ମୋ ଦେଶର ବା ମୋ ଦେଶ ପାଇଁ, ମୋ ନିଜ ପାଇଁ ନୁହେଁ," ଇତ୍ୟାଦି ଇତ୍ୟାଦି । ମାତୃ କଣ୍ଠରୁ ଥିବା-ବେଳେ କ୍ଷୁଦ୍ର ଉନ୍ନତମନ ଜାତୀୟ ଚେତନା କରିପାରିବ, ପୋଷାଗଲା ପରେ ତାହା ଭୁଲିଯିବ ପକ୍ଷରେ ପରିବର୍ତ୍ତିତ ହେବ ନାହିଁ । ତେଣୁ ସ୍ତ୍ରୀ-ଶିକ୍ଷା ବାଲିକା କାଳରୁ ନା ହେବେ ଅବଶ୍ୟ କରିଯିବା ଉଚିତ ତାହା ନୈତିକ ଅଭିଜ୍ଞତାପ୍ରଯୁକ୍ତ । ସ୍ତ୍ରୀମାନେ ଗବେଷଣା କରି ପାରିବେ । ସୁଲ୍କ କେବଳ ସେଥିରେ ସହାୟତା କରିପାରେ । ଦେଶର ପରିବର୍ତ୍ତନ ଯେ ଭାବେ ଘୂରିଛି ତାକୁ ମାନବୀୟ ପରିବର୍ତ୍ତନ କରିବାକୁ ନାରୀଙ୍କୁ ଚଳିବାକୁ ହେବ । ପୁଏତ ସାମାଜିକ ପ୍ରତି-ଫଳନ ଏପରି ଥିଲା ଯେ ଅନେକ ଲୋକଙ୍କ ସଚ୍ଚାର ଏତେ ଅଭିଳାଷଣତା ନଥିଲା । ସାମାଜିକ ପରିସ୍ଥିତି ସ୍ତ୍ରୀ-ଶିକ୍ଷାର ବେଳ ଥିଲା ବୋଲି ବୋଧହୁଏ । କେବଳହୁଏ, ମା'ମାନେ ଝିଅଙ୍କୁ ତାର ସ୍ୱାମୀ ଘରର ଉପଯୁକ୍ତ କରି ଗଢ଼ୁଥିଲେ । ବିବାହ ବେଳକୁ ଷୋଡ଼ଶୀ ଏପରି ଗଠିତ ହୋଇଥିଲା ଯେ ସମ୍ପୂର୍ଣ୍ଣ ଅପରିଚିତ ସ୍ଥାନରେ ମଧ୍ୟ ପ୍ରତି

ପଣ୍ଡି କରି ପାରୁଥିବ । ଏବେ ବହୁ ବିବାଦ ପରେ ଦେଖା ଯାଉଛି ଯୁକ୍ତ ଶିକ୍ଷାରେ ଶିକ୍ଷିତା କନ୍ୟା ଘର କରଣାକୁ ସମ୍ପୂର୍ଣ୍ଣ ଅଯୋଗ୍ୟ, ସ୍ୱଚ୍ଛ ସ୍ୱଚ୍ଛ ଭାଗ୍ୟଚ୍ଛନ୍ଦେସୁଖିନୀ ସ୍ତ୍ରୀ ଓ ଭଗ୍ନ୍‌ସ୍ୱାସ୍ଥ୍ୟା ହୋଇ ନିଜର ସ୍ୱାସ୍ଥ୍ୟନାଶ କରି ଜନ୍ମିତ ପୁଅ କନ୍ୟାଙ୍କୁ ରୁଗ୍ଣ ଓ ଦଣ-ଜୀବୀ କରି ସ୍ୱାମୀ ପରିବାରର ଗଳ ଶୋକଦାୟିନୀ ହେଉଛନ୍ତି । ବର୍ତ୍ତମାନ ସ୍ତ୍ରୀ ଶିକ୍ଷା ମଣ୍ଡଳର ବିଫଳତା ସମ୍ବନ୍ଧେ ଏଥିରୁ ବଳି ଅଧିକ କି ପ୍ରମାଣ ଅବଶ୍ୟକ ? ୩୦।୪୦ ବର୍ଷ ପୂର୍ବେ କନ୍ୟା ସ୍ୱାମୀ ଘରକୁ ଯିବାମାତ୍ରେ ତାଙ୍କୁ ଘରର ଏତେ କାମ କରିବାକୁ ହେଉଥିଲା ଯେ ଆଜି କାଲି ସୁଦ୍ଧା ୨।୩ଟା ଚାକରାଣୀ ମଧ୍ୟ ସେତିକି କାମ କରିପାରିବେ ନାହିଁ । ଅଥଚ କନ୍ୟା ଯେଉଁ ପରିମାଣ କାମ କରୁଥିଲା ତଦନୁପାତରେ ତାର ଖାଦ୍ୟ ମଧ୍ୟ ପଡୁଥିଲା ଥିଲା । ସେ ଖାଦ୍ୟ ମଧ୍ୟ ଅତି ସରଳ, ମାତ୍ର ଦେହପୁଷ୍ଟିକାରୀ ଥିଲା ଓ କନ୍ୟା ତାହା ନିଜେ ପ୍ରସ୍ତୁତ କରୁଥିବାରୁ ତହିଁର ସ୍ୱାଦ ନିତି ନୂତନ କରି ରନ୍ଧନ ପ୍ରଣାଳୀକୁ ଏପରି ଶକ୍ତିପାକଶୀଳ କରି ପାରୁଥିଲା । ଖାଲି ଖାଦ୍ୟ ଯେ ସରଳ ଥିଲା ତାହା ନୁହେଁ, ସେ କାଳର ବସନ ଭୂଷଣ ମଧ୍ୟ ଅତି ସରଳ, ଶାନ୍ତିପ୍ରଦ ଓ ସ୍ୱାସ୍ଥ୍ୟ ଥିଲା । ଧନ ସାଙ୍ଗ କର୍ମନିରତ ରହି ଶିଶୁକୁ ରୀତିରେ ଶାନ୍ତ ପ୍ରବୃତ୍ତି ଦ୍ୱାରା ଦେହକୁ ସୁସ୍ଥ ଓ କର୍ମକ୍ଷମ କରି ରଖୁଥିଲା । ସେ ପୁଣି ସନ୍ତାନଙ୍କୁ ଜନ୍ମିତା ପୂର୍ବ ରୁଗ୍ଣ ମୂର୍ଚ୍ଛାରୁ ଜନ୍ମିବା ବେଳକୁ ସେମାନଙ୍କର ଶାରୀ ଧରିବାର ତାହା ସଂଗ୍ରହ କରି ରଖୁଥିଲା । ସେ କାଳର ସ୍ତ୍ରୀମାନେ ପ୍ରକୃତ ବୁଝିଥିଲେ ଅନ୍ୟପାଇଁ ଖାଟିବା ହିଁ ଜୀବନର ଆନନ୍ଦ । ଏବର ସ୍ତ୍ରୀମାନେ ପରମୁଖାପେକ୍ଷିଣୀ ଥିଲେ । ତାହାଙ୍କ ଜୀବନର ବିଶିଷ୍ଟ ବସ୍ତୁ ଓ ମାନବିକତା, ସେଥିପାଇଁ ସେମାନଙ୍କୁ ସ୍ତ୍ରୀ କର୍ତ୍ତବ୍ୟରେ ପଡିବାକୁ ହେଉ ନଥିଲା । ବାସ୍ତବିକ ସ୍ତ୍ରୀ-ଶିକ୍ଷା

ଯାଉ ଅନ୍ତଃଶିକ୍ଷ ସ୍କୁଲ୍ ଛାତ୍ରୀମାନଙ୍କର ଅବଶ୍ୟକତା ମାତ୍ରାଧିକ । ସେଥିପାଇଁ ଥିବା ପୁରୁଷ ଶିକ୍ଷକ ସ୍ତ୍ରୀ-ଶିକ୍ଷା ଦେବାକୁ ଏକାନ୍ତ ଅନୁପଯୁକ୍ତ । ଆଉ ସେଇଁ ସ୍ତ୍ରୀମାନେ ଶିକ୍ଷୟିତ୍ରୀ, ସ୍ତ୍ରୀ-ଶିକ୍ଷା ଦିଗରେ ସେମାନଙ୍କର ଜ୍ଞାନ ବା କେତେ ? ଅନ୍ତଃପୁରବାସୀ ବୃଦ୍ଧା ହେଲେ ମଧ୍ୟ ଉପଯୁକ୍ତ ଶିକ୍ଷା ଦେବାର ପାରନ୍ତି ନାହିଁ । ହଁ, ଲେଖା ପଢ଼ା ଦିଗରେ ସେ କିଛି ସାହାଯ୍ୟ କରି ପାରିବେ ମାତ୍ର । ପ୍ରକୃତ ସ୍ତ୍ରୀ-ଶିକ୍ଷା ସହାଯ୍ୟ ଦ୍ୱାରା ସମାଜ ଅବଶ୍ୟକ । ଲେଖା ପଢ଼ା ପାଞ୍ଚ ଛ ବର୍ଷ ମଧ୍ୟରେ ଶିଖି ଅଲ୍ପକାଳର ସ୍ତ୍ରୀମାନଙ୍କୁ ୫୦।୬୦ ବର୍ଷ ପୂର୍ବକୁ ପେଷିବାକୁ ହେବ । ଅବଶ୍ୟ ସେତେବେଳେ ଯେ ସବୁ କୁସଂସ୍କାରମାନ ଥିଲା ତାହା ପୁନଃଗ୍ରହଣ କରିବାକୁ ହେବ ନାହିଁ । କୁସଂସ୍କାରକୁ ବାଦ ଦେଇ ୫୦।୬୦ ବର୍ଷ ପୂର୍ବକୁ ପେଷିଲେ ଯାଇଁ ଆମର ସ୍ତ୍ରୀମାନେ ତାଙ୍କର ପ୍ରକୃତ ସ୍ତ୍ରୀ-ଶିକ୍ଷା ଓ ସ୍ତ୍ରୀ-ଅଧିକାର ଫେରି ପାଇବେ ବୋଲି ଏ ପୁରୁଷ ଲେଖକ ବିଶ୍ୱାସ କରେ । ମାତ୍ର ତାର ଏ ବିଶ୍ୱାସ ଠିକ୍ ବା ଭୁଲ୍, ସେ ବିଚାର ଶିକ୍ଷିତା ତରୁଣୀମାନଙ୍କ ହାତରେ ।

# ତୃତୀୟ ପରିଚ୍ଛେଦ

## ଅନ୍ନ ସମସ୍ୟା

ଭାରତର କାର୍ଯ୍ୟିକ ପୁଷ୍ଟିକାର ଅନ୍ନସମସ୍ୟା ବର୍ତ୍ତମାନ ମହା-ସମସ୍ୟା ହୋଇ ପଡ଼ିଛି । ଏହାର ନାନା କାରଣ ରହିଛି । ପ୍ରଥମ ଓ ପ୍ରଧାନ କାରଣ ଲୋକସଂଖ୍ୟା ବୃଦ୍ଧି । ଲୋକସଂଖ୍ୟା ବୃଦ୍ଧି ଅନୁପାତରେ ଖାଦ୍ୟ ନ ମିଳିବା ଦୁର୍ଦ୍ଦଶା ହେଉଅଛି । ଅନ୍ୟାନ୍ୟ ଯାହା ଥାଉ, ଭାରତର 'ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା' ଆପ୍ତବାକ୍ୟ-ପ୍ରସିଦ୍ଧ । ହିନ୍ଦୁ ଶାସ୍ତ୍ରାନୁସାରେ ବଂଶରକ୍ଷା ପାଇଁ ପୁତ୍ର । ମାତ୍ର ବଂଶରକ୍ଷା ପାଇଁ କେତେ ପୁତ୍ର ଆବଶ୍ୟକ ? ପ୍ରଥମ ପୁତ୍ର ଧର୍ମାର୍ଥ, କାମ୍ୟ ଦ୍ୱିତୀୟ ଏହା ପର୍ଯ୍ୟନ୍ତ ହିନ୍ଦୁ ସମାଜ ଗ୍ରହଣ କରେ, କଣ୍ଠବା ଉଚିତ ମଧ୍ୟ ହୋଇଛି । ଅନ୍ୟ ପୁତ୍ର ପାପ ପୁତ୍ର, ଏହା ସାଧାରଣ ଲୋକେ ମଧ୍ୟ କହନ୍ତି । କିନ୍ତୁ ସାଧାରଣ ଲୋକ କାହିଁକି, ଶିକ୍ଷିତ ମଧ୍ୟ ଏ ପାପରେ ପାପୀ ହୁଅନ୍ତି କାହିଁକି ? ତାହାର ମୂଳରେ ରହିଛି ସ୍ୱଳ୍ପଜ୍ଞାନତା ଓ ଇନ୍ଦ୍ରିୟପରାୟଣତା ଓ ଜନନେନ୍ଦ୍ରିୟର ଅନର୍ଥକ ସଞ୍ଚାଳନ । ସ୍ତ୍ରୀ ପୁରୁଷ ଉଭୟଙ୍କ ପକ୍ଷରେ ଏହି ଅବସ୍ଥା ଅତିରିକ୍ତ ବ୍ୟକ୍ତିଗତ କ୍ଷତି ତ କରେ, ସମାଜର ଦେହବାଦ୍ଧକ କ୍ଷତ-ଗ୍ରସ୍ତ କରୁଛି । ୧୯୪୭-୪୯ ଖ୍ରୀଷ୍ଟାବ୍ଦ ଜନଗଣନାରେ ଭାରତର ଲୋକସଂଖ୍ୟା ଥିଲା ୩୨ କୋଟି, କିନ୍ତୁ ୧୯୫୧ରେ ପାକିସ୍ଥାନର ଲୋକସଂଖ୍ୟା ଯୋଗ ହେଲେ ଭାରତର ଲୋକସଂଖ୍ୟା ପ୍ରାୟ ବରାବର ରହିଛି । ପାକିସ୍ଥାନର ଅଲଗା ସଂଖ୍ୟା ହିସାବ କଲେ ପ୍ରାୟ ୩୬ କୋଟି ହେବ । ଭାରତରୁ ଶତକଡ଼ା ୧୬ ପାକିସ୍ଥାନକୁ

ଖାଉଛନ୍ତି । ତେବେ ଭାରତର ସେହି ଖାଦ୍ୟ ଯେତେଜଣ ଖାଉଥିଲେ ବର୍ତ୍ତମାନ ସେ ଖାଦ୍ୟ ୧୫୦ ଜଣରେ ବଣ୍ଟିତ ହେଉଛି । ଅବଶ୍ୟ ଭାରତର କୃଷି ଜମିର ପରିମାଣ ବଢ଼ିଛି, ତାହା ସ୍ୱୀକାର୍ଯ୍ୟ । ଏହା ସତ ଯେ ଶତକଡ଼ା ୧୫ଭାଗ କୃଷି ଜମି ବଢ଼ିଛି ; କିନ୍ତୁ ମୋଟ ଉପରେ ଭୂମିର ଉର୍ବରତା ଓ ଉତ୍ପାଦିକତା କମିଛି ଶତକଡ଼ା ୬ ତେବେ ଉପାର୍ଜନର ହାର ପ୍ରାୟ ୧୦୮ । ଏହି ଖାଦ୍ୟ ୧୫୦ ଜଣ ମଧ୍ୟରେ ବାଣ୍ଟିଲେ ପେଟ ପୂରିବ କି ? ମନୁଷ୍ୟର ପରମାୟୁ ଯଦି ୬୨ ବର୍ଷ ଥିବା ପାଇଥାନ୍ତା, ଖାଦ୍ୟାଭାବରୁ କେବଳ କମିଗଲା ୨୭ ବର୍ଷ ; ତନ୍ମଧ୍ୟରୁ ଅକାଳମୃତ୍ୟୁ ଓ ଅନ୍ୟ ଅନ୍ୟ କାରଣରୁ ପରମାୟୁ କମିଯାଉଛି । ତେଣୁ ଆଜି ଭାରତୀୟ ବାମନ ହୋଇ ରହିଛି । ଶାସ୍ତ୍ରରେ କୁହା,'ମରଣଂ ବିନ୍ଦୁ ପାତେନ, ଜୀବନଂ ବିନ୍ଦୁଧାରଣାତ୍' । ଏହା ଆଜିର ଯୁବସମାଜ ଭୁଲିଛି । ସଂଯମ ଥିଲେ ବିନ୍ଦୁ ଧାର-ଣରେ ସମ୍ଭବ । ଜନନେନ୍ଦ୍ରିୟର ଅସଂଯମ ଓ ଅଯଥା ପରିଚାଳନା ଆଜି ଯୁବକର ସର୍ବନାଶ କରୁଛି । ତେବେ ସଂଯମ ହରାଇ ଜାଣି ଯେଉଁ ଯାବତୀୟ ଅଭାବ ଓ ଅନାଚାର ସୃଷ୍ଟି ହେଉଅଛି ତାହା ନୁହେଁ, ଭାରତୀୟଙ୍କୁ ମନୁଷ୍ୟପଣିଆରୁ ବଞ୍ଚିତ କରାଉଛି । ହଁ, ପୁତ୍ର କନ୍ୟା ଲାଭ କରିବା ମନୁଷ୍ୟର ଆୟତ୍ତାଧୀନ ନୁହେଁ ସତ କିନ୍ତୁ ଇନ୍ଦ୍ରିୟ ସଂଯମ ଦ୍ୱାରା ମନୁଷ୍ୟ ଦୈବଶକ୍ତିରେ ଶକ୍ତିମାନ୍ ହୁଏ । ପୁତ୍ର ପୁଣି କନ୍ୟା ଲାଭ କରିବା ଅତି ସାମାନ୍ୟ କଥା । ସତ ଏହା ଯେ ପୁତ୍ର ବା କନ୍ୟା ଲାଭହେବା ବିଧାତାର ଆୟତ୍ତାଧୀନ, ପୁତ୍ର ବଂଶରକ୍ଷା କରାଏ ଓ କନ୍ୟା ଅନ୍ୟକୁଳ ପାଇଁ । ଯଦି ପ୍ରଥମ ଗର୍ଭରେ ପୁତ୍ର ନ ହୋଇ କନ୍ୟା ଜାତହୁଏ ତେବେ ବୁଝି-ନେବାକୁ ହେବ ତାହା ବିଧାତାଙ୍କର ବିଧାନ । ତଥାପି ଇନ୍ଦ୍ରିୟ-ସଂଯମ କରଣୀୟ ଓ ଜନ୍ମନିରୋଧ ବାଞ୍ଛନୀୟ । ତେବେ ବଂଶରକ୍ଷା-

ସଭାରେ ହିନ୍ଦୁ ଗର୍ଭାଧାନର ବିଧାନ ଶାସ୍ତ୍ରରେ ରହିଛି ।
ଯଦି ହିନ୍ଦୁସ୍ତ୍ରୀଗର୍ଭରେ କନ୍ୟା ଜାତ ହୁଏ ତେବେ ଦୂର୍ବିନେବାକୁ
ହେବ ଅଣ୍ଡ ଭ୍ରୂଣାନ୍ତ ନାହିଁ । ଗର୍ଭ ଅବସ୍ଥା କନ୍ୟା ନିରୋଧ କରି
ସେ ଧର୍ମରେ ଅଛି ଅବସର ନ ହୋଇ ପୂର୍ବ କା ପୁଣ୍ୟ ଅବରୋଧ
କରିବାକୁ ହେବ । ଏହି ସମସ୍ୟା ପୂରଣ ସଭାରେ ଶାସ୍ତ୍ରର ସ୍ମୃତିର
ଜନ୍ମ ନିରୋଧ କରିବାକୁ ହେବ ନ ହେଲେ ଅନ୍ୟ ରକ୍ଷା ନାହିଁ ।
ଜନ୍ମ ନିରୋଧ ନ ହେବାରୁ ଭାରତରେ ନାନା ଦୁଃଖ ଦୁର୍ଦ୍ଦଶା
ଘର କରୁଛି । ହିନ୍ଦୁର (Joint family system) ଯଜମାନୀ
ପରିବାର ଏହି ଦୁର୍ଦ୍ଦଶାର ଅନ୍ୟ ଏକ କାରଣ । ହିନ୍ଦୁର ଜ୍ୟେଷ୍ଠ
ପୁତ୍ରହିଁ ଶେଷ ସନ୍ତାନ ଓ ଉତ୍ତରାଧିକାରୀ । ଯଦି ଭାଇ କହିଛି ସେ
ଟେକିଭଳ ସମ୍ପତ୍ତି ଭୋଗ ପାଇବା ଉଚିତ ହୁଏନ୍ତି । ପିତା ମାତାର
ପାପରୁ ଭାଇ ଜନ୍ମ । ସେ ପାପ ପାଇଁ ପ୍ରାୟଶ୍ଚିତ୍ତ ପିତା ମାତାଙ୍କର
କର୍ତ୍ତବ୍ୟ । ପାଣ୍ଡୁ ସ୍ୱରୂପ ପିତାମାତା ଟେକିଭଳ ସମ୍ପତ୍ତି ବାହାରେ
ତାର ସନ୍ତାନ ନିମିତ୍ତ ସ୍ୱୋପାର୍ଜିତ ସମ୍ପତ୍ତିର ବ୍ୟବସ୍ଥା କରିବେ ।
ଯଦି ସେ ଯୋଗ୍ୟତା ନ ଥାଇ ହିନ୍ଦୁ ହୁଏ ଜନ୍ମ କରନ୍ତି,
ସାମାଜିକ ଉଦାର ଦଣ୍ଡରେ ସେମାନେ ଦଣ୍ଡିତ ହେବା ଉଚିତ ।
ଅତଏବ ଯଦି ତାହା ନ ଥିଲା ଏବେ ତାହା ନିତାନ୍ତ ଜରଣୀୟ
ହୋଇ ପଡ଼ୁଛି । ପିତାମାତା ସେ ପରିବାର ଯଦି କିଛି କରି
ପାରିଲେ ନାହିଁ ତେବେ ପୁତ୍ର ବା ସ୍ୱୟଂ ସ୍ୱ ଯୋଗ୍ୟତା ଅର୍ଜନ
କରି ନିଜ ଗୋଡ଼ରେ ଠିଆ ହୋଇ ପାରିବା ପର୍ଯ୍ୟନ୍ତ ଟେକିଭଳ
ସମ୍ପତ୍ତିରୁ ଅଷ୍ଟାଦ୍ୱୀଣରେ ଖୋରାକ ପୋଷାକ ମାଗି ପାଇବା
ଉଚିତ । ତାହିଁର ବ୍ୟବସ୍ଥା । ଏ ପର୍ଯ୍ୟନ୍ତ ଅନେକ ସ୍ଥାନରେ ହିନ୍ଦୁ
ସମାଜରେ ରହିଛି । ଏହିଭଳି ଅବସ୍ଥାରେ ଜାତି ମାତ୍ରେ ଲଜ୍ଜାନାଳି
ସମ୍ପତ୍ତିର ଅଂଶୀଦାର ହେଉଥିବାରୁ ଲଜ୍ଜମାନୀ ସମ୍ପତ୍ତିରେ ନିର୍ଭର

ଏହି ଯୋଗ୍ୟତା ଅର୍ଜନରୁ ବଞ୍ଚିତ ହେବା ଦ୍ୱାରା ବ୍ୟକ୍ତିର ନୈତିକ ଅଧଃପତନ ଘଟିଛି । ଜନ୍ମ ନିରୋଧ ପାଇଁ ଔଷଧ ପ୍ରୟୋଗ ଏକାନ୍ତ ନିନ୍ଦନୀୟ ଅଟେ । ଇନ୍ଦ୍ରିୟପରାୟଣତା ସହ ନିତାନ୍ତ ଏଡ଼ାଇ ନ ହୁଏ କେତେକ ଅନ୍ତତଃ ସ୍ତ୍ରୀ ଉଚ୍ଛୃଙ୍ଖଳା ହେବା ଯୋଡ଼ଣ ଦାବୀ ଅତିଶ ସମ୍ଭାବ୍ୟ ହେଲେ ଗର୍ଭାଧାନର ଭୟ ଆଶଙ୍କା । ମନକୁ ସଂଯମ ଦିଗରେ ଅଭ୍ୟସ୍ତ କରାଇ ଧୀରେ ଧୀରେ ଆଗକୁ ବଢ଼ିଲେ ସଂଯମ କ୍ରମେ ଅଭ୍ୟାସଗତ ହୁଏ । ପ୍ରକୃତ କଥା ମନ ଚଞ୍ଚଳ ନ ହେଲେ ଇନ୍ଦ୍ରିୟଗଣ କ୍ରମେ କ୍ରମେ ସ୍ଥିର ହୋଇ ପଡ଼ନ୍ତି । ମନ ଇନ୍ଦ୍ରିୟ ସମୂହର ରାଜା । ସୁତରାଂ ସୁଶିକ୍ଷା ଦ୍ୱାରା ମନକୁ ଆୟତ୍ତ କରିପାରିଲେ ଏକ ପୁରୁଷରେ ନ ହେଲେ ମଧ୍ୟ ଅନ୍ୟ ପୁରୁଷକୁ ସଂଯମ ଶିକ୍ଷା ହୋଇପାରିବ । ଏହି ମତକୁ ରକ୍ଷିବାକୁ ହେବ ଯେଉଁ ଭାରତର ଅଷ୍ଟମ ବର୍ଷୀୟ ବାଳକ ପିତୃଭକ୍ତି ପାଇଁ ସିଂହାସନ ତ୍ୟାଗ ତଥା ବିମାତାର ତୃପ୍ତି ପାଇଁ ବିବାହ ତ୍ୟାଗକାରୀ ଆମରଣ ଅସ୍ଖଳିତ ଶିଖିବେ ସଂଯମ ରକ୍ଷା କରିପାରିବେ ଏହେନ ତାଙ୍କର ଜନ୍ମଭୂମିବାସୀ ।

ଲୋକସଂଖ୍ୟା ବୃଦ୍ଧିର ଅନ୍ୟ ଏକ ଉଜ୍ଜ୍ୱଳ ପାର୍ଶ୍ୱ ଅଛି । ଦେଶର ଉନ୍ନତି କରିବା ଲୋକସଂଖ୍ୟା ବୃଦ୍ଧିର ଆବଶ୍ୟକତା ମଧ୍ୟ ଅଛି । ଦେଖିବାକୁ ହେବ ସଂଖ୍ୟା ବୃଦ୍ଧି ଦ୍ୱାରା ଯେପରି ଅନାହାରୀର ସଂଖ୍ୟା ବୃଦ୍ଧି ନହୁଏ । କିନ୍ତୁ ପୂର୍ବ କାଳରେ ମନୀଷୀମାନେ ବିବାହ ଓ ସନ୍ତାନ ବୃଦ୍ଧିରେ ଉତ୍ସାହ ଦେଇ ସମାଜ ଓ ଜାତିକୁ ବଳବାନ୍ କରିଥିବାର ସାକ୍ଷ୍ୟ ଦେଖାଇ ଯାଇଛନ୍ତି । ଏହି ଦିଗରେ ଜନ୍ମନିରୋଧ ଅପେକ୍ଷା ମଧ୍ୟ ସଂଯମର ଆବଶ୍ୟକତା ଅତି ବେଶୀ କାରଣ ଶରୀରକୁ ନିରୋଗ ରଖି ଶୁକ୍ର ରକ୍ଷା ଦ୍ୱାରା ଶରୀରର ଯେପରି କୌଣସି କ୍ଷୟ ନହୁଏ ତଥା ଶୁକ୍ର ଯେପରି ଦୋଷ ଦୁଷ୍ଟ ନହୁଏ ତାହା ପ୍ରଣିଧାନ କରିବାକୁ ହେବ ।

ଯଦି ଯୋଗ୍ୟ ସୁସ୍ଥ ଜନ୍ୟାର ସଂଖ୍ୟା ବୃଦ୍ଧି ହୁଏ ତେବେ ସଙ୍ଗେ
ସଙ୍ଗେ ଜାତୀୟ ସମ୍ପଦର ବୃଦ୍ଧି ହେବ । ସୁଯୋଗ୍ୟ ନାଗରିକର-
ପରିଶ୍ରମ ଦ୍ୱାରା ଦେଶ ସମୃଦ୍ଧିମନ୍ତ ହେବ ମାତ୍ର ଭାରତବର୍ଷରେ ବାସିନ୍ଦାଙ୍କୁ
ଖାଦ୍ୟର ଅନାଟନ ଦେଖିଲେ ଏହି ଆଶା ଆକାଶକୁସୁମ ମାତ୍ର ।
ସେଥିପାଇଁ ଉପଯୁକ୍ତ ସମସ୍ତ ସମ୍ଭବ ଚେଷ୍ଟାରେ ଲାଗିବାକୁ ହେବ । ଖାଦ୍ୟ
ଉତ୍ପାଦନ ସମ୍ବନ୍ଧେ ଭାରତକୁ ସ୍ୱାବଲମ୍ବୀ କରିବାକୁ ହେବ । ବିଶେଷତଃ
ଅଧୁନାତନର ଏ ଆଶା ଆକାଶକୁସୁମ ନୁହେଁ, କାରଣ ଉନ୍ନତ
ଆଶାୟୀ ଭାରତକୁ ଏ ପର୍ଯ୍ୟନ୍ତ କରାଇ ଦେଉଛି । ଖାଦ୍ୟାଭାବର ଅନ୍ୟ-
ତମ କାରଣ ଜନ୍ମବୃଦ୍ଧି । ଅତିରିକ୍ତ ଜନ ବୋଧହୁଏ ମୁଖ୍ୟ ପ୍ରଧାନ
କାରଣ । ଏଣୁ ସମାଜରେ ନିମ୍ନଶ୍ରେଣୀ ତଥା ମଧ୍ୟ ଓ ଉଚ୍ଚ-
ଶ୍ରେଣୀରେ ଜନ୍ମନିୟନ୍ତ୍ରଣ ପେଟ ଭୂଖ ଅପର୍ଯ୍ୟାପ୍ତ, ଏ ଦୃଷ୍ଟିରେ
ନିମ୍ନ ଶ୍ରେଣୀର ସ୍ୱାସ୍ଥ୍ୟ ଲୋକସଂଖ୍ୟା । ଏପରିକି, ଏପରି ଶତକଡ଼ା
ନାହିଁ ଯାହାରେ ଅତିରିକ୍ତଜନନଜନିତ ଦାରିଦ୍ର୍ୟପୀଡ଼ିତ
ବ୍ୟକ୍ତି ନାହିଁ । ଭୂମିଷ୍ଠରେ ନବଜାତ ମରିବା ଲୋକସଂଖ୍ୟା ଅପେକ୍ଷା-
କୃତ ମରିବା ଲୋକସଂଖ୍ୟା ଅତି ବେଶୀ, କାରଣ ଲୋକ ନାଶର
ମଧ୍ୟ । ତେଣୁ ଖାଦ୍ୟ ଯୋଗାଣ ଜନିତ ମୃତ୍ୟୁ ନଶାର ମରିବା
ଲୋକସଂଖ୍ୟା ତୁଳନାରେ ତାହା କମ୍ ନୁହେଁ । ସେଥିପାଇଁ
ଖାଦ୍ୟ ଅବଶ୍ୟ ଅନ୍ୟଥା ତାହା ଉପବାସଲୋକ ମାତ୍ର । ଏଣୁ
ଉପବାସଲୋକ ପର ମନୁଷ୍ୟର ଶକ୍ତି ଆଜି ବେଶୀ କ୍ଷୟିଷ୍ଣୁ । ଏ ଦେଶ
ଭଗବାନଙ୍କର ମନ୍ଦିର, ଏଠି ସବୁଧର୍ମ ଓ ସବୁବାଦୀସମ୍ପ୍ରଦାୟ । ତେବେ
ଯଦି ଅତିରିକ୍ତ (ଯାହା ଉପବାସଲୋକ ଓ ଭଗ୍ନଜୀବ ଅଟେ)-
ଦ୍ୱାରା ରୋଗ ଓ ମୃତ୍ୟୁ ଆମନ୍ତ୍ରଣ କରିଥାଏ ତାହା ଅପ୍ରତ୍ୟକ୍ଷ-
ଭାବରେ ଆଉ କେଉଁଠି ହୋଇପାରେ । ସାମାନ୍ୟ ଖାଲି ସୃଷ୍ଟି କରି-
ବାର ସାହାର ଶକ୍ତି ନାହିଁ ସେ ଯଦି ଅତିରିକ୍ତ ଦ୍ୱାରା ଭର-

ବାଳକଙ୍କର ଏ ସମ୍ବନ୍ଧ ମତାମତକୁ ଅପବାଦ, କଳୁଷିତ ଓ ନଷ୍ଟ କରିବ ଯାହାଙ୍କୁ ବଳ ଆଉ କଏ ଶକ୍ତି ଦାତା ଅଛି ? ଅତିଭୋଜନ ଦ୍ୱାରା ଦେହରେ ଯେଉଁ ଖାଦ୍ୟ ନଷ୍ଟ ହେଉଛି ତଦ୍ୱାରାହିଁ କେବଳ ଦେହକୁ ରକ୍ଷା କରିପାର ତାହେ, ଏହା ଅନୁଭବ । ନୁହେଁ । ଅଗଣ୍ଣ କୁହାଯାଇଛି ଜୀବନ ରକ୍ଷା ସକାଶେ ଭଗବାନ ଯଥେଷ୍ଟ ଖାଦ୍ୟ ସୃଷ୍ଟି କରିଛନ୍ତି କିନ୍ତୁ ଆମେ ଖାଇ ନଜାଣି ଓ ଅଖାଦ୍ୟ ଖାଇ ସର୍ବନାଶ କରୁଛୁ । ଅତିଭୋଜନ ଯେପରି ଦେହର ଅନିଷ୍ଟକାରକ ଅନ୍ୟ ପକ୍ଷରେ ଉପବାସ ସେପରି ବଳବୀର୍ଯ୍ୟବର୍ଦ୍ଧକ ଓ ଆରୋଗ୍ୟଦାୟକ । ଉପବାସ ଓ ପଥ୍ୟ ପରିବର୍ତ୍ତନ ସ୍ୱାସ୍ଥ୍ୟସମ୍ବନ୍ଧ ଚାର୍ଣ୍ଣିକ ଧର୍ମସୂତ୍ର ମଧ୍ୟ ଅଟେ । ନିଦ୍ରା ଓ ଶ୍ରମ ଦେହର ରକ୍ଷାପାଇଁ । ଜୀର୍ଣ୍ଣ ପ୍ରଣାଳୀର ସ୍ୱାସ୍ଥ୍ୟ ସକାଶେ ପାକସ୍ଥଳୀର ବିଶ୍ରାମ ଦରକାର ଉପବାସ ଏକାନ୍ତ ପ୍ରୟୋଜନ । ଦେହକୁ ଉପବାସର ଅନୁରାଗୀ ନୁହେଁ କାରଣ ତାର ଜୀବ୍ନାଳକଏ ରୋଗ (ବୈଜ୍ଞାନିକମାନଙ୍କର ଏହା ମତ) ଅଛି । ସୁତରାଂ ଉପବାସ ଉପାସନା ସ୍ୱାସ୍ଥ୍ୟ ପାଇଁ । କାଳାନ୍ତ ଉପବାସ-ବିମୁଖ ମଧ୍ୟ ସପ୍ତାହରେ ଥରେ ଓଳିଏ ମାତ୍ର ନଖାଇ ରହିବା ସେ ମଧ୍ୟ ଏହି ଦ୍ୱାଦଶୀବ୍ରତର ସାହାଯ୍ୟ କରି ପାରିବ । ୩) କୋଟି ଲୋକ ମଧ୍ୟରୁ ଅନ୍ତ ଚୋଇଏ କୋଟି ଲୋକ (ବୃଦ୍ଧ ଓ ବାଳକ ଛାଡ଼ି) ସାବାଳକ ଥାଆନ୍ତି ଓ ପ୍ରତ୍ୟେକ ଯଦି ସପ୍ତାହରେ ଏକଓଳି ମାତ୍ର ଉପବାସ କରନ୍ତି ତେବେ ଫଳ କଅଣ ହୋଇପାରେ ଦେଖାଯାଉ । ମତେନବର ଲୋକଙ୍କୁ ଯାଏ ଭୁଜଳ ବା ଗହମ ଖାଏ ତେବେ ଚୋଇଏ କୋଟି ଲୋକ ୨୦ କୋଟି ପାଅ ବା ପାଞ୍ଚକୋଟି ସେର ଖାଦ୍ୟ ଓଳିକୁ ବଞ୍ଚାଇ ପାରିବେ । ମାସରେ ୨୦ କୋଟି ସେର ଓ ବର୍ଷକୁ ୨୪୦ କୋଟି ସେର ଖାଦ୍ୟ ବଞ୍ଚାଇ ପାରିବେ । ତେବେ ଅତି ଭୋଜନ ନ କରିବା

ଦ୍ୱାରା ଯାହା ହେଉ ନ ହେଉ ସପ୍ତାହରେ ଓଳିଏ ମାଂସ ନ ଖାଇବା ଦ୍ୱାରା କେବଳ ଭାରତର ଖାଦ୍ୟ ସମସ୍ୟା ପୂରଣ କରାଯାଇପାରେ, ଏହା ଆଉ ବୁଝାଇବାକୁ ହେବ ନାହିଁ । ତା’ ନ କରି ବୃଥା ଟେଘା ଘା ଦ୍ୱାରା ଅନ୍ୟକୁ ଉପଦେଶ ଦେବାର ବହୁତ-ଏଣିଅଁ ଆମକୁ ଆଉ ସୁବର ଧଣୁନାହିଁ । ବର୍ତ୍ତମାନ ଏ ଦେଶରେ ଆମର ଖାଦ୍ୟ ସରକାର ବାଧ୍ୟତାମୂଳକ କରି ବ୍ୟବସ୍ଥା କଲେ ମଧ୍ୟ ନିବାଗ୍ରହଣ ହୁଅନ୍ତେ ନାହିଁ ।

ଆମର ଖାଦ୍ୟ ଓ ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ ଅତି ସରଳ ଥିଲା । ସେଥିରେ ମଧ୍ୟ ନାନା ଜଟିଳତା ପ୍ରବେଶ କରିଛି । ଦୁଧ ଘିଅ ତ ସ୍ୱପ୍ନ ହେଲାଣି । ଅନ୍ୟ କୌଣସି ଜିନିଷର ଅପେକ୍ଷା ନକରି କେବଳ ଲୁଣ ଓ ସାମାନ୍ୟ ଘିଅ ଦେଶାତାଡ଼ି ଭାତ ଖାଇଲେ ଖାଦ୍ୟର ଉପାଦେୟତା, ସରଳତା ଓ ସରସତା ରକ୍ଷା କରିପାରି ପାରନ୍ତା । (Hunger is the best-sauce) ଅର୍ଥାତ୍ କ୍ଷୁଧାହିଁ ସ୍ୱାଦୁର ଜନକ । କ୍ଷୁଧା ଥିଲେ ଅସାର ଖାଦ୍ୟ ମଧ୍ୟ ରୁଚିକର ହୋଇଯାଏ । ଆଉ କ୍ଷୁଧା ନ ଥାଇ ଖାଇଲେ ଖାଦ୍ୟ ପରିପାକ ନ ହୋଇ ମଳ ରୋଗ ବଢ଼ିଯାଏ । ଖାଦ୍ୟର ଉଦ୍ଦେଶ୍ୟ ସିଦ୍ଧି ହୁଏ ନାହିଁ । ମସଲାଯୁକ୍ତ ଖାଦ୍ୟ ମୁଖରୋଚକ ଓ ଜିହ୍ୱାଲୋଲ ସାଧକ ମାତ୍ର ଶରୀର ସ୍ୱାଭାବିକ କାରଣ ନାନା ମସଲାରେ ନାନା ଦ୍ରବ୍ୟ ଗୁଣ ବା ଦୋଷ ରହିଛି । ଦେହର ଆବଶ୍ୟକ ଉପାଦାନ ସହିତ ଯଦି ମସଲାର ଦ୍ରବ୍ୟଗୁଣ ଏକ ନୁହେଁ, ତେବେ ଉକ୍ତ ମସଲା ସଂଯୁକ୍ତ ଖାଦ୍ୟ ସ୍ୱାସ୍ଥ୍ୟସମ୍ମତ ହେବ ନାହିଁ । ଏଥିରେ ସନ୍ଦେହ କିଛି ନାହିଁ । ଆଉ କେବଳ ଖାଦ୍ୟ ଦ୍ୱାରା ଦେହ ରକ୍ଷା କରାଯାଇ ପାରେ ନାହିଁ ବରଂ ନାନା ଉତ୍କଟ ଓ ଜଟିଳ ରୋଗରେ ଦେହକୁ ଧ୍ୱଂସାଭିମୁଖୀ କରାଯାଏ । ବେଳକୁବେଳ ନୂତନ ନୂତନ

ନାନା ଉନ୍ନତ ମଶଲା ଖାଦ୍ୟରେ ପକାଇ ତାକୁ ମୁଖରୋଚକ-
କରନ୍ତିଁ ସିନା କିନ୍ତୁ ତଦ୍ୱାରା ଖାଦ୍ୟପାନରେ ଅଭ୍ୟସ୍ତ ଓ
ଅବର୍ଜନା କରନ୍ତିଁ । ତଦ୍ୱାରା ବୃଥା ଜାତୀୟ ସମ୍ପତ୍ତି ଅପଚୟ
ଘଟୁଛି ତଥା ବହୁମୂଲ୍ୟ ଦେହର ଜାତିର ସ୍ୱାସ୍ଥ୍ୟ ନଷ୍ଟ କରୁଥାନ୍ତି ।
ଘିଅ ଖାଲିକି, ବନସ୍ପତି ତେଲ ଘିଅର ସ୍ଥାନ ପୂର୍ଣ୍ଣ
କରନ୍ତି । ଅଜି ଏହି ବନସ୍ପତିରେ ଅଜୀର୍ଣ୍ଣ ଓ ରୋଗ ବଢ଼ୁଛନ୍ତି ।
ଅଜିର ରନ୍ଧନପ୍ରଣାଳୀ ଖାଦ୍ୟକୁ ଦେହ ଓ ସ୍ୱାସ୍ଥ୍ୟସମ୍ମତ ନକରି
ସ୍ୱାଦମୁଖ ଦିଗରେ ଗଲିଛି । ରନ୍ଧନପ୍ରଣାଳୀକୁ ପୁନର୍ବାର ସରଳ
ଓ ସହଜ କରି ଖାଦ୍ୟର ସରଳତା ଓ ସରସତା ଆଣି ଖାଦ୍ୟକୁ
ଜୀର୍ଣ୍ଣକାରୀର ସହାୟକ କରିବାକୁ ହେବ । ଅଜସ୍ରର ଓ ଅବର୍ଜନା
ଯେପରି ଜାତିର ଖାଦ୍ୟରେ ପଶି ଜାତିର ସ୍ୱାସ୍ଥ୍ୟର ଅବନତି ନ-
ଘଟାଏ ତତ୍ପ୍ରତି ଅବହିତ ହେବାକୁ ହେବ ।

ଖାଦ୍ୟ ସମସ୍ୟା ପୂରଣ କରିବାକୁ ଆଉ ଏକ ବିଷୟ
ମନେ ରଖିବାକୁ ହେବ । ପ୍ରେମ ଓ ବାତ୍ସଲ୍ୟ ଯେପରି ଅଯଥା
ଖାଦ୍ୟପାନରେ ଅପବ୍ୟୟ ବିସ୍ତାର ନ କରନ୍ତି । ମା' ଭଉଣୀ ଓ ପତ୍ନୀ-
ଅତିଥିଙ୍କୁ ଥିବାରୁ ଅଧିକ ଖାଇବାକୁ ଯେ ଅଧିକ ପ୍ରଚେଷ୍ଟା କରନ୍ତି-
ଓ ପରିବେଷଣ ବେଳେ ଅଧିକ ପାତରେ ଅଜାଡ଼ି ଦିଅନ୍ତି ତଦ୍ଦ୍ୱାରା
କୁଫଳ ପ୍ରତି ଅନେକ ନଜର ଦିଅନ୍ତି ନାହିଁ । ଦାନଶୀଳତା
ଦେଖାଇବାକୁ ଯାଇ କୋଡ଼ିଏ କୋଡ଼ିଏ ଲୋକଙ୍କ ଯେଉଁ ଖାଦ୍ୟର
ଅପଚୟ ହୁଏ, କିନ୍ତୁ ଅପରିମିତ ଖାଦ୍ୟ ଅଳ୍ପ ଦେଇଥିବା ଲୋକ ଖାଇ-
ପାରନ୍ତି । ଦୈନନ୍ଦିନ ଖାଦ୍ୟ ପରିବେଷଣ ବେଳେ ଗୃହିଣୀମାନେ
ଯେଉଁ ଖାଦ୍ୟ ଅପଚୟ କରନ୍ତି, କିନ୍ତୁ ଅପରିମିତ ଖାଦ୍ୟରେ କେତେ-
କାହାନ, ଗୋରୁ ଓ କୁକୁରର ପେଟ ଯାଉଛନ୍ତି । ପୁଣି ଭୁଲ
ରନ୍ଧନପ୍ରଣାଳୀ ଏବଂ ସେ ଶୃଙ୍ଖଳର ଭାବ ପେଟରେ ପଶି

ଯାଆନ୍ତି । ତାଳି ଏପରି ଲଜ୍ଜା ହୁଏ ଯେ ଲୋକମାନେ ଦିନ ନ ଦେଖାଇ ତାଳି ଅନ୍ଧାରରେ ମଳରେ ଲୁଚାଯାଏ । ସ୍ୱାସ୍ଥ୍ୟ-ଜନକଙ୍କୁ ଯେ ସମସ୍ତ ଯାଆନ୍ତି ସ୍ୱାଦୁ ଖାଦ୍ୟର କାନ୍ତି ଜାଗିଯାଏ ଦେଖିଲେ ମଧ୍ୟ ପ୍ରକୃତିର ହୁଏ ନାହିଁ । ଭୋଜନ ବେଳେ ମନକୁ ଲଗାଇବାକୁ ହେବ ଭୋଜନ କେବଳ ଜୀବନ ନିର୍ବାହ, ଜୀଭ ବା ଗାଣ୍ଡି ନ ତୃପ୍ତିଲାଗି ଭୋଜନ, ଭୋଜନ ଲାଗି ଜୀବନ ନାହିଁ । ଖାଦ୍ୟ ସମ୍ବନ୍ଧରେ ଦେଶବନ୍ଧୁ ଜେନେଭାରୁ ସ୍ୱାଭାବିକ ଜନ୍ତୁର ସମସ୍ୟା ଗର ଦେବାକୁ ଆହ୍ୱାନ କରିଛନ୍ତି । ସେ ଯୁଗରେ ତତ୍ପର ହେବା ସ୍ୱଦେଶୀ ନୀତିପାଳନ ଯଥାର୍ଥ କର୍ତ୍ତବ୍ୟ । ଏ ଯୁଗରେ ସବୁଠାରୁ ଅଧିକ ଦେଶ ଜମିକୁ କଠିଆ କରିବାକୁ ସେ ଉଦ୍ୟମ କରୁଥାନ୍ତି ସେଥିରେ ସମସ୍ତଙ୍କର ସହାନୁଭୂତି ଦରକାର । ସଂଯମ ଦ୍ୱାରା ଇନ୍ଦ୍ରି-ୟନିଗ୍ରହ କରିବାକୁ ହେବ । ଅତିଭୋଜନ ପରିତ୍ୟାଗ କରି ଉପ-ବାସର ଧର୍ମ ମାନିବାକୁ ହେବ । ଭୋଜନ ପ୍ରଣାଳୀକୁ ସରଳ କରିବାକୁ ହେବ । ସ୍ୱାଦ ଓ ବାହୁଲ୍ୟ ଦୋଷର ଅତିଭୋଜନ ପାଇଁ ସୁଯୋଗ ନ ଘଟନ୍ତୁ ତାହା ଦେଖିବାକୁ ହେବ । ପରିବେଷଣ ଏପରି-କରିବାକୁ ହେବ ଯେପରି ଖାଦ୍ୟର ଲେଶ ଅପଚୟ ନହୁଏ । ଉପନିଷଦ୍ ବେଦରେ ଶୋଚିବାକୁ ହେବ—

ଅନ୍ନ ବାହ୍ମଣେ ପ୍ରାଣି ସ୍ଥାନ

ଧର୍ମ ଜନ୍ମର ଧାତ୍ରୀ ଯେନ ।

---

# ଚତୁର୍ଥ ପରିଚ୍ଛେଦ

## ବସ୍ତ୍ର ସମସ୍ୟା

ଅନ୍ନ ସମସ୍ୟା ପରେ ବସ୍ତ୍ର ସମସ୍ୟା ମଧ୍ୟ ବଡ଼ ଜଟିଳ । ଅନ୍ନ ସମସ୍ୟା ମନୁଷ୍ୟର ମୂଳ ହେତୁ ବୋଲି ଦେଖାଇବାକୁ ଚେଷ୍ଟା କରାଯାଇଛି । ବସ୍ତ୍ର ସମସ୍ୟା ଅନ୍ନ ସମସ୍ୟାର ଅନ୍ତର୍ଭୁକ୍ତ ଏହା ଦେଖାଇବାକୁ ଚେଷ୍ଟା କରୁଁ । ବସ୍ତ୍ର ସମସ୍ୟା ପୂରଣ ନ ହେବାତକ ଅନ୍ନ ସମସ୍ୟା ମିଟିବ ନାହିଁ ଏହା ନିଶ୍ଚିତ । ବସ୍ତ୍ର ସମସ୍ୟା ବିଦେଶୀ ବ୍ରିଟିଶ ସରକାରକୃତ ଓ ଦୃଷ୍ଟ । ତତ୍ପୂର୍ବରୁ ବସ୍ତ୍ର ସମସ୍ୟା ଏ ଦେଶରେ ନ ଥିଲା । ପୂର୍ବେ ଭାରତୀୟ ବସ୍ତ୍ର ଦେଶ ବିଦେଶରେ ଆଦୃତ ହେଉଥିଲା, ଇତିହାସ ସ୍ପଷ୍ଟ ଭାଷାରେ ଏହା ପ୍ରକାଶ ଓ ପ୍ରଚାର କରୁଛି । ଏବେ ମଧ୍ୟ ବସ୍ତ୍ର ବାବଦରେ ଭାରତୀୟ ରୁଚି ଯାଦୁଘରର ପ୍ରଶଂସାର ବିଷୟ । ଯାହାଦ୍ୱାରା ପ୍ରମାଣିତ ହେଉଛି ବସ୍ତ୍ର ରୁଚିର ଅବଶେଷ ମଧ୍ୟ ଭାରତର ବସ୍ତ୍ର ସ୍ୱଚ୍ଛଳତାର ସୂଚନା ଦେଉଛି । ଭାରତୀୟ ସୂକ୍ଷ୍ମ ବସ୍ତ୍ରର ଚାହିଦା ମୋଗଲ ଶାସନ ସମୟରେ ଏପରି ପ୍ରକାଶ ପାଇଥିଲା । ବିଦେଶୀ ବଣିକର ଆଖିକୁ ପ୍ରଥମରୁ ଚମକାଇ ଦେଇଥିଲା । ଏପରିକି ୬୦ ଗଜ ରେଶମ ବସ୍ତ୍ରର ଓଜନ ହେଉଥିଲା ଏକ ପାଆ ମାତ୍ର । ପୌରାଣିକ ଯୁଗରେ ମଧ୍ୟ ଦ୍ରୌପଦୀ ବସ୍ତ୍ରହରଣ ଉପାଖ୍ୟାନରେ ଭାରତର ବସ୍ତ୍ର ଶିଳ୍ପର ଉତ୍କର୍ଷ ଆଭାସ ମିଳେ । କିନ୍ତୁ ଏତାବତ୍‌କାଳ ପର୍ଯ୍ୟନ୍ତ ବସ୍ତ୍ର ଶିଳ୍ପ ଭାରତର କୁଟୀର ଶିଳ୍ପ ହୋଇ ରହିଥିଲା ଏହି କୁଟୀର ଶିଳ୍ପକୁ ପାଶ୍ଚାତ୍ୟ ବଣିକ ସମୂଳେ ଧ୍ୱଂସ କରିଛି ବ୍ରିଟିଶର ସ୍ୱାର୍ଥ ସିଦ୍ଧି ପାଇଁ । ଭାରତରୁ କଞା ଅନ୍ନ

ମୂଲ୍ୟରେ ନେଇ ବ୍ରିଟେନ୍ ମିଲ୍‌ରେ ବସ୍ତ୍ର ପ୍ରସ୍ତୁତ କରି ଭାରତର ଦରିଦ୍ର ଜନତା ଉପାର୍ଜନ କରୁଥାଉଛି । ଭାରତ ଅନେକ ଦିନ ପୂର୍ବରେ ସ୍ୱଦେଶୀ ବସ୍ତ୍ର ଗ୍ରହଣ କରି ଆନ୍ଦୋଳନ ଚଳାଇଛି । ଗାନ୍ଧି ଦେଶରେ ଚରଖା, ବସ୍ତ୍ର ବର୍ଜନ ପ୍ରଥା ଅନୁସାର ବ୍ରିଟିଶ ଆମଦାନୀ । ଏକଲବ୍ୟ ଦ୍ରୋଣ ଗୁରୁଙ୍କୁ ଅଙ୍ଗୁଷ୍ଠ ଦକ୍ଷିଣା ଦେଇ ଶିକ୍ଷିତ ଓ ଦକ୍ଷତାଶୀଳ ଧନୁର୍ବିଦ୍ୟାକୁ ବିଫଳ କରିଥିଲେ, ଏ ଦେଶର ଅମର ବ୍ରିଟିଶ ସୂତ୍ର ବାଣିଜ୍ୟର ଅଙ୍ଗୁଳି କାଟିଦେଇଥିଲେ ଏହା ଇତିହାସରୁ ଜଣାଯାଏ । ଭାରତରେ ହସ୍ତ ଦେଶ ଏକ ଓ ବିଦେଶ ସମ୍ବନ୍ଧ ଏହି ଉଦାହରଣ ଦେଖାଇଛନ୍ତି ପୂର୍ବରୁ ଅନ୍ୟ କାହାର ପ୍ରମାଣର ନାହିଁ । ଅନେକ ଅଯୋଗ୍ୟ ମୂର୍ଖ ଭାରତୀୟମାନେ ଏ ଉଦାହରଣର ଅନୁପଯୁକ୍ତ ବୋଲି ପ୍ରମାଣ କରନ୍ତି କାରଣ ଭାରତର ଅନ୍ନ ସମସ୍ୟା ଓ ବସ୍ତ୍ର ସମସ୍ୟା ମେଣ୍ଟିବାର ନୁହେଁ । ସ୍ୱଦେଶୀ ମିଲ୍ ଏବଂ ସ୍ୱଦେଶୀ ମିଲ୍ ଆମର ଏ କୁଟୀର ଶିଳ୍ପ ନଷ୍ଟକର ଆମର ଦେଶ ନଷ୍ଟ କରନ୍ତି ତାହା ବୋଧହୁଏ ସବୁ ଦିନକୁ ଅସୁବିଧାରେ ରହୁଥିବ କାରଣ ଗାନ୍ଧିଙ୍କର ଶିଷ୍ୟମାନେ ଏବେ ନୂଆ ନୂଆ ମିଲ୍ କରିବାକୁ ପ୍ରତିଯୋଗିତା ଚଳାଇଛନ୍ତି । ବାସ୍ତବ ୧୯୨୦ରୁ ଏ ଦେଶରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରି "ଖଦି" ରୂପରେ ଏହି ଯୋଗ ଦେଇ ଆସିଛନ୍ତି ଗାନ୍ଧିଙ୍କର ଅନେକ ଶାସ୍ତ୍ର ହେଉ, ତାଙ୍କର ଅନୁଗାମୀ ଓ ସହକର୍ମୀମାନେ ଏ ପର୍ଯ୍ୟନ୍ତ ଶ୍ରଦ୍ଧା ସ୍ଥାପନ କରି ନାହାନ୍ତି । ତେଣୁ ସ୍ୱାଧୀନତା ଲାଭ ପରେ ମଧ୍ୟ ଆମର ଦୁଃଖ ଦୁର୍ଦ୍ଦଶାର ଅବସାନ ନାହିଁ । ଯଦିଓ ଦେଶ ରହୁଥିଲେ—ମୁଁ ଜାତ ଓ ସ୍ୱାସ୍ଥ୍ୟ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖୁ ନାହିଁ । ସେତେବେଳକୁ ଟଙ୍କାର ମୂଲ୍ୟ ଥିଲା । ସେତେବେଳେ କେବଳ ଲାଙ୍କାଶାୟାର ଭାରତରୁ ପ୍ରତିବର୍ଷ ୬୦ କୋଟି ଟଙ୍କା

ନେଇ ଯାଉଥିଲା । ସେ ସେବିକ କଥା ବା ପ୍ରସ୍ତୁତରେ ନିର୍ଭ୍ରୁ-
ନ ହୋଇ ଅନ୍ତର୍ଜଗତ ଅବସ୍ଥାରେ ଦେଖିଥିଲେ ଯେଉଁ ସ୍ୱାଧୀନ ଓ ସ୍ୱଦେଶୀ
ଲଙ୍କ ଦୃଷ୍ଟିରେ ଅର୍ଥାତ୍ ଚେଲଟେନହାମ ବାଣୀବଧିର ଭଳି, ଖାଲି
ସେମାନେ ବୁଝିଁ, ତାଙ୍କର ବ୍ୟକ୍ତିଗତ ଧର୍ମନିରତ ଜୀବନରେ
ସୂତା କାଟିବା ପାଇଁ ପ୍ରତ୍ୟେକ ସମୟ ନିର୍ଦ୍ଦିଷ୍ଟ କରି ଦେଇଥିଲେ
ଜହ୍ନିର ଜୀବନ ମୃତ୍ୟୁ ପର୍ଯ୍ୟନ୍ତ ଏପରିକି ମୃତ୍ୟୁ ଦିନ ମଧ୍ୟ ଘଟିନାହିଁ ।
ଏପରି କି ସେଇଁ ଦିନ ଟେ ଧାରକ ହାତରେ ଛୁରି ଦେଇଛନ୍ତି
ସେଦିନ ମଧ୍ୟ ସେ ସୂତା କାଟିବା ପରେ ପ୍ରାର୍ଥନାକୁ ଯାଉଥିବା-
ବେଳେ ତାଙ୍କର ପ୍ରାଣହାନି ହୋଇଛି । ଆମ୍ଭମାନଙ୍କୁ ବୁଝିବାକୁ
ହେବ ଗାନ୍ଧିଙ୍କ ଏଠା ବୁଝାଏ ଏ ସେପର୍ଯ୍ୟନ୍ତ ନିର୍ଭର ନଥିଲେ ।
ନାହିଁ ବୁଝିଥିଲେ ତାଙ୍କର ସେଦିନ କାର୍ଯ୍ୟ ହେବ ଓ ଗାନ୍ଧିଙ୍କ
ଅନୁକରଣୀୟ ନ ହେଲେ ଏ ଦେଶ ଗଢିବ ନାହିଁ । କିନ୍ତୁ ବିଶେଷ୍ୟେ
ଦେଶ ଯେ ପର୍ଯ୍ୟନ୍ତ ସ୍ୱାବଲମ୍ବୀ ହୋଇ ନାହିଁ ସେ ପର୍ଯ୍ୟନ୍ତ ଆମର
ସ୍ୱାଧୀନତାର ମୂଲ୍ୟ ନାହିଁ । ହଁ, ଏହା ସତ ଯେ ଭାରତରେ ବହୁତ
ମିଲ୍ ହେଲାଣି ଏବଂ ଭାରତୀୟଙ୍କ ଦରକାର ମୁତାବକ ବସ୍ତ୍ର ଏ
ମିଲ୍‌ମାନ ଯୋଗାଇ ଦେଉଛନ୍ତି । କିନ୍ତୁ ଏ ମିଲ୍‌ମାନ ଭାରତକୁ
ଅନେକ ଦିଗରେ ଅଗ୍ରସର କରାଇ ଦେଶର ସର୍ବନାଶ କଲେଣି ।
ବହୁତ ଲୋକଙ୍କ ପୁଞ୍ଜିପତି ସୃଷ୍ଟି କରି କେବଳ କେତେକଙ୍କ
ହାତରେ ଜାତିର ସମ୍ପତ୍ତି ଏକତ୍ର କରି ରଖିଛନ୍ତି । ସେମାନଙ୍କୁ
ଧନ ଲାଭ ଶୋଷଣ ଧର୍ମରାଜ୍ୟ କରେନି ଏବଂ ସରଳତା ଓ ମାନବିକ
ଦୃଷ୍ଟିକୋଣ ସତତାକୁ ଦେଶରୁ ଦୂର କଲେଣି । ଆଜି
ଧାରଣା । ମିଲ୍ ଦ୍ୱାରା ଉତ୍ପାଦନ ହେଲେ ଦେଶକୁ ପୁଣି
ପରାଧୀନ ପଣରେ ବୁଡ଼ାଇ ଦେଉଛନ୍ତି ଶାସନକୁ ସ୍ୱଦେଶୀ
ବୋଲି ଅନେକ ଭାବ ସ୍ୱଦେଶୀ ପ୍ରତିଷ୍ଠାନକୁ ଗାନ୍ଧିଜୀ ବଜାଇବାକୁ

ହେବ । ଗାନ୍ଧିଜୀଙ୍କର ଏହି ଅର୍ଦ୍ଧନଗ୍ନାବସ୍ଥା ପାଇଁ ତତ୍‌ପରମନ୍ତ୍ରୀ 'ଚର୍ଚ୍ଚିଲ୍' ଗାନ୍ଧିଜୀଙ୍କୁ (Naked sedicious Fakir) ଲଙ୍ଗଳା ରାଜଦ୍ରୋହୀ ଫକୀର ବୋଲି ଗାଳି ଦେଇଥିଲେ । ଏ ବାଂଗା ପାଶ୍ଚାତ୍ୟ ଅଭିଜାତ୍ୟର ପ୍ରାଚ୍ୟ ସଭ୍ୟତା ଉପରେ, ପାଶ୍ଚାତ୍ୟଙ୍କ ମୂଲ୍ୟ ହ୍ରାସ ମନୋବୃତ୍ତି ଦେଖାଉଥିବାରୁ । ଦୁଃଖର ବିଷୟ ଅନେକ ଗାନ୍ଧିଜୀଙ୍କର ଲଙ୍ଗଳାବସ୍ଥାକୁ ଦେଖାଇ ମଧ୍ୟ ଭାରତରେ ଏ ଭାବକୁ ନିବୃତ୍ତି ହୋଇନାହିଁ । ଗାନ୍ଧିଜୀ ଲଙ୍ଗଳା କାହିଁକି ? ପ୍ରକୃତରେ ଗରିବର ଅଙ୍ଗରେ ନଥିବା ଲୁଗା । ଯାହାଙ୍କୁ ନିଜକୁ ମିଳୁନାହିଁ, ଲଜ୍ଜା ନିବାରଣ ପାଇଁ ତାର ଦେଶବାସୀ ଅନେକଙ୍କ ଦେଖିକି ମାତ୍ର ବସ୍ତ୍ର ତାର ବ୍ୟବହାର କରିବା ଉଚିତ । ସେ ଗାନ୍ଧିଙ୍କର ନୀତି ଓ ଚରିତ୍ରର ପାଣ୍ଠି ନୁହେଁ, ସାମ୍ରାଜ୍ୟର ଅନୁକରଣରେ ସେ ଦେଶବାସୀ ଦେଶୀଙ୍କ ତାଙ୍କୁ ଅଧିକ ବସ୍ତ୍ର ବ୍ୟବହାର କରିବ ନାହିଁ । ଅଧିକାଂଶ ଅଙ୍ଗ ଖୋଲା ରହିଲେ ତାର ଅଂଶ ସୂର୍ଯ୍ୟ ତାପ ଓ ବାୟୁ ଦ୍ୱାରା ବଳବାନ ଓ ସୁସ୍ଥ ହୁଅନ୍ତି । ବସ୍ତ୍ର ଦ୍ୱାରା ଶରୀର ଅଧିକାଂଶ ସ୍ୱାସ୍ଥ୍ୟସମ୍ମତ ନୁହେଁ । ଚିକିତ୍ସକ ବସ୍ତ୍ର ବିଷୟରେ ଭଲ ଏ ଅର୍ଦ୍ଧୋଲଙ୍ଗ ଧାର୍ମିକ ଦେହର ଶରୀର ପାଇଁ । ଯେଉଁ ଭାରତରେ ବ୍ରହ୍ମଚର୍ଯ୍ୟବ୍ରତର ଦୀକ୍ଷିତ ପ୍ରାଚୀନ ଗାତ୍ର-କାଳୀନ ସ୍ୱାଧୀନ ସୂର୍ଯ୍ୟପାଳମାନଙ୍କର ଜଣେ ଜଣେ ଅର୍ଦ୍ଧନଗ୍ନ କରୁ-ଥିଲେ ସେ ଭାରତରେ ପ୍ରାଚୀନ ପୁଣାର ସୃଷ୍ଟି କରୁଛି, ଏଥିରୁ କିଏ ଅପବାଦ ଅଛି କେଉଁଣି ହୋଇପାରେ ? ଏବେ ଯେଉଁ ସ୍ୱାର୍ଥ ଦେଶୀୟ ପୋଷାକ ବଦଳାଇବା ପ୍ରସ୍ତୁତ କରି ଦିଅ ନକଲ ସମାଜରେ ଜାତ କରୁଅଛି ତାହା ଅଧିକ ଭାରତୀୟର ଗୁଣର ଅପବାଦ ପ୍ରମାଣ କରୁଛି ମାତ୍ର । ସୁତରାଂ 'ଲଙ୍ଗଳା' ବା କମ ଦେହ ଘୋଡ଼ାଇବା ବଳର ସ୍ୱାସ୍ଥ୍ୟ-ପୋଷକ ସ୍ୱଭାବ ଓ ସ୍ୱାସ୍ଥ୍ୟସମ୍ମତ । ଏଭଳି ସମସ୍ତ ଧାର ଗାନ୍ଧି ବସ୍ତ୍ର

ସଂସ୍କାର ଅବହମାନ କାଳରୁ ଥିଲା । ବର୍ତ୍ତମାନ ବୋଧେ କାମିଜ ଏହି ବିଦେଶୀ ବସ୍ତ୍ରର ସ୍ଥାନ ଅଧିକାର କରନ୍ତି । ଟିକିଏ ଭାବିଲେ ଏହି ଦୁଇ ବସ୍ତ୍ରର ଉପାଦେୟତା ଦେଖି ପାରିବା । ଆଜି 'ରୁମାଲ' ବୋଲି ଯେଉଁ ସାମାନ୍ୟ କନା ଆସ୍ଥାନଂ ଧ୍ୱଂସକାର ଧାରି ତାହା ଗାମୁଛାର ଉଚ୍ଛେଦିତ୍ୟ । ଦୁଇ ବସ୍ତ୍ର ଦେହକୁ ଶୀତ ଖରା ଓ ବର୍ଷାରୁ ସାମୟିକ ରକ୍ଷା କରିଥାଏ ସ୍ନାନପରେ ଶରୀରକୁ କ୍ଲେଦଶୂନ୍ୟ କରେ । ରୁମାଲ୍ କାନିରେ ଯେତେ ସୁଗନ୍ଧ ଅତର ଦିଅ ଓ ତାକୁ ଯେତେ ସୂକ୍ଷ୍ମ ଓ କାରୁକାର୍ଯ୍ୟଖଚିତ କରନ୍ତୁ ନା କାହିଁ ଦୁଇ ବସ୍ତ୍ରର ଆବଶ୍ୟକତା ପୂର୍ତ୍ତି କରିବାରେ ସକ୍ଷମ ନୁହେଁ, ରୁମାଲର ଆକାର ଦୁଇ ବସ୍ତ୍ର ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇ ପାରେ କିନ୍ତୁ ତାହା ହେଲେ ତାହା ଆଉ ପକେଟରେ ରହି ପାରିବ ନାହିଁ । ତାକୁ ବୋଧେ କାମିଜ ଉପରେ ଝୁଲାଇବାକୁ ହେବ ବା ମହାର୍ଘରୁ ଯାଇ କାନ୍ଧରେ ପକାଇବାକୁ ବୋଧେ କାମିଜ ଭିତରେ ଲୁଚାଇବାକୁ ହେବ । ବୋଧହୁଏ ସେଥି ପାଇଁ କେହି ପ୍ରସ୍ତୁତ ହେବେ ନାହିଁ । ଆଜି ଏହା ମଧ୍ୟ ହୋଇ ପାରେ ଦୁଇ ବସ୍ତ୍ର ବହନ କରିବାକୁ ଅର୍ଦ୍ଧନଗ୍ନ ରହିବାକୁ ପଡ଼ିବ । କେତେ ଜଣ ପକ୍ଷେ ତାହା ସମ୍ଭବ ? ଆଜି ସେଥିପାଇଁ ଅଛି ମଧ୍ୟ ରୁମାଲର ଆଦର ହଜି ନାହିଁ । ରୁମାଲରେ ମୁହଁ ପୋଛି ଅନ୍ୟକୁ ଦେଖାଇ ହେଲେ ବାସ୍ତବିକ ଝାଳ ଶୁଖି ଯାଏ । ଓଡ଼ିଆଙ୍କର ଦୁଇ ବସ୍ତ୍ର ଆବଶ୍ୟକତା ଅନୁସାରେ କେତେବେଳେ ବଡ଼ କେତେବେଳେ ସାନ ହେଉଥିଲା । ଭାରତୀୟ 'ଅଙ୍ଗୁଛା' ସଦୃଶ ସୂତାର ଦ୍ୱିତୀୟ ଅଛି ନାହିଁ । ପୁଣି ଭାରତୀୟ 'ଅଙ୍ଗୁଛା' ଭାରତର ସ୍ୱଭାବ ସୁଲଭ ସରଳତାର ପରିଚାୟକ । ଅଙ୍ଗୁଛାର ଅନ୍ୟ ନାମ 'ଗାମୁଛା' ବା 'ସାଫି' ଶବ୍ଦର ପରିଚାୟକ । ସ୍ନାନ ବେଳେ ଗାତ୍ର କ୍ଲେଦ ପରିଷ୍କାର କରେ ଅନ୍ୟ ସମୟରେ ଶୀତ ଖରା ଓ ବର୍ଷାରୁ ରକ୍ଷା ପାଇବାକୁ ଉପକାରୀ ।

ତାହା ରକ୍ଷା କରିବାକୁ ତାଙ୍କ ସ୍ୱଭାବରେ ବାଧା ହୁଏ ନାହିଁ । କିନ୍ତୁ
ତାହା ସବୁ ସତ୍‌କାର୍ଯ୍ୟରେ ବ୍ୟୟ ନ ହୁଏ ତେବେ ସେ ସୃଷ୍ଟି
କାହିଁରେ ଲାଗେ ନାହିଁ । ଶାନ୍ତିରେ ସତ୍‌କାର୍ଯ୍ୟରେ ଯଦି ତାହା
ବ୍ୟୟ କରାଯାଏ ଅର୍ଥାତ୍ ତାହା ଯଦି ସର୍ବସାଧାରଣଙ୍କ କାର୍ଯ୍ୟରେ
ଲାଗେ, ସେ ସୃଷ୍ଟି, ସୃଷ୍ଟି ନୁହେଁ ବା ସେ, ଧନିକ ବା ସୃଷ୍ଟିପତି ନୁହନ୍ତି ।
ସୃଷ୍ଟି ସତ୍‌କାର୍ଯ୍ୟରେ ବ୍ୟୟିତ ନ ହେଲେ ତାଙ୍କର ନୈତିକ
ଅଧୋଗତି ହୁଏ ଏବଂ ଅନ୍ୟ ତାହା ପାଇପାରେ । ସେ ସୃଷ୍ଟି ଦ୍ୱାରା

ସେ ଲଜ୍ଜାବାନ୍, ନ ହୋଇ ବରଂ ଗର୍ବିତ ହୁଅନ୍ତି । ଯେଉଁଠା ଐଶ୍ୱର୍ଯ୍ୟ, ସେଉଁଠି ମାନବିକତା । ସ୍ତ୍ରୀ,ପୁଂଭାବ କରିବାକୁ ହେବ ପୁଣି ସ୍ତ୍ରୀ ଓ ପୁରୁଷର ସମଭାବ ଜନନ । କିନ୍ତୁ ସେ ପ୍ରକୃତିଗତ କ୍ଷମତା କେତେଦୂର ? ଆଉ ସେ କ୍ଷମତା କିପରି ଲାଭ ଦେଖିବାକୁ ହେବ ଶସ୍ୟକୁ ବଞ୍ଚାଇବାର ନା ମାନବିକତା ବଞ୍ଚାଇବାର ସମସ୍ୟା । ପ୍ରକୃତିଗତ କ୍ଷମତା ଉଠିଯିବ । ସେ ସମତାର ଫଳ ଜନସାଧାରଣ ହୃଦୟର ବସ୍ତୁ ହେବାରେ ନୁହେଁ, ସେ କ୍ଷମତା ସ୍ଥାୟୀ ହ ହେଲେ କ୍ଷଣସ୍ଥାୟୀ, ଷଡ଼ଯନ୍ତ୍ର ଓ ଅତ୍ୟାଚାରଗାମିନୀ ଅଟେ । ସେଥିପାଇଁ ଅନେକ ଦେଶରେ ଦୁର୍ନୀତିର ମୂଳରେ ଏହି କ୍ଷମତା ଖାଦ୍ୟପାନ । ତା ସଙ୍ଗ ହୁଏ କେତେକ ତାଙ୍କୁ ଅପସାରଣ କରି ଦୁର୍ନୀତିର ନିବାରଣ କରିବାକୁ ଚାହିଁ । ତା ନ କରି କ୍ଷମତାପକ୍ଷ ସଙ୍ଗ ଏ କ୍ଷମତାକୁ ଦୃଢ଼ୀଭୂତ କରେ ଏବଂ ତାହାକୁ ପ୍ରଶ୍ରୟ ଦିଆଯାଏ କେତେକ "ନ ଯାତି ଜାମ ଜାମ ନା ମୁଦ୍ଦେଶ୍ୟରେ ବାନ୍ଧି ହୁକାପା ଭୁକ୍ତିକର୍ତ୍ତ୍ୱ ଭୂଷ୍ଣ ଏବା ଜବର୍ଦ୍ଦେଶ ।" ଏ ଦୁର୍ନୀତି ଦମନ ବଢ଼ିବ । ଦେଶଗାଁର ଅନେକ ଏ ପ୍ରଶ୍ନ ଭାଷା ସେଉଁଘରେ ଉପକୃତ ସେ ସେ ପ୍ରଶ୍ନ ଯୋଗ ପାଇଁ ପ୍ରସ୍ତୁତ ହୁଅନ୍ତି । ସେ ସେ କଳ ଖାଆନ୍ତି, କଳ ପିଅନ୍ତି ଓ ବହୁତ ଲୋକଙ୍କୁ ଖାଇ ପାରନ୍ତି । ପ୍ରଥମେ ଖାଦ୍ୟପାନର କଥା ଧରନ୍ତୁ । ଅନେକ ପାଣି ଭଳିଆ ଖାଦ୍ୟ ନ ହେଲେ ଖାଇବେ ନାହିଁ । କିନ୍ତୁ ବଞ୍ଚି ରହିବାକୁ, ଏତେ ଉତ୍ତମ ଖାଦ୍ୟର ଆବଶ୍ୟକତା ? ବରଂ ଏଥିପାଇଁ ସେ ଅତି ଭୋଜନ କରି ଅସୁସ୍ଥ ଓ ଅକର୍ମଣ୍ୟ ନାମଲେଖା କରନ୍ତି ଏବଂ ଚିକିତ୍ସା ଅନିଦ୍ରା ରହନ୍ତି । ଶମିକ ଘଣ୍ଟା ଲକ୍ଷ ଖାଇ ସେ ସ୍ୱାସ୍ଥ୍ୟପାଏ ଓ ସହରେ କାର୍ଯ୍ୟ କରି ଯାଇଁବେ ସେ ଗାଡ଼ି ପ୍ରସ୍ତୁତି ଉପଯୋଗ କରେ ତାହା ଅନେକର କର୍ମୀର ବିଷୟ । ଆଉ କଳ ପିଇବା କଥା ଅନୁଧାବନ କରନ୍ତୁ ।

ବାସଗୃହର ଚିତ୍ରବସ୍ତ୍ର ଅଥବା ଚାରୁକାର୍ଯ୍ୟମଣ୍ଡିତ ଓ ଧଳା ପୋଷାକଦାର ସିଲାଇକୃତ ବହୁମୂଲ୍ୟ ବସନ ଯାହା ଧନୀମାନେ ବ୍ୟବହାର କରନ୍ତି, ତେଣୁ ତାହା ସ୍ୱାସ୍ଥ୍ୟସମ୍ମତ, ଋତୁବଦଳସମ୍ମତ, ସ୍ୱାଧୀନତାସମ୍ମତ ଓ ଯୁକ୍ତିଯୁକ୍ତ ଆର୍ଥିକଅବସ୍ଥାସମ୍ମତ, ଠିକ୍ ଏ ତଳେକ ଦେଖିଲେ ହେବ । ଧନୀମାନେ ବହୁତ ଲୋକ ଖଟାଇବାର କଥା ନ ଭାବିବା ଭଲ । ଗରିବ କହିବା ଅଥବା ଦେଖିବା କଷ୍ଟାର୍ଜୀ ଓ ପରିଶ୍ରମୀ ହେଉ ଅନାଦ୍ୟାଦୃଷ୍ଟ କାର୍ଯ୍ୟ ଦେଖେବେଳେ ସନ୍ତୋଷଦାୟକ ତାହା ତାହାଙ୍କୁ ବୁଝାଇବାକୁ ହେବ ନାହିଁ । କରୁଣାର୍ଥ ନାହିଁ ପାଇଁ ଅନ୍ୟ ଏତେ କଥ ଦେବତା ତାହା କେବଳ ଧନୀଙ୍କର ସ୍ପୃହଣୀୟ ହୋଇ ନ ପାରେ । ଅଣ୍ଡ ବାସ୍ତବରେ ଏକ ପରେ ଓ ମୂଲ୍ୟବାନ ଅଙ୍ଗ ଦ୍ରବ୍ୟଙ୍କର ଉପଯୁକ୍ତ ବ୍ୟବହାରରେ ସେମାନଙ୍କୁ ଆର୍ଜିତ ଲାଭ ନ ହୋଇ ଅନ୍ୟଙ୍କୁ ଖଟାଇବାର ଅଭ୍ୟାସ ଓ ସମ୍ପାଦନ ଅଥ ଦେଶର କଲ୍ୟାଣ ହେଉଥିବ ? ନା ତଦ୍ ବିପରୀତ ହିଁ ହେଉଥିବ ?

ଅତିରୁ କ୍ଷୁଧା ଆଦରି ମନୁଷ୍ୟର ଅଭାବ ଅତି କମ୍ ଓ ଅଭାବର ହିଁ ମନୁଷ୍ୟକୁ ଅଭାବରେ ପକାଏ । ତେଣୁ ଅଭାବର ସବୁଥା ବର୍ଜନୀୟ । ଆଜ ଅଭାବରବର୍ଜନ ସବୁ ମନୁଷ୍ୟର ସାଧ୍ୟର ମଧ୍ୟରେ । ମନୁଷ୍ୟର ବହୁ ଇଚ୍ଛାକୁ ପୂର୍ଣ ଦ୍ୱିତୀୟତଃ ଅବଶ୍ୟକ ହେଲେ ବି ବିଳାସିତାହିଁ ଅଭାବର । ଏହି ଅଭାବର ଦ୍ୱାରା ଅଭାବଗ୍ରସ୍ତ ଅନ୍ୟାପେକ୍ଷା ଗରିବ ଅଧିକ ଖର୍ଚ୍ଚକରେ ଓ ତଦ୍ୱାରା ଅସ୍ୱାସ୍ଥ୍ୟ ଅର୍ଜନ କରେ । ଅନ୍ୟର ସମ୍ପତ୍ତିରେ ଅନ୍ୟଙ୍କୁ ଏକ ହୋଇଗଲେ କହିବା କଥ । ଏହାହିଁ ଲୋଭ ଏବଂ ତେଣୁ ଦଣ୍ଡନୀୟ । ଅଧିକାଂଶ ଧନୀ ଏ ବ୍ୟାପାରରେ ଦୋଷୀ ଓ ସେଥିର ଦଣ୍ଡ ମଧ୍ୟ ସେମାନେ ଭୋଗ କରୁଥିବାର ଦେଖୁଁ । ସେମାନେ ଉଚିତବାଳ୍କ

ଜନିତ ନାନା ରୋଗ, ଶାରୀରିକ ଓ ମାନସିକ ଅଶାନ୍ତି ଓ ଅନାହାରରେ କାଳ ଯାପନ କରନ୍ତି । ବେଶୀ କହିବା ଅନାବଶ୍ୟକ । ସ୍ତ୍ରୀ, ପିଲାଙ୍କ କହିବାକୁ ହେଲେ ଶ୍ରମିକ ପେଟପୂରାଇ ଖାଇବାକୁ ପାଏ ନାହିଁ । ରୋଗବେଳେ ରୋଗକୁ ପ୍ରତିକାର କରିବାକୁ ସୁଚେଷ୍ଟ ବ୍ୟବସ୍ଥା ପାଏ ନାହିଁ । ଶିକ୍ଷା ଦୀକ୍ଷା ପାଇବାକୁ ତାର ଅର୍ଥ ବା ଅବସର ନାହିଁ ତାକୁ ମଧ୍ୟ ଦେଖିବାକୁ ନହେବ ତାହା ବାହ୍ୟ ଦୋଷରୁ ଓ ସେଥି ପାଇଁ ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ କି ନା ? ବୁଝିବାକୁ ସେସବୁ ଅବସର, ସେ ସେସବୁ ଶାସ୍ତ୍ର ଶିଖନ୍ତି ନା ତାର କୌଣସି ଆଗ୍ରହ ଅଛି । ସେ ଯୁଝି ପାଏ କି ନା ଓ ମଦ୍ୟ ବା ଅନ୍ୟ ନିଶା ବ୍ୟବହାର କରେ କି ନା । ବସ୍ତୁ ବିଷୟରେ ସେ ମିତବ୍ୟୟୀ ନା କୃପଣ ଓ ବସ୍ତୁ ବିଷୟରେ ନିଜ ଭୋଗରେ ଠିଆ ହେବାକୁ ସେ ଚେଷ୍ଟା କରୁଛି ନା ନାହିଁ । ଯଦି ଏ ସବୁ ବିଷୟରେ ତାର ଭୁଲ ରହିଛି ଓ ତାର ମଧ୍ୟ ଆଗ୍ରହ ଅଛି ସେଥିରେ ଦାଶ୍ ସେ ଭୋଗ ନ କରିବ ତ କିଏ କରିବ ?

ମଧ୍ୟବର୍ଗର କଥା ଚିନ୍ତାକରି ଦେଖନ୍ତୁ । ମଧ୍ୟ ସ୍ଥାନରେ ରହି ସେ ସୁଖରେ ନା ଦୁଃଖରେ କାଳ କାଟୁଛି । ଧନିକ ନାମ ଶୁଣେ ତାକୁ ଶ୍ରମିକ ଧନୀବାଦୀ କହ ନିଏ । ଶ୍ରମିକ ତାକୁ ସାହାଯ୍ୟ କର ପର-ଶ୍ରମିକ ଯାହା ନିଏ ତାକୁ ବାଦ୍ ଦେଲେ ତାପରେ ଯାହା ରହେ ହିସାବ କଲେ ଦେଖିବା ଶ୍ରମିକ ଅପେକ୍ଷା ତାର ଅବସ୍ଥା ଭଲ ନୁହେଁ । 'ଟୋଳି କୁଟରେ ନଲାଗି ଲାଗା' ଅଛି କଥା ଖାଏ ଆ ଜଗତରେ । ଧନ୍ୟ ଓ ସେ ଜାତି ଯାହାର ବାଣିଜ୍ୟ ଓ ଶିଳ୍ପର ଦେଶଦେଶାନ୍ତର ତା ହାତରେ । ସ୍କୁଲ ବାହାରି ଭୋଗାଡ଼ ଛଡ଼ ବା ପାଠ ଓ ପ୍ରକୃତ ଶାସ୍ତ୍ରୀୟ ଶ୍ରମିକର ମୂଲ୍ୟ ବା ପାରିଶ୍ରମିକ ଦେଇ ଦେଇ ତାର ପୁଅଙ୍କ ଭଲ ରୁଚି ଶାସ୍ତି ଯାଏ । ଅଥଚ ସମାଜରେ ତା ସ୍ଥାନରେ; ଧନିକର

ଶୋଷଣ ଲିପ୍ସା ତା ଉପରେ ଏବଂ ଶ୍ରମିକର ଦୌରାତ୍ମ୍ୟ ତା ଉପରେ । ତେଣୁ ଧନିକ ଓ ଶ୍ରମିକ ବରଂ କିଛି ସୁଖ ଶାନ୍ତି ପାଆନ୍ତି, ମଧ୍ୟବିତ୍ତ ଶ୍ରେଣୀରେ ତାହା ଘଟେ ନାହିଁ । ଏକ କଥାରେ କହିବାକୁ ହେଲେ ଧନିକ ଓ ମଧ୍ୟବିତ୍ତ ଅପେକ୍ଷା ଶ୍ରମିକ ବରଂ କିଛି ସୁଖ ଶାନ୍ତି ଭୋଗ କରେ । ସେ ଯାହାହେଉ, ଏ ତିନି ଶ୍ରେଣୀର ସ୍ୱଭାବ ଭିନ୍ନ । ମନୁଷ୍ୟ ସୃଷ୍ଟ ଈର୍ଷା ହିଁ ଏହାର ମେରୁଦଣ୍ଡ । ଈର୍ଷା ଏପରି ଏକ ମାନସିକ ହୀନ ବୃତ୍ତି ଯାହା ମନୁଷ୍ୟକୁ ଅକାରଣ ଦୁଃଖରେ ପକାଏ । ଯାହାକୁ ଈର୍ଷା କରାଯାଏ ତାକୁ ଦୁଃଖରେ ପକାଇ ନିଜକୁ ତତୋଧିକ ଦୁଃଖ ଦିଏ । ଦୁନିଆଁର ଯାବତୀୟ ସୁଖ ଓ ଦୁଃଖ ଦୁର୍ଦ୍ଦଶାର ମୂଳରେ ଏହି ଈର୍ଷା, ଯାବତୀୟ ଦୈନ୍ୟର ମୂଳରେ ଏ ଈର୍ଷା ଆଉ ଏହି ଈର୍ଷାହିଁ ଧନିକ ମଧ୍ୟବିତ୍ତ ଓ ଶ୍ରମିକକୁ ଘୋର ଅଶାନ୍ତି ଓ ଅସୁଖରେ ପକାଇ ରଖେ । ପ୍ରାପ୍ତିର ଅର୍ଥ ସ୍ୱଭାବର ଘନଘଟକ ମୂଳ କାରଣ ଈର୍ଷା; 'ଅର୍ଥ ମନର୍ଥମ୍' ଏହି ଏକ କଥାରେ ଶଙ୍କରାଚାର୍ଯ୍ୟ ଆମ ପାଇଁ ଭଲ ସୂକ୍ତି କରିଗଲେ । ଏହି ତତ୍ତ୍ୱକୁ ଅନୁଭବର ପରିଧି ଦେବାକୁ ହେବ । ଅର୍ଥର ଅର୍ଜନ ଯେପରି କଠିନ ଓ ଅଧ୍ୟବସାୟ, ବ୍ୟୟ ତତୋଧିକ କଠିନ ଓ ସଞ୍ଚୟ ସବୁଠାରୁ କଠିନ । ଏଥିସ୍ୱ ମନୁଷ୍ୟ ମନକୁ ଅବହେଳନ ଓ ଭିକ୍ଷାଟନ କରି ଧନିକ ପାଇଁ ନରକର ପଥ ପରିଷ୍କାର କରେ । ସେହି ଅର୍ଥର ଉପାର୍ଜନ, ବ୍ୟୟ ଓ ସଞ୍ଚୟ ଏତେ ଅଧ୍ୟବସାୟପେକ୍ଷ, ସଦର୍ଥ ବ୍ୟୟ ଛଡ଼ା ଅନ୍ୟ କୌଣସି କ୍ଷେତ୍ରରେ ତାହା ସ୍ପୃହଣୀୟ ନୁହେଁ । ସଦର୍ଥ ବ୍ୟୟ ଭଲଭାବେ ବୁଝିବାକୁ ହେବ । ଅବଶ୍ୟ ଏଠି ସଦର୍ଥ ବ୍ୟୟର ଅନ୍ତର୍ବୃତ୍ତି । ତା ବୁଝି ନ ପାରି ଭାରତରେ ଲକ୍ଷ ଲକ୍ଷ ଅଳସୁଆ ସାଧୁ ସନ୍ନ୍ୟାସୀ ଓ ଅସାଧୁ ଦେଶଙ୍କୁ ଗାଳିବୁଲୁ ଦେଉଛନ୍ତି ସେହିମାନଙ୍କର ସାଧୁ ପରିଚୟ ଦ୍ୱାରା ଦେବାକୁ

ସମାଜ ରକ୍ଷା ପାଉଥାଆନ୍ତା । ଉପାର୍ଜନ ଯୋଗ୍ୟତାସାପେକ୍ଷ । ଯୋଗ୍ୟତା ନ ଥାଇ ବା ଯୋଗ୍ୟତାରୁ ଅଧିକ ଉପାର୍ଜନ ଆକାଂକ୍ଷା ଦୁଃଖ ଓ ଅଶାନ୍ତିର ମୂଳ । ଶ୍ରମିକ ଯୋଗ୍ୟତା ଓ ପରିଶ୍ରମରୁ ଅଧିକା ଅଦାୟ କରିନେବାକୁ ଚାହୁଁଥିବାରୁ ଏତେ ଦୁଃଖ ଓ ଅଶାନ୍ତି ଭୋଗ କରେ । ଅଥଚ ଆମର ବଡ଼ ବଡ଼ ନେତାମାନେ ଶ୍ରମିକଙ୍କ ନାମରେ ଶ୍ରମିକମାନଙ୍କୁ ସଂଘବଦ୍ଧ କରି ସମୟେ ସମୟେ ଯେ 'Strike' ବା ଧର୍ମଘଟ କରି କେତେକେତେବେଳେ ସରକାରଙ୍କୁ କେତେ-କେତେବେଳେ ବା ଧନୀଙ୍କୁ ବାଧ୍ୟ କରୁଛନ୍ତି, ଯୋଗ୍ୟତା ଓ ପରିଶ୍ରମର ବହୁ ଗୁଣ ମୂଲ୍ୟ ଆଦାୟ କରି ନେଉଛନ୍ତି, ତଦ୍ଦ୍ୱାରା ଶ୍ରମିକମାନଙ୍କର ଯେଉଁ ଅନେକ କ୍ଷତି କରୁଛନ୍ତି ତାହା ଶ୍ରମିକ ବାସ୍ତବରେ ବୁଝିବାର କ୍ଷମତା ବାହାରେ । ଏହି ଯେଉଁ ସରକାର ଓ କେତେକେତେବେଳେ ପୁଞ୍ଜିପତିଙ୍କୁ ସେମାନେ ବାଧ୍ୟ କରୁଛନ୍ତି ଓ ସରକାର ବା ପୁଞ୍ଜିପତି ବାଧ୍ୟ ହୋଇ 'ପାରିଶ୍ରମିକ ହାର' ବଢ଼ାଉଛ-ନ୍ତି ତାହା ଦେଉଛନ୍ତି କିଏ ? ଦେଉଛନ୍ତି ସେହି ଶ୍ରମିକ ଅନ୍ୟ ପ୍ରକାରେ ଦେଇବାକୁ ଖାଇବାକୁ । ଜିନିଷ ଦାମ ଅବସ୍ଥା ବୃଦ୍ଧିରୁ ବାଢ଼ି କେତେ-ବେଳେ ଦେଖାଯାଇଛି । ଏହି ଧର୍ମଘଟ କୋଟିଏ ହାତରେ ଯାହା ଦେଉଛି ଅନ୍ୟ ହାତରେ ତାହା କାଢ଼ି ନେଉଛି । କୋଟିଏ କୋଟିଏ ଧର୍ମଘଟରେ ଦେଶର ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା କ୍ଷତି ହେଉଛି ଓ ଶ୍ରମିକ ଯେ କମିଟିର ସେ ଉନ୍ନତିର ପଥରୁ । "ଉଦ୍ୟଂଗ୍ରହଂ କୋଟିଏ" ଯେତ ଟିକେ ପାଉନାହିଁ । ଆଜି ସରକାର ବା ପୁଞ୍ଜିପତି କେତେବେଳେ ଏହି ମୂଲ୍ୟ ଦେଉନାହାନ୍ତି, କେତେବେଳେ 'ଅବସ୍ଥାକୁ ଅନୁଶାଧୀନ' କରିବାକୁ ବାଧ୍ୟ ହେବେ ତାହା ସ୍ୱୀକାର ନ କରିବେ । ତୁମ୍ଭ ବାପାରେ କହୁଁ ଏ ସବୁ ଧର୍ମଘଟ କୁହେ । ଅଧର୍ମଘଟ ଓ ଦେଶଦ୍ରୋହ ଅଟେ ।

ଖାଲି ଭାରତରେ କାହିଁକି, ସାରା ପୃଥିବୀରେ ଏ ଧର୍ମଧ୍ୱଜମାନ ଅତି ଅଳ୍ପ ସମୟ ମଧ୍ୟରେ ଯେଉଁ ଅନିଷ୍ଟ ସାଧନ କରୁଛି, ବହୁ ଯୋଜନା ଦ୍ୱାରା ଅନେକ ଦିନରେ ତାହା ଦୂର ହୋଇପାରୁ ନାହିଁ । ଏଥିର ମୂଳରେ ଅସନ୍ତୋଷ ଓ ଈର୍ଷା, ଅସନ୍ତୋଷ ଓ ଈର୍ଷାର ମୂଳରେ ଯୋଗ୍ୟତା ଓ ପରିଶ୍ରମରୁ ଅଧିକ ପାରିଶ୍ରମିକ ଦାବି କରିବାର ଦୁରଭିସନ୍ଧି । ଦୁରଭିସନ୍ଧି ଥିଲେ ମାନବିକତା ତୁଟେ । ଅତଏବ କୁହାଯାଇଛି ଭାରତୀୟ ଆଧ୍ୟାତ୍ମିକତା ଏ ଦିଗରେ କିଛି ସାହାଯ୍ୟ କରିପାରେ । ତାହା ସରଳତା ଓ ଆତ୍ମତ୍ୟାଗ । ଖାଦ୍ୟ ପାନ ପରିଧାନ ଓ ନିବାସରେ ସରଳତା ଏବଂ ଆତ୍ମ-ନିର୍ଭରଶୀଳତା ଆଦି ।

ସମ୍ବଲପୁର ଆଦି କେତେକ ଜିଲ୍ଲାର ‘ଶ୍ରମିକ’ର ଅବସ୍ଥା କିଛିଟା ବିଶ୍ଳେଷଣ କରୁଁ । ଏଠାରେ ଏମାନଙ୍କୁ ‘ଗୁତି’ କହନ୍ତି ଓ ଏମାନେ କୃଷି ପାଇଁ ନିଯୁକ୍ତ ଓ କୃଷିରେ ବଞ୍ଚନ୍ତି । ତେଣୁ ଏମାନେ କୃଷକଶ୍ରେଣୀର ଅନ୍ତର୍ଭୁକ୍ତ । ଜଣେ ସାଧାରଣ ‘ଗୁତି’ ବର୍ଷକୁ ୯ ମାସ କାମ କରେ । ବାକି ତିନିମାସ ତେବେ କେହି ଅନ୍ୟ କାମ ଖୋଜିବାକୁ କହି ଦେଇ ଅଧାସ୍ତ କରି ନଥାନ୍ତି । କେହି କେହି କାମ ନ କରି ବର୍ଷ ତମାମ ୯ ମାସର ଅନ୍ନରୁ କିଛି ବଞ୍ଚାଇଥିଲେ ତାକୁ ଖାଆନ୍ତି । କେହି କେହି ବା ଅନ୍ୟ କୃଷକଙ୍କ କାମରେ ଲାଗିଯାଇ ଅନ୍ତ ତିନିମାସର ଖାଇବାର ସୁବିଧା କରିନିଅନ୍ତି । ‘ଗୁତି’ ୯ ମାସ କାମ କଲେ ମଧ୍ୟ ତାହା ଏକବର୍ଷ ବୋଲି ଧରାଯାଏ । ଗୁତିର କାର୍ଯ୍ୟ ବୈଶାଖରୁ ପୌଷ ପୂର୍ଣ୍ଣିମା ପର୍ଯ୍ୟନ୍ତ । ଜଣେ ସାଧାରଣ ଗୁତି ବାର୍ଷିକ ହାରାହାରି ବେତନ ନିଏ ଟ ୪୦ । ବାସ୍ତବତା ଟଙ୍କାର କୃତଜ୍ଞତା ବର୍ଷକର ଲୁଣ ଓ କପଡ଼ା ସଞ୍ଚୟ କରିନେବା । ଫଳତଃ ଏବେ ସରଳଭାବରେ ଚଳିଲେ ଶ୍ରମିକ ଓ ଶ୍ରମିକ ପତ୍ନୀ ସହଜରେ ଏକ-

ବର୍ଷର ଲୁଣ କପଡ଼ା ପାଇଁ ସେତିକି ଦରକାର । ମାସିକ ଦରମା· ଶତ ୫ ୩ ଣ୍ଡି ଧାନ । ସେଥିରୁ ଖୁଚୁରା ବାଜାରରେ ସେ ୩୦ ବା । କୁଣ୍ଡା ବାଜାରରେ ୪୦ ଟ, ତା; ବାଜାରର ସ୍ଥିତି ଯାଏ 'ବ୍ୟାପକ' ଖାଇ ୧୨ ଗଣ୍ଡି ଧାନ, ମାସକୁ ପ୍ରାୟ ୩୧ ଗଣ୍ଡି । ଖୁଚୁରା ସେଥିରୁ ଯାଏ ୧୦ ସେର । ତା ବାଜାରରେ ସୁଦ୍ଧି କୃଷକର ଘୋଡ଼ାରେ ଓ କୃଷକର ଘର୍ଣ୍ଣରେ ଶ ୨ ଣ୍ଡି ଧାନ ଭୂତଣି ଓ ଅନ୍ତତଃ ପଞ୍ଚ ସେଥିରୁ ଅଦାୟ କରେ ୧୨ ଗଣ୍ଡି ଧାନ ବା ମାସକୁ ୧ ଗଣ୍ଡି ଧାନ ବା ଖୁଚୁରା ୧୦ ସେର । କେବଳ ୨ ଧାନ ନ ଭୂଣି ବ୍ୟାପାରୁ ସମେ ୩ ମୁଦ୍ରା ବା ୨୪ ଗଣ୍ଡି ପର୍ଯ୍ୟନ୍ତ ଧାନ ଶୋଷନ୍ତି । ସେ ଏକ କଥା । ଧାନ ଅମଳ ବେଳେ ସୁଦ୍ଧି "କୁଲପର" ବୋଲି ୩ ରୁ ୬ ଗଣ୍ଡି ଧାନ ପାଏ । ବସ୍ତ୍ର ବର୍ଷକୁ ଦୁଇଖଣ୍ଡ ପାଇବା ବିଧାନ ରହିଛି । କୃଷକ ଘୋଡ଼ାରେ ଅନ୍ୟ ପର୍ବ କଲେ ସେଥିରୁ ମଧ୍ୟ ସେ କିଛି ପାଏ । ଏଣୁ ସେ ସୁଦ୍ଧି ଧାନ ଅଭାବରେ ମାସକୁ ହାରାହାରି ଯାହା ପାଏ ସେଥିରୁ ପ୍ରାୟ ୫୦ରୁ ୫୫ ସେର ଖୁଚୁରା ତାକୁ ମିଳେ । ଶ୍ରମିକ ପତ୍ନୀ ସେଥିରେ ଲୁଣ ଓ ଶାଗଆଦି କିଛି କିଛି ଯୋଗାଡ଼ କରି ପିଣ୍ଡାରି ପାରିଲେ ଶ୍ରମିକ ଓ ଶ୍ରମିକ ପତ୍ନୀ ପେଟ ପୁରାଇ ଅନ୍ତତଃ ଦିନକୁ ୨ ଥର ଖାଇ ପାରିବେ । ତାହା ତାର ଖାଇବା କଥା ଓ ତାହା ସାଧ୍ୟସ୍ଥ ଖାଦ୍ୟ, ଏହା କହିବା ଅମର ଅଭିପ୍ରାୟ ନୁହେଁ । କିନ୍ତୁ ନିସ୍ପୃହଭାବ ରହିପାରିଲେ ଦେହବାକୁ ତାହା ଯଥେଷ୍ଟ, ଏହା ସ୍ୱୀକାର କରିବାକୁ ହେବ । ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଧରିଲେ ଦେଶରେ ଜଣକୁ ମାସକୁ ୨୫ରୁ ୨୭ ସେର ଖୁଚୁରା ଦରକାର ପାରିବ ନାହିଁ । ବସ୍ତ୍ର ପାଇଁ "ବସ୍ତ୍ର ସମସ୍ୟା" ପରିଚ୍ଛେଦ-ବର୍ଣ୍ଣିତ ଉପାୟ ଅର୍ଥାତ୍ ୨୧୪ ଟା ଦିନ ମଣ୍ଡି ପୋଷ ସୂତାକାଟି ଅବକାଶ ବସ୍ତ୍ର ବାହାର କରି ପାରିଲେ ଏହା ଅସୁବିଧା ସତ୍ତ୍ୱେ

ଖୁଦ୍ରାଯୋଗପାତର ଭଳି ଏ ଜିଲ୍ଲାରେ ଶ୍ରମିକସମସ୍ୟା ନାହିଁ ବା କେବେ ହେବନାହିଁ । ଅବଶ୍ୟ ଆ ଦେଖାଲି ଶ୍ରମିକର କ୍ରନ୍ଦନ ଯେତେବେ ଅଛି ଶିଳ୍ପ କରିବାକୁ ନାହିଁ, କେବଳ ଗଣ୍ଡମୂର୍ଖ ମଧ୍ୟ ଏହା କହିବ ନାହିଁ । ଶ୍ରମିକ ତାର ଖାଦ୍ୟର ଜରୁରୀ କଷ୍ଟ ଯେ ଯାଉପ୍ରତି ଖାଦ୍ୟ ପାଇଁ, ପିନ୍ଧିବାକୁ ବସ୍ତ୍ର ପାଇଁ, ଜୀବନ ରକ୍ଷା ପାଇଁ ଅବଶ୍ୟକୀୟ ଖର୍ଚ୍ଚ ନିଜର ଯୋଗାଡ଼ କରିବାର ଶକ୍ତି ତାର ବଢ଼ୁ ନାହିଁ ସେଥିପାଇଁ ଶୁଦ୍ଧ ବିଶୁଦ୍ଧ ଧର୍ମଘଟର ଆବଶ୍ୟକତା ନାହିଁ । ଅମର ଅଭିଜ୍ଞ-ପରିପୂର୍ଣ୍ଣ ଶ୍ରମିକ ନେତାମାନେ ଏ ଜିଲ୍ଲାକୁ ଶ୍ରମିକ ସମସ୍ୟା ଆମଦାନୀ କରି ଯେଉଁ ସମସ୍ୟା ସୃଷ୍ଟି କରୁଛନ୍ତି ତାହାର ପ୍ରତିବିଧାନ ନ କଲେ ଫଳ ପୂର୍ବ ଓ ଆମର କଣ୍ଠରେ ଏ ଜିଲ୍ଲାର ଜମିସବୁ ପଡ଼ିଆ ପଡ଼ିବ ଓ କେତେବର୍ଷ ପରେ ଅନ୍ୟଠାରୁ ଧାନ ଆଣି ଜିଲ୍ଲାକୁ ବଞ୍ଚାଇ-ବାକୁ ପଡ଼ିବ । ସମ୍ବଲପୁର ଜିଲ୍ଲାରେ ଶ୍ରମିକସମସ୍ୟା ଜଟିଳ କରିବା ପାଇଁ ଶ୍ରମିକନେତା ଓ ସରକାର ଶାନ୍ତି ଦାୟୀ ଓ କେତେକ ପରିମାଣରେ ସ୍ୱାର୍ଥଲୁବ୍ଧ ଲୋକ ମଧ୍ୟ ଦାୟୀ । ଏ କଥା ଜାଣିବା ବାହ୍ଲିକରେ କହିବାର ନାହିଁ କାରଣ ଗ୍ରାମ ଓ ଶସ୍ୟକ୍ଷେତ୍ର ଜଳମଗ୍ନ ହୋଇଥିବାରୁ ଯେଉଁ ଶସ୍ୟହାନି ଘଟୁଛି ତାହା ବର୍ତ୍ତମାନ ଅପୂରଣୀୟ ରହୁଛି । ଯେତେବେ ପୂରଣ ହେବ ହୀରାକୁଦ ଯୋଜନାର ପାଣିଦ୍ୱାରା ଅନ୍ୟ ଫସଲ ଦ୍ୱିଗୁଣିତ ହେବ ବା ତାହା ଅକାଳ-କୁସୁମ ହେବ ତାହା ଭବିଷ୍ୟତ ଗର୍ଭରେ । ଏବେ ଅନ୍ୟ ଲୋକ ଦେଖେ ଅସନ୍ତୁଷ୍ଟ ହୀରାକୁଦ ସମ୍ବଲପୁର ବାହାରୁ, ଓଡ଼ିଶା ବାହାରୁ ଲୋକେ ଏ କାମ ହେଉ ସୁଦ୍ଧା ଓ ମଣିଷର ସ୍ୱର୍ଗ ଘଟାଇ ନେଲେଣି ଓ ଏ ମାଟିର ସନ୍ତାନଗଣ ଶ୍ରମିକ ମଧ୍ୟ ହୋଇ ନ ପାରିବା ଦ୍ୱାରା ଏ ସମସ୍ୟା ଜଟିଳ ହୋଇ ପଡ଼ୁଛି । ସରକାର ଜମିଦାରଙ୍କ ସହାୟତା କରି ଯୋଗାଡ଼ କରି ଏହି 'ସୁଦ୍ଧ'ର ଜୀବନକୁ ଅପରିବର୍ତ୍ତନୀୟ କରି ଥାଆନ୍ତେ ଓ

ବାହାର ବିବାଦ ଭାଙ୍ଗି ଦୂରକରିବାକୁ ଏ ଜିଲ୍ଲାର ଲୋକଙ୍କୁ ପ୍ରସ୍ତୁତ କରିଥାଆନ୍ତେ ତେବେ ସଙ୍କଟରେ କହୁପାରନ୍ତି, ଏ ସମସ୍ୟା ଅନ୍ୟନ୍ୟ ଯାହାହେଉ, ଏଠାରେ ଏତେ ଶିଳ୍ପଶ୍ରୀବୃଦ୍ଧିର କାରଣ ହେବାର ନ ଥାନ୍ତା ଓ ଆମର ରହିଥିବା ଶ୍ରମିକମାନଙ୍କୁ ଏ ସମସ୍ୟା ଜଟିଳ କରିବାକୁ ସୁବିଧା ମିଳି ନ ଥାନ୍ତା । ଯାହାହେଉ, ଏତେ ଜିଲ୍ଲାର ସବୁଆଡ଼ୁ ଶ୍ରମିକ ନିଆଯାଇ ଏ ବନ୍ଦରର ଶିଳ୍ପ କରାଯାଉଛି । 'ଗୁଣ୍ଡା'ମାନେ ଲୋକଙ୍କରେ ଏଣ୍ଡ ଦେଶଠାରୁ ଯାଇ ସେ ସ୍ଥାନର ଶିଳ୍ପ, ଓ ମାଲିକମାନଙ୍କ ଦ୍ୱାରା ନିଜସ୍ୱ ହୋଇଛନ୍ତି ତାହା ଅବସ୍ଥି-ନୀୟ । ସେତେବେଳେ କାମକର ଅନାହାର ଓ ଅସ୍ୱାସ୍ଥ୍ୟ ହେବାର ଘରକୁ ଫେରିଲେ 'ଗୁଣ୍ଡା' ହେବାକୁ ମଧ୍ୟ ଯୋଗ୍ୟତା ତାର ନ ଥାଏ ଓ ତାର ପରିବାର ଭଗ୍ନ । ଏ ଜିଲ୍ଲାର ଗ୍ରାମର ଚାଷଶ୍ରମିକ ଅନ୍ୟଭାବେ ଦଣ୍ଡ ନ ଯାଇ ଧାନ ଅଭାବରେ ଧାଇଁ ଯାଉଥିବାରୁ ଦେଶ ଜାତିରେ ଶୁଭ ପରିସ୍ଥିତି, ଦେଶର ସ୍ୱାଧୀନତା ବା ପରାଧୀନତା, ଖାଦ୍ୟବସ୍ତ୍ରର ଦୁର୍ମୂଲ୍ୟ ବା ସ୍ୱେଚ୍ଛାସେବୀ ଶ୍ରମିକ ଜୀବନରେ କୌଣସି ପରିବର୍ତ୍ତନ ଆଣିନାହିଁ । ସେତେବେଳେ ସାଧାରଣ କୃଷକର ଦୁରବସ୍ଥା, ଭୂମିହୀନର ଅନ୍ନଦ୍ୱାରା, ତଥାପି କୃଷକ ତଥା ଶ୍ରମିକ ଜୀବନରେ ଦାରିଦ୍ର୍ୟ ଆଣିଛି ଓ ଜମିଦାରର କ୍ଷମତା କେବଳକୁ ହ୍ରାସ କରିଛି ଅଥଚ ସ୍ୱାଧୀନତାରୁ ଏକ ଗ୍ରାମର ଗ୍ରାମ ବାହି ଦାଅଚିକନ, ଭୂମିହୀନରେ ଦାନ୍ତ ଦେଖିବା ଓ ଭୂଷାର ସ୍ଥାନ ଅଭାବର ଶ୍ରମିକଙ୍କୁ ପୂର୍ବଦିନଠାରେ ଅଗ୍ରସର କରିଛି । ମୁଁ ଦେଖି ଶ୍ରମିକ ନିଜ ବାଡ଼ିରେ ଧାନ୍ୟ ଚାଷ କରିଦେଲା ବର୍ଷକର 'ଗୁଣ୍ଡା'ଙ୍କ 'ଭାତ୍ୱାଳୀ' ଖାଉଥିଲା ବା ଘରଖାଇଲା ଭାଗରେ ସାରଦିନ କାହାଳୀ ଖାଉଥିଲା । ଅନ୍ୟ 'ବେଶ୍ଚିଅ' (ପାଳ ଦଉଡ଼ିରେ) ନିଅଁ ତାର କାହାଳୀ ପାଇଁ ଯାଉଥିବା ଥିଲା । ସେ ଦିନରେ ବର୍ତ୍ତମାନ ତାର ଦେଇଁ

ପୂର୍ବ ଖର୍ଚ୍ଚର ଅନ୍ୟୂନ ଦଶଗୁଣ । ପୂର୍ବେ ସ୍ଥାନୀୟ ମଣ୍ଡଳୀରେ ମଦ, ସ୍ଥାନୀୟ ଲୋକଙ୍କଦ୍ୱାରା ପ୍ରସ୍ତୁତହୋଇ, ଅଳ୍ପ ମୂଲ୍ୟରେ ବିକ୍ରୀ ହେଉଥିବାରୁ ଶ୍ରମିକ ଅଭାବରୁ ବାସ୍ତବେ କ୍ଲାନ୍ତି ଦୂରକରିବାକୁ ଦେହେ ୨ ବେଳେ ମଦ୍ୟ ଖାଉଥିଲେ କିନ୍ତୁ ଅଧୁନା ତାହା ସରକାରଙ୍କର ଆୟର ପ୍ରଥମ ଉପାୟ ହୋଇଥିବାରୁ ଏଥିପାଇଁ ନାନା ଉତ୍ତେଜନା କରାଯାଉଛି । ଯାହା କର-ବାକୁ ମନା, ମନୁଷ୍ୟସ୍ୱଭାବ ଏପରି ଯେ କୌତୂହଳ ନିବାରଣ ପାଇଁ ତାହା କରିବାକୁ ମନୁଷ୍ୟର ଆଗ୍ରହ ହୁଏ । ତେବେ ଯାହା ହେଉ, ଏ ଜଗତରେ ଶ୍ରମିକ ଆତ୍ମମର୍ଯ୍ୟାଦାପୂର୍ଣ୍ଣ ଥିଲା, ତାର ଅନ୍ୟ ଅଭାବ ନ ଥିଲା । ଏବେ କିନ୍ତୁ ସୁ ଓ ସୁବିଧା ସହଜ ମିଳିଲାଣି । ଏକଥା ଅନ୍ତରରୁ ତାକୁ ମୁକ୍ତ କରି ଶ୍ରମିକ ଜାତିକୁ ଉଦ୍ଧାର କରି ନ ପାରିଲେ ଏ ଜିଲ୍ଲାରେ ଶ୍ରମିକସମସ୍ୟା ଦୂରେଇ ହୋଇବ ନାହିଁ । ଏହାଦ୍ୱାରା ଏହା ବୁଝାଯାଏ ନାହିଁ ଯେ ଶ୍ରମିକର ଆର୍ଥିକ ଉନ୍ନତି ଦିଗରେ କିଛି କରିବାର ନାହିଁ । ଜିଲ୍ଲାର ଶତକଡ଼ା ପ୍ରାୟ ୯୫ ଜଣ ଶ୍ରମିକ କୃଷିରେ ନିଯୁକ୍ତ । କୃଷି ଏ ଜିଲ୍ଲାର ପ୍ରଧାନ ଜୀବିକା । ମାତ୍ର ଏଠାରେ ଗତାନୁଗତିକ ଯେତେ ଯୁଗ ଖାଲି କରି କୃଷକ ଲାଭବାନ୍ ହେଉନାହିଁ । ଲୋକେ ଅଧିକେ ଜମିରେ ଯାଉ ପଡ଼ୁ ନାହାନ୍ତି ପୁଣି ସେମାନେ 'ଭଲ'ରେ ପଡ଼ୁଛି । ବାଳକଟି ବଳଦ ନ ଥିବାରୁ ମାଟି ଅଧିକ ଭଲଭାବେ ଖୋଳି ହେଉନାହିଁ । ଫଳତଃ ବୃଷ କରି କୃଷକ କ୍ଷତିରେ ପଡ଼ୁଛି । ଏପରିକି ଶ୍ରମିକର ଉତ୍ପନ୍ନ ମଜୁରି ଦେଇ ନ ପାରି ମଧ୍ୟ ଯାହା ଦେଉଛନ୍ତି ତାକୁ ବାଧ୍ୟ ହୋଇ ଯାହା କହେ ତାହା 'ଲାଭ' ପଡ଼ିବାଟା କ୍ଷତି । ଶ୍ରମିକ-ଶୋଷଣ ମାତ୍ର ଯାଇ । ଏପରି ଅବସ୍ଥାରେ 'ଟୋପ'ଠାରୁ ଶ୍ରମିକ ପାଇଁ ଅଧିକ କିଛି ଦାନ୍ତ କରିବା ମାନେ ତାକୁ 'ଫାଶି'ଦେବା । ଅବଶ୍ୟ 'ଟୋପ' ମଧ୍ୟରେ ଯେ ପୁଞ୍ଜିପତି ନାହାନ୍ତି, ତାହା କୁହା ଯାଉନାହିଁ । କିନ୍ତୁ

ସେପରି ମେଘର ସଂଖ୍ୟା ଶତକଡ଼ା ପାଞ୍ଚ ହେଲେ ଯଥେଷ୍ଟ ହେବ । ଏ ପଦ୍ଧତିରେ ଏଠା ଭୂମିକର ଉନ୍ନତି ଆକାଶକୁସୁମ ହୋଇଛି । ତେଣୁ ବୈଜ୍ଞାନିକ ବା ଅନ୍ୟ କୌଣସି ପ୍ରଣାଳୀରେ ଲୁପ୍ତ ଶକ୍ତିଗୁଡ଼ିକ ଆଣି ବଦଳାଇ ଭୂମିର ଅନ୍ନ ଦ୍ୱିଗୁଣ କରିବାକୁ ପାରିଲେ ଭୂମିମାନଙ୍କର ଅନ୍ନ ବଢ଼ିଲ ବଢ଼ିଲ ଦ୍ୱିଗୁଣ ହେବ ଏବଂ ସାହସ ସହିତ ଉତ୍ପାଦନକାରୀ ସେ ବିଶାଳ ଭାରତର ସମସ୍ତ ଭୂମିଙ୍କ ଅବସ୍ଥା ଅପେକ୍ଷା ଏ ଜିଲ୍ଲାର ଭୂମିଙ୍କ ଅବସ୍ଥା ଉଜ୍ଜଳ ହେବ । ଏ ଜିଲ୍ଲାରେ ଲୋକର ୫୦ % ଭୂମିର ଚାର ଶାଖା ପ୍ରଶାଖା । ସବୁ ଶାଖା ପ୍ରଶାଖାର କ୍ଷେତ୍ର ମୁହଁ ନେଇ ଗଛ ମୂଳରେ ପାଣି ଦେବାକୁ ହେବ । ଆନ ଜଳ ଶାଖା ପ୍ରଶାଖା ଉପରେ ଏକ ପାଣି ଦେଉଁ ନେଲେ ତାହା ଦେଉଁ କାମରେ ଲାଗିବ ? ଏଥିର ତା କରିବାକୁ ଆମର ଭୂମିର ନେତାମାନେ କେବଳ ଭାଷଣ, 'ରେଜୋଲ୍ୟୁସ୍' ପଠାଇବାରେ ମଧ୍ୟ ଦକ୍ଷ-ଶୀଳ । ସେମାନଙ୍କ ବୁଝିବା ଉଚିତ—ଅନାବାଦ ମାଟି ସେପରି ସମାନ ଏଠାରେ ତାହା ନୁହେଁ । ଅନ୍ୟତ୍ର 'କେନାଲ୍' ଆଦି ଦ୍ୱାରା ଜଳ ସେଚନର ବ୍ୟବସ୍ଥା କରି ଭୂମି ଉର୍ବର ଅବାଦ କରାଯାଇଛି କିନ୍ତୁ ଏଠାରେ ତାହା ସମ୍ଭବ ପର ହୋଇନାହିଁ । ଏଠା ମାଟି ଢାଲୁଆ । ପାଣି ଅଟକିବ ନାହିଁ ତଳକୁ ବହିଯିବ । ମାଟିର ଭାଙ୍ଗିବା ପଥରର ବନ୍ଧ ବାନ୍ଧି ବାଲୁ ବନ୍ଧ ଭଳିକୁ ପାଣି ଅଣାଯିବାରୁ 'ବନ୍ଧ' ଏ ପାଣିକୁ ସମ୍ଭାଳିବା ମୁସ୍କିଲ୍ । ଏଥି ବାଦେକ ସାହାଯ୍ୟରେ 'ବନ୍ଧ'କୁ ଦୃଢ଼ାଳ ନାଅଧାଏ ନେଲେ ବନ୍ଧ ଭୂଇଁକୁ ମାଟି ଆସି 'ବନ୍ଧ' ଶୀଘ୍ର ଭୁକ୍ତ ହେବ । ଏ ଜିଲ୍ଲାର ମାଟି ସେତେ ଉର୍ବର ଅନ୍ୟତ୍ର ସେତେକ ନୁହେଁ କାରଣ ଏଠାରେ ତାହା 'ଧୂଆ' ନୁହେଁ । ସେଥି ମାଟି ଉର୍ବରକୁ ଧାରଣା କରି ରଖେ, ତାହା ସେଥିର ଭୂଏ ନାହିଁ । ସେଥି ଏକ ଫସଲ୍ ହେଉଛି ସବୁ

ବୈଜ୍ଞାନିକ ଶକ୍ତିରେ ଓ ଉନ୍ନତ ପ୍ରଣାଳୀରେ ଏଣିକି କୃଷକର ଭୂମିରୁ ଦୁଇଗୁଣିତ ଫସଲ ଅଦାୟ କରାଯାଇ ପାରିବ, ଫଳରେ ଶ୍ରମିକର ମଜୁରି ଦୁଇଗୁଣ କରାଯାଇ ପାରିବ, ତାହାହେଲେ ଏଠା କୃଷକ ଓ ଶ୍ରମିକ ଜୀବନ ସୁଧାରର ସମସ୍ତ କୃଷକ ଓ ଶ୍ରମିକଙ୍କ ଜୀବନର ଆଦର୍ଶ ହେବ । ଭଗବାନ ! ଏହା ପାଗଳର ସ୍ୱପ୍ନ ନ ହେଉ ।

---

# ନବମ ଅଧ୍ୟାୟ

## ନିଶା-ପଶା-ବେଶ୍ୟା

ଏହି ପୃଥିବୀରେ କେତେ ଜୀବଜନ୍ତୁ ଅଛନ୍ତି ତାହା କିଏ ସଂଖ୍ୟା କରିବ ? ଅଣୁରେ ଦେଖିବା ଭଳି ଜୀବାଣୁଠାରୁ ହାତୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଜୀବନ ରହିଛି, ସମସ୍ତଙ୍କ ପାଇଁ ଆହାର, ନିଦ୍ରା ଓ ମୈଥୁନ ଆବଶ୍ୟକ । ମନୁଷ୍ୟ ବି ମଧ୍ୟରୁ ଏକ ଜୀବ ମାତ୍ର । ତେବେ ଏ ସମସ୍ତଙ୍କ ଉପରେ ତାର ଏତେ ପ୍ରଭାବ ବିସ୍ତାର କାହିଁକି ହେଉଛି ? ମନୁଷ୍ୟତ୍ୱ, ଧର୍ମବୁଦ୍ଧି ବା ହିତାହିତ ଜ୍ଞାନ ପାଇଁ । ଅନ୍ୟ ଜୀବଜନ୍ତୁ ଓ ମନୁଷ୍ୟ ମଧ୍ୟରେ ଏହି ମାତ୍ର ତଫାତ୍ । ସେହି ସବୁ କାରଣରୁ ମନୁଷ୍ୟର ଏ ଜ୍ଞାନ ଲୋପପାଏ ସେ ସବୁକୁ ଏଡ଼ାଇ ଚାଲିଲେ ହିଁ ତାର ମନୁଷ୍ୟତ୍ୱର ବିକାଶ । ସେ ସବୁ କାରଣ-ଗୁଡ଼ିକ କୋଟିଏ କୋଟିଏ କରି ବାଛି ହେଇ ପାରିଲେ ଓ ସେଥିରୁ ତଫାତ୍ ରହିପାରିଲେ ପୂର୍ଣ୍ଣ ମାନବିକତା ବିକଶିତ ହୁଏ । ମାନବିକତା ବିକାଶନ ପାଇଁ ଯାହା ଯାହା ଦରକାର ସେସବୁ ଏ ଜଗତର ଅବଧାରିତ ବିଷୟ । ନିଶା, ପଶା ଓ ବେଶ୍ୟା ମାନବିକତା ବିକାଶନର ଘୋର ପ୍ରତିରୋଧୀ । ଜନ୍ମରୁ ଦ୍ୱାଦଶ ବର୍ଷ ପର୍ଯ୍ୟନ୍ତ ସେ ଦୋଷ ସବୁର ବିଷୟ ନ ଥିଲେହେଁ ଏହି ଦ୍ୱାଦଶ ବର୍ଷ ମଧ୍ୟରେ ଶିଶୁ ବାଳକଙ୍କୁ ତହିଁର ମାରାତ୍ମକତା ହୃଦବୋଧ କରାଇ ନଥାଏ ତେବେ ଏ ଦୋଷରେ ଜଡ଼ିତ ହେବା ପରେ ସେଥିରୁ ବାହାରିବା ବଡ଼ ମୁସ୍କିଲ ହୁଏ । ତେଣୁ ବର୍ତ୍ତମାନ ସହରେ ସହରେ ନିଶାଶାଳର ବଂଶବୃଦ୍ଧି ଘଟୁଛି !

ନିଶା, ଘଣା ଓ ବେଶ୍ୟା ଦୋଷ ସଙ୍ଗଦୋଷରୁ ଜାତ ହୁଏ । ତେଣୁ ପିଲାଙ୍କ ପାଇଁ ଘରେ ବାପ ମା, ଅଭିଭାବକ ଓ ବିଦ୍ୟାଳୟରେ ଶିକ୍ଷକଙ୍କୁ ବାଳକର ୧୨ ବର୍ଷ ବୟଃକ୍ରମ କାଳରୁ ତତ୍ପର ରହିବାକୁ ହେବ । ବାଳକର ଚରିତ୍ର ଦୋଷର ବେଶିଭାଗାଂଶ ବାପ ମା'ଙ୍କଠାରୁ ଆସିଥାଏ । ପୁଣି ଶିଶୁ ବିଦ୍ୟାଳୟରେ ନାନା ସ୍ୱଭାବର ଶ୍ରେଣୀର ବାଳକବାଳିକା ସଙ୍ଗରେ ମିଶେ । ସେମାନଙ୍କ ଚରିତ୍ରଗଠନ ଶିକ୍ଷକଙ୍କ ଜିମାରେ ଥିଲେ ମଧ୍ୟ କେତେକ ସେପରି ଚରିତ୍ର ସଂଶୋଧନକର୍ତ୍ତାର ହୁଅନ୍ତି ମିଳିବା ସେହି ଦୋଷ ଭାର ଆସିଥାଏ ଅର୍ଥାତ୍ ପିଲାଠାରେ ଯେଉଁ ଦୋଷ ସୃଷ୍ଟି ହୁଏ, ସେ ଦୋଷ ଏଡ଼ାଇବାରେ ଶିକ୍ଷକ ସେପରି କୃତକାର୍ଯ୍ୟ ହୁଅନ୍ତି ନାହିଁ । ତେଣୁ 'ସଙ୍ଗ ଦୋଷ' ଏଡ଼ାଇବାକୁ କେବଳ ବାପ ମା ଓ ଅଭି-ଭାବକଙ୍କ ଦାୟିତ୍ୱ ମୌଳିକ ଓ ଅତି ବେଶୀ । ଶିକ୍ଷକଙ୍କ ଦାୟିତ୍ୱ ମଧ୍ୟ କମ ନୁହେଁ କିନ୍ତୁ ବାପ ମାଙ୍କ ପରେ ହିଁ ତାଙ୍କର ସ୍ଥାନ । ତେଣୁ ବାପ ମା'ଙ୍କ ପକ୍ଷେ ଚରିତ୍ରସଂଶୋଧନ ଅପେକ୍ଷା ଓ ଚରିତ୍ରଗଠନ ମୂଳକ 'ଗର୍ଭାଧାନ' ନିଷେଧ ରହିବା ଉଚିତ । ସନ୍ତାନ ପ୍ରସବ ପରେ ମଧ୍ୟ ସନ୍ତାନର ପୂର୍ଣ୍ଣ ମନୁଷ୍ୟତ୍ୱ ପାଇଁ ସେମାନେହିଁ ଦାୟୀ । ତେଣୁ "ଆକାଶରୁ ବଡ଼ ପିତା, ମାତା ବଡ଼ ପୃଥିବୀ ଅପେକ୍ଷା" ।

'ନିଶା' ମନୁଷ୍ୟର ଧ୍ୱଂସପଥ (ମୃତ୍ୟୁ) ପ୍ରଦର୍ଶୀ । ନାନା ପ୍ରକାରର ମଦ, ସିଗାରେଟ୍, ଚୁରୁଟ୍, ଗୋଞ୍ଜେଟା, ଗୁଣ୍ଡି, ଗୁଡ଼ାଖୁ, ଗାଞ୍ଜାଳି ବା ପିକା ପ୍ରଭୃତି ଏ ନିଶା କେତେକ ଜାତିର ଶ୍ରେଣୀର ଲୋକଙ୍କୁ ଅଧୀନ କରିଛି । ସ୍ୱଭାବରୁ ସ୍ତ୍ରୀମାନଙ୍କ ମଧ୍ୟରୁ କେତେକ ଜାତି ଛଡ଼ା ଜଣ ଏଥିରୁ ବର୍ଜିତ । ପ୍ରକୃତ ମନେକରେ—ଧୂମ୍ରପାନ କାହିଁକି ଆରାମ ଦିଅନ୍ତରେ । ପ୍ରକୃ-

ସିଗାରେଟ୍ ଖାଇବା ଲୋକ ମନେକରେ ତାଙ୍କ ଭାବ ଆଡ଼ା ସଫା ହୁଏ । କେତେକଙ୍କ ମତ ନ କରନ୍ତି ଗୁଡ଼ାଖୁରେ ଦାନ୍ତ ଘଷିଲେ ଦାନ୍ତ ସଫା ଓ ମଜବୁତ ହୁଏ ଏବଂ ପେଟ ମଧ୍ୟ ସଫା ହୁଏ । ସିଗାରେଟ୍ ଶିକ୍ଷିତ ମହଲରେ, ସ୍କୁଲ୍ କଲେଜରେ ଓ ମଜା ମଜଲିସ୍‌ରେ ଅଖଣ୍ଡ ରାଜତ୍ୱ କରେ । କିନ୍ତୁ ଏ ନିଶା ଏ ସବୁର ବ୍ୟତିକ୍ରମ ଘଟାଏ ଓ ଏ ଧାରଣା ଧାରଣାରେହିଁ ପର୍ଯ୍ୟବସିତ ହୋଇଯାଏ । ନିଶା ମାତ୍ରକେ ଖରାପ । ତେବେ କେଉଁ ନିଶା ଖରାପ ନୁହେଁ, ନିଶାଖୋରଙ୍କୁ ପଚାରିଲେ ଯେ, ଯେଉଁ ନିଶା ଧରିଥାଏ ସେ ବୋଧେ ନିଶା ଛଡ଼ା ବାକି ସବୁ ନିଶା ଖରାପ, ଏହା ଅମ୍ଳାନ ବଦନରେ କହିଦେବ । ନିଶାଖୋର ମୁହଁରେ ହିଁ ସବୁ ନିଶା ଖରାପ, ଏହା ସ୍ୱୀକୃତ ହେବ । ନିଶା ମଧ୍ୟରେ ଧୂଆଁପତ୍ର ସର୍ବବ୍ୟାପକ । ଦେଶର ସମସ୍ତେ ବୋଧହୁଏ ସ୍ୱୀକାର କରନ୍ତି ଧୂଆଁପତ୍ର ସବୁଠାରୁ କମ୍ କ୍ଷତିକାରକ । କେତେବର୍ଷ ହେଲା ଡାକ୍ତର ଶାସନ ଏହାର ନିୟନ୍ତ୍ରଣ ପରାମର୍ଶ ଦେଉଛନ୍ତି ମାତ୍ର ଫଳରେ ଏହାର ପ୍ରଚଳନ ବଢ଼ିଛି । ଅର୍ଥ ନୀତିରେ କୌଣସି ଆନ୍ଦୋଳନ ବାଧା ହୁଏ ନାହିଁ ବରଂ ବଢ଼େ । ଧୂଆଁପତ୍ର ନିୟନ୍ତ୍ରଣ ଚେଷ୍ଟାର ପ୍ରମାଣ । ସ୍ତ୍ରୀ ଜାତି ଓ ଶିଶୁ ଛଡ଼ା ପ୍ରାୟ ସମସ୍ତେ କୌଣସି ନା କୌଣସି ପ୍ରକାରେ ଧୂଆଁପତ୍ରର ଅଭ୍ୟସ୍ତ । ଆଜି ଦ୍ୱାଦଶବର୍ଷର ବାଳକ ମଧ୍ୟ ଧୂମପାନ-ଜନିତ ପ୍ରଶ୍ୱାସରେ ବାୟୁମଣ୍ଡଳ କଳୁଷିତ କରୁଥିବାର ସର୍ବତ୍ର ଅବାଧ । ଆଜି ସ୍ତ୍ରୀମାନେ ମଧ୍ୟ ଧୂମପାନ ଆରମ୍ଭ କଲେଣି । ଆଜି କେତେ ମହିଳାମାନେ 'ଗୁଡ଼ାଖୁ'ରେ ଦାନ୍ତ ନ ଘଷିଲେ ତାଙ୍କର ଝାଡ଼ା ପରିଷ୍କାର ହୁଏନାହିଁ । ବଡ଼ଲୋକମାନେ ସୁଗନ୍ଧି ନ ହେଲେ ଆଡ଼ାଜମାଇପାରନ୍ତି ନାହିଁ । ସ୍କୁଲ୍ ଶିକ୍ଷକ ଓ ଛାତ୍ରମାନେ ପଢ଼ା ବାହାନା କରି କେଶ ତାକୁ ପରିଷ୍କାର ? ନା ଅଫିସ୍‌ରେ କରି ବୁଦ୍ଧି ବଢ଼ାଏ

ମାର୍ଜନା କରିନାହାନ୍ତି ଓ କେତେକ ଆତ୍ମାବାହାନ୍ତି ଲୋଧ୍ୱାର ତାଙ୍କର
ଭ୍ରାନ୍ତି ଭୂତ ହୁଏ । ଥରେ ଜଣେ ଡାକ୍ତରଙ୍କ ଚିକିତ୍ସାଳୟରେ ଅସ୍ତ୍ରୋପଚାର
କରିବା ବେଳେ ଜଣେ ମଦ୍ୟପ ଅଫିମ ବ୍ୟବସାୟୀ ତାହା ନ
କରିବାକୁ ଅନୁରୋଧ କଲେ । ଡାକ୍ତର ଶ୍ରୀ ଦେଇ ନ କରିବାକୁ
'ଓପିଅମ୍' ପଦାର୍ଥକୁ ଜଳ ଢାଳାଯିବାର ଦେଖିଲ୍ବାହାରି ରେକା ସୁସ
କାଢ଼ି ଭଲ ଢାଳ୍ କରି ଦିଲାଇଲ । ଡାକ୍ତର ଜାଣିଲ । ଶିଶୁ ବେ
ଅବମାନନାର ନିମନ୍ତ୍ରଣ କରିଛନ୍ତି । ସେ ବାଳକ ଦଶମ ବା
ଏକାଦଶ ବର୍ଷରୁ ଅଧିକ ଥିଲା, ଏପରି ଦେଖା ଯାଉଛି, ଷୋଡ଼ଶ
ବା ସପ୍ତଦଶ ବର୍ଷ ବୟଃକ୍ରମ ବେଳକୁ ତାର ପେଟ ଭିତରେ ମୃତ୍ୟୁ,
କଣ୍ଠରେ ଘା, ଓ ସେ କାଶରେ ଅସ୍ଥିର । ଏପରି ସମୟରେ
ଜାର କରାଯାଏ । ଜ୍ୱାଳାର ୨ । ୪ ମାସପରେ ବା କିଛୁଦିନ ପରେ ତାର
ମୃତ୍ୟୁ ଘଟିଛି । ଓଃ - କି ଶୋଚନୀୟ ଦୁର୍ଦ୍ଦଶା ଓ ମନୁଷ୍ୟ-
ଜୀବନରେ କି ଶୋଚନୀୟ ଅସ୍ୱାଭାବିକ ସମାଜ ବଳବାନ୍ତ କରୁଛି ।
ପରୀକ୍ଷା ଦ୍ୱାରା ପ୍ରମାଣିତ ହୋଇଛି ଧୂଆଁ ପଣରେ ଥିବା ନିକୋଟିନ୍
ବିଷକୁ ଏକ ବୁନ୍ଦା ଯଦି କୌଣସି ବୁଲୁକୁ ବେଙ୍ଗର ଗାତରେ ପ୍ରଅ-
ଶାଏ ସେତେ ବେଳେ ତାର ମୃତ୍ୟୁ ଘଟେ । ହାୟ ! ଆମର ମୂର୍ଖ ସମାଜ
ଜାଣି ଜାଣି ଅଶୁଦ୍ଧ ଏ ବିଷପାନ ଓ ଅସ୍ୱାସ୍ଥ୍ୟାନିତ । ଆଜି
ଦେଶବାସୀ ବାଡ଼ି, ସୁଖପ ବାଡି, ଶ୍ରମ ବନବାସ ଚାଡ଼ି, ଜବାହର
ଗୁଡ଼ାଖୁ ନାନା ନାମଧେୟ ବାଡ଼ି, ସିଗାରେଟ୍, ଗୁଣ୍ଡି, ହୁକା ବା
ଦୋକ୍ତା ଆଦିର ବିଜ୍ଞାପନମାନ ଦେଶର ସ୍ୱନାମଧନ୍ୟ ଅବତାର ଓ
ଦୁଷ୍ଟନେତୃବୃନ୍ଦଙ୍କ ନାମରେ ନାମିତ ହୋଇ ଏ ଦୂର୍ଗନ୍ଧ
ଅବାଧ ପ୍ରଚାର କରାଇ ସମାଜକୁ ଧ୍ୱଂସମୁଖୀ କରୁଥାଇଛି, ତାର
କଥଣ ହେଉନାହିଁ । 'ହେ ଦେବ ! ତୁମେ ନାହିଁ କି ଦୟାମୟ ?
ଚାଲିଛିଣ ଶୋଷେ ସମାଜରେ ସିଗାରେଟ୍ ଗୁଡ଼ାଖୁ ସମାଜ

ପ୍ରତିବର୍ଷ ହେଉଛି କୋଟି ଟଙ୍କାର ଶ୍ରମଦାନ କରୁଛି, ତାହା କଣ ତମକୁ ବାଧୁନାହିଁ ! ତବ ଅପୂର୍ବ ଏ ସୃଷ୍ଟିର ଏ ଅବାଧ ଧ୍ୱଂସରେ ତମେ କଅଣ ପଥର ପାଲଟିଲଣି ବା ତମେ ମଧ୍ୟ ନୀରବସ୍ତବ୍ଧମନ କଲଣି ! ଭାରତର ମନ ଫେରାଅ, ପ୍ରଭୋ ! ଦେଶର ଆଶା ଭରସା ସ୍ଥଳ, ଦେଶର ଯୁବଗୋଷ୍ଠୀଙ୍କ ମେରୁଦଣ୍ଡ ଭାଙ୍ଗିବାର ମୁହଁରେ ଏ ମୁଖାଗ୍ନିରେ ଦେଶର ଯୁବଗୋଷ୍ଠୀଙ୍କ ଭସ୍ମୀଭୂତତା କି ତମର ଇଚ୍ଛା ? ନା ନା ଦୟାମୟ ! ଶଙ୍କର ମୂର୍ତ୍ତିରେ ତୁ ଏହା ଅବରୋଧ କର ।'

ଆମ ଏଠାରେ ଲୋକେ ଢଗ ମେଲନ୍ତି "ଅସୁଆ ଟେକର, ଗଞ୍ଜିଆ ଖେଳ, ମଦୁଆ ଘରେ ନିତି ଗୋଳ" ଯେ ପଦ ଯୋଡ଼ିଛି ତାଙ୍କୁ ଶତ ନମସ୍କାର, ସେ ଏ ଜାତିର ଧନ୍ୟବାଦାର୍ହ । ଏହି ଅଳ୍ପ କଥାରେ ଏତେ ଗଭୀର ସତ୍ୟ ନିହିତ ! 'ଅସୁଆ ଟେକର' ଅଫିମ ମନୁଷ୍ୟକୁ ଏପରି ଅଭ୍ୟସ୍ତ କରେ ଯେ ଅଫିମ ନ ପାଇଲେ ଏପରି ଅପରାଧ ନାହିଁ ଯାହା ଅସୁଆ ନ କରିବ । ଅଫିମ ସମ୍ବନ୍ଧେ ଏକ ଜନ୍ତୁର କୁହାଯାଇଛି ଅଶ୍ୱ, ଶଙ୍କୁମାରୀ ପରି ଅଭିମାନିନୀ, ବାଘୁଣୀ ପରି ଅଭିଷ୍ଟଲିପ୍ସୁ, କୁକ୍କୁର ପରି କଦର୍ଯ୍ୟ ଓ କଉଳଚରିତ୍ରା, ବାଘ ପରି ହିଂସ୍ର, ଏକ କଥାରେ ଅସୁଆ ଅଛି ମନୁଷ୍ୟ ପଦବାଚ୍ୟ ନୁହେଁ । 'ଗଞ୍ଜିଆ ଖେଳ' ଖେଳ ଭୁଲିଯିବାର ସୂଚନା ଦିଏ । ବାସ୍ତବିକ 'ଗଞ୍ଜେଇଖୋର' ଏପରି ଅଲୌକିକ ଯେ ଦୁନିଆଁ ବୁଡ଼ିଗଲେ ତାର କିଛି ଯାଏ ଆସେ ନାହିଁ ଅର୍ଥାତ୍ ସେ ଦୁନିଆଁ ବାହାର । ବସ୍ତୁତଃ ଗଞ୍ଜେଇ ଖାଇ ଈଶ୍ୱରୋପାସନାର ଭାବ କରେ ଈଶ୍ୱରୋପାସନା କି ଏତେ ସହଜ ! ତା ହେଲେ ଈଶ୍ୱରୋପାସନାର ଆବଶ୍ୟକତା ମାତ୍ର ନାହିଁ । ଗଞ୍ଜେଇର ମନୁଷ୍ୟ ମନୁଷ୍ୟପଣିଆ ଭୁଲେ ।

"ମଦୁଆ ଘରେ ନିତି ଗୋଳ" ବାସ୍ତବିକ୍ ମଦ୍ୟପ ସମାଜ କଳହପ୍ରିୟ ଏଇ ଦୁନିଆଁରେ ନରକ ଦେଖାନ୍ତି । କଥାରେ ଅଛି, ରାଜାଙ୍କ ଭଣ୍ଡାରି ବଡ଼ ପ୍ରଜ୍ଞାବନ୍ତ । ସର୍ବଦୋଷରେ ମଦ ଟାଣିଲା । ଦିନେ ମଦଖାଇ ଟେଙ୍ଗୁଥିବା ବେଳେ ରାଜା ହାତୀରେ ଧରାପଡ଼ି ଯାଇଥାନ୍ତି । ଭଣ୍ଡାରି ମାତାଲ ଅବସ୍ଥାରେ ତାଙ୍କୁ "ଏତେ ଖାଲି ରଜା ! ହାତୀଟା ଦାମ କେତେକି ଲୁଚାଉଛ ?" ରାଜା ଜାଣିଲେ ଭଣ୍ଡାରି ଅସ୍ୱସ୍ଥ ହୋଇଛି, କିଛି ନ କହି ଫେରିଗଲେ । ଅବଧାନ ସକାଳେ ଭଣ୍ଡାରି ରାଜଦରବାରେ ନିଯୁକ୍ତ ଥିବାବେଳେ ତାଙ୍କୁ ପଚାରନ୍ତି, "କହିବା ! କାଲି ସେ ହାତୀର ମୂଲ୍ୟ ପଚାରୁଥିଲ, କେତେକି ଟଙ୍କା ଦେଇ ସେ ମୋର ହାତୀ କିଣିବ ?" ଭଣ୍ଡାରି କହେ "ମହାରାଜ ! ସେ ହାତୀ କିଣୁଥିଲା ସେ ଚାଲିଗଲାଣି ।" ଏ ସାମାନ୍ୟ କଥାରେ ମଦ୍ୟପର ବହୁରୂପୀ, ଅସୀମ ସାହସ, ଦୁଃଖର ଦୁଇଟି ଦୁର୍ଦ୍ଦଶାର ନିଦର୍ଶନ, ଜଡ଼ତା ବୃଦ୍ଧି ଓ "ନିତି ଗୋଳ"ର ପରିସ୍ଥିତି ମିଳେ । ବାସ୍ତବିକ୍ ମଦ୍ୟପର ସ୍ୱଭାବ ଓ ଚରିତ୍ର ଦୋଷ ନିଶ୍ଚିନ୍ତ ଏହାଠାରେ । ମଦ୍ୟପ ମଦ ପାଇଁ ସ୍ତ୍ରୀ କନ୍ୟା ପୁତ୍ର ସମାଜକୁ ଭୁଲାଇ ସଂସାର ବୁଡ଼ା କରେ । ସମସ୍ତଙ୍କ ମନରେ ଅଶାନ୍ତି ଆଣି ଦେଇ ନିଜସ୍ୱ ସ୍ୱାସ୍ଥ୍ୟ ଅସୁସ୍ଥତା କରେ ।

ଏହି ନିଶାମାନଙ୍କ ବିଷୟରେ ସମାଜ ସଚେତନ ଓ ସତର୍କ କିନ୍ତୁ ତାହା ମୁହଁର କଥାରେ ପର୍ଯ୍ୟବସିତ । ନିବାରଣର ଉପାୟ ଏ ଲେଖାର ଉଦ୍ଦେଶ୍ୟ । ତହିଁର ଉପାୟ ଅବଧାରଣ-ପାଇଁ କାହିଁକି ସମାଜ 'ନିଶା'ର ଅଧୀନ ତାହା ବିଚାର୍ଯ୍ୟ । ଦଶବର୍ଷର ବାଳକ ଯେତେବେଳେ ବୋତଲବନ୍ଦୀ ଘରେ ସମସ୍ତେ ଅଭ୍ୟାସ ଧୂମପାନ-ରତ ବା ସେପରି ଅନ୍ୟ କୌଣସି ନିଶାର ଅଧୀନ, ସେ କୌତୂହଳ-ପରବଶ ହୋଇ ଯେତେବେଳେ ଅନ୍ୟଙ୍କୁ ଲୁଚାଇ ଧୂମ ମୁହଁରେ

ଧରେ, ବଳିଷ୍ଠ ମାନବଜାତିର ନୈସର୍ଗିକ ଗୁଣଜନ, ଧୂମର କଲୁଷତା ଓ ଦୁର୍ଗନ୍ଧ ପ୍ରଭୃତି ତାଙ୍କ ଘୃଣାର ଉଦ୍ରେକ କରେ । ଏଥି ସଙ୍ଗେ ସଙ୍ଗେ ଯଥା ଅଭିଜ୍ଞତା ନିଶାର ଉତ୍ତେଜନାକୁ ତାଙ୍କୁ ଦୁର୍ବଳ କରାଇ ପାରେ ଯେଉଁଥି ଲୋକେ ଗାଇଲେ, ମାନବଜାତି ଜଗୁପ୍ସା ଓ ଏ ଅଲ୍ପକାଳ ମଧ୍ୟ କୌଣସି ନିଶାର ଅଧୀନ ରହେ । ପାଶ୍ଚାତ୍ୟରେ ଧୂମପାନ ଏବଂ ମାଦକଦ୍ରବ୍ୟ ଘୃଣାର ବିଷୟ । ଯେ.ବ ଶରୀର ତାକୁ ତାର ଦେହହାନି କରାଏ । ଏଥିପାଇଁ ସ୍କୁଲ କଲେଜରେ ଏହି ନିୟମ କରା ଯାଇଅଛି ଯେ ଅଧିକ ଶିକ୍ଷାନୁଷ୍ଠାନରେ ଧୂମପାନ ଓ ଧୂମ୍ରପାୟୀର ପ୍ରବେଶ ନିଷେଧ ଏବଂ ଉତ୍ତର ଅଷ୍ଟାଦଶ ବର୍ଷ ବୟସ୍କ ହେବା ପୂର୍ବରୁ ଯେ କୌଣସି ନିଶା ସେବନ ପାଇଁ ଦଣ୍ଡବିଧାନ ବ୍ୟବସ୍ଥା ହୁଅନ୍ତି, ସେଥିର ଅନ୍ୟ ଦିଗରେ ଦେଶୀ ପ୍ରସ୍ତାବ ମଦର ଦୋଷର ସମ୍ମୁଖ ଓ ଅନୁଚିନ୍ତା କରାଯାଇ ପାରନ୍ତି । ପାଶ୍ଚାତ୍ୟରେ ଆମର ଶିକ୍ଷକଗଣ ନିଜେ ଧୂମ୍ରପାୟୀ । ଆମର ବ୍ୟବସ୍ଥାପକଗଣ ଡାକ୍ତରଙ୍କ ନିଶାର ଅଧୀନ. ଆମର ସନ୍ତାନ ଅବସ୍ଥା ଅଧୁ ପାଇଁ ଯାଉଛି । ଏମାନଙ୍କୁ କେଉଁ କଥା କହି ପାରିବ ? ଯାବତ ଆମର ଦେଶର ବନ୍ଧୁମାନଙ୍କ ଅନେ ଭାରତର ମୂଳ ସ୍ପୃହଣୀୟ ଦେଶଜ ନିଶା ନିବାରଣରେ ବ୍ରତୀ ହୋଇ ସାରା ଜୀବନରେ ପ୍ରତିଜ୍ଞା କରି ପ୍ରଥମେ ହୃଦୟ ପରିଷ୍କାର କରି ସ୍ୱଦେଶର ଦେଶ ଯୋଗଥିବା ନିଶାକୁ ସେଥିରୁ ଅଧିକ ଘୃଣା ନ କରନ୍ତି ତାବତ ଏ ଦେଶରେ ସ୍ୱାଧୀନତାର ମୂଲ୍ୟ ନାହିଁ । ତାବତ ଏ ଦେଶର ଲୋକମାନଙ୍କ ମଧ୍ୟ ନାହିଁ । ସେତେ ରକ୍ଷିବାକୁ ଦେବ ଅଧିକ ସ୍ଥାନ ନେ; ତାଳିର ଦେଶର ବ୍ୟବସ୍ଥାପକ ଓ ଶାସକ ନେ ।

ନିଶା ତଳକୁ ଯିବା ଲୋକମାନେ ସ୍ୱଭାବ ତାକୁ ଶାସକକୁ ପ୍ରେରଣ ଦେଇରେ ଅପମାନ କରୁଥିଲେ ଗଲେ । ଯିବାର ଅନ୍ୟାନ୍ୟ ଦୂର । ସାଧାରଣରେ ଏହାକୁ 'ଭୂତ' କହନ୍ତି । ଲଙ୍ଘନ ବୋଷିପଛ

ଏଥିରେ ସ୍ୱଳ୍ପ ଦାରିଦ୍ର୍ୟ ଭୋଗାନ୍ତି ହୁଅନ୍ତି । ମଧ୍ୟବିତ୍ତ, ଶ୍ରମିକ ଓ ଗରିବ ଲୋକର ମଧ୍ୟ ଦୁର୍ଦ୍ଦଶାଗ୍ରସ୍ତ ହୁଏ । ଅଥଚ କେହି ହୁଏତ ତାକୁ ଧର କରିଛି ଦେଖିବାକୁ ମିଳେ ନାହିଁ । ମହାଭାରତର ସୂକ୍ଷ୍ମ ଦୃଷ୍ଟି ପାଇଁ । ଧାର୍ମିକ ଯୁଧିଷ୍ଠିର ମଧ୍ୟ ଏଥିରେ ଅନୁରକ୍ତ ହୋଇ ସ୍ୱକୀୟ ସହ-ଧର୍ମିଣୀଙ୍କୁ ହାରି ସଭାରେ ତାଙ୍କ ସମ୍ବନ୍ଧରେ ଉଲ୍ଲଙ୍ଘନର କାରଣ ହୁଅନ୍ତି । ନଳ ଓ ଶ୍ରୀବତ୍ସ ଆଦି ମହାଧାର୍ମିକ ସମ୍ରାଟ-ଗଣ ବହୁତର ଲାଞ୍ଛନା କରନ୍ତି । ସ୍ମୃତିଶାସ୍ତ୍ରକାରମାନେ ଯା ଭିତର ଏହି ମାନସିକ ଦୁର୍ବଳତାର ଉତ୍ତେଜନା ବର୍ଣ୍ଣନା କରିଛନ୍ତି ତାହା ଅମର ଅଟେ । କିନ୍ତୁ ଯୁଗ ସମାଜରେ ଏ ମାନସିକତା ଆଜି ମଧ୍ୟ ଦୁର୍ଦ୍ଦାନ୍ତ ପ୍ରତାପ ବିସ୍ତାର କରୁ ରହିଛି । ଇଂରାଜ ଅମଳରେ ଏହା ମନା କିନ୍ତୁ ଯେ ଆଇନ ଏପରି କଡ଼ା ଯେ ତାଙ୍କୁ ଜୁଆଡ଼ୀଙ୍କୁ ଧରିବା ନାଟିକର ପାଠ । ଦାନ୍ତ ନ ଲୁଚିଲା କଥା । ଅମର ଥିଲାରୁ ସରକାର ମଧ୍ୟ ସ୍ୱଦେଶୀୟ ଏ କୋହଳ ନୀତିକୁ ଦେଶର ଏ ଦୁର୍ନୀତିର ପ୍ରଶ୍ରୟ ଦେଉଛି ମାତ୍ର ବହୁଜନ ଦେଶ ମଙ୍ଗଳ ପାଇଁ ଦେଶମଙ୍ଗଳ ଅନୁଷ୍ଠାନ ଆରମ୍ଭ ଅନୁଷ୍ଠାନରେ 'ଦେଶକୁ ମାନ ଦେବା ଦାନ' ସୂତ୍ରରେ ନାନା ଲୋଭନୀୟ ମୂର୍ତ୍ତି କରି ଦେଶର ଯୁବକମାନଙ୍କର ମନକୁ ଏହି ଲୋଭନୀୟ ଦ୍ରବ୍ୟ ଆଡ଼କୁ ଆକର୍ଷଣ କରୁଛନ୍ତି । ଏହି ଲଟେରୀମାନଙ୍କର ପ୍ରତିକ୍ରିୟା ମହାଭୟଙ୍କର । ଏହି ମହାସ୍ୱପ୍ନ ପାପକୁ ପ୍ରଶ୍ରୟ ନ ଦେଇ ଏହାର ମୂଳୋତ୍ପାଟନ କରିବା ଯେ କରଣୀୟ ତାହା ନୁହେଁ, ଅକାରଣ ପାଇଁ ଭବିଷ୍ୟତ୍ ବଂଶଧରମାନେ ଏ ସରକାରଙ୍କୁ ନିନ୍ଦା କରିବେ । ସେଥିପାଇଁ ଅଚିରାତ୍ ସାବଧାନ ହେବାକୁ ହେବ ।

'ବେଶ୍ୟା'ର ନାମରୁ ଶୁଣାର ଉତ୍ତେଜକ କଥା ଓ କରିବା ଉଚିତ । ମନୁଷ୍ୟର ଯେ ସବୁ ପ୍ରବୃତ୍ତି ମନୁଷ୍ୟଙ୍କୁ ଅଧୋଗାମୀ

ଧରେବ, 'ବେଶ୍ୟା ବୃତ୍ତି' ଉଲ୍ଲେଖଯୋଗ୍ୟ ଏକତମ । ଏ ଦୁଷ୍ଟ ବୃତ୍ତି ସ୍ୱୟଂ ସମାଜରେ ସବୁଦିନେ ଘୃଣିତ । ଏ ଦୁଷ୍ଟ ବୃତ୍ତି ପୃଥିବୀରେ ସର୍ବତ୍ର ଅଳ୍ପ ବହୁତ ରହିଛି । ମାନସିକ ଦୁର୍ବଳତା ଏଥିର ପ୍ରଥମ ଓ ପ୍ରଧାନ ଅବଦାନ ଓ କାରଣ । ପୁରୁଷ ଓ ସ୍ତ୍ରୀ ଉଭୟ ଲିଙ୍ଗରେ ଏ ଦୁର୍ବଳତା ରହିଛି । ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ ଏ ଦୁର୍ବଳତା ଯୋଗୁ ଅତି ସମାଜ ନାନା ଭାବେ କଳୁଷିତ । ବିଜ୍ଞାନ ଯୁଗ ମଧ୍ୟ ଏହି ଦୁର୍ବଳତା ପାଇଁ ସମାଜ ଉଦାସୀନ । ଏହାର କାରଣ 'କାମ' ଯାହା ଏକ ଶତ୍ରୁ ମଧ୍ୟରେ ପରିଗଣିତ । କାମ 'ଶତ୍ରୁ' ହୁଏନାହିଁ ମିତ୍ର, କାରଣ ତାହା ସୃଷ୍ଟିର ବୀଜ । କାମ ପ୍ରବୃତ୍ତିର ଅସଦ୍ବ୍ୟବହାରହିଁ ଦୋଷ । ଅନ୍ୟଥା କାମ ପ୍ରଜନନ ବା ସୃଷ୍ଟିକ୍ରିୟାରେ ଭଗବଦ୍ଦତ୍ତ । ତା ଛଡ଼ା ଅନ୍ୟ ଭାବେ ଅସଦ୍ 'କାମବୃତ୍ତି'ର ପରିଚାଳନା ଭଗବଦ୍ବିରୁଦ୍ଧ ହୁଏ । ଭାରତ ଦେଶରେ ଏହାର ନିୟନ୍ତ୍ରଣ ସହିତ ବିବାହ ପ୍ରଥା ସମାଜରେ ସ୍ୱୀକୃତ ଓ ପ୍ରଚଳିତ ଅଥଚ ବିବାହିତ ଜୀବନରେ ଏହାର ଉଚ୍ଛୃଙ୍ଖଳତା ଯୋଗୁ ଏକାଧିକ ବାର ପ୍ରଜନନଜନିତ ସ୍ତ୍ରୀ ପୁରୁଷ ଉଭୟଙ୍କ ଦେହରେ ଶକ୍ତିର ଅପଚୟ ଓ ଫଳରେ ଅସୁସ୍ଥତା । ବିବାହିତ ଜୀବନରେ ମଧ୍ୟ ଏହାର ପ୍ରତିକ୍ରିୟା ଯଦି ଏତାବତ୍ ଅପକାରକ 'ଅବିବାହିତ' ଜୀବନରେ ଏହା, ଯେ ମାରାତ୍ମକ ତାହା କାହାକୁ ବୁଝାଇବାକୁ ହେବ ନାହିଁ । ଅଥଚ ଏହି ମାରାତ୍ମକ ଦୋଷରେ ସର୍ବତ୍ର ବ୍ୟାପକତା ଅଛିର ପୃଥିବୀର ବକ୍ଷରେ ଓ ପୃଥିବୀକୁ ଅନ୍ତର୍ଯାମୀ ଜାଣନ୍ତି, ଏହାହିଁ ଆଶ୍ଚର୍ଯ୍ୟ । ଏପରି କାହିଁକି ହୁଏ ? ସ୍ତ୍ରୀ ପୁରୁଷ ଦେହରେ ଓ ପୁରୁଷ ସ୍ତ୍ରୀ ଦେହରେ ସୁନ୍ଦର ଓ ଲୋଭନୀୟ । ତେଣୁ ପତଙ୍ଗ ବହ୍ନିମୁଖଗାମୀ । ଏହା ବିଧିର ବିଧାନ । ବିଧିର ବିଧାନ ମଙ୍ଗଳମୟ ପ୍ରେମ ଯଦି ଦେହର ମୂଳରେ । ତା ନ ହୋଇ ଦେହର ମୂଳରେ ଯଦି କାମ, ତେବେ ଦୃଷ୍ଟିଦୋଷରୁ ଦେହର ବିକାର । ଥରେ

କାମଜନିତ ଏ ଦୁଷ୍ପ୍ରବୃତ୍ତିର ପରିଣତି ଭୟ ଅଟିଥିଲେ ହେଁ । ଆଖିରେ ଯାହା ଏ ଦେଖିବାକୁ । ପୁଣି ଭଲ୍ଲୁ ଘାତ ଚର୍ମ ହ୍ଲୀହା ସବୁଢ଼ ମଳ :ମୁଖ ଏଥିର ପ୍ରତିଭାବକୁ ସ୍ବଭାବ ଭାବେ ଦେଖୁ ଦେଖି ପାରନ୍ତି ନାହିଁ । ସ୍ବାଭାବିକ ଘୃଣାର ବସ୍ତୁ ଏସବୁଠାରୁ କିନ୍ତୁ ଏ ସବୁର ଏକଣ ସମାଦେଶ ପ୍ରତି ଏତେ ଆକର୍ଷଣ କାହିଁକି ? ଏ ଘୃଣା ଭାବ ଭାଙ୍ଗି ବଢ଼ିବାକୁ ମନୁଷ୍ୟର ଏଡେସବୁତ୍ତିଏ ପ୍ରସାଧନର ଅବିଷ୍କାର । ଏତଦ ଅଭାବର ସତ୍ତ୍ବେ ସତ କୌଣସି ଦେଶ ଅଶନଣ ଟେଇଁ ଏ ପ୍ରସାଧନ ବନ୍ଦ ହୁଏ, ତେବେ ବି ପ୍ରେମ ଓ ସ୍ନେହ ନ ଥିଲେ ତାର ଶାଙ୍ଗ ମାତ୍ର ହେବ ନାହିଁ । ଦୁର୍ଭିକ୍ଷରେ ନାଚ ଫାଟିଯିବ । ତଦ୍ରୂପର ଏତଳ ପ୍ରସାଧନ ପରେ ବେଶ୍ୟାଘର ନାସିକାବଞ୍ଚିତ ହୁଅନ୍ତି । ବେଶ୍ୟାଗାମୀଙ୍କୁ ମଧ୍ୟ ଏହା ସ୍ବୀକାର କରେ । ତେବେ କାମଜନିତ ଏ ଆକର୍ଷଣ ଲଭ୍ୟମାନ । ଏ ଆକର୍ଷଣକୁ ପ୍ରେମଜନିତ କହିବାକୁ ହେବ । ନ ହେଲେ କାମ ଦୁଃଖ ଛଡ଼ା ସ୍ଥିରତାପାଦାନୁଭବ ହେବ ନାହିଁ । ଏହା ଅଦ୍ଭୁତ ବିଧାନ । ସ୍ତ୍ରୀ ପୁରୁଷ ପରସ୍ପର ପ୍ରତି ପ୍ରେମ-ଜନିତ ଏ ଆକର୍ଷଣ ବିନା ପୁରୁଷ କାହିଁକି ଶକ୍ତି ସମ୍ଭୋଗ ଗର୍ଭାଧାନ କରିବ ବା ସ୍ତ୍ରୀ କାହିଁକି ଗର୍ଭ ଦଶମାସ ସନ୍ତାନ ଗର୍ଭରେ ଧରି ଗର୍ଭାବସ୍ଥାରେ ଓ ପ୍ରସବ ପରେ ସନ୍ତାନ ଭଲ ପାଇଲେ ଖାଦ୍ୟ ପାନ ଅଭାବ ହେଲାବେଳେ ଏତେ ସଂଯମଶୀଳ ହେବ ଜନସଂଖ୍ୟାପରଷ୍କରଣ ଅତିବ । ପୁରୁଷ ଓ ସ୍ତ୍ରୀ ଉଭୟଙ୍କର ସନ୍ତାନ ପ୍ରତି ଯେଉଁ ଆକର୍ଷଣ, ସେ ଆକର୍ଷଣ ବିନା ପୃଥିବୀରେ ଶାନ୍ତି ବା ସୃଷ୍ଟିରକ୍ଷା ଅସମ୍ଭବ । ଏ ଆକର୍ଷଣ ଅତି ମଧୁର, ପବିତ୍ର ଓ ଶାନ୍ତିପ୍ରଦ । ଏ ଆକର୍ଷଣ ପାଇଁ ମନୁଷ୍ୟ ସନ୍ତାନକୁ ସୁନ୍ଦରଭାବେ ପାଳନକରିବାର ଯୋଗ୍ୟ ଚିନ୍ତା ଭାବ କର ଶାସ୍ତ୍ରରେ ନାନା ବିଧାନ ଲେଖିଛନ୍ତି । ପଶ୍ଚାତ୍ତରେ ଏ ଆକର୍ଷଣକୁ ମନ୍ଦ ଦିଗରେ ଚଳାଇ ମନୁଷ୍ୟ ନରକର ସୃଷ୍ଟି କରେ । ପୁଣି ଯଦି

ଭାରତ ଏ ଅବର୍ତ୍ତନର ନାସ୍ତବଣୀତସ୍ତସ୍ତଣୀ ହୋଇ ସିନ୍ଧିଙ୍କ ଜନ ଭାରତରେ ପଢ଼ାସ୍ତ ଚଳାଇଥିଲ । ନାସ୍ତବଣୀକୁ ଖଣ୍ଡି ସିବଣୀ ସୀତାଙ୍କୁ ହେବର ଜନବାକୁ ପଢ଼ାକୁ ଖଣ୍ଡି ଭାରତରେ ନେତାସ୍ତା ସ୍ୱଗ ଯତର ନାଶ ଓ ପଶା ଦ୍ୱାରେ ଭାରତର ଅଧୋଗତ ହୋଇ ଦ୍ୱାଦଶ ସ୍ୱଗ ଓ ଅଳ୍ପ ନାଶ, ପଶା ଓ ବେଶ୍ୟାର ଲୁପ୍ତ ହୋଇନ୍ତି ଭାରତରେ ବହୁଦାନ ଧର ଜନାସ୍ତ ଗୁଲିଛି । ଭାରତରେ ପୁଣ- ପୁଣି ପଢ଼ାସ୍ତ ଅଣିବାକୁ ସ୍ୱର୍ଦ୍ଧ ନେତେ ନାଶ, ପଶା ଓ ବେଶ୍ୟାକୁ ଦେଶରୁ ଦୂରକର ପ୍ରେମ ଦ୍ୱାପର, ଯତର ନେତାସ୍ତା ଓ ଦେଶରେ ସ୍ୱାଧୀନତା ପାଇଁ ପ୍ରାଣପାତ କରିବାକୁ ହେବ । ବାସ୍ତବ ସେଥିପାଇଁ ସ୍ୱାଧୀ ଓ ଅନୁସ୍ୱାର ନେଇ ଚଳାଇ ଯାଇଛନ୍ତି । ଭଗବାନ କରନ୍ତୁ, ଏ ମହାଦେଶରେ ଭାରତୀୟର ଜାନ ପଡ଼ୁ, ଯୋଗ୍ୟ ଓ ଲକ୍ଷ୍ୟ ଦୂରକର ସ୍ୱାଧୀନ ପ୍ରଥମ ଭାରତର ଯଥେଷ୍ଟ ଦେଇ ସୁଖରେ ନେତୃତ୍ୱ କରୁ ।

ସମ୍ପୂର୍ଣ୍ଣ

# ଦଶମ ପରିଚ୍ଛେଦ

## ମୃତ୍ୟୁ

ଭକ୍ତ ଗାଇଛନ୍ତି, ବନ୍ଧୁ ! ତୋର ମଙ୍ଗଳ ବିଧାନ, ଭକତଙ୍କୁ ମରଣକୁ ଅମୃତ ସୋପାନ । ଏ ସଂସାରରେ କେତେ ଜୀବଜନ୍ତୁ, କୀଟ, ପତଙ୍ଗ, ଉଦ୍ଭିଦ ତାହାର ଭଳନା ନାହିଁ । ପୁଣି ଏକକୋଡ଼ି ମନୁଷ୍ୟଙ୍କୁ କେତେକ ଯୋଡ଼ା, ସେ କେତେ ଯୋଡ଼ାଙ୍କୁ କେତେ ଯୋଡ଼ା ହିସାବ ଧରିଲେ ବୁଦ୍ଧି ବଣା ହେବ ! ବୃକ୍ଷଲତା କେତେ ଷଦ୍ଧ । ଗୋଟିଏ ବୃକ୍ଷପତ୍ରରେ ଏପରି କେତେ ଶତ ଜୀବ । ଗୋଟିଏ ବୃକ୍ଷରେ ଏପରି କେତେ ଅସଂଖ୍ୟ ଫଳ ପ୍ରସବ କରେ । ଏପରି କେତେ ଅସଂଖ୍ୟ ବୃକ୍ଷ ପୃଥିବୀରେ କେତେ କାଳରୁ ବର୍ତ୍ତମାନ । ଏତ ସମୁଦାୟ ଜୀବଙ୍କୁ ପୁଣି ଜୀବ ଖାଇ ଖାଇ ସଂଖ୍ୟାବୃଦ୍ଧି ନିୟନ୍ତ୍ରଣ କରନ୍ତି । କେତେ ଅଙ୍କୁର କେବଳ ବୃକ୍ଷରେ ବା ଖାଲି ମନୁଷ୍ୟରେ ପୃଥିବୀ ପୂର ହୋଇଥାନ୍ତା ଏବଂ ଖାଦ୍ୟାଭାବେ ଖାଇ ନ ପାଇଲେ ମଧ୍ୟ ମାଟିର ଅଭାବ ଅନ୍ତିମ ନ ଥାନ୍ତା । କିନ୍ତୁ ମନୁଷ୍ୟ ଜନ୍ମ, ଜୀବଜନ୍ତୁ ଜନ୍ମ, ବୃକ୍ଷଲତା କେବଳ ଜାତିର ଉଦ୍ଭିଦ ଜନ୍ମ, ଏ ସବୁ ନାହିଁ ଛଡ଼ା ଆନ ଦୃଷ୍ଟେ ! ଭଗବାନ୍ ମଙ୍ଗଳବିଧାନକୁ ନାହିଁ ନାହିଁ । ଏହାର ଫଳମାଣ ସୃଷ୍ଟିବେଳେ ସମାନ ରହୁଛି ଓ ରହିଥିବ । ହେତୁ ଜୀବଜାଲଭର ସ୍ଥିତିସଫାଳ ମୃତ୍ୟୁଟି ଏଥିର କାରଣ । ସେଥିରୁ ସ୍ଥିତିସଫାଳ ଅନୁଭବଗମ୍ୟ । କେବେ ସ୍ୱୀକାର୍ଯ୍ୟ, ସୃଷ୍ଟିରକ୍ଷାର ଅବକାଶ ମୃତ୍ୟୁ ଭଗବାନ୍ ମଙ୍ଗଳବିଧାନର ମୂଳ ଜାଣ ବା ଓଁକାର । ମୃତ୍ୟୁ

ଅମୃତ । ଅତଏବ ଏ ଅମୃତପାନରେ ଅମରତ୍ୱ ଲାଭ ପାଇଁ ବା ମହା-ନିର୍ବାଣ ପାଇଁ ଯତ୍ନବାନ୍ ହୁଅ । ମାନବିକତାର ପରିଣତି-ଦେବତ୍ୱ ବା ଭଗବତ୍ ପ୍ରାପ୍ତି ହେଉ ।

ଏ ଭଗବତ୍ପ୍ରାପ୍ତିର କିଞ୍ଚିତ୍ ବିଶ୍ଳେଷଣ କରୁଁ । ଅଷ୍ଟାବ୍ଦ-ବୟଃ ବାଳକଠାରୁ ଅଶୀତି ବର୍ଷ ବୟଃକ୍ରମ ବାଳବୋଧନ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ସ୍ୱୀକାର କରନ୍ତି, "ସର୍ବଂ ବ୍ରହ୍ମମୟଂ ଜଗତ୍ ।" ଜଗତ୍ ମାଟି, ଜୀବଜନ୍ତୁ ମାଟିର ଅଣୁ ପରମାଣୁ । ମାଟିରୁ ଜାତ ହୋଇ ମାଟିରେ ମିଶନ୍ତି । ଜନ୍ମଠାରୁ ମାଟିରେ ଏ ମିଶଣ ପର୍ଯ୍ୟନ୍ତ ଯେ ସାମାନ୍ୟ ସମୟ, ସେ ସମୟରେ ଏହାର ବିକାଶନ ଓ ବିକଳନା ବା ନାଟ୍ୟ । ଏ ନାଟ୍ୟ ସୃଷ୍ଟି କୁଳ ପ୍ରକାର—ଭଲ ଓ ମନ୍ଦ, ସ୍ୱର୍ଗ ଓ ନରକ, ପ୍ରେମ ଓ ଘୃଣା, ଆନନ୍ଦ ଓ ଅବସାଦ । ଅନ୍ୟପକ୍ଷେ ସାମ୍ପ୍ରଦାୟିକ, ଜ୍ଞାନୀ, ଧର୍ମବୁଦ୍ଧି ବା ବିବେକ-ସଂପନ୍ନ ମନୁଷ୍ୟ ପକ୍ଷରେ କେଉଁଠା ହେଉ ବାଞ୍ଛା ନେଇଁ । କହି ଗାଉଛନ୍ତି, ମାଟିର ଏ ଘଟ ମାଟିଯାଉ ହେବା ପୂର୍ବେ "ସର୍ବମିଦଂ ଭଗଂ ଧ୍ୟେୟଂ" ପରିମିତଙ୍କୁ ଦେଖିବେ କିଏଣ ? ସତ୍ ଅର୍ଥାତ୍ ଭଗବାନ ଅର୍ଥାତ୍ ମନୁଷ୍ୟ ଓ ଜୀବଜନ୍ତୁ ଆକାରରେ ଭାଗବତ ବିକାଶନ । ଏହି ବିକାଶନରେ ନିଜର ଏ କ୍ଷୁଦ୍ର ବିକାଶକୁ ଲୀନ ହେବା ବାଞ୍ଛନୀୟ । ସେଥିରେ ନିଜ ବୋଲିବାର କିଛି ନାହିଁ । ନିଜ ଅତି କ୍ଷୁଦ୍ର । ଜାଗତିକ ସ୍ୱାର୍ଥର ଅଣୁ ପରମାଣୁଠାରୁ କ୍ଷୁଦ୍ର । ଏ ନିଜକୁ ଜାଗତିକ ସ୍ୱାର୍ଥରେ ଲଗାଇ ବା ଲୀନ ହେଲେ, ସେହିଁ ମାନବିକତା । ମୁକ୍ତିହିଁ ଏହାର ବିକାଶନନ୍ଦନ । ମୁକ୍ତିହିଁ ଏହାର ପ୍ରଥମ ସୋପାନ । ମୁକ୍ତି ମଙ୍ଗଳମୟ, ମଙ୍ଗଳମୂର୍ତ୍ତିର ମଙ୍ଗଳବିଧାନ । ମୁକ୍ତି ଅମୃତ, ଶାଶ୍ୱତ, ସତ୍ୟ, ଶିବ, ସୁନ୍ଦର, ସଚ୍ଚିଦାନନ୍ଦ । ମୁକ୍ତି ସ୍ୱଭାବେ ମନର ବିକାଶ ବା ବସ୍ତୁ

ହାସ୍ୟାସ୍ପଦ । ମୃତ୍ୟୁ ରୂପ ଏ ମଙ୍ଗଳବିଧାନର ଅସ୍ୱୀକାର୍ଯ୍ୟ । ମାଟିରେ ଏ ମାଟି ମିଶିଲେ କୃତକର୍ମ କର୍ମର ସ୍ମୃତି ଲୋପ । ଏ ସ୍ମୃତିଲୋପ କେତେବେ ମଧୁର, କେତେବେ ଦୁଃଖମୟ । କୃତକର୍ମ କର୍ମର ଅନୁଶୋଚନା ବିସ୍ମୃତ ଏ ଲୋପ । ଏ ଅନୁଶୋଚନା ଲୋପ ପାଇଁ କି ସୃଷ୍ଟିକର୍ତ୍ତାଙ୍କୁ ଜୀବନର ଅବସାନ ଭାବ ଦେଖିଲେ ଈଶ୍ୱରଙ୍କ ଅପାର କରୁଣା ହୃଦବୋଧ ହୁଏ । ଏ ଅନୁଶୋଚନା-ହୀନ ମୃତ୍ୟୁ ପାଇଁ କି ଭୟ ଛାଡ଼, ଭଲ ପାଇଲେ ହସେଇ ହସି ପାରିଥିବ । ମନପାଇଲେଣି ଏ ସଂସାରର ସୁଖ ଦୁଃଖର ପରି-ଣାମ ଓ ଜୀବନର ଲୀଳା । କେବଳ ତେଣୁ ମରିବା ପାଇଁ ମାତ୍ର 'ସନ୍ତିମିତଙ୍କୁ' ଅଭ୍ୟାସ ହୃଦୟରେ ସବୁବେଳେ ପୋଷଣ କରି ରଖିବାକୁ ହେବ ।

କେବେ ମୃତ୍ୟୁର ଭୟ କଅଣ ନାହିଁ ? ଅଛି ଯଦିଓ ପଶୁ ପଦର ତଣ୍ଡା । ପଶୁ ପକ୍ଷୀଙ୍କର ଖାଲି ଥାଉ, ମନୁଷ୍ୟ ମଧ୍ୟରେ ଶତକଡ଼ା ୯୯ ଜଣ ମୃତ୍ୟୁକୁ ଭୟ କରନ୍ତି । ବରଂ ପଶୁପକ୍ଷୀମାନଙ୍କର ଏ ଭୟ କମ ଥିବାର ଅନୁମିତ ହୁଏ । ପିମ୍ପୁଡ଼ି ଚାପୁଡ଼ିଲେ ଛଡ଼ାଇବାକୁ ଚେଷ୍ଟା କର ଦେଖିବ ତାର ମୁଣ୍ଡ ଛିଣ୍ଡିଯିବ କିନ୍ତୁ କାମୁଡ଼ା ଛୁଟିବା ହେବ ନାହିଁ । କୁମ୍ଭୀର ପଶୁ ଶିକାର ଧରନ୍ତି, ଛଡ଼ାଇବାକୁ ଚେଷ୍ଟା କର, ପାରିବ ନାହିଁ ବରଂ ତାକୁ ମାରିପାରିବ । ଏହାର ଅର୍ଥ ଏହା ନୁହେଁ ଯେ ତାର ମରଣ ଭୟ ନାହିଁ । ବରଂ ମୃତ୍ୟୁ କଅଣ, ସେ ଜାଣେ ନାହିଁ । 'ମୃତ୍ୟୁ'କୁ ନ ଜାଣିବା ମନୁଷ୍ୟପକ୍ଷୀୟ ନୁହେଁ । ତାହିଁର କାରଣ ଅର ଗୋଟିଏ କଥା । ଶିଶୁ କୌଣସି ଦୋଷରେ ଦୋଷୀ ନୁହେଁ, କେବେ ମରିବ କାହିଁକି ? ବାପ ମାର ଦୋଷର ଭାଗୀଦାର ହେତୁ । ବାପ ମା ଯଦି ଦରଦୀ, ଶିଶୁର ରୋଗ ଓ ମୃତ୍ୟୁଭୟ କମ୍ । ଏଥି ଗୋଟିଏ ଜାଣିବା ଅଛି ଯାକୁ ପ୍ରେମ ଦୈବଦୁର୍ଘଟଣା କହନ୍ତି ।

ମନୁଷ୍ୟ ଯେତେ ସାବଧାନ ହେଉ ବା ଯେତେ ସଂଯମଶୀଳ ହେଉ, ଏ ଅକାଳ ଦୈବଦୁର୍ଘଟଣା ଏଡ଼ାଇବାର ତାର ଶକ୍ତି ସାମର୍ଥ୍ୟ ବା କ୍ଷମତା ବାହାରେ । ଏତେବ ଧରନେବାକୁ ହେବ 'ଦୈବ-ଦୁର୍ଘଟଣା' ସେ ଯେଉଁଥିରେ ବିଧାତାଙ୍କର ଅଭିପ୍ରେତ । ସେ ସେସବରେ ମଧ୍ୟ ଜୀବ ଯେ ନିର୍ଦ୍ଦୋଷ ତାହା ନୁହେଁ । ପୂର୍ବସୁକୃତ ଓ ଦୁଷ୍କୃତ ସେଥିପାଇଁ ଦାୟୀ ଓ କର୍ମଜ ସୁକୃତ ଓ ଦୁଷ୍କୃତର ତାହା ଫଳ ଭାବି ମନରୁ ଅନୁଶୋଚନା ଦୂର କରିବାକୁ ହେବ । ତା ଛଡ଼ା ମୃତ୍ୟୁ ପରେ ମୃତାତ୍ମା ସୁଦଶା ବା ଦୁର୍ଦ୍ଦଶାପ୍ରାପ୍ତ ହେବ ତାହା ନ ଜାଣି ଦୁଃଖ ଓ ଅନୁଶୋଚନା କରିବା ମୂର୍ଖତା ଅଟେ । ହୁଏତ ମୃତାତ୍ମା ଦୁଃଖପୂର୍ଣ୍ଣ ସଂସାରର ଦୁଃଖରୁ ଅତୀତ ହୋଇ ସୁଦଶା ଲାଭ କରିବ. ଏହି ବିଶ୍ୱାସ ଏହି ଅନୁଶୋଚନାକୁ ଛଡ଼ାଏ ଓ ସେହି ବିଶ୍ୱାସ କରଣୀୟ । ଏ ବର୍ଣ୍ଣନାର ଉଦ୍ଦେଶ୍ୟ ଏହା ନୁହେଁ ଯେ ଅନ୍ୟର ମୃତ୍ୟୁଜନିତ ଯେ ସାଧାରଣ ଦୁଃଖ ତାହା କରଣୀୟ ନା ନୁହେଁ ଏହି ବିଷୟ କହିବା । ଅମର ଲକ୍ଷ୍ୟ; ମୃତ୍ୟୁ ପାଇଁ ଭୟଭୀତ ହେବା ଉଚିତ ନୁହେ ।

ନିଜର ମୃତ୍ୟୁଭୟ ଏ ଲେଖାର ଉଦ୍ଦେଶ୍ୟ । ନିଜେ ଯଦି ମୃତ୍ୟୁ ଭୟଭୀତ ହୋନ୍ତି, ଏହି ନିଜ ସ୍ୱଭାବରେ ଗଠିତ ସମାଜର ଭୟ କଟିବ ନାହିଁ । ମୃତ୍ୟୁଭୟରହିତ ସମାଜ ଅସାଧ୍ୟ ସାଧନ କରେ, ଇତିହାସ ତାହାର ସାକ୍ଷୀ । ନିକଟ ଅତୀତରେ ହିଟ୍‌ଲରଙ୍କ ଜର୍ମାନୀ ତାହାର ପ୍ରମାଣ । ଅତି ମୃତ୍ୟୁ ଭୟଭୀତ ସମାଜ ନିମ୍ନଗାମୀ ହୁଏ । ତାହାର ପ୍ରମାଣ ଦ୍ୱାଦଶ ଶତାବ୍ଦୀଠାରୁ ଭାରତର ପରାଧୀନତା । ଯେଉଁ କ୍ଷଣରେ ବାପୁଜୀଙ୍କ ପରିକଳ୍ପନା ସତ୍ୟ ଓ ଅହିଂସା-ଶଙ୍ଖ ନିନାଦରେ ଭାରତରୁ ଏ ଭୟ କାହିଁକି ଦୂର ହୋଇଛି ସେ କ୍ଷଣରେ ଭାରତ ସ୍ୱାଧୀନତା ଲାଭ କରିଛି ଏହା ମାତ୍ର ତାଙ୍କର ଉଦ୍‌ବୋଧନ

ଘରେ ଘରେ ଅଛି ମୃତ୍ୟୁର ଭୟ ପୁଣି ଧାରଣାଯୁକ୍ତ ଭକ୍ତି ଶିଖିବାକୁ ଆରମ୍ଭ କରନ୍ତି । ତାହାର ଫଳରେ ଧନ ଓ କ୍ଷମତା ଲୋଭ, ଚୋରା-ବଜାର, ମିଥ୍ୟାପ୍ରତିଭାଷଣ ଚାଲିଛି । ତେବେ ଯେ ଦେଶରେ ଗାଁ ଧ୍ୱନିବଳରେ ଏହି ବିଷୟରେ ଧାରଣାର ଅଭାବ ପାଇଁ ସାହସ ରଖିବାକୁ ନ୍ୟାୟ ବା ଅନ୍ୟାୟ ଉପାୟରେ ବ୍ୟକ୍ତିଗତ ସୁଖ ବଢ଼ାଇବାରେ ଲାଗିଯାଆନ୍ତି । ସେହି ଦେଶରେ କ୍ଷମତା ହାସଲ କରି ତାକୁ ବଞ୍ଚାଇ ରଖିବାକୁ ନ୍ୟାୟ ବା ଅନ୍ୟାୟ ସବୁ ଉପାୟରେ ଲାଗିଯାଆନ୍ତି । ସେହି ଦେଶରେ ଧନୀକ ଓ କ୍ଷମତାଶାଳୀ ବ୍ୟକ୍ତିମାନଙ୍କୁ ଚିହ୍ନିଏ ହେଲେ ଭୁଲିଲା କରିବାକୁ ନାହିଁ । ଏହା ଆମର ଜାଗ୍ରତ ନା ଅଧୋ-ଗତିର ଲକ୍ଷଣ, ବୁଝି ସମସ୍ତଙ୍କୁ ଦେଖିବାକୁ ହେବ ! ସ୍ୱାଧୀନତା ଲାଭ ପରେ ମଧ୍ୟ ଆମର ଦେଶ ଶାନ୍ତି ସମୃଦ୍ଧି ଆସିନାହିଁ ଏହାର କାରଣ ଅକାରଣ ଏ ମୃତ୍ୟୁର ଭୟ ।

ମୃତ୍ୟୁର ଭୟ ଘୁଞ୍ଚିବାକୁ କପଟ ଧର୍ମ ଶାସ୍ତ୍ର ଆଡ଼କୁ ଟାଣୁଛି ତାହା ସମସ୍ତ ସମ୍ପର୍କରେ ଦେଖାଯାଏ । ପ୍ରଥମେ ଘରେ ଦେଖ, ଦୋଷ ଲୁଚାଇବାକୁ ପରିବାରର ସମସ୍ତେ କପଟ କାମ୍ୟ । ଗୃହିଣୀ ଗୃହସ୍ଥଙ୍କୁ ଲୁଚାଇ, ପୁଣି ପିତାଙ୍କୁ ଲୁଚାଇ, ଭାଇ ଭାଇକୁ ଲୁଚାଇ, ଭଉଣୀ ଭଉଣୀ ଓ ମାତାଙ୍କୁ ଲୁଚାଇ, ସମସ୍ତେ ସମସ୍ତଙ୍କୁ ଲୁଚାଇ କେତେ କାମ କରୁଥାନ୍ତି । ନ୍ୟାୟ ବା ସତ୍ୟରେ ଲୁଚାଇବାର କିଛି ନ ଥାଏ । ଅନ୍ୟାୟ ଓ ଅସତ୍ୟ ଆଚରଣ ଗୋପନ ରଖିଥାନ୍ତି । ତେଣୁ ଲୋକେ ଅନ୍ୟାୟ ଓ ଅସତ୍ୟ-ପନ୍ଥୀ ସେ ପଥରେ ନିର୍ଭରଶୀଳ । ତେଣୁ 'ଗୁପ୍ତ' ଶବ୍ଦଟି ଆମ ମନରେ ଘୃଣାର ଜନକ । ଅନ୍ୟାୟ ଓ ଅସତ୍ୟର ଏହି ଜିନିଷ ଅଛି । ଏହି ଗୋପନ ପନ୍ଥାରେ ଯଦି 'ପ୍ରେମ'କୁ ନେଉଁ ତାହା ଭୁଲ ହେବ ! ପ୍ରେମ ସ୍ୱର୍ଗୀୟ, ସେଥିରେ ଗୋପନର କଥା ମାତ୍ର ନାହିଁ । ସେଥିରେ ଘୃଣା କରିବାର

ଚଳୁ ନାହିଁ । ତାହା ସ୍ପଷ୍ଟ: କହେଁ, ସବୁ ଆଲୋକରେ ପ୍ରକାଶ୍ୟ ଓ ପ୍ରକାଶିତ । ଜଗତରେ ଦେଖିବା ଯାହାର ଗୋପନୀୟ କିଛି ନାହିଁ ସେ ନର ଶ୍ରେଷ୍ଠ ବା ମହାତ୍ମା । ଜୀବନର ଚରମୋଦ୍ଦେଶ୍ୟ ଗୋପନ ସଂଖ୍ୟାର କ୍ରମେ ହ୍ରାସ ଓ ତାହାର ନିଃଶେଷ ସାଧନ । ତାହା ଅତି କଠିନ କିନ୍ତୁ ବରଣୀୟ । ନ ହେଲେ ମନୁଷ୍ୟର ଜନ୍ମ ସିଦ୍ଧ ନାହିଁ । ଦୋଷ ସଂଖ୍ୟା ହ୍ରାସକରି ଜୀବନକୁ ନିର୍ଦ୍ଦୋଷ ନ କଲେ ମନୁଷ୍ୟର ଜନ୍ମ ଏଡ଼ାଇ ହେବ ନାହିଁ । ଦୋଷ ଓ କପଟ ମନୁଷ୍ୟଜନ୍ମର ଦୁଃଖମୂଳ, ପରିବାର, ସମାଜ ଓ ଜାତିର ଉନ୍ନତିର ବିଷମ ପ୍ରତିବନ୍ଧକ ।

ଗ୍ରାମରେ ଦେଖ, ଧନିକ ନିଜର ଧନ ଓ କ୍ଷମତା ବଜାୟ ରଖିବାକୁ ମଧ୍ୟବିତ୍ତ ଓ ଶ୍ରମିକ ଉପରେ ଅଭିଯାନ ଚଳାଉଛି । ସ୍ୱାର୍ଥଧନ ଓ କ୍ଷମତା ହାସଲ କରିବା ଉଦ୍ଦେଶ୍ୟରେ ନାନା ଫନ୍ଦି ଫିକର କରି କେତେ ଦୋଷ ଓ କପଟର ଆଶ୍ରୟ ନେଉଛି । ମନୁଷ୍ୟର ଜନ୍ମ ଭଙ୍ଗିର ମୂଳରେ । ମଧ୍ୟବିତ୍ତ କଷ୍ଟାର୍ଜିତ କିଞ୍ଚିତ ଧନ ଓ କ୍ଷମତା ରକ୍ଷାରେ ଅପଟୁ ଓ ତଜ୍ଜନ୍ୟ ସବୁବେଳେ ଅଶାନ୍ତ ହୋଇ ଅସ୍ୱ-ଭାବରେ ବ୍ୟସ୍ତ । ମନୁଷ୍ୟର ଜନ୍ମ ଭଙ୍ଗିର କାରଣ । ସବୁବେଳେ ହରାଇଲି ହରାଇଲି ଏହି ମନୋଭାବ ତାକୁ ଦିନକୁ ଶହେଥର ମାରୁଛି । ଶ୍ରମିକ ଯୋଗ୍ୟତା ଓ ପରିଶ୍ରମକୁ ଅଧିକ ଉପାର୍ଜନ-ପରାଙ୍ମୁଖ ହୋଇ କେତେ କଷ୍ଟ ଓ ଦୁର୍ଦ୍ଦଶା ବରଣ କରୁଛି ଏହି ମନୁଷ୍ୟର ଜନ୍ମରେ । ଶିକ୍ଷାଳୟରେ ଦେଖ ପେଟଚିନ୍ତା ଶିକ୍ଷକଙ୍କର ପଢନ୍ତା । ପେଟଚିନ୍ତା ଏଡ଼ାଇବାର ବୁଦ୍ଧି । ଶିକ୍ଷକଙ୍କର ପରିବାର ଅଛନ୍ତି । ପରିବାରର ଭରଣପୋଷଣ ଚାହୁଁଛି । ଶିକ୍ଷକ ଯାହା ପାଆନ୍ତି ତାହା ତାଙ୍କର ଯୋଗ୍ୟତା ଓ ପରିଶ୍ରମକୁ କମ୍ ଏହା ସ୍ୱୀକାର୍ଯ୍ୟ । ତେବେ କି ନ୍ୟାଯ୍ୟ ହେବ, ସତ୍ୟ ହେବ ବା ଉଦ୍ଧାରପଥ ହେବ,-

ସଚେଷ୍ଟ ଗ୍ରାସାଚ୍ଛାଦନ ପାଇଁ ଶିକ୍ଷକତା ବାହାରେ ତାଙ୍କୁ ଅଭିକାଙ୍କ୍ଷ କରିବାକୁ ହୁଏ ଯଦ୍ଵାରା ତାଙ୍କର ମୂଳ କର୍ତ୍ତବ୍ୟରେ କ୍ଷତି ଘଟେ । ତାକୁ ଘୋଡ଼ାଇବାକୁ ଯାଇ ଯେ ପାପର ପ୍ରଶ୍ରୟ ଦିଅନ୍ତି ଏହା ମୂଲ୍ୟ ବସ୍ତୁରେ । ଛାତ୍ର ଯାହା ଚେଷ୍ଟା କରେ, ଶିକ୍ଷକଙ୍କଠାରୁ ଘୋଡ଼ାଇ ରଖିବାକୁ ଚେଷ୍ଟା କରେ ତାହା ଭାବନା ବସ୍ତୁରେ । ଏହିପରି ଘୋଡ଼ାଇବାର ଅଭ୍ୟାସ କ୍ରମେ ତାକୁ ଦୁଷ୍ଟ କରେ । ଯଦିଓର ଅସାଧୁତା ମୂଳରେ ଏହି ମୂଲ୍ୟର ବସ୍ତୁ । କୃଷକର ମୂଲ୍ୟବାନ ବସ୍ତୁ ଟଙ୍କାପଇସାର ତାହା ସମସ୍ତେ ସବୁ କାଳରେ ଦେଖିଥାଇଁ ପ୍ରକୃତ ହୃଦୟର ଏଠି ନିର୍ଭର କରୁଥିବାକୁ । ସ୍ୱାଭାବିକ ଚେହେରା ବା ଗଣିତର ଚେହେରା ଶାରୀରିକ ମୃତ୍ୟୁରେ ମୂଲ୍ୟର ବସ୍ତୁ ସବୁବେଳେ ଲୁଚକାଳି ଖେଳେ । ମୁକ୍ତିପ୍ରାପ୍ତି ସ୍ୱାଧୀନ ଶ୍ରମିକର ଲକ୍ଷ୍ୟ ଶିଖଠାରୁ କେଉଁ ଗୁଣରେ ଶ୍ରେଷ୍ଠ ? ଏହି କଥାରେ ମୂଲ୍ୟର ବସ୍ତୁ ଚିରକାଳ ଦୁର୍ଦ୍ଧର୍ଷ ପ୍ରଭାବରେ ଏ ପୃଥିବୀକୁ ଶାସନ କରୁଛି ।

ପ୍ରକୃତ ଚେହେରା ଟିକିଏ ଦାର୍ଶନିକ କଲେ ଅବାନ୍ତର ହେବ ନାହିଁ । ସୃଷ୍ଟି ସ୍ଥିତି ଲୟ ଅନନ୍ତ କାଳରୁ ଏ ତିନି ଅବସ୍ଥା ପରିଦର୍ଶନ କରୁଛି । ଜଗତରେ ଏପରି ଜୀବ ଓ ଏପରି କୌଣସି ବସ୍ତୁ ନାହିଁ ଯାହାର ଏ ତିନି ଅବସ୍ଥା ନାହିଁ । ସୃଷ୍ଟିବେଳେ 'କାହାର କି ଦୁଃଖବାର ନାହିଁ । ସ୍ଥିତିବେଳେ ମଧ୍ୟ ତଦ୍ରୂପ । ତତ୍ପର ପାରମାର୍ଥିକ ବାତାବରଣ ମୋହମୁକ୍ତ, ପ୍ରକୃତ ଓ ମାୟାମୁକ୍ତ ଜୀବକୁ ଦୁଃଖ ଦୁର୍ଦ୍ଦଶାପନ୍ନ କଲେହେଁ 'ଶିଷ୍ଟ କାମୁଡ଼ା' ପର ମୁଣ୍ଡ ଛିଣ୍ଡିଯିବା ପରେ କାମୁଡ଼ା ଛାଡ଼ୁଲା କରେ ନାହିଁ, ଏହା ହାସ୍ୟାସ୍ପଦ । ଆଉ ସବୁଦିନ ସେହିପରି ସେହି ଧାରା ସେହି ପାଉଛି ଯାହା ଜଗ ଜଣ ମନରେ ବାସ୍ତବ ବାସ୍ତବ କ୍ରମାଙ୍କ ବାକି

ଜୀବନକୁ ଦୁଃଖ ଓ ଦୁଶ୍ଚିନ୍ତାଗ୍ରସ୍ତ କରିଲେହେଁ ଅନେକ ଜନ୍ମମରଣ-ପରିପୂର୍ଣ୍ଣ ଜୀବର ଏ ଅବସ୍ଥା ନରକ ଛଡ଼ା ଆଉ କଅଣ କୁହାଯାଇପାରେ । ଏ ଅବସ୍ଥାରେ ଅବସାଦରେ କଅଣ ଅଛି ଦେଖିବାର କୌତୂହଳ ହୃଦୟରେ ପୋଷଣ କେତେ ସହଜ ଓ ସୁଖମୟ ତାହା ମୋହମୁଗ୍ଧ ମନକୁ ନ ଆସିବା ଆଶ୍ଚର୍ଯ୍ୟଜନକ । ବୁଦ୍ଧିମାନଙ୍କୁ ଏହା ବତାଇବାକୁ ହେବ ନାହିଁ । ମିଛଟେବେଳ ଓଁ ଚଁ କରିବାର ନାହିଁ । ତେବେ ଲୋକ ଲୋକଙ୍କୁ ଏ ଆପତ୍ତି ବା କଷ୍ଟ ଭାଙ୍ଗିବ ? ତେବେ ଏହା ଦୁଃଖସିନ୍ଧୁ ସେ ଲୋକ ମାନସିକ ଓ ଦୈହିକ ଶକ୍ତି ସାମର୍ଥ୍ୟର ବାହାରେ । ତାର ଔଷଧ ନାହିଁ । ଯେ ରୋଗର ଔଷଧ ନାହିଁ ସେ ରୋଗ ସହିବାକୁ ହେବ । ଲୋକଙ୍କୁ ରୋଗ ଯନ୍ତ୍ରଣା ଭୋଗିବା ଭୁଲ । ସରଳ କଥାରେ ବୁଝାଇବାକୁ ହେଲେ ଏ କଷ୍ଟ ଓ ଦୁଃଖ ଯନ୍ତ୍ରଣା ଲୋକ ବିଧାତାଙ୍କର ବିଧାନ ।

ମୃତ୍ୟୁକୁ ପୁରାତନ ଭାରତ ଯେ ଭାବରେ ଦେଖନ୍ତି ବୋଧହୁଏ ଅନ୍ୟ କୌଣସି ଦେଶ ବା ଜାତି ସେ ଭାବରେ ଦେଖି ନାହାନ୍ତି । ଶ୍ରୀମଦ୍ ଭଗବଦ୍‌ଗୀତା ମୃତ୍ୟୁର ବିଶ୍ଳେଷଣର ଶେଷ ସୀମାରେ ପହଞ୍ଚିଛି । ଏହି ଜନ୍ମମୃତ୍ୟୁର ଭୟ ଅର୍ଜୁନଙ୍କୁ ଉତ୍ପନ୍ନ କରାଇ ଯୁଦ୍ଧବ୍ୟାପାରୋନ୍ମୁଖ କରିବା ବେଳେ ଭଗବାନ ଶ୍ରୀକୃଷ୍ଣ ମୃତ୍ୟୁକୁ ଯାହା କହି ଦେଖାଇଲେ ମୃତ୍ୟୁ ଅମୃତ,ମଙ୍ଗଳମୟ ବିଧାତାଙ୍କର ଅନୁତବିଧାନ । ସେଥିରୁ ଏ କେତୋଟି ମୋଟା କଥା ନ ଜାଣିଲେ ଚଳିବନାହିଁ । ଜନ୍ମ ହେଲେ ମରିବାକୁ ହେବ ପୁଣି ମଲେ ପୁଣି ଜନ୍ମିବାକୁ ହେବ । ଯାହା ଅପରିହାର୍ଯ୍ୟ ପ୍ରାକୃତିକ ନିୟମ ତା ପାଇଁ ଶୋଚନା ମୂର୍ଖତା ମାତ୍ର । ବସ୍ତ୍ର ପୁରୁଣା ହେଲେ ତାହା ଛାଡ଼ିବାକୁ ହୁଏ । ସେହିପରି ଏ ଶରୀର ଜୀର୍ଣ୍ଣ ହେଲେ ତାହା ନ ଛାଡ଼ିବ ତ କଅଣ ଏ ଜୀର୍ଣ୍ଣ ଦେହ ନେଇ ସଦୈବ ନାନା ରୋଗ ଜ୍ୱାଳା-

ଜଡ଼ ତଥା ବୁଦ୍ଧି, ଦୃଷ୍ଟି ଓ କାର୍ଯ୍ୟଶକ୍ତିବିହୀନ ମୂର୍ଖଜନ ଏ ଦେହ ନେଇ ଅକାରଣ ଦୁଃଖ ଦେବାର ଭାବିବ? ଦେହ ମାଟିର, ମାଟିରେ ମିଶିବା ଏହାର ପରିଣତି। ମାତ୍ର ଦେହଗତ ଆତ୍ମା ଅମର, ତାର ଜନ୍ମ ନାହିଁ ମୃତ୍ୟୁ ନାହିଁ। ଜନ୍ମମୃତ୍ୟୁ କେବଳ ଦେହ ପାଇଁ କଳେବରାଦି ପାଇଁ। ଦେହନାଶ ପାଇଁ ମାନସିକ ବିକାର ବା ଦୁଃଖ ଅନୁଚିତ, ଅଶୋଭା ଏବଂ ଅନାବଶ୍ୟକ। ଏ ନିତ୍ୟ ଆତ୍ମା ଅସ୍ତ୍ରରେ ଅଚ୍ଛେଦ୍ୟ, ଅଗ୍ନିରେ ଅଦାହ୍ୟ ଓ ଜଳରେ ଅକ୍ଳେଦ୍ୟ। ଅଶୋଷ୍ୟ। ଅବଧ୍ୟ।

ଗୀତାର ମୂଳତତ୍ତ୍ୱ ଅର୍ଜୁନ ଏହା ବୁଝିଥିଲେ। ବୁଝି ତାଙ୍କୁ କାର୍ଯ୍ୟରେ ଦେଖାଇଥିଲେ। ତାହାଁର ଲକ୍ଷ ଲକ୍ଷ ପ୍ରମାଣ ଇତିହାସର ପୃଷ୍ଠା ଭରି। ଜାଣନ୍ତି ଦୁର୍ଯ୍ୟୋଧନ, ଭୀଷ୍ମ, କର୍ଣ୍ଣ ଓ ଦ୍ରୋଣ ମହାଭାରତ ଯୁଦ୍ଧରେ "ଏହି କୌରବଙ୍କର ଭୂମି, ଏହି ମାଟି ଧନୁଷ୍ଟଂକାର" ଭାବି ସୃଷ୍ଟି ଶାସକ କର୍ତ୍ତବ୍ୟର ଅନୁଶାସନରେ ଅମୃତ ମୃତ୍ୟୁର ବରଣ ପାଇଁ ଯୁଦ୍ଧ କରୁଥିଲେ। ସେମାନେ ଅଜେୟ, ଅଜିତମୃତ୍ୟୁର ଅନ୍ତିମ ଜୟ। ଜାଣନ୍ତି, ଏ ଯୁଦ୍ଧରେ ଯଦୁବଂଶ ଓ ସୋମବଂଶର ନିପାତ। କିନ୍ତୁ ଏ ନିପାତ ପାଇଁ, ଅମୃତମୃତ୍ୟୁର ବରଣ ପାଇଁ, ମାନବିକତା ପାଇଁ କର୍ତ୍ତବ୍ୟର ଅନୁଶାସନରେ ଏ ଯୁଦ୍ଧ। ସେହି ମୃତ୍ୟୁର ଜୟ ସେମାନଙ୍କୁ କର୍ତ୍ତବ୍ୟଚ୍ୟୁତ କରିପାରେ? ଜାଣନ୍ତି, ପୃଥ୍ୱୀରାଜ, ଜୟଚନ୍ଦ୍ରର ଷଡ଼ଯନ୍ତ୍ର, ମହମ୍ମଦଘୋରୀର ନିମନ୍ତ୍ରଣ, କେତେ ଦାରୁଣ ବାତ୍ୟାପରି ଜୟଚନ୍ଦ୍ରର ଈର୍ଷାବର୍ତ୍ତିତାରେ ଅତର୍କିତ ପରାଜିତ ହୋଇ ପୃଥ୍ୱୀରାଜଙ୍କର ସର୍ବନାଶ, ପୃଥ୍ୱୀରାଜ ତ୍ରାସ ପାଇଁ ଲେଲିହାନ ଶିଖା, ଭ୍ରାତୃନିଧନ ଶେଷରେ ଅଗ୍ନିକୁ-ଦାହ ଅନ୍ତଃପୁରସ୍ଥ ରମଣୀ ନାହିଁ। ଶତ ଶତ ରମଣୀ ଶିଖାମଣି ସତୀତ୍ୱ ଏ ଯୁଦ୍ଧର ପରିଣାମ। ଜାଣି ଜାଣି

ସହାଦେଶ୍ୟ ଗଣ୍ଡି ଟପାଇ ସ୍ୱାମୀଙ୍କୁ ସହାଦେଶ୍ୟ ପୁଷ୍ପପଲ୍ଲବିତ କରିବ ବ୍ରିଟେନ୍ ଅସ୍ତ୍ର ଶସ୍ତ୍ର ପିନ୍ଧାଇ ଯୁଦ୍ଧକ୍ଷେତ୍ରଙ୍ଗୀ କରାଇ ଗଲା ସ୍ଥାନରେ ସ୍ୱାମୀ ବିନାଶର ଖବର ଅପେକ୍ଷାରେ ଅନାଇ ବସିଥିଲେ । ଭୂତଳପ ନାହିଁ, ମନରେ ଉତ୍ସାହ ନାହିଁ କି ସୁଖ ନାହିଁ, ଘର ମୃତ୍ୟୁଶଯ୍ୟା ସେ ତ ଅତି ତୁଚ୍ଛ ହାସ୍ୟସ୍ପଦ ଭାବି ପରପାର ଦର୍ଶନେ ସ୍ୱାମୀ ସହ ପୁନର୍ମିଳନ କରିବାରେ ନିର୍ଭରଶୀଳା । ମୃତ୍ୟୁ ଗଙ୍ଗାର ତୀକ୍ଷ୍ଣ ମାରେଣ ଅନଳସ୍ୱାମୀ ବାହୁ ଆଶ୍ରୟରେ ଶୀତଳାଙ୍ଗରେ ପୋଡି ଛାଇଣ କର କଣ୍ଠ ଗଭାରେଶ୍ୱରଣ ଓ ଦେହରକ୍ଷା କରଣ । ଏହାର ପରାନ୍ତର ନାହିଁ । ଭାରତୀୟ ରମଣୀ ପକ୍ଷେ ମୃତ୍ୟୁ ଅମୃତ । ଶତ ଶିକ୍ଷିତା ଓ ଶିକ୍ଷିତା ରମଣୀ ବହୁକାଳ ଧରି ଏ ଗତାକାଳ ଲଙ୍ଘିଲେ । ଏ ଦେଶରେ ଭାରତ ଲକ୍ଷ୍ମୀ ପୁତ୍ର ମୃତ୍ୟୁଶଯ୍ୟାକୁ ଦେଖିଲୁ ଦୂରକରି ରଖିଥିଲା । କ୍ଷୁଦ୍ରନେତ୍ରେ ଭାରତ ଏ ଗଣ୍ଡିକୁ ଭୁଲିଲା । ବିଦେଶୀ ବଣିକର କୁତନୀତିରେ ଗୃହଭେଦ ନୀତିରେ ଭୁଲିଲା । କାରଣ ଭାରତ ଏ କୁଟନୀତିରେ ଏ ଗୃହଭେଦରେ ତାର ପୁନାର ଭାରତ ଚିନ୍ତା ହେବ । ହେବ ହେଲା, ବିଦେଶୀ ଜୟର କଥଣ ? ପୁନାଲକ ନେବ କାଳୁ ସୁଜଳାଂ ସୁଫଳାଂ ଶସ୍ୟ ଶ୍ୟାମଳାଂ ଭାରତରେ ତା ପାଇଁ ସହଥିବ ବନ୍ଧନ । ସେ ଟୋଇଥିବ ତା ମୁହିଁରେ ଅମି ସୁଫଳାଂ ପଡ଼ିବ । ହାୟ ! ଏ କର୍ମକୁଷ୍ଠତା, ଏ ବର୍ବର, ଏ ମୋହ, ଏ କାର୍ଯ୍ୟବାହୁଳ୍ୟତା ଭାରତକୁ ଦେଢ଼ଶହ ଶତାବ୍ଦୀ ଧରି ପରାଧୀନ ପଙ୍କରେ ବୁଡ଼ାଇଲା । ଭାରତମାତା ମୂର୍ଖ ଅଜ୍ଞ କାଙ୍ଗାଳ, ଦୁର୍ଭିକ୍ଷ ପ୍ରପୀଡ଼ିତ, ପାଣ୍ଡୁବର୍ଣ୍ଣ ଗତ ନାନା ରୋଗନିପୀଡ଼ିତ, ରୋଗଶୂନ୍ୟ, ଗୋଦୁଗ୍ଧଶୂନ୍ୟ । ଶୋଷାଂସପୂର୍ଣ୍ଣ ମନ୍ତ୍ରପାଞ୍ଚଳିପୂର୍ଣ୍ଣ ଏବଂ ଶ୍ମଶାନରେ ପରିଣତ ଭାରତ ଜନନୀ ନୃମୁଣ୍ଡମାଳିନୀ କାଳୀ, ସୁଶିବ ପାଦପଦ୍ମ-

ଚର୍ମମୁଣ୍ଡ, ବ୍ୟାଘ୍ରଚର୍ମ ଓ ନରକଙ୍କ ଶବଦେହାନୁଷ୍ଠାନ । ଡାକିନୀ, ପ୍ରେତିନୀ, କଙ୍କାଳ, ଭୀଷଣ ଡେଉଁଳ ଶୁଷ୍କ କୁକ୍କୁର ଶୃଗାଳର ରାବ ଶବ ମଧ୍ୟରେ ବସି ତୁମେ ଅଘୋରମନ୍ତ୍ର ମହାକାପାଳିକ ଯୋଗୀ, ଅସ୍ପୃଶ୍ୟତା ନିବାରଣେ ମହା ଅଘୋର ସାଧକ ! ଭାରତ ଶ୍ମଶାନରେ ଜେଗାଇଲ ଅମୀନ ସତ୍ୟ ଓ ଅହିଂସା ମନ୍ତ୍ରମୂଳ ଶାନ୍ତିବାଣୀ ବିତରଣି ଦେଶ ଉଦ୍ଦେଶେ ସର୍ବତ୍ୟାଗୀ ଅସ୍ପୃଶ୍ୟ ପାଦସ୍ପର୍ଶ । ପାଦସ୍ପର୍ଶ ହୋଇ ମୃତ୍ୟୁଞ୍ଜୟ ଶିବ ମୃତ୍ୟୁର ଭୟ ଦୂର କରିବାକୁ ପାଞ୍ଚଜନ୍ୟ ମହାଶଙ୍ଖର ନିନାଦରେ ଭାରତୀୟ ଜୀବନ ଆନ୍ଦୋଳନ କଲ । ଧନ୍ୟ ଏ ଶଙ୍ଖନାଦ । ଲକ୍ଷ ଲକ୍ଷ ମୃତସାମ୍ୟ କ୍ଷମତାଶାଳୀ ଯୋଗୀ ମାତୃମନ୍ତ୍ରର ନିଦ୍ରା ଭଙ୍ଗ କରି ଦେଶକୁ ପ୍ରଦ ତ୍ୟାଗ-ବାଡ଼ରେ ଦୀକ୍ଷା ହୋଇ ସତ୍ୟ ଓ ଅହିଂସା ମନ୍ତ୍ର ଗ୍ରହଣ କରିବା, ଅସ୍ପୃଶ୍ୟଙ୍କୁ ଦେବାଳୟ ଧାର୍ମିକ ବରଣ, ଧୀର ବାଣଯାନ, ଦେଶର ଜନସାଧାରଣ ମୁକ୍ତାମଣ ପୂର୍ଣ୍ଣ ଦରକାରୀ ବ୍ରତିରେ ଭାଗକରଣ, ଲବଣ, ଖଦଡ଼ପାଣି, ଅସ୍ପୃଶ୍ୟ ନାରୀପ୍ରକାଶ କାପ୍ପିର ବାଲିଶାଖିବ ଓ ଆଉ ଦେଶର ଦୁଃଖ ହରଣ ତାହା ଅକଳନୀୟ, ଅବର୍ଣ୍ଣନୀୟ ଓ ଅଚିନ୍ତନୀୟ । ସାଧକ ! ତେଣୁ ସତ୍ୟ ଓ ଅହିଂସା ମନ୍ତ୍ରସାଧିତ ମହାଭାରତର ୪୦ କୋଟି ଜନସମାଜଙ୍କୁ ମୃତ୍ୟୁଞ୍ଜୟମନ୍ତ୍ରସ୍ୟ: ୪୦ କୋଟି ମୁକ୍ତିମନ୍ତ୍ର ଏ ସତ୍ୟ ଓ ଅହିଂସା ଧ୍ୱନିରେ ଭାରତ ଜାତିକ ସାଧ ପୃଥିବୀର ଭକ୍ତି ବଧିର । ଭଗବାନଙ୍କର ଅସୀମ ଛଳମଳ । ସ୍ମର ଭ୍ରୂଟିଶ । ଭାରତବର୍ଷ ହୋଇ ତାର ଅସୀମ ତ୍ୟାଗ ! ସ୍ୱାଧୀନତା ଲଭର ଉଦୟ । ଏ ଭଲ ଆଗମନଶଂସୀ ଭୂମି ଅନ୍ଧକାର ପୂର୍ଣ୍ଣଦୋଷ ପୂର୍ବେ ସାଧକର ସାଧନାର ମୂଳ ନ ଭୁଙ୍କି ଭାରତ ମଧ୍ୟରେ ଭ୍ରାତୃ ବିବାଦ ଓ ଭାରତକୁ ଦ୍ୱିଖଣ୍ଡୀକରଣ । ତେଣୁ ସ୍ୱାଧୀନତା ଲଭର ଉଦୟ ପରେ ମଧ୍ୟ ସାଧକର ସାଧନାର

ଅନ୍ତ ନାହିଁ, କ୍ଷମାର ନାହିଁ । ଯୀଶୁଙ୍କ ହୃଦୟରେ ଉର୍ଦ୍ଧ୍ୱ ଅସୀମ ଦୟା; ତେଣୁ କାଳରେ ତାଙ୍କର ମୃତ୍ୟୁ ଦଣ୍ଡଦେଲେ ଯନ୍ତ୍ରଣାଦାୟ ସୈନ୍ୟଙ୍କ ପଟେଇଲିଙ୍କୁ କହିଲେ, "ଭଗବାନ ମୋତେ ଏହି ଲୋକଙ୍କର ମୃତ୍ୟୁଦଣ୍ଡରୁ ଦେଇ ଅନ୍ତରକୁ ବୁଝାଇ ରଖିଲ ।" ହାୟ ! କିଏ ଜାଣିଥିଲା ସ୍ୱାର୍ଥାନ୍ଧ ଏହି ହୃଦୟରୁ ଏପରି ଅଲ୍ପକାଳ ମଧ୍ୟରେ ଯୀଶୁଙ୍କ ଶେଷ 'ଦିବ୍ୟ' ସ୍ୱରକୁ ଏତେ ପୂର୍ଣ୍ଣ ଉପହାସ କରିବ ! କିଏ ଜାଣିଥିଲା ଏହି ମୃତ୍ୟୁଦଣ୍ଡପ୍ରାପ୍ତ ଅମର ଯୀଶୁଙ୍କୁ ଜଗତର କୋଟିକୋଟି ଲୋକ ଭଗବାନଙ୍କୁ ଉପାସନା କରିବେ ତାଙ୍କୁ ପୂଜା କରିବ ? ଏ ପାପ ଶତ ଜନ୍ମରେ ଧୌତ ହେବ ନାହିଁ । ପାପୀଙ୍କର ସତ୍ୟ ଓ ଅହିଂସା ମହାମନ୍ତ୍ର ହିଁ ଏ ମୃତ୍ୟୁଞ୍ଜୟ କରି ପାପକୁ ଏଡ଼ାଇ ପାରିବ । 'ସତ୍ୟ' 'ମୃତ୍ୟୁ' 'ଜନାର୍ଦ୍ଦନ' ଏ ତିନି ମଧ୍ୟରେ ନାମ କେବଳ ପ୍ରଭେଦ, ଅନ୍ୟଥା ଏ ତିନି ଏକ, ଅଭିନ୍ନ ! ତେବେ ଏହି ଏକତ୍ୱର କାରଣ ଯେଉଁ ହୃଦୟ ସଂଶୋଧନ କରନ୍ତି । ସତ୍ୟ ପାଇଁ, ମୃତ୍ୟୁ ପାଇଁ, ଜନତା ଜନାର୍ଦ୍ଦନ ପାଇଁ ଆତ୍ମତ୍ୟାଗ କରନ୍ତି । ଯାହା ସତ୍ୟ ତାହା ନ୍ୟାୟ ଯାହା ଉଦାର ତାହା ପ୍ରେମମୟ, ତାକୁ ହୃଦୟରେ ପୋଷଣ କରି ପାରିବାକୁ ଦେଖାଇଁ ଯାଉଛ ଯଶରେ—

"ବସୁଧୈବ କୁଟୁମ୍ବକମ୍"

---

ମୁଦ୍ରାକର ଶ୍ରୀ ବାଳକୃଷ୍ଣ କର, ବି.ଏ., ଭାରତୀ ପ୍ରେସ—କଟକ, ୧୯୫୫